DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, August 23/2024 | Page 18 | ₹ 7.00
୫୦ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 269 | ମୂଲ୍ୟ ₹୭/-



## ରିଜଓ୍ୱାନଙ୍କ ଶତକ

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରି ଅପରାଜିତ ଅଛନ୍ତି ପାକିସ୍ତାନ ବ୍ୟାଟର ମହମ୍ମଦ ରିଜଓ୍ୱାନ।

୧୬

୦୨

## କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ: ଫାରୁକ୍

ଜମ୍ମୁ-କଶ୍ମୀର ବିଧାନସଭାର ସମସ୍ତ ୯୦ ଆସନରେ କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ ହୋଇଥିବା ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲା ସୂଚନା ଦେଇଛନ୍ତି।



# ବିଚାରପତି, ଡାକ୍ତର କାମ ବନ୍ଦ କରିପାରିବେ ନାହିଁ

ନୂଆଦିଲ୍ଲୀ,୨୨।୮



## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ଡାକ୍ତରଙ୍କ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନିଅ

ପୀଡ଼ିତାଙ୍କୁ ନ୍ୟାୟ ଏବଂ ରୋଗୀଙ୍କୁ ଔଷଧ ଦେବା ବନ୍ଦ କରାଯାଇପାରିବ ନାହିଁ। ଅର୍ଥାତ୍ ବିଚାରପତି, ଡାକ୍ତର କାମ ବନ୍ଦ କରିପାରିବେ ନାହିଁ। ତେଣୁ ଆନ୍ଦୋଳନରତ ଡାକ୍ତରମାନେ କାର୍ଯ୍ୟକୁ ଫେରନ୍ତୁ ବୋଲି ଗୁରୁବାର ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏଥିସହ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସର୍ବୋଚ୍ଚ ଅଦାଲତ ନିଜ ଆଡ଼ୁ ରୁଜୁ କରିଥିବା ମାମଲା ଶୁଣାଣିର ଦ୍ୱିତୀୟ ଦିନରେ ସ୍ଥାନୀୟ ପୋଲିସକୁ ପୁନର୍ବାର ଭର୍ତ୍ସନା କରିଛନ୍ତି। ମାମଲା ରୁଜୁ କରିବାରେ କୋଲକାତା ପୋଲିସର ଅହେତୁକ ବିଳମ୍ବ ଅତ୍ୟନ୍ତ ବିଚଳିତ କରିଦେବା ଭଳି ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

ଆର୍.ଜି. କର ହସ୍ପିଟାଲରେ ଅଗଷ୍ଟ ୮ ରାତିରେ ଜଣେ ପିଜି ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହା ପରେ ନିଜ ସୁରକ୍ଷାକୁ ନେଇ ଡାକ୍ତରମାନେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ସୁପ୍ରିମକୋର୍ଟ ଏହି ବର୍ବର ଘଟଣାକୁ ନିଜ ସଂଜ୍ଞାନକୁ ନେଇ ମଙ୍ଗଳବାର ଶୁଣାଣି ଆରମ୍ଭ କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ସମ୍ପର୍କିତ ସୁପାରିସ କରିବାକୁ ୧୦ ଜଣିଆ ଜାତୀୟ ଟାସ୍କ ଫୋର୍ସ (ଏନ୍‌ଟିଏଫ୍) ଗଠନ କରିଥିଲେ। ଗୁରୁବାର ଶୁଣାଣି ବେଳେ ଖଣ୍ଡପୀଠ ଡାକ୍ତରଙ୍କ ସୁରକ୍ଷା, ବିକ୍ଷୋଭ ପାଇଁ ନିୟମ ସହ ବିକ୍ଷୋଭକାରୀ ଓ ପଶ୍ଚିମବଙ୍ଗ ସରକାରଙ୍କ ଅଧିକାର ସମ୍ପର୍କରେ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ପ୍ରଫେସନାଲମାନଙ୍କ ପାଇଁ ଜାତୀୟସ୍ତରର ସୁରକ୍ଷା ପ୍ରୋଟୋକଲ ପ୍ରସ୍ତୁତି ବେଳେ ଏନ୍‌ଟିଏଫ୍ ରେସିଡେଣ୍ଟ ଡାକ୍ତରଙ୍କ ସଂଘ ସମେତ ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ କରିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ସବୁ ରାଜ୍ୟର ଶାସନ ସଚିବ ଏବଂ ପୋଲିସ ☞ପୃଷ୍ଠା-୪

# ଚିକିଟି ମଦମୃତ୍ୟୁ: ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୮(ଅନିଲ ଦାସ)

ଗଞ୍ଜାମ ଜିଲା ଚିକିଟି ମଦମୃତ୍ୟୁ ଘଟଣାରେ ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଗୁରୁବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚିକିଟି ମଦମୃତ୍ୟୁ ଘଟଣାରେ ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦିନେ ଦୁଇଦିନ ଭିତରେ ତଦନ୍ତ ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ଆର୍‌ଡିସି ତଦନ୍ତର ରିପୋର୍ଟ ୨ ମାସ ମଧ୍ୟରେ ଆସିବ। ☞ପୃଷ୍ଠା-୪

## ବିଧାନସଭାରେ ହଟ୍ଟଗୋଳ, ଗୃହ ଅଚଳ

ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣାରେ ବିଧାନସଭା ତୃତୀୟ ଦିନ ପାଇଁ ଅଚଳ ହୋଇଛି। ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଅନ୍ୟପକ୍ଷରେ ହିଣ୍ଡେନବର୍ଗ ଅନୁସନ୍ଧାନ ରିପୋର୍ଟ ନେଇ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଦେଶବ୍ୟାପୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ସଦସ୍ୟମାନେ ମଧ୍ୟ ଇଡି ପ୍ରସଙ୍ଗରେ ବିଧାନସଭାରେ ହୋହଲ୍ଲା କରିଛନ୍ତି। ଗୃହକାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ସହ ବିଧାନସଭାର ଅଧଓଲି କାର୍ଯ୍ୟକ୍ରମ ବରବାଦ ☞ପୃଷ୍ଠା-୪

# ଚା' ଦୋକାନକୁ ମାଡ଼ିଗଲା ତେଲ ଟ୍ୟାଙ୍କର, ବସ୍

ହିଞ୍ଜିଳିକାଟୁ/ବ୍ରହ୍ମପୁର,୨୨।୮
(ଦ୍ୱିତୀକୃଷ୍ଣ ପଣ୍ଡା/ସୁବାସ ଚନ୍ଦ୍ର ପାଢ଼ୀ)

## ୪ ମୃତ, ୧୩ ଗୁରୁତର



ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ୫୯ ନଂ. ଜାତୀୟ ରାଜପଥର ସମରଝୋଳ ଛକଠାରେ ଗୁରୁବାର ଭୋରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତେଲ ଟ୍ୟାଙ୍କର ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଯାଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇ ଚା' ଦୋକାନକୁ ମାଡ଼ିଯାଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଗୁରୁତର ହୋଇଛନ୍ତି। ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତଙ୍କୁ ଏମ୍‌କେସିଜି ମେଡିକାଲକୁ ଅଣାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ସହାୟତା ଦେବା ସହ ଗୁରୁତର ଆହତଙ୍କୁ ୧ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସମରଝୋଳ ଛକସ୍ଥିତ ଏକ ଚା' ଦୋକାନରେ ସବୁଦିନ ଭଳି ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଲୋକଙ୍କ ଭିଡ଼ ଥିଲା। ନିକଟରେ ସିମେଣ୍ଟ ବୋଝେଇ ଟ୍ରକ(ଓଡି ୧୦କ୍ୟୁ୯୨୬୩)ର ଡ୍ରାଇଭର ଗାଡ଼ି ରଖି କିଛି କାମ କରୁଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଆସିକା ଅଭିମୁଖେ ଯାଉଥିବା ତେଲ ଟ୍ୟାଙ୍କର (ନଂ.ଓଡି୧୫କେ ୭୮୯୬)ଟି ଟ୍ରକକୁ ଓଭରଟେକ କରୁଥିବାବେଳେ ବିପରୀତ ଦିଗରୁ ୪୦ ଯାତ୍ରୀଙ୍କୁ ନେଇ ଆସୁଥିବା 'ଖମ୍ବେଶ୍ୱରୀ' ନାମକ ଘରୋଇ ବସ୍ (ନଂ.ଓଡି୦୭ଏନ୯୧୮୧) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଗାଡି ଦୁଇଟି ଚା' ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଶାର କିରଣ**

# ୟୁଟ୍ୟୁବ୍‌ରେ ରୋନାଲ୍ଡୋଙ୍କ ବିଶ୍ୱ ରେକର୍ଡ

**ଦିନକରେ ୨୫.୨ ମିଲିୟନ ସବ୍‌ସ୍କ୍ରାଇବର**






କ୍ରିଷ୍ଟିଆନୋ ରୋନାଲ୍ଡୋ

ଭୁବନେଶ୍ୱର,୨୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ଫୁଟ୍‌ବଲ୍‌ର ଚର୍ଚ୍ଚିତ ଚେହେରା ତଥା ପର୍ତ୍ତୁଗାଲର ଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ପୁଣି ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଏଥର ଖେଳରେ ନୁହେଁ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ। ସେ ବୁଧବାର ନିଜର ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିବା ବେଳେ କିଛି ଘଣ୍ଟା ମଧ୍ୟରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର୍ କରିଥିଲା। ଏତେ କମ୍ ସମୟରେ କୌଣସି ୟୁଟ୍ୟୁବ ଚ୍ୟାନେଲର ସବ୍‌ସ୍କ୍ରାଇବର ସଂଖ୍ୟା ୧୦ ମିଲିୟନ ପାର୍ କରିବା ବିଶ୍ୱରେ ପ୍ରଥମ ଘଟଣା।

ରୋନାଲ୍ଡୋ ୟୁଟ୍ୟୁବରେ ତାଙ୍କ ଚ୍ୟାନେଲର ନାଁ ୟୋର. କ୍ରିଷ୍ଟିଆନୋ (ur.christiano) ରଖିଛନ୍ତି। ଏହାକୁ ଖୋଲିବାର ମାତ୍ର କିଛି ମିନିଟ୍ ମଧ୍ୟରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧ ମିଲିୟନ ଛୁଇଁଥିଲା। ୨୪ ଘଣ୍ଟା ନ ପୂରୁଣୁ ଏହା ☞ପୃଷ୍ଠା-୪



## ସଂକ୍ଷେପରେ

### ଅଯୋଧ୍ୟା ଗଣବଳାତ୍କାର ଅଭିଯୁକ୍ତଙ୍କ ଶପିଙ୍ଗ୍ କମ୍ପ୍ଲେକ୍ସ ଭଙ୍ଗାଗଲା

ଅଯୋଧ୍ୟା,୨୨।୮(ପି.ଟି.)

ଅଯୋଧ୍ୟା ଗଣବଳାତ୍କାର ଅଭିଯୁକ୍ତ ମୋଇଦ ଖାନ୍‌ଙ୍କ ଏକ ଶପିଙ୍ଗ୍ କମ୍ପ୍ଲେକ୍ସକୁ ଜିଲା ପ୍ରଶାସନ ଗୁରୁବାର ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛି। ଅଭିଯୁକ୍ତ ସମାଜବାଦୀ ପାର୍ଟି ସଦସ୍ୟ ବୋଲି ଭାଜପା ଅଭିଯୋଗ କରିଥିଲା। ୨ ମାସ ପୂର୍ବେ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ପୁରକଲନ୍ଦର ଥାନା ଅନ୍ତର୍ଗତ ଭଦର୍ସା ନଗରରେ ବେକରି ଚଳାଇଥିବା ମୋଇଦ ଓ ତାଙ୍କ କର୍ମଚାରୀ ରାଜୁ ଖାନ୍‌ଙ୍କୁ ଜୁଲାଇ ୩୦ରେ ଅଯୋଧ୍ୟା ପୋଲିସ ଗିରଫ କରିଥିଲା। ପୀଡ଼ିତା ଗର୍ଭବତୀ ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିବା ପରେ ଘଟଣା ପ୍ରଘଟ ହୋଇଥିଲା। ଗୁରୁବାର ଅପରାହ୍ନରେ ଶପିଙ୍ଗ କମ୍ପ୍ଲେକ୍ସକୁ ଭଙ୍ଗାଯିବା ପୂର୍ବରୁ ତାହାକୁ ଖାଲି କରାଯିବା ସହ ସେଠାରେ ଚାଲୁଥିବା ଏକ ବ୍ୟାଙ୍କ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

### ଚାଷୀଙ୍କ ଅଭିଯୋଗର ସମାଧାନ ପାଇଁ କମିଟି ଗଢ଼ିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮(ପି.ଟି.)

କୃଷକମାନଙ୍କ ସବୁ ସମୟର ଆପତ୍ତି ଅଭିଯୋଗଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ସୁପ୍ରିମକୋର୍ଟ ଖୁବ୍‌ଶୀଘ୍ର ବହୁସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିବେ ବୋଲି ଗୁରୁବାର କହିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨କୁ ଧାର୍ଯ୍ୟ କରିଥିବାବେଳେ କମିଟିକୁ ଚାଷୀମାନଙ୍କ ସମ୍ପର୍କିତ ବିଭିନ୍ନ ପରୀକ୍ଷାମୂଳକ ପ୍ରସଙ୍ଗ ଦେବା ପାଇଁ ପଞ୍ଜାବ ଓ ହରିୟାଣା ସରକାରଙ୍କୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୧୨ର ନିର୍ଦ୍ଦେଶକ୍ରମେ ପଞ୍ଜାବ ସରକାର ଆନ୍ଦୋଳନକାରୀ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ଜାତୀୟ ରାଜପଥ ଅବରୋଧକୁ ଆଂଶିକ ହଟାଇବା ପାଇଁ ରାଜି ହୋଇଥିବା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ସେମାନଙ୍କ ସହ ଆଲୋଚନା ଜାରି ରଖି ରାଜପଥରୁ ଟ୍ରାକ୍ଟର ଓ ଟ୍ରଲିଗୁଡ଼ିକୁ ହଟାଇବା ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ୨ ରାଜ୍ୟର କୃଷକମାନେ ଫେବୃଆରୀ ୧୩ରୁ ଶମ୍ଭୁ ସୀମାବର୍ତ୍ତୀ ରାଜପଥରେ ସେମାନଙ୍କ ଟ୍ରାକ୍ଟରଗୁଡ଼ିକୁ ରଖି ଆନ୍ଦୋଳନ ଜାରି ରଖିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

### ମସ୍କୋ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୨୨।୮

ରୁଷିଆ ରାଜଧାନୀ ମସ୍କୋ ଉପରେ ୟୁକ୍ରେନ୍ ସବୁଠୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି। ଏଥିସହିତ ରୁଷିଆର କୁର୍ସ୍କ ଅଞ୍ଚଳରେ ୟୁକ୍ରେନ ସୈନ୍ୟ ପ୍ରବେଶ କରି ଆକ୍ରମଣ ଚଳାଇଛନ୍ତି। ରୁଷିଆର ଏୟାର ଡିଫେନ୍ସ ଫୋର୍ସ ମସ୍କୋ ଉପରେ ଉଡୁଥିବା ୧୧ଟି ଡ୍ରୋନ୍‌କୁ ଖସାଇଦେଇଛି। କେତେକକୁ ପୋଡୋଲ୍‌ସ୍କ ସହର ଉପରେ ଖସାଇଦିଆଯାଇଥିଲା। ସେହିପରି ବ୍ରାୟନସ୍କ ସୀମାରେ ୨୩ଟି ଏବଂ ବେଲ୍‌ଗୋରୋଡ ସୀମାନ୍ତ ଅଞ୍ଚଳରେ ୬ଟି ଡ୍ରୋନ୍ ଖସାଯାଇଥିବା ମନ୍ତ୍ରଣାଳୟ କହିଛି। ମସ୍କୋ ଉପରେ ଏହା ସବୁଠୁ ବଡ଼ ଡ୍ରୋନ୍ ଆକ୍ରମଣ ବୋଲି ଏହାର ମେୟର କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।



କୋଲକାତାରେ ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ଗୁରୁବାର ପାଟନାରେ ଛାତ୍ରୀଙ୍କ ବିକ୍ଷୋଭ।

# ସନ୍ଦୀପ, ୪ ଡାକ୍ତରଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯିବ

ନୂଆଦିଲ୍ଲୀ,୨୨।୮

କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପୂର୍ବ ପ୍ରିନ୍ସିପାଲ ସନ୍ଦୀପ ଘୋଷ ଓ ଅନ୍ୟ ୪ ଜଣ ଡାକ୍ତରଙ୍କ ପଲିଗ୍ରାଫ୍ କରାଯିବ। ଏଥିପାଇଁ ଉକ୍ତ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଗୁରୁବାର ଏକ ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତି ପ୍ରଦାନ କରିଛନ୍ତି।

ସିବିଆଇ ସନ୍ଦୀପ ଓ ଘଟଣା ସମୟରେ କାର୍ଯ୍ୟରତ ଥିବା ୪ ଡାକ୍ତରଙ୍କୁ କୋର୍ଟକୁ ନେଇ ସେମାନଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ମାଗିଥିଲା। ଲାଏ ଡିଟେକ୍ସନ ଟେଷ୍ଟ ଅଦାଲତଙ୍କ ଅନୁମତି ଏବଂ ସନ୍ଦିଗ୍ଧଙ୍କ ସହମତି କ୍ରମେ କରାଯାଇଥାଏ। ଜେରା ବେଳେ ସନ୍ଦୀପ ଦେଇଥିବା ଉତ୍ତରର ସତ୍ୟାସତ୍ୟ ଯାଞ୍ଚ ପାଇଁ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଅଭିଯୁକ୍ତ ସଞ୍ଜୟ ରୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ସିବିଆଇକୁ ଅନୁମତି ମିଳିସାରିଛି। ସଞ୍ଜୟଙ୍କ ଡିଏନ୍‌ଏ ପୀଡ଼ିତାଙ୍କ ଡିଏନ୍‌ଏ ସହ ମେଳ ଖାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସୁପ୍ରିମକୋର୍ଟରେ ଗୁରୁବାର ଶୁଣାଣି ବେଳେ ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଅଗଷ୍ଟ ୮ ରାତିରେ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପରେ ସ୍ଥାନୀୟ ପୋଲିସ ପ୍ରମାଣ ନଷ୍ଟ ଉଦ୍ୟମ କରିଥିଲା। ପ୍ରକାଶ ଯେ, କାଲକାଟା ହାଇକୋର୍ଟ ଗତ ୧୩ରେ ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ ଭାର କୋଲକାତା ପୋଲିସଠାରୁ ସିବିଆଇକୁ ହସ୍ତାନ୍ତର କରିଥିଲେ।

### ଆର୍.ଜି. କର: କଳା ଇତିହାସ




## କଠୋର ବଳାତ୍କାର ଆଇନ ଆଣ

### ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମମତା

କୋଲକାତା,୨୨।୮

ବଳାତ୍କାର ମାମଲାରେ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସକାଶେ କଠୋର ଆଇନ ଆଣିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ମମତାଙ୍କ ମୁଖ୍ୟ ପରାମର୍ଶଦାତା ଅଲପନ ବନ୍ଦୋପାଧ୍ୟାୟ ଉକ୍ତ ଚିଠିକୁ ପଢ଼ି ଶୁଣାଇଛନ୍ତି।

କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଜାତୀୟ ଲଜ୍ଜା ପାଲଟିଥିବାବେଳେ କେନ୍ଦ୍ର ସରକାର ବଳାତ୍କାର ନିରୋଧୀ ଆଇନ ପ୍ରଣୟନ କରନ୍ତୁ ବୋଲି ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଚିଠିରେ ମମତା ଉଲ୍ଲେଖ କରିଛନ୍ତି, ସାରା ଦେଶରେ ନିୟମିତ ଭାବେ ବଳାତ୍କାର ଘଟୁଛି। ଉପଲବ୍ଧ ତଥ୍ୟ ଅନୁସାରେ ଦୈନିକ ପ୍ରାୟ ୯୦ ବଳାତ୍କାର ମାମଲା ରୁଜୁ ହେଉଛି। ଅନେକ ସ୍ଥଳେ ବଳାତ୍କାର ପୀଡ଼ିତାଙ୍କୁ ହତ୍ୟା କରାଯାଉଛି। ଏହି ଧାରା ଅତ୍ୟନ୍ତ ଭୟାନକ। ଏହା ସମାଜ ଓ ରାଷ୍ଟ୍ରର ଆତ୍ମବିଶ୍ୱାସ ତଥା ବିବେକକୁ ଦୋହଲାଇ ଦେଉଛି। ମହିଳାମାନେ ଯେପରି ନିଜକୁ ସୁରକ୍ଷିତ ମଣିବେ, ସେଥିଲାଗି ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇବା ଆମର କର୍ତ୍ତବ୍ୟ। ଏଭଳି ଏକ ଗମ୍ଭୀର ତଥା ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ କଠୋର କେନ୍ଦ୍ରୀୟ ଆଇନ ଜରିଆରେ ହିଁ କରାଯାଇପାରିବ। ତ୍ୱରିତ ଶୁଣାଣି ପାଇଁ ଦେଶରେ ଫାଷ୍ଟ-ଟ୍ରାକ୍ କୋର୍ଟ ଖୋଲିବାକୁ ମଧ୍ୟ ମମତା ପ୍ରସ୍ତାବ ଦେଇଛନ୍ତି। ନ୍ୟାୟ ସୁନିଶ୍ଚିତ କରିବା ଲାଗି ୧୫ ଦିନ ଭିତରେ ବିଚାର ଶେଷ କରାଯିବା ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ସପ୍ତର୍ଷି ଚଟ୍ଟୋପାଧ୍ୟାୟ ନୂଆ ପ୍ରିନ୍ସିପାଲ

ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଘଟଣା ସାମ୍ନାକୁ ଆସିବା ପରେ ସନ୍ଦୀପ ଘୋଷ ପ୍ରିନ୍ସିପାଲ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଡ. ସୁହରିତା ପଲଙ୍କୁ ପ୍ରିନ୍ସିପାଲ ନିଯୁକ୍ତ କରିଥିଲା। ତେବେ ଏହାକୁ ନେଇ ବିବାଦ ଦେଖାଦେବାରୁ ପଶ୍ଚିମବଙ୍ଗ ସରକାର ସୁହରିତାଙ୍କୁ ହଟାଇ ଡ. ସପ୍ତର୍ଷି ଚଟ୍ଟୋପାଧ୍ୟାୟଙ୍କୁ ନୂତନ ପ୍ରିନ୍ସିପାଲ ନିଯୁକ୍ତ କରିଛନ୍ତି।

## ଡାକ୍ତର ଆନ୍ଦୋଳନ ପ୍ରତ୍ୟାହୃତ, ପଶ୍ଚିମବଙ୍ଗରେ ଜାରି ରହିବ

ନୂଆଦିଲ୍ଲୀ,୨୨।୮

କୋଲକାତା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ଡାକ୍ତରମାନେ ୧୧ ଦିନ ଧରି ଆନ୍ଦୋଳନ ଚଳାଇଥିଲେ। ଗୁରୁବାର ସୁପ୍ରିମକୋର୍ଟଙ୍କ ପରାମର୍ଶକ୍ରମେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଛନ୍ତି। ଆମେ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରିବୁ। ରୋଗୀ ସେବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏମ୍ସ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ୍ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ସେହିପରି ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏଶନ୍ (ଏଫ୍‌ଏଆଇଏମ୍‌ଏ) ସମେତ ଦିଲ୍ଲୀର ଅନେକ ହସ୍ପିଟାଲ ଡାକ୍ତରମାନେ ଆନ୍ଦୋଳନରୁ ଓହରିଯାଇଛନ୍ତି। ଅନ୍ୟପକ୍ଷେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିବାକୁ ପଶ୍ଚିମବଙ୍ଗର ଡାକ୍ତରମାନେ ନିଷ୍ପତ୍ତି ନେଇଛନ୍ତି।

ପ୍ରକାଶ ଯେ, ଆର୍.ଜି. କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କ ମୃତଦେହ ଅଗଷ୍ଟ ୯ରେ ମିଳିଥିଲା। ଡାକ୍ତରମାନେ ୧୨ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାରୁ ଓପିଡି ଏବଂ ଅଣଜରୁରୀ ସେବା ବାଧାପ୍ରାପ୍ତ ହୋଇଥିଲା।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

### ସୋସିଆଲ ମିଡିଆରେ ହୋଇଥିଲା ସମ୍ପର୍କ

ମୁମ୍ବାଇ,୨୨।୮

ମୁମ୍ବାଇରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣାରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗୋରେଗାଁଓରୁ ଗିରଫ କରାଯାଇଛି। ସୋସିଆଲ ମିଡିଆ ଜରିଆରେ ସେମାନଙ୍କ ମଧ୍ୟରେ ସମ୍ପର୍କରୁ ପରସ୍ପରକୁ ଭେଟିଥିଲେ ବୋଲି ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ନାବାଳିକାଙ୍କୁ ଅନ୍ଧେରୀ ନେଇ ବଳାତ୍କାର କରିଥିଲା। ଅଗଷ୍ଟ ୧୫ରେ ତାଙ୍କୁ ଗୁଜରାଟ ନେଇ ୩ ଥର ବଳାତ୍କାର କରିଥିଲା ବୋଲି ଅଭିଯୋଗ ହୋଇଛି। କିଛିଦିନ ପରେ ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥଲେ। ଇନ୍‌ଷ୍ଟାଗ୍ରାମ ଫଟୋରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ପରିବାର ପୋଲିସକୁ ଜଣାଇଥିଲେ।

## ସେପ୍ଟେମ୍ବରରୁ ହୋଇପାରେ ଜନଗଣନା

ନୂଆଦିଲ୍ଲୀ,୨୨।୮

ଭାରତର ବହୁ ବିଳମ୍ବିତ ଜନଗଣନା ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହୋଇପାରେ। ସରକାରୀ ସୂତ୍ରକୁ ଉଦ୍ଧାର କରି ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଏହା ପ୍ରକାଶ କରିଛି। ଜନଗଣନା ପ୍ରତି ୧୦ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ୨୦୨୧ରେ ଶେଷ ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ପାଇଁ ବିଳମ୍ବିତ ହୋଇଥିଲା। ଏଥିସହିତ ପ୍ରଯୁକ୍ତିଗତ ଏବଂ ଲଜିଷ୍ଟିକାଲ ପ୍ରତିବନ୍ଧକ ଜନଗଣନାକୁ ଅଧିକ ବିଳମ୍ବିତ କରିଥିଲା। ଆସନ୍ତା ମାସରୁ ଜନଗଣନା ଆରମ୍ଭ ହେଲେ ଏହା ଶେଷ ହେବାକୁ ୧୮ ମାସ ଲାଗିପାରେ ବୋଲି ଆଶା କରାଯାଉଛି। ଉକ୍ତ ସର୍ଭେ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଧିକାରୀମାନେ ଏହି ସୂଚନା ଦେଇଥିବାବେଳେ ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟର ଚୂଡ଼ାନ୍ତ ଅନୁମୋଦନକୁ ଅପେକ୍ଷା କରିଥିବା କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜନଗଣନା ତଦାରଖ ଦାୟିତ୍ୱ ନେଇଥାନ୍ତି। ୨୦୨୬ ମାର୍ଚ୍ଚରେ ଜନଗଣନା ଫଳାଫଳ ପ୍ରକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିପାଇଁ ସମୟନିର୍ଘଣ୍ଟ ସ୍ଥିର ହୋଇଛି। ତେବେ ଉଭୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ, ୨୦୧୧ରେ ହୋଇଥିବା ଶେଷ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ସେତେବେଳେ ୧୨୧.୧ କୋଟି ଥିଲା। ଭାରତର ଜନସଂଖ୍ୟା ଏବେ ଚାଇନାକୁ ଟପି ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଥିବା ଜାତିସଂଘ ୨୦୨୩ ଏପ୍ରିଲରେ ରିପୋର୍ଟ ଦେଇଥିଲା। ସେହି ସମୟରେ ଭାରତର ଲୋକସଂଖ୍ୟା ୧୪୨ କୋଟିରୁ ଅଧିକ ହୋଇଥିବା ଆକଳନ କରାଯାଇଥିଲା। ଜନସଂଖ୍ୟା, ଅର୍ଥନୈତିକ କାରବାର, ସାକ୍ଷରତା, ଏବଂ ଗୃହସଂଖ୍ୟା ଆଦିର ସବିଶେଷ ତଥ୍ୟ ଦଶବର୍ଷୀୟ ଜନଗଣନା ସର୍ଭେରୁ ଜଣାପଡ଼ିଥାଏ। ସରକାରୀ ଯୋଜନା ପ୍ରଣୟନ, ନୀତି ନିର୍ଦ୍ଧାରଣ ଏବଂ ସାରା ଦେଶରେ ସମ୍ବଳ ଓ ସେବାର ସୁଷମ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଏହି ତଥ୍ୟ ଜରୁରୀ।

## ବୋତୋସ୍ୱାନାରୁ ମିଳିଲା ବିଶ୍ୱର ଦ୍ୱିତୀୟ ବୃହତ୍ ହୀରା



ଗାବୋରୋନ୍,୨୨।୮

ଦକ୍ଷିଣ ଆଫ୍ରିକୀୟ ଦେଶ ବୋତୋସ୍ୱାନାରୁ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ହୀରା ମିଳିଛି, ଯାହା କି ୨,୪୯୨ କ୍ୟାରେଟ୍ ରହିଛି। ବୋସ୍ୱାନା ରାଜଧାନୀ ଗାବୋରୋନଠାରୁ ୫୦୦ କିମି ଉତ୍ତରରେ ଥିବା ଏକ ଖଣିରୁ ଏହି ହୀରା ଖୋଳାଯାଇଛି। ଉକ୍ତ ଖଣି କାନାଡା ଫାର୍ମ ଲୁକାରା ଡାଇମଣ୍ଡ ମାଲିକାନାରେ ରହିଛି। ୨୦୧୯ରେ ଉକ୍ତ ଖଣିରୁ ୧,୭୫୮ କ୍ୟାରେଟ୍‌ର ଏକ ଏକ ବୃହତ୍ ହୀରା ମିଳିଥିଲା। ବୋତୋସ୍ୱାନା ସର୍ବବୃହତ୍ ହୀରା ଉତ୍ପାଦନକାରୀ ଦେଶ। ବିଶ୍ୱର ୨୦ ପ୍ରତିଶତ ହୀରା ସେଠାରୁ ମିଳିଥାଏ। ସୂଚନାଯୋଗ୍ୟ, ବିଶ୍ୱର ସର୍ବବୃହତ୍ ହୀରା ଦକ୍ଷିଣ ଆଫ୍ରିକାରୁ ୧୯୦୫ରେ ମିଳିଥିଲା। ୩,୧୦୬ କ୍ୟାରେଟ୍‌ର ଏହି କୁଲିନାନ ହୀରାକୁ ୯ ଖଣ୍ଡରେ କଟାଯାଇଥିବାବେଳେ ଏହା ବ୍ରିଟିଶ ରାଜପରିବାରର ଅଳଙ୍କାରରେ ରହିଛି।

## ଗୋବିନ୍ଦରାଜନ ପଦ୍ମନାଭନଙ୍କୁ ବିଜ୍ଞାନ ରତ୍ନ

### ପ୍ରଥମ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପ୍ରଫେସର ଗୋବିନ୍ଦରାଜନ ବିଜ୍ଞାନରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆଦିଲ୍ଲୀ, ୨୨।୮

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର-୨୦୨୪ ପ୍ରଦାନ କରିଛନ୍ତି। ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାରର ଏହି ପ୍ରଥମ ସଂସ୍କରଣରେ ବିଜ୍ଞାନ ରତ୍ନ, ବିଜ୍ଞାନ ଶ୍ରେଣୀ, ବିଜ୍ଞାନ ଯୁବ ଏବଂ ବିଜ୍ଞାନ ଟିମ୍ ଆଦି ୪ଟି ଶ୍ରେଣୀରେ ୩୩ ଜଣ ପ୍ରତିଷ୍ଠିତ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ(ଆଇଆଇଏସ୍)ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଗୋବିନ୍ଦରାଜନ ପଦ୍ମନାଭନ୍‌ଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଜୀବନ ସଫଳତା ଏବଂ ଅବଦାନ ପାଇଁ ବିଜ୍ଞାନ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି।

## ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଆଲୋଚନା



ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡଜେଜ୍ ଡୁଡାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ୱାର୍‌ସା,୨୨।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡଜେଜ୍ ଡୁଡାଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସହ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ବଢ଼ାଇବା ନେଇ ଆଲୋଚନା କରିଛନ୍ତି। ଗୁରୁବାର ପ୍ରଥମେ ସେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କୁ ଭେଟିଥିଲେ। ଏହି ଅବସରରେ ୨ ନେତାଙ୍କ ମଧ୍ୟରେ ସାଇବର ସୁରକ୍ଷା ଓ ପ୍ରତିରକ୍ଷା ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ପରେ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ସହ ଆଲୋଚନା ସମ୍ପର୍କରେ ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

# କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ: ଫାରୁକ୍

ଜମ୍ମୁ/ଶ୍ରୀନଗର,୨୨।୮

ଜମ୍ମୁ-କଶ୍ମୀର ବିଧାନସଭାର ସମସ୍ତ ୯୦ ଆସନରେ କଂଗ୍ରେସ ଏବଂ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମଧ୍ୟରେ ମେଣ୍ଟ ଚୂଡ଼ାନ୍ତ ହୋଇଥିବା ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ସୂଚନା ଦେଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏନ୍‌ସି ଅଧ୍ୟକ୍ଷ ଫାରୁକ୍‌ଙ୍କ ବାସଭବନରେ ଆଲୋଚନା କରିବା ପରେ ସେ ଏହି ଘୋଷଣା କରିଛନ୍ତି।

ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଭୋଟ ଗଣତି ଅକ୍ଟୋବର ୪ରେ କରାଯିବ। ଏହା ପୂର୍ବରୁ ଖାର୍ଗେ ଓ ରାହୁଲ ମେଣ୍ଟ ଆଲୋଚନା ପାଇଁ ୨ ଦିନିଆ କଶ୍ମୀର ଗସ୍ତ କରିଛନ୍ତି। ସେମାନଙ୍କ ସହ ଗୁରୁବାର ଆଲୋଚନା ପରେ ବିରୋଧୀ ଇଣ୍ଡିଆ ମେଣ୍ଟର ଅନ୍ୟତମ ବରିଷ୍ଠ ନେତା ଫାରୁକ୍ ଗଣମାଧ୍ୟମକୁ କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଠକ ଥିଲା। ମେଣ୍ଟ ହେବ ଓ ସୁରୁଖୁରୁରେ ଚାଲିବ। ବିଧାନସଭାର ସମସ୍ତ ୯୦ ଆସନ ପାଇଁ ମେଣ୍ଟ ଚୂଡ଼ାନ୍ତ ହୋଇଛି। ସିପିଆଇଏମ୍‌ର ଏମ୍‌ୱାଇ ତାରିଗାମୀ ମଧ୍ୟ ଆମ ସହିତ ଅଛନ୍ତି। ଆଶା କରୁଛି, ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେମାନେ ଆମକୁ ବିପୁଳ ଭୋଟରେ ବିଜୟୀ କରାଇବେ। ଆମ ପାଇଁ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭାଜନବାଦୀ ଶକ୍ତି ବିରୋଧରେ ଲଢ଼େଇ କରିବା ଆମର ମିଳିତ କାର୍ଯ୍ୟସୂଚୀ। ତେବେ ପିଡିପି ସହ ମେଣ୍ଟ ସମ୍ଭାବନାକୁ ଫାରୁକ୍ ଅସ୍ୱୀକାର କରିନାହାନ୍ତି।


ଶ୍ରୀନଗରରେ ଫାରୁକ୍ ଅବଦୁଲ୍ଲାଙ୍କ ସହ ହାତ ମିଳାଉଛନ୍ତି ରାହୁଲ ଗାନ୍ଧୀ।

## କଶ୍ମୀର ସହିତ ରକ୍ତ ସମ୍ପର୍କ: ରାହୁଲ

ଜମ୍ମୁ-କଶ୍ମୀରବାସୀଙ୍କ ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରକ୍ତ ସମ୍ପର୍କ ରହିଛି। ରାହୁଲ କଶ୍ମୀର ଗସ୍ତର ଦ୍ୱିତୀୟ ଦିନରେ ଏହି ବିଷୟ କହିବା ସହ ଉପତ୍ୟକାକୁ ରାଜ୍ୟ ମାନ୍ୟତା ଫେରସ୍ତ ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିବା ଉପରେ ଜୋର୍ ଦେଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ରର ମୋଦି ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଧାରା ୩୭୦କୁ ହଟାଇଦେଇଥିଲେ। ଏଥିସହ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ୨୦୧୪ ବିଧାନସଭା ନିର୍ବାଚନର ୧୦ ବର୍ଷ ପରେ କଶ୍ମୀରବାସୀ ନିଜ ପ୍ରତିନିଧି ବାଛିବାକୁ ଯାଉଥିବାବେଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଶ୍ରୀନଗରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ରାଜ୍ୟ ମାନ୍ୟତା ଫେରିପାଇବା ନେଇ ଆମେ ଆଶା କରିଥିଲୁ। ଇତିମଧ୍ୟରେ ନିର୍ବାଚନ ଆସିଯାଇଛି। ଏହା ଉପରେ ଇଣ୍ଡିଆ ବ୍ଲକ୍ ଆଗକୁ ଲଢ଼େଇ ଜାରି ରଖିବ। ଜମ୍ମୁ-କଶ୍ମୀରବାସୀଙ୍କ ସହ ମୋ ସମ୍ପର୍କ ରାଜନୈତିକ ନୁହେଁ, ବରଂ ପ୍ରେମର। ମୋ ପାରିବାରିକ ମୂଳ ଜମ୍ମୁ-କଶ୍ମୀରରେ। ତେଣୁ ଆପଣମାନେ ସବୁବେଳେ ମୋତେ ଦିଲ୍ଲୀରେ ନିଜର ଜଣେ ସିପାହି ବୋଲି ମନେକରିବା ଉଚିତ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପାର ଦୁର୍ବଳ ପ୍ରଦର୍ଶନ ପରେ ମୋଦିଙ୍କ ହାବଭାବ ଓ ଆତ୍ମବିଶ୍ୱାସରେ ପରିବର୍ତ୍ତନ ଆସିଥିବା ରାହୁଲ କହିଛନ୍ତି।



DIVINE SOLITAIRES
PRESENTS
THE SOLITAIRE FESTIVAL OF INDIA
GREATEST WINNING OF ALL TIMES!
Buy Divine Solitaires Jewellery & win prizes galore.
1st - 31st August, 2024
EVERYBODY WINS BIG!
ASSURED GIFTS
WEEKLY MEGA DRAW
GRAND BUMPER DRAW
10,000+ GIFTS
100+ CITIES
T&C Apply*
Available at
KHIMJI JEWELLERS SINCE 1936
Saheed Nagar, Janpath, Bhubaneswar 674 669 7777
District Centre, Chandrasekharpur, Bhubaneswar 707 772 6627
5089, saubhagya nagar, Bhubaneswar 826 050 0967
Cantonment Road, Cuttack 787 300 0120
Customer Care: 9769 888 666
www.divinesolitaires.com




Hero CENTENNIAL CELEBRATION
HERO FOREVER
Pleasure+ XTEC
CONNECT
POWERED BY HERO APP
SOS ଆଲର୍ଟ
ଏମର୍ଜେନ୍‌ସୀ କଣ୍ଟାକ୍ଟସ୍‌କୁ ଆଲର୍ଟସ୍ ପଠାନ୍ତୁ
ରିମୋଟ୍ ଇମ୍ମୋବିଲାଇଜେସନ୍
ଚୋରୀରୁ ବଞ୍ଚାଇବା ପାଇଁ ଯେକୌଣସି ସ୍ଥାନରୁ ଟୁ-ହ୍ୱିଲର୍‌ର ଇଗ୍ନିସନ୍ ବନ୍ଦ କରନ୍ତୁ
ସେୟାର୍ ଲୋକେସନ୍
ଟୁ-ହ୍ୱିଲର୍‌ର କରେଣ୍ଟ ଲୋକେସନ୍‌ର ଲିଙ୍କ ସେୟାର୍ କରନ୍ତୁ
କନେକ୍ଟେଡ୍ ରୁହନ୍ତୁ
ସୁରକ୍ଷିତ ରାଇଡ୍ କରନ୍ତୁ
ଏବେ ଯୁଆଡ଼େ ଯିବାକୁ ଚାହଁ
କୁହ ହଁ
ସର୍ବନିମ୍ନ ଡାଉନ ପେମେଣ୍ଟ
₹4,999/- ରୁ ଆରମ୍ଭ
ZIPPY
STYLISH
COLOURFUL
PEPPY
RS/Hero/08/24
100 DAYS OF HAPPINESS | STAND A CHANCE TO WIN 100% CASHBACK ON YOUR PURCHASE**
ଗୁରୁଦକ୍ଷିଣା ଅଫର୍ ₹3000/-*
ସୁଧ ଦର 0%~
Flipkart Offer ₹2500/-^
TOLL FREE NO. 1800-266-0018
INDIA'S FIRST 5 YEAR WARRANTY *Conditions apply
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **This Centennial Celebration Campaign is open only for Indian residents who buys a new Hero two wheeler during Campaign is valid from 26th June 2024 to 3rd October 2024. Cashback money can be claimed by the winning Participant within 90 days from the date of declaration of winner status. Any claim raised after expiry of above 90 days period shall not be entertained. Offer valid from 26th June 2024 to 3rd October 2024. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. *Basis data available in public forum for 110cc 1CE Scooter segment. ~Finance scheme is at the sole discretion of the financier. ^Offers amount and combination of offers may vary for model/variant & states. Terms and Conditions apply.
Exchange Powered By Wheels of Trust^^
SCAN FOR BEST RESALE VALUE
Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989, Jeypore: Supreme Sales, Ph: 8144822656.

**ଆଜିର ମନ୍ତବ୍ୟ**

"ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲାରେ କୋର୍ଟରେ ସାକ୍ଷ୍ୟ ଦେବାକୁ ଯାଉଥିବା ମହିଳା କୁସ୍ତିଯୋଦ୍ଧାଙ୍କ ସୁରକ୍ଷାକୁ ଦିଲ୍ଲୀ ପୋଲିସ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।"
–ଭିନେଶ ଫୋଗଟ, କୁସ୍ତିଯୋଦ୍ଧା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ଓଡ଼ିଶା ନର୍ସିଂ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତି ସମ୍ପର୍କିତ ହିତାଧିକାରୀ ପରାମର୍ଶ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ ସ୍ପେଶ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ରକ୍ଷା ମଞ୍ଚ ପକ୍ଷରୁ ରାଲି, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିଲ୍କ ଇଣ୍ଡିଆ ପକ୍ଷରୁ ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ଦି ନ୍ୟୁ ମାରିୟନ ହୋଟେଲ, ସମୟ: ଅପରାହ୍ନ ୪ଟା।
- ମିଲେଟ୍ ଫେଷ୍ଟ ୨୦୨୪, ସ୍ଥାନ: ଆଇଏଚ୍‌ଏମ୍, ଭିଏସ୍‌ଏସ୍ ନଗର, ସମୟ: ଅପରାହ୍ନ ୪ଟା।
- ଗ୍ରାଣ୍ଡ ମ୍ୟୁଜିକାଲ ନାଇଟ୍ 'କିଶୋରିୟାଡ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଆନୁକୂଲ୍ୟରେ ୨୭ତମ ଆଇସିଏଆର୍ ଆଞ୍ଚଳିକ କମିଟି–୨ ବୈଠକ, ସ୍ଥାନ: ଏମ୍‌କେସିଜି ସମ୍ମିଳନୀ କକ୍ଷ, ଅନୁଷ୍ଠାନ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ ପ୍ରବଚନ ସପ୍ତାହର ଉଦ୍‌ଘାଟନୀ, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ୍, କଟକ, ସମୟ: ସନ୍ଧ୍ୟା ୬ଟା।
- କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ ଶାଶ୍ୱତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥର ଉନ୍ମୋଚନ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- କୋଲକାତା ଆର୍. ଜି. କର କଲେଜର ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ପୁରୀ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୩ଟା ୩୦।
- ସାମାଜିକ କର୍ମୀ ପ୍ରଫୁଲ୍ଲ ମହାନ୍ତିଙ୍କ ୨୯ତମ ସ୍ମୃତି ସଭା, ସ୍ଥାନ: ପୁରୀ ସେବା ସମିତି, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ନଗର ବଣିକ ସଂଘ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଆର୍ଯ୍ୟସମାଜ ଓ ପିଣ୍ଟୁଆବଣିଆ ଗୁରୁକୁଳ ଆଶ୍ରମ ପକ୍ଷରୁ ବିଶ୍ୱ କଲ୍ୟାଣ ଯଜ୍ଞ ଓ ବେଦ ପ୍ରଚାର ଅଭିଯାନ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ବିଭାଗ ପକ୍ଷରୁ ଖିଆରି ଜଳ ଚିଙ୍ଗୁଡ଼ି ଚାଷ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାଇନ୍ସ ସୋସାଇଟି ଆନୁକୂଲ୍ୟରେ ଜାତୀୟ ମହାକାଶ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ଜବରଦଖଲ ଉଚ୍ଛେଦ, ସ୍ଥାନ: ମେଡିକାଲ ଛକ, ଭଦ୍ରକ, ସମୟ: ସକାଳ ୯ଟା।
- ଅଧକ୍ଷଙ୍କ ବିରୋଧରେ ଧାରଣା, ସ୍ଥାନ: ବରପଦା ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୂଜ୍ୟପୂଜା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଳହରି ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ, ଶ୍ରୀ ସୂକ୍ତ ପାଠ ଏବଂ ମାନସିକ ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ପୁଷ୍କରିଣୀ ନିଲାମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇଁକୁଳ ପଞ୍ଚାୟତ କାର୍ଯ୍ୟାଳୟ, ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଠକଟା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଳେଶର ପାଲା କମିଟି ପକ୍ଷରୁ ବୈଠକ, ସ୍ଥାନ: ପାଲା ମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଛାତ୍ର ସଂସଦ ନିର୍ବାଚନ ଦାବିରେ ଏବିଭିପି ପକ୍ଷରୁ ଦସ୍ତଖତ ଅଭିଯାନ, ସ୍ଥାନ: କେନ୍ଦୁଝର, ସମୟ: ଅପରାହ୍ନ ୧ଟା।
- ସକ୍ଷୀ ୱାନ ଷ୍ଟେପ୍ ସେଣ୍ଟର ଗୃହ ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା, କେନ୍ଦୁଝର, ସମୟ: ଅପରାହ୍ନ ୧ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଲବ୍ ପରିସର, ମଛାଳ, ଘସିପୁରା, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ଦକ୍ଷତା ବିକାଶ ବିଭାଗ ପକ୍ଷରୁ କୌଶଳ ରଥ ପରିକ୍ରମା, ସ୍ଥାନ: ପୂର୍ଣ୍ଣଚନ୍ଦ୍ର ସରକାରୀ ଆଇଟିଆଇ, ଷ୍ଟେଶନ ବଜାର, ବାରିପଦା,ସମୟ: ସକାଳ ୯ଟା। ସ୍ଥାନ:ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଟିକରପଡ଼ା,ଶାମାଖୁଣ୍ଟା, ସମୟ: ପୂର୍ବାହ୍ନ ୧୦ଟା ୩୦। ସ୍ଥାନ:ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବାସିପିଠା, ଖୁଣ୍ଟା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦। ସ୍ଥାନ: କପ୍ତିପଦା ଉଚ୍ଚ ବିଦ୍ୟାଳୟ,କପ୍ତିପଦା, ସମୟ: ଅପରାହ୍ନ ୨ଟା ୩୦। ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ମାଣତ୍ରୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୫ଟା।
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ: ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭଡ୍ଡା ପ୍ରସଙ୍ଗକୁ ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ,ସ୍ଥାନ:ବ୍ଲକ କାର୍ଯ୍ୟାଳୟ ଚିତ୍ରଡା, ମୋରଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂସ୍କୃତି ମହୋତ୍ସବ,ସ୍ଥାନ: ଗୋଷାଣୀ ନୂଆଗାଁ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ମିନି ମାରାଥନ, ସ୍ଥାନ: ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ,ସମୟ: ସକାଳ ୬ଟା ୩୦ମି।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ସଭା, ସ୍ଥାନ:ଟାଉନ ହଲ, ବାଲିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ଗଜପତି

- ଜନମନ ଅଭିଯାନ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ବଜରଙ୍ଗ ଦଳ ପକ୍ଷରୁ ଟର୍ଚ୍ଚ, କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ନନ୍ଦିନୀଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସନ୍ଧ୍ୟା ୬ଟା।

## ଜଗତସିଂହପୁର

- ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌରପାଳିକା ପକ୍ଷରୁ ୧୪ ଓ ୧୫ ନଂ. ୱାର୍ଡରେ ସମୂହ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ଦୁଇ ଦିନିଆ ଜାତୀୟ ଭଲିବଲ୍ ଓ ହକି ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ସ୍କୁଲ ଖେଳପଡିଆ, ପିପିଏଲ୍, ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ଭାରତ ରକ୍ଷା ମଞ୍ଚ ପକ୍ଷରୁ ଅଣହିନ୍ଦୁ ବାଂଲାଦେଶୀ ଓ ରୋହିଙ୍ଗା ହଟାଅ ଅଭିଯାନ ଉପଲକ୍ଷେ ଭୁବନେଶ୍ୱରଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଜୟରାଷ୍ଟ୍ର ଅନୁଷ୍ଠାନ ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳନ, ସ୍ଥାନ: ହରିଭାଇ ମାର୍କେଟ କମ୍ପ୍ଲେକ୍ସ, ପେଟ୍ରୋଲ ପମ୍ପ ଷ୍ଟେଶନ ସମ୍ମୁଖ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ୨୧ତମ ପ୍ରାଣୀ ଗଣନା ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନ, ସ୍ଥାନ: ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯାଜପୁର ରୋଡ଼–ଧାମରା ରେଳପଥ ସଂଗ୍ରାମ ସମିତିର ଖବରଦାତା ସମ୍ମିଳନୀ,ସ୍ଥାନ : ଯାଜପୁର ଶାନ୍ତି ମଣ୍ଡପ,ସମୟ : ଅପରାହ୍ନ ୫ଟା।

## ରାୟଗଡ଼ା

- ଗ୍ଲୋବାଲ ବାୟୋ ଇଣ୍ଡିଆ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା ୩୦।
- କ୍ଷେତ ମୁଲିଆଙ୍କ ସମସ୍ୟାକୁ ନେଇ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ଜିଲା କମିଟିର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାଜପା ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପି.ଏମ୍ ଜନମନ ଯୋଜନାକୁ ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଝରିଗାଁ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ:ସକାଳ ୧୦ ଟା।
- ସଂଗ୍ରାମୀ ଜଗନ୍ନଥ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜଙ୍ଗଲ ଜମି ଅଧିକାର ଆଇନ ଉପରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୩ଟା ୩୦।
- କୋରାପୁଟ ଆଇଟିଡିଏ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବୈଠକ, ସ୍ଥାନ:ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଡା. ସନାତନ ବେହେରା ସ୍ମାରକୀ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ , ସମୟ : ଅପରାହ୍ନ ୨ଟା୧୫।
- ରୋଟାରୀ କ୍ଲବ ସମ୍ବଲପୁର ସିଟିର ଅଧିଷ୍ଠାନ ଉତ୍ସବ, ସ୍ଥାନ : ରୋୟାର ଗ୍ରିଟ୍, ସମୟ: ସନ୍ଧ୍ୟା ୭ଟା୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ତରଭା ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- କୋଶଲ ଫର୍ଟିଲାଇଜର୍ସ ଆଣ୍ଡ୍ ପେଷ୍ଟିସାଇଡ୍ସ ଆସୋସିଏଶନ ବୈଠକ, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଗଣଦୃଷ୍ଟି ପାଠଶାଳା, ସ୍ଥାନ: ଦଧିବାମନ ସ୍ନାତକ ମହାବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃଜିଲା ମହିଳା ଫୁଟବଲ ପ୍ରତିଯୋଗିତାର ଉଦଘାଟନୀ, ସ୍ଥାନ: ଲେଙ୍ଗ ମିଶ୍ର ମିନି ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୨ଟା।
- ପିସି ବେହେରା ଆନ୍ତଃଜିଲା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ସୋହେଲା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ତରଫରୁ ଅଲିମ୍ପିଆନ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧନା,ସ୍ଥାନ:ବିକାଶ ଭବନ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୧ଟା।
- ପିଏମ ଜନମନ କାର୍ଯ୍ୟକ୍ରମ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ,ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୧ଟା୩୦।

## ଦେବଗଡ଼

- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଣ୍ଡେଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବିଭାଗ ଓ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା ୨୦୨୪, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆକାଂକ୍ଷୀ ଜିଲା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରୁଚି ଫୁଡ଼ ଲାଇନ ପକ୍ଷରୁ ଫାର୍ମ ବି ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ହୋଟେଲ ଅମରାପାଲି କ୍ଲାସିକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ୨ୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୨ଟା ୩୦।

## ବୌଦ୍ଧ

- ଜନଜାଗରଣ ସଭା, ସ୍ଥାନ: ମହାଲିକପଡା ପଞ୍ଚାୟତ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସୁରକ୍ଷା ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

ପ୍ରଥମ ପୃଷ୍ଠାରୁ...

## ଚିକିଟି ମଦମୃତ୍ୟୁ:...

ଏହି ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାକୁ ନେଇ କଠୋର ଅଛନ୍ତି ଓ ନିଷ୍ପତ୍ତି ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଗତ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୨୧୭ ବେଆଇନ ମଦଭାଟି ଚିହ୍ନଟ କରାଯାଇଛି। ବେଆଇନ ମଦଭାଟିକୁ ବୁଲଡୋଜର ସାହାଯ୍ୟରେ ଉଡ଼ାଇ ଦିଆଯିବ। ଆସନ୍ତା ବର୍ଷେ ଭିତରେ ବେଆଇନ ମଦ କାରବାର ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଚିକିଟି ମଦମୃତ୍ୟୁ ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଏସ୍‌ଆଇ ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବନ କରାଯାଇଛି ବୋଲି ଆଇନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨ ଦିନ ଧରି ଚିକିଟି ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ବିଧାନସଭାରେ ପ୍ରବଳ ହଙ୍ଗାମା ଜାରି ରହିଛି। ଗୁରୁବାର ମୁଖ୍ୟ ବିରୋଧୀ ଦଳ ବିଜେଡି ମଦମୃତ୍ୟୁ ଘଟଣାର ଆର୍‌ଡିସି ସ୍ତରୀୟ ତଦନ୍ତ ଦାବି କରି ପ୍ରବଳ ହଙ୍ଗାମା କରିଥିଲା।

## ବିଧାନସଭାରେ ହଙ୍ଗାମା...

ହୋଇଯାଇଛି। ଅପରାହ୍ନରେ ମଧ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଦାବି ନେଇ ବିଧାନସଭାରେ ହଙ୍ଗାମା କରିଛନ୍ତି। ପ୍ରତିବାଦରେ ବିଜେଡି ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବିଜେଡି ସଦସ୍ୟମାନେ ଚିକିଟି ମଦମୃତ୍ୟୁ ଘଟଣାରେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଙ୍ଗାମା କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ଇଡିର କାର୍ଯ୍ୟକଳାପକୁ ବିରୋଧ କରି ନାରାବାଜି କରିଥିଲେ। ଗୃହରେ ଏକ ଅସ୍ୱାଭାବିକ ବାତାବରଣ ସୃଷ୍ଟି ହୋଇଥିଲା। ହଙ୍ଗାମା ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ବାଚସ୍ପତି ବାଧ ହୋଇ ଗୃହକୁ ୧୦ଟା ୩୬ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହାପରେ ମଧ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ୧୧ଟା ୩୦ ମିନିଟ୍‌ରେ ବିରୋଧୀ ଦଳ ସଦସ୍ୟମାନେ ସମାନ ଦାବିକୁ ଦୋହରାଇ ପୁଣି ହୋହଲ୍ଲା କରିଥିଲେ।

ଗୃହକୁ ପୁଣି ୧୫ ମିନିଟ୍ ପାଇଁ ମୁଲତବୀ କରାଯାଇଥିଲା। ପୂର୍ବାହ୍ନ ୧୧ଟା ୪୫ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ ସମାନ ଅବସ୍ଥା ଦେଖାଦେଇଥିଲା। ବିରୋଧୀ ଦଳ ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଙ୍ଗାମା ମଧ୍ୟରେ ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୃହରେ ଆଲୋଚନା ପାଇଁ ରହିଛି। ବିରୋଧୀ ଦଳ ସଦସ୍ୟମାନେ ଏହି ଆଲୋଚନା ହେଉ ବୋଲି ଚାହୁଁନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ବିରୋଧୀ ଦଳ ଚିକିଟି ମଦମୃତ୍ୟୁ ଘଟଣାରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଦେଇଛନ୍ତି। ଏହା ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ମାତ୍ର ବିରୋଧୀ ଦଳ ଜାଣିଶୁଣି ଗୃହକୁ ଅଚଳ କରିବାକୁ ଚାହୁଁଛନ୍ତି। ଗୃହକୁ ଅର୍ଡରକୁ ଅଣାଯାଉ ବୋଲି ସେ କହିଥିଲେ। ହଙ୍ଗାମା ନ କମିବାରୁ ବାଚସ୍ପତି ଗୃହକୁ ୧୧ଟା ୫୦ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ନିଜ ନିଜର ଦାବି ଦୋହରାଇ ପାଟିତୁଣ୍ଡ କରିଥିଲେ। ଗୃହକାର୍ଯ୍ୟକୁ ବର୍ଜନ କରି ବିଜେଡି ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

## ବିଚାରପତି, ଡାକ୍ତର କାମ...

ମହାନିର୍ଦ୍ଦେଶକମାନଙ୍କଠାରୁ ପରାମର୍ଶ ନେବେ। ଶୁଣାଣି ବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଅନୈତିକ କାର୍ଯ୍ୟକୁ ଘଣ୍ଟ ଘୋଡ଼ାଇବା ପାଇଁ ଉଦ୍ୟମ ଚାଲିଥିବା ଆର୍.ଜି. କର. ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ପୀଡ଼ିତାଙ୍କ ସହକର୍ମୀମାନେ ଅନୁଭବ କରି ଭିଡିଓଗ୍ରାଫି ପାଇଁ ଦାବି କରିଛନ୍ତି। ପୀଡ଼ିତାଙ୍କ ବାପା ଏଫ୍‌ଆଇଆର୍ ପଞ୍ଜୀକରଣ ଉପରେ ଜୋର୍ ଦେଇଛନ୍ତି। ହସ୍ପିଟାଲ ଏତଲା ଦେଇ ନ ଥିଲା। ଅଗଷ୍ଟ ୯ରେ ତାଙ୍କ ବାପା ନିଜେ ଏତଲା ଦେଇଥିଲେ, ଯାହାକି ଝିଅଙ୍କ ଶେଷକୃତ୍ୟ ସମ୍ପନ୍ନ ହେବା ପରେ ରାତି ୧୧ଟା ୪୫ ମିନିଟ୍‌ରେ ପଞ୍ଜୀକୃତ ହୋଇଥିଲା। ସବୁ ରଫାଦଫା କରିବା ପାଇଁ ଏହା ଏକ ଉଦ୍ୟମ। ଘଟଣାର ପଞ୍ଚମ ଦିନରେ ସିବିଆଇ ତଦନ୍ତ ଆରମ୍ଭ କଲାବେଳକୁ ଅନେକ କିଛି ହେରଫେର କରାଯାଇସାରିଥିଲା। ପ୍ରଥମେ ହସ୍ପିଟାଲ କର୍ତ୍ତୃପକ୍ଷ ପୀଡ଼ିତାଙ୍କ ମା'ବାପାଙ୍କୁ ଏହା ଏକ ଆତ୍ମହତ୍ୟା ବୋଲି କହିଥିଲେ, ଯାହାକି ପରେ ହତ୍ୟା ମାମଲାରେ ପରିବର୍ତ୍ତିତ ହୋଇଥିଲା। ମେହେଟ୍ଟାଙ୍କ ଯୁକ୍ତି ଶୁଣିବା ପରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ଏଫ୍‌ଆଇଆର୍ ରୁଜୁରେ ୧୪ ଘଣ୍ଟା ବିଳମ୍ବ କାହିଁକି ହେଲା। ଏହା ପଛରେ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଆର୍.ଜି. କର ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ସହ କିଏ ଯୋଗାଯୋଗ କରିଥିଲେ। ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ ପୂର୍ବରୁ ସନ୍ଧ୍ୟା ୬ଟା ୧୦ରୁ ୭ଠଟା ୧୦ ମିନିଟ୍ ଭିତରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଆସିବା ପରେ ସେନେଇ ସ୍ଥାନୀୟ ତଲା ଥାନାକୁ ସୂଚନା ଦିଆଯାଇଥିଲା କି ପ୍ରଥମେ ଏତଲା ପଞ୍ଜୀକରଣ କରିଥିବା କୋଲକାତାର ପୋଲିସ ଅଧିକାରୀ ସାରା ଦେଶକୁ ସ୍ତବ୍ଧ କରିଦେଇଛନ୍ତି। ସମ୍ପୃକ୍ତ ଅଫିସର ପରବର୍ତ୍ତୀ ଶୁଣାଣି ବେଳେ ହାଜର ହୋଇ ପଞ୍ଜୀକରଣ ସମୟ କୋର୍ଟଙ୍କୁ ଅବଗତ କରାଇବେ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଏହି ଘଟଣାର ପ୍ରତିବାଦରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବାଧା ଦିଆଯାଇପାରିବ ନାହିଁ। କିନ୍ତୁ ଉପଯୁକ୍ତ ପ୍ରୋଟୋକଲର ଅନୁସରଣ କରାଯିବା ଉଚିତ। ସେମାନେ ଚାହିଁଲେ କାର୍ଯ୍ୟକ୍ଷେତ୍ରକୁ ଫେରିପାରିବେ। କାର୍ଯ୍ୟରେ ଯୋଗଦେବା ପରେ ଡାକ୍ତରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଦଳଗୁଡ଼ିକ ଏହି ପ୍ରସଙ୍ଗର ରାଜନୀତିକରଣ କରନ୍ତୁ ନାହିଁ। ଆଇନ ତା' ବାଟରେ ଯିବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏକ ପୋର୍ଟାଲ ଲଞ୍ଚ କରନ୍ତୁ, ଯେଉଁଠି ପକ୍ଷମାନେ ଡାକ୍ତରଙ୍କ ସୁରକ୍ଷା ପାଇଁ ଏନ୍‌ଟିଏଫ୍‌କୁ ପ୍ରସ୍ତାବ ଦେଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଟା' ଦୋକାନକୁ ମାଡ଼ିଗଲା...

ଦୋକାନକୁ ମାଡିଯିବାରୁ ଟ୍ରକ ଡ୍ରାଇଭରଙ୍କ ସମେତ ୪ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ସମରଝୋଳର ପଞ୍ଚା ଗୌଡ, ତାଙ୍କ ସମ୍ପୃଦି ଅରକ୍ଷିତ ଗୌଡ, ଶେରଗଡ ଥାନା ଅନ୍ତର୍ଗତ କୁର୍ଲାର ସନ୍ତୋଷ ବାଡତ୍ୟା, ଟ୍ରକ ଡ୍ରାଇଭର କଟକ ଜିଲା ଚୌଦ୍ୱାର ଥାନା ମୁର୍ଦ୍ଦାଖାନପାଟଣା ଗ୍ରାମର ଇନ୍ଦ୍ରଜିତ ସ୍ୱାଇଁ। ବସ୍ କର୍ମଚାରୀଙ୍କ ସହ କେତେଜଣ ଯାତ୍ରୀ ଓ ଚା' ଦୋକାନରେ ଥିବା ଲୋକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ କର୍ମଚାରୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା କ୍ରେନ, ଜେସିବି ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ହଟାଯାଇ ମୃତାହତମାନଙ୍କୁ ହିଞ୍ଜିଳିକାଟୁ, କୁକୁଡାଖଣ୍ଡି ଡାକ୍ତରଖାନା ଓ ଏମ୍‌କେସିଜି ମେଡ଼ିକାଲକୁ ପଠାଯାଇଥିଲା। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଏଫଏମଟିକୁ ପଠାଯାଇଥିଲା। ଗୁରୁତରମାନଙ୍କ ମଧ୍ୟରୁ ଏମ୍‌କେସିଜି ଟ୍ରମାକେୟାର ସେଣ୍ଟରରେ ୨ଜଣ, ସର୍ଜରୀରେ ୭ ଜଣ ଓ କାଜୁଆଲିଟିରେ ୪ଜଣଙ୍କୁ ଭର୍ତ୍ତି କରାଯାଇଛି। ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପରିବହନ କମିଶନର ଅମିତାଭ ଠାକୁର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଡିଆଇଜି ତଥା ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡା.ସାର୍ଥକ ଷଡଙ୍ଗୀ, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତଗିରଙ୍କ ସହ ଅନ୍ୟମାନେ ଘଟଣାର ଅନୁଧ୍ୟାନ କରିଛନ୍ତି।

## ଘଟଣାର ତଦନ୍ତ କରାଯିବ: ମନ୍ତ୍ରୀ ବିଭୂତି

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏମ୍‌କେସିଜି ମେଡିକାଲରେ ପହଞ୍ଚି ଗୁରୁତରଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ। ଏନେଇ ଏକ କ୍ରାସ ଇନଭେଷ୍ଟିଗେଶନ ଟିମ ଗଠିତ ହୋଇଛି। ଏଥିରେ ରୋଡ ସେଫଟି ବିଶେଷଜ୍ଞ, ପୋଲିସ ଓ ଏମଭିଆଇ ରହିବେ। ଘଟଣାର ସବୁଦିଗକୁ ନେଇ ଯୁଗ୍ମ ତଦନ୍ତ କରାଯିବ ବୋଲି କହିଛନ୍ତି। ରାସ୍ତାରେ ଦୁର୍ଘଟଣା କମାଇବା ଲାଗି ଇଣ୍ଟିଗ୍ରେଟେଡ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଇଏମ୍‌ଏସ୍) ବ୍ୟବସ୍ଥା କରାଯିବ। ଏହା ଦ୍ୱାରା ଗାଡି ଗତିର ବେଗ ଉପରେ ଅଙ୍କୁଶ ଲାଗିବ ବୋଲି କହିଛନ୍ତି। ପରେ ମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଜିଲା ପ୍ରଶାସନ ଆହତମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।


ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏମ୍‌କେସିଜି ମେଡିକାଲରେ ଜଣେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

## ୟୁଟ୍ୟୁବ୍‌ରେ ରୋନାଲ୍ଡୋଙ୍କ...

୧୦ ମିଲିୟନ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗୁରୁବାର ରାତି ୧ଟା ସୁଦ୍ଧା ଏହା ୨୫.୨ ମିଲିୟନ (୨.୫୨ କୋଟି) ଟପିଥିଲା। କିନ୍ତୁ ୟୁଟ୍ୟୁବ୍ ପକ୍ଷରୁ ୨୪ ଘଣ୍ଟାରେ ହିଁ ତାଙ୍କୁ ଗୋଲ୍ଡେନ ବଟନ ମିଳିଯାଇଛି।

ଗୋଲ ଡଟ୍ କମ୍ (goal.com)ର ରିପୋର୍ଟ ଅନୁସାରେ, ରୋନାଲ୍ଡୋ ୟୁଟ୍ୟୁବ୍ ସବ୍‌ସ୍କ୍ରାଇବଙ୍କ ସଂଖ୍ୟାରେ ହାମଷ୍ଟେର କୋମବାଟ୍‌ଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ହାମଷ୍ଟେର୍ ୟୁଟ୍ୟୁବ୍‌ରେ ଏକ ଭିଡିଓ ଗେମ୍ ଚ୍ୟାନେଲ ଖୋଲିଥିଲେ। ଏହି ଚ୍ୟାନେଲ ୧୦ ମିଲିୟନ ସବ୍‌ସ୍କ୍ରାଇବର୍ ପାଇବାକୁ ୭ଦିନ ଲାଗିଥିଲା। ହେଲେ ରୋନାଲ୍ଡୋ ଦିନକ ଭିତରେ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ୩୯ ବର୍ଷୀୟ ରୋନାଲ୍ଡୋ ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ାବିତ୍। ଅନ୍ୟତମ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ତାଙ୍କର ଅନୁଗାମୀ ବା ଫଲୋୟର୍ସଙ୍କ ସଂଖ୍ୟା ୧୧୨.୬ ମିଲିୟନ ରହିଥିବା ବେଳେ ଫେସ୍‌ବୁକ୍‌ରେ ୧୭୦ ମିଲିୟନ ଓ ଇନ୍‌ଷ୍ଟାଗ୍ରାମରେ ୬୩୬ ମିଲିୟନ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଚନ୍ଦ୍ର ପାପଗ୍ରହ ଯୁକ୍ତ ହେତୁ ମାନସିକ ଅସ୍ଥିରତା ସହ ଯାତ୍ରାରେ ସମସ୍ୟା ଏବଂ ପାରିବାରିକ ବିବାଦର ଆଶଙ୍କା ରହିଛି। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସକାଶେ ଫନ୍ଦିଫିକର କରି ସଫଳତା ମଧ୍ୟ ପାଇବେ। କର୍ମକ୍ଷେତ୍ର ଏବଂ ବାଣିଜ୍ୟ, ବ୍ୟବସାୟ ସନ୍ତୋଷଜନକ ରହିବ।

**ବୃଷ** — ଅତୀତର କୌଣସି ସମ୍ପର୍କକୁ ନେଇ ଗୁଜବରେ ଚିନ୍ତିତ ରହିପାରନ୍ତି। ବିବାଦୀୟ ପରିସ୍ଥିତି ଲାଗି ରହିଥିବାରୁ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢିଯାଇପାରେ। ରୋହିଣୀ ନକ୍ଷତ୍ରର କାମରେ ସଫଳତା ସହ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ସହାୟତା ପ୍ରାପ୍ତ ହେବ।

**ମିଥୁନ** — ପରିସ୍ଥିତି ଯାହା ଥାଉନା କାହିଁକି ଅର୍ଥଲାଭ ଓ ଚେଷ୍ଟାରେ ସଫଳତା ହେତୁ ଦିନସାରା କାର୍ଯ୍ୟବ୍ୟସ୍ତ ରହିବେ। କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ ଅଟକିଥିବା ସରକାରୀ କାମରେ ଅଗ୍ରଗତି ଘଟିପାରେ। ବ୍ୟବସାୟ, ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ସହକର୍ମୀଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**କର୍କଟ** — ସବୁ ଦିନ ପରି ଆଜି ମଧ ଚିରାଚରିତ କାର୍ଯ୍ୟପଦ୍ଧାରେ ନିଜକୁ ମଜାଇ ରଖିବେ। ଅନ୍ୟମାନଙ୍କ ଘରୋଇ କଥାରେ ହସ୍ତକ୍ଷେପ କଲେ ସମାଲୋଚିତ ହେବା ନିଶ୍ଚୟ। ଅତୀତ ଘଟଣାକୁ ଚିନ୍ତାକରି ଅନ୍ୟମନସ୍କ ରହିବା ଫଳରେ ସମସ୍ୟାକୁ ଡାକି ଆଣି ପାରନ୍ତି। ଘର କାମଟିକୁ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିପାରେ।

**ସିଂହ** — ଆଜି ଯେଉଁ କାମ କରିବାକୁ ଯାଉଛନ୍ତି ତାହା ହାସଲ କରିବାରେ କଷ୍ଟ ଭୋଗିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେବାର ସୂଚନା ରହିଛି। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବାର ସୂଚନା ରହିଛି।

**କନ୍ୟା** — ଅର୍ଥ ସମ୍ପର୍କିତ କାମରେ ସଫଳତା, କର୍ମକ୍ଷେତ୍ରରେ ସମ୍ମାନ ଓ ବନ୍ଧୁଙ୍କ ଗୌରବରେ ଖୁସି ରହିବେ। ପାରିବାରିକ କ୍ଷେତ୍ରର ଭୁଲ୍ ବୁଝାମଣା ଦୂରେଇଯିବ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିହେବାରେ ଜଣେ ସହକର୍ମୀ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ଉଚ୍ଚବର୍ଗଙ୍କ ସହାୟତାରେ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ତୁଳା** — ପ୍ରତ୍ୟେକ ଦିଗରୁ ଦିନଟି ଭଲ ରହିବ ଓ ସମସ୍ୟା ନ ଥାଇ କାମ ହାସଲ କରିପାରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରି ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି। ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି ମାତ୍ର ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ସ୍ୱାସ୍ଥ୍ୟ ସମସ୍ୟାକୁ ଅବହେଳା କରି ଘରଲୋକଙ୍କ ଚକ୍ଷୁଶୂଳର କାରଣ ହେବେ।

**ବିଛା** — ହାତରେ ବହୁତ କାମ ଥିଲେ ମଧ କୌଣସି କାର୍ଯ୍ୟପ୍ରତି ସ୍ଥିରତା ରହିବ ନାହିଁ। ଅଧିକାଂଶ ସମୟ ଏଣୁ ତେଣୁ ମୂଲ୍ୟହୀନ କଥାରେ ଗୁରୁତ୍ୱ ଦେଇ ସମୟକୁ ଅଯଥା ଗଡାଇ ଚାଲିବେ। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ନିଜର ଆତ୍ମୀୟଙ୍କ ପକ୍ଷପାତିତା କାରଣରୁ କ୍ଷୋଭ ପ୍ରକାଶ କରିବେ।

**ଧନୁ** — ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣାଧୀନ ରହିବ ଏବଂ ବିଶେଷ କିଛି ଗୁରୁତର ଅସୁବିଧା ରହିବ ନାହିଁ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି କଳହ ବୃଦ୍ଧି ହେତୁ ଅଶାନ୍ତି ଲାଗିରହିବ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ବ୍ୟବସାୟ ଓ ପରିବହନର ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ସମ୍ମାନିତ ହେବା ସହ ଆବଶ୍ୟକତା ପୂରଣ ହୋଇଯିବ।

**ମକର** — ଆଜି କର୍ମାଧିପ ଅଷ୍ଟମଭାବସ୍ଥ କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରିବେ। ଆର୍ଥିକ ଦିଗଟି ଭଲ ରହିବ। ବ୍ୟବହାରରେ ବ୍ୟତିକ୍ରମ ସମସ୍ୟାର କାରଣ ହୋଇପାରେ। ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହୋଇପାରେ।

**କୁମ୍ଭ** — କୌଣସି କ୍ଷେତ୍ରରେ କାମ ଅଟକିବ ନାହିଁ କିନ୍ତୁ ସହଜରେ ସମ୍ପନ୍ନ କଷ୍ଟକର ହୋଇପାରେ। ପରିବାରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ ଯାହାକି ସମସ୍ୟା ସୃଷ୍ଟିର ମାଧ୍ୟମ ପାଲଟିବ। ଘରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ ହୋଇପାରନ୍ତି।

**ମୀନ** — ଆଜି ବିଶେଷ ଅସୁବିଧା ନ ହେଲେ ମଧ ପୂର୍ବ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ଅଯଥା ତର୍କବିତର୍କଜନିତ ମତାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ସମ୍ମାନ ଓ ସଦିଚ୍ଛା ଯେତିକି ବଢ଼ିବ ସମପରିମାଣରେ ପରୋକ୍ଷ ଶତ୍ରୁତା ମଧ ସୃଷ୍ଟି ହେବ। ଯେ କୌଣସି କ୍ଷେତ୍ରରେ ପ୍ରକୃତ ଘଟଣାକୁ ନ ବୁଝି କାମକଲେ ଅସୁବିଧାରେ ପଡ଼ିବେ।

ଆଜି ଅଗଷ୍ଟ ୨୩ ତାରିଖ, ଜାତୀୟ ମହାକାଶ ଦିବସ, ରକ୍ଷାପଞ୍ଚମୀ, ଭାଦ୍ରବ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଶୁକ୍ରବାର, ରାଶିନକ୍ଷତ୍ର–ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୩୨ ଗତେ ଘ.୦୬.୨୨ ମଧ୍ୟେ, ଘ.୦୭.୧୩ ଗତେ ଘ.୦୮.୨୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୫ ଗତେ ଘ.୧୧.୪୯ ମଧ୍ୟେ ରାହୁ କାଳ।

# ଇଡି ଅଫିସ୍ ଘେରାଉ ବେଳେ ପୋଲିସ- କଂଗ୍ରେସ କର୍ମୀ ମୁହାଁମୁହିଁ



କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇଡି ଅଫିସ ଘେରାଉ ଉଦ୍ୟମ ବେଳେ ପୋଲିସ ସହ ମୁହାଁମୁହିଁ।

## ଇଡି ବିରୋଧୀ ଦଳ ନେତାଙ୍କୁ ଡରାଇବା କାମ କରୁଛି: ଅଜୟ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ନିକଟରେ ହିଣ୍ଡେନ୍‌ବର୍ଗର ରିପୋର୍ଟ ଆଦାନୀ ଘୋଟାଲାର ପର୍ଦ୍ଦାଫାଶ କରିଛି। ଆଦାନୀ ଓ ସେବିର ମଧୁଚନ୍ଦ୍ରିକାରେ ଦୁର୍ନୀତି ହୋଇଥିବା ବିଷୟ ଆଲୋଚନା ହେଉଛି। ଏଭଳିସ୍ଥଳେ କଂଗ୍ରେସ ମହାଦୁର୍ନୀତିର ଗୁମର ଖୋଲିବା ପାଇଁ ଜେପିସି ତଦନ୍ତ ଦାବି କରିବା ସହ ସେବିର ମୁଖ୍ୟ ମାଧବୀ ବୁଚ୍‌ଙ୍କ ଇସ୍ତଫା ଦାବି ନେଇ ଦେଶବ୍ୟାପୀ ଇଡି ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ଓ ଘେରାଉ କାର୍ଯ୍ୟକ୍ରମ କରିଛି। ଏହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଆହ୍ୱାନକ୍ରମେ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଷ୍ଟିୟରିଂ କମିଟି ସଂଯୋଜକ ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ଭୁବନେଶ୍ୱର ଇଡି ଅଫିସ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ପ୍ରଭାରୀ ଅଜୟ କୁମାର କହିଛନ୍ତି, ଦେଶର ସାଧାରଣ ଜନତାଙ୍କ ଧନ ବ୍ୟାଙ୍କରେ ଜମା ରହୁଛି। ସେହି ଜମାରାଶିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମିତ୍ର ଆଦାନୀଙ୍କ ହାତରେ ଟେକିଦେଉଛନ୍ତି। ମୋଦିଙ୍କ ସହଯୋଗ ଏବଂ ଆଦାନୀ ଓ ସେବି ମଧ୍ୟରେ ଥିବା ଗୁପ୍ତ ବୁଝାମଣା ଯୋଗୁ ଦେଶ ବହୁ ହଜାର କୋଟି ଟଙ୍କାର କ୍ଷତି ସହୁଛି। ଏ ସମସ୍ତ ଅର୍ଥନୈତିକ ଅପରାଧ ଚାଲିଥିବା ବେଳେ ମୋଦି ସରକାର ଓ ଇଡି ଚୁପ୍ ବସିଛନ୍ତି। ଇଡି କେବଳ ବିରୋଧୀ ଦଳର ନେତାଙ୍କୁ ଡରାଇବା, ଧମକାଇବା ଓ ଚାପ ପ୍ରୟୋଗକରି ସେମାନଙ୍କ ସ୍ୱରକୁ ଦବାଇବା ପାଇଁ ମାଧ୍ୟମ ପାଲଟିଛି। ୨୫ ଜଣ ନେତାଙ୍କ ନାମରେ ଇଡିରେ ମାମଲା ଥିବାବେଳେ ୨୩ ଜଣ ଭାଜପାରେ ସାମିଲ ହେବାପରେ ସେମାନଙ୍କ ବିରୋଧରେ ଥିବା ସମସ୍ତ ମାମଲା ବନ୍ଦ ହୋଇଯାଇଛି। ବିଏସ୍‌ଏନ୍‌ଏଲ୍‌କୁ ବୁଡ଼ାଇ ଅମ୍ବାନୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଯଥା ସମ୍ଭବ ଉଦ୍ୟମ କରିବା ଫଳରେ ମୋବାଇଲ ରିଚାର୍ଜ ମଧ୍ୟ ବର୍ତ୍ତମାନ ମହଙ୍ଗା ହୋଇଯାଇଛି ବୋଲି ସେ କହିଛନ୍ତି। ତେବେ ଇଡି କାର୍ଯ୍ୟାଳୟ ଘେରାଉ ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅବସରରେ ମୋକିମ କହିଛନ୍ତି, ଇଡି ବିରୋଧୀ ଦଳର ନେତାମାନଙ୍କ ପ୍ରତି ଏକପାଖିଆ ତଦନ୍ତ ଓ ଭାଜପା ନେତାମାନଙ୍କୁ ଖୁଲମଖୁଲା ଛାଡ଼ିଦେବା ଗଣତନ୍ତ୍ର ପ୍ରତି ଅପମାନ ବୋଲି ସେ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତାମାନଙ୍କ ସହ ଏକ ବିଶାଳ ରାଲି ଇଡି ଅଫିସ ଅଭିମୁଖେ ବାହାରିଥିଲା। କଂଗ୍ରେସ କର୍ମୀ ଓ ପୋଲିସଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇ କଂଗ୍ରେସ କର୍ମୀ ପ୍ରଥମ ବ୍ୟାରିକେଡ୍‌କୁ ଅତିକ୍ରମକରି ଇଡି ଅଫିସ ଅଭିମୁଖେ ଯାଉଥିବା ବେଳେ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇନେଇଥିଲା। ଏହି ଅବସରରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ଜିଲାକୁ ଭୂକମ୍ପ ଭୟ

ଭୁବନେଶ୍ୱର,୨୨।୮(ଅନିଲ ଦାସ): ରାଜ୍ୟର ୧୪ ଜିଲାକୁ ଭୂକମ୍ପ ଭୟ ରହିଛି। ସେହିପରି ଗଜପତି ଜିଲା ଅଧିକ ଭୂସ୍ଖଳନପ୍ରବଣ। ଏଠାରେ ୧୨୯ଟି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଅଛି। ରାଜ୍ୟର ୧୪ ଜିଲା ଜୋନ୍‌-୩ ଭୂକମ୍ପ ଅଞ୍ଚଳରେ ଆସୁଛି। ଜୋନ୍‌-୩ ଭୂକମ୍ପ ଅଞ୍ଚଳ ମଧ୍ୟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲା ରହିଛି। କଂଗ୍ରେସ ସଭ୍ୟ ପବିତ୍ର ସାଉଁନ୍ତାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବିଧାନସଭାରେ ଏହା କହିଛନ୍ତି।

## ଲକ୍ଷ୍ମୀ ବସ୍: କ୍ଷତି ହେଲାଣି ୩୭୪.୧୨ କୋଟି

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ଗତ ୧୦ ମାସ ମଧ୍ୟରେ ଲକ୍ଷ୍ମୀ ବସ୍ ପରିଚାଳନାରେ ୩୭୪ କୋଟି ୮ ଲକ୍ଷ ୫୮ ହଜାର ଟଙ୍କା କ୍ଷତି ହେଲାଣି। ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନାରେ ବର୍ଷକ ଭିତରେ ମୋଟ ୩୯୯ କୋଟି ୧୨ ଲକ୍ଷ ୪୪ ହଜାର ୬୪୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରୁ ଆଦାୟ ହୋଇ ହୋଇଛି ମାତ୍ର ୨୫ କୋଟି ୩ ଲକ୍ଷ ୮୬ ହଜାର ଟଙ୍କା । ନିର୍ବାଚନର ମାତ୍ର କିଛି ମାସ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଆରମ୍ଭ କରିଥିବା ଏହି ବସ୍‌ସେବା ସରକାରଙ୍କ ପାଇଁ ଏକ ପ୍ରକାର ବୋଝ ପାଲଟିଛି। ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁଗମ କରିବାକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଜେଡି ସରକାର ୨୦୨୩ ଅକ୍ଟୋବର ୧୨ ତାରିଖରେ ମାଲକାନଗିରି ଜିଲାରୁ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଥିଲେ। ନୂଆ ସରକାର ଆସିବା ପରେ ଲକ୍ଷ୍ମୀ ବସ୍ ରଙ୍ଗ ବଦଳିବା ସହ ଯୋଜନାର ନାଁ ବଦଳି ମୁଖ୍ୟମନ୍ତ୍ରୀ ବସ୍‌ସେବା ହୋଇଛି । କ୍ଷତିରେ ଚାଲିଥିବା ଏହି ଯୋଜନାର ଭବିଷ୍ୟତ ରୂପରେଖ କ'ଣ ହେବ ତା' ଉପରେ ଏବେ ସମସ୍ତଙ୍କ ନଜର।




## ଆଇଆଇଟି ଭୁବନେଶ୍ୱରର ନୂତନ ଉଦ୍ଭାବନ | ସ୍ଥାୟୀ ବର୍ଜ୍ୟ ପରିଚାଳନା ପାଇଁ ସୌରଚାଳିତ ମାଇକ୍ରୋୱେଭ୍ ପାଇରୋଲିସିସ୍ ରିଆକ୍ଟର



ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଗବେଷଣାକାରୀଙ୍କ ଦ୍ୱାରା ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସୌରଚାଳିତ ମାଇକ୍ରୋୱେଭ୍ ପାଇରୋଲିସିସ୍ ରିଆକ୍ଟର ବିକଶିତ କରାଯାଇଛି। ଶିକ୍ଷାନୁଷ୍ଠାନର ସ୍କୁଲ୍ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚରର ଏକ ଗବେଷଣାକାରୀ ଦଳ ପୃଥକ୍ ତଥା ମିଶ୍ରିତ ବର୍ଜ୍ୟବସ୍ତୁରୁ ମୂଲ୍ୟବାନ୍ ଉତ୍ସ ପୁନରୁଦ୍ଧାର ପାଇଁ ଏହି ଉଦ୍ଭାବନ କରିଛନ୍ତି। ଏହି ନୂତନ ରିଆକ୍ଟରଟି ମାଇକ୍ରୋୱେଭ୍- ସହାୟକ ପାଇରୋଲିସିସ ବ୍ୟବହାର କରି ଫିଡ୍ ଷ୍ଟକ୍‌ର ବୈଶିଷ୍ଟ୍ୟ ଅନୁସାରେ କାର୍ବୋନେସିୟସ୍ ଉପାଦାନ (ବାୟୋଚାର) ଓ ବାୟୋଅଏଲ ଭଳି ବର୍ଜ୍ୟବସ୍ତୁକୁ ଉପଯୋଗୀ ଦ୍ରବ୍ୟରେ ପରିଣତ କରିଥାଏ। ବର୍ତ୍ତମାନ ମୁଖ୍ୟତଃ ଦହନ, ବାୟୋଗ୍ୟାସ ପ୍ଲାଣ୍ଟ କିମ୍ବା ଲ୍ୟାଣ୍ଡଫିଲ ନିଷ୍କାସନ ଦ୍ୱାରା କଠିନ ବର୍ଜ୍ୟ ପରିଚାଳନା କରାଯାଉଥିବା ବେଳେ ପୁନଃବ୍ୟବହାର ପାଇଁ ସୀମିତ ସୁଯୋଗ ପ୍ରଦାନ କରେ। ଦହନ ଲ୍ୟାଣ୍ଡଫିଲିଂର ଏକ ବିକଳ୍ପ ହୋଇଥିଲେ ମଧ୍ୟ ଅନେକ ସମୟରେ ଏଥିରୁ ବିଷାକ୍ତ ଗ୍ୟାସ ଓ ପାଉଁଶ ନିଷ୍କାସିତ ହେବା ଦ୍ୱାରା ଏହା ପରିବେଶ ପ୍ରଦୂଷଣ କରିଥାଏ। ତେବେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ବିକଶିତ ରିଆକ୍ଟର ଏହି ସମସ୍ୟାର ସମାଧାନ କରିବା ସହ ମୂଲ୍ୟବାନ୍ ଶେଷ ଉତ୍ପାଦ ଉତ୍ପାଦନ କରିଥାଏ ବୋଲି ଗବେଷଣା ପ୍ରକଳ୍ପର ମୁଖ୍ୟ ଡ. ରେମ୍ୟା ନୀଲାନ୍‌ଚେରି କହିଛନ୍ତି। ଏହି ପ୍ରଯୁକ୍ତି ବିଦ୍ୟା ଉପରେ ଭାରତୀୟ ପେଟେଣ୍ଟ ମଞ୍ଜୁର ହୋଇଛି। କୃଷି, ପରିବହନ ଏବଂ ଶକ୍ତି ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ଏହି ଶେଷ ଉତ୍ପାଦଗୁଡ଼ିକର ସମ୍ଭାବ୍ୟତା ଏବଂ ପ୍ରୟୋଗିକତା ଉପରେ ଧ୍ୟାନ ଦିଆଯାଇଥିବା ସେ କହିଛନ୍ତି। ଏହି ପରିବେଶ ଅନୁକୂଳ ବୈଷୟିକ ଜ୍ଞାନକୌଶଳ ଦହନ ଓ ଅନ୍ୟ ପାରମ୍ପରିକ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ତୁଳନାରେ ସର୍ବନିମ୍ନ ପ୍ରଦୂଷଣ ସହିତ ରାଜସ୍ୱ ସୃଷ୍ଟି କରୁଥିବାରୁ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ପୌରସଂସ୍ଥା ଓ ଶିଳ୍ପସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ।

## ଦେବଗଡ଼ରେ ସୁନାଖଣି ସନ୍ଧାନ | ପୂର୍ବରୁ ୯ ଜିଲାରେ ମିଳିସାରିଛି

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ଦେବଗଡ଼ ଜିଲାର ଆଡ଼ାସ-ରାମପାଲ୍ଲୀ ଅଞ୍ଚଳରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ତମ୍ବା ପଥର ପାଇଁ ଜି-୨ ସ୍ତରର ଅନ୍ୱେଷଣ ବେଳେ ସୁନାପଥରର ସନ୍ଧାନ ମିଳିଛି। ଏହି ଅଞ୍ଚଳରେ ସୁନା ଗଚ୍ଛିତ ଥିବା ଭୂତାତ୍ତ୍ୱିକ ଆକଳନରୁ ଜଣାପଡ଼ିଛି ଏବଂ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତି କରାଯାଉଛି। ଉକ୍ତ ଅଞ୍ଚଳରେ ୦.୯୦ନିୟୁତ ଟନ୍ ସୁନା ଗଚ୍ଛିତ ରହିଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଓ ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ ଏହା କହିଛନ୍ତି। ଦେବଗଡ଼କୁ ମିଶାଇ ଓଡ଼ିଶାର ୧୦ ଜିଲାରେ ସୁନାଖଣିର ସନ୍ଧାନ ମିଳିଲାଣି।

ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ବିଭୂତିଭୂଷଣ କହିଛନ୍ତି, ୧୦ ଜିଲାରେ ସୁନାଖଣିର ସନ୍ଧାନ ମିଳିଛି। ସେଥିମଧ୍ୟରେ କେନ୍ଦୁଝର ଜିଲାର ଗୋପୁର-ଗାଜିପୁର ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଛି। ମାଙ୍କଡ଼ଚୁଆଁ, ସଲେଇକଣା ଓ ଡିମିରିମୁଣ୍ଡା ଅଞ୍ଚଳରେ ସୁନାଖଣି ପାଇଁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେହିପରି ମୟୂରଭଞ୍ଜ ଜିଲାର ଯଶିପୁର, ସୁରିଆଗୁଡା, ରୁଆଁସି, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନାଖଣିର ଅନ୍ୱେଷଣ ଚାଲିଛି। ଅପରପକ୍ଷରେ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ବୌଦ୍ଧ ଜିଲାର କେତେକ ସ୍ଥାନରେ ସୁନାଖଣି ଥିବା ସୂଚନା ମିଳିଛି। ୨ଟି ସ୍ଥାନରେ ସୁନା ଖଣିର ସନ୍ଧାନ ମିଳିଥିବାବେଳେ ଆଉ ୧୦ଟି ସ୍ଥାନରେ ଚିହ୍ନଟ ପାଇଁ ଅନୁସନ୍ଧାନ ଜାରି ରହିଛି। ଏବେ ଗୋଟିଏ ସୁନା ଖଣି ଥିବା ଖଣିଜ ବ୍ଲକ୍‌କୁ ନିଲାମ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଆଉ ଗୋଟିଏ ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇ ନ ଥିବାରୁ ତା'ର ଉତ୍ତୋଳନ ପାଇଁ କୌଣସି ଯୋଜନା ହୋଇନାହିଁ। ସେହିପରି ୧୯୮୧-୮୩ ଓ ୧୯୮୯-୯୬ରେ ଚିହ୍ନଟ ହୋଇଥିବା କେନ୍ଦୁଝର ଜିଲାର ଗୋପୁର-ଗାଜିପୁର ଅଞ୍ଚଳରେ ପ୍ରାଥମିକ ସର୍ବେକ୍ଷଣରୁ ମିଳିଥିବା ସୂଚନା ଆଧାରରେ ସୁନା ଖଣିର ପୁନଃ ଅନୁସନ୍ଧାନ କାର୍ଯ୍ୟକ୍ରମ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ୨୦୨୧-୨୨ରୁ ଜି-୨ ସ୍ତରରେ ଚାଲୁ ରହିଛି। ଏହି ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇ ନ ଥିବାରୁ ଏହାର ଉତ୍ତୋଳନ ନିମନ୍ତେ ସରକାରୀସ୍ତରରେ ଏବେ କୌଣସି ଯୋଜନା ନାହିଁ। ଏହି ଖଣି ଅଞ୍ଚଳରେ ୩୧୧.୦୭ କେଜି ସୁନା ଗଚ୍ଛିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ରାଜ୍ୟରେ ସୁନା ଖଣିଗୁଡ଼ିକ ଉତ୍ତୋଳନ କରି ଏକ ପ୍ରୋସେସିଂ ୟୁନିଟ୍ ଖୋଲିବା ପାଇଁ ଏବେ ସରକାରଙ୍କ କୌଣସି ଯୋଜନା ନ ଥିବା ମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦୁଝର ଜିଲାର ମାଙ୍କଡ଼ଚୁଆ, ସଲେଇକଣା, ଡିମିରିମୁଣ୍ଡା ଅଞ୍ଚଳରେ ଓଡ଼ିଶା ଖଣି ନିଗମ ଦ୍ୱାରା ଜି-୪/ଜି-୩ସ୍ତରରେ ସୁନାଖଣି ଚିହ୍ନଟ ପାଇଁ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ମୟୂରଭଞ୍ଜ ଜିଲାର ଯଶିପୁର, ସୁରିଆଗୁଡ଼ା, ରୁଆଁସି, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ(ଧୁସୁରା ପାହାଡ଼) ଏବଂ ବାଦାମପାହାଡ଼ ଅଞ୍ଚଳରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ସୁନା ଖଣି ଅନ୍ୱେଷଣ ନିମନ୍ତେ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ଏସବୁ ଅଞ୍ଚଳ ବ୍ୟତୀତ ରାଜ୍ୟର ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲାର କେତେକ ସ୍ଥାନରେ ବିକ୍ଷିପ୍ତ ଭାବେ ସୁନା ଥିବାର ସୂଚନା ରହିଛି, ଯାହାର ସବିଶେଷ ଅନୁସନ୍ଧାନ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



# ଆଶାର କିରଣ



ଆନ୍ନା ହୁସର୍ସ୍କା

୨୦୨୩ରେ ଆଫଗାନିସ୍ତାନରେ ମିଳିତ ଜାତିସଂଘର ତିନୋଟି ଏଜେନ୍ସି ଦ୍ୱାରା ଏକ ସର୍ଭେ କରାଯାଇଥିଲା। ଏଥିରେ ଏକ ଭୟଙ୍କର ବାସ୍ତବତା ସାମ୍ନାକୁ ଆସିଥିଲା। ଆଫଗାନିସ୍ତାନର ମହିଳାଙ୍କ ମଧ୍ୟରୁ ପ୍ରାୟ ଏକପଞ୍ଚମାଂଶ ୩ମାସ ମଧ୍ୟରେ ସେମାନଙ୍କ ପରିବାରର ସଦସ୍ୟଙ୍କ ବ୍ୟତୀତ ବାହାରେ କାହା ସହ କଥାବାର୍ତ୍ତା କରି ନ ଥିବା ଜଣାପଡ଼ିଥିଲା। ଏହି ଉଦ୍‌ବେଗଜନକ ପରିସଂଖ୍ୟାନ ଆଫଗାନିସ୍ତାନରେ ମହିଳାଙ୍କୁ ଅଲଗା କରି ରଖାଯାଇଥିବା ଭଳି ଗମ୍ଭୀର ସ୍ଥିତିକୁ ଦର୍ଶାଏ। ମହିଳାଙ୍କ ମଧ୍ୟରୁ ଅନେକେ ନିଜ ଘରେ ଆବଦ୍ଧ ରହନ୍ତି। ବାଧ୍ୟତାମୂଳକ ଭାବେ ଅଲଗା କରି ରଖାଯିବା ଦ୍ୱାରା ସାରା ଦେଶରେ ବାଳିକା ଏବଂ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇଛି। ସେହି ସମାନ ସର୍ଭେରେ, ୪ଜଣ ମହିଳାଙ୍କ ମଧ୍ୟରୁ ୩ ଜଣ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ କିମ୍ବା ବହୁତ ଖରାପ ଥିବା କହିଥିଲେ। ଝିଅମାନେ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ପାଇପାରୁନାହାନ୍ତି ଏବଂ ସେମାନଙ୍କ ପାଇଁ ସୀମିତ ରୋଜଗାର ସୁଯୋଗ ଥିବାରୁ ବାଧ୍ୟତାମୂଳକ ବାଲ୍ୟବିବାହ, ଶିଶୁ ଶ୍ରମିକ ଏବଂ ଘରୋଇ ହିଂସା ବୃଦ୍ଧି ପାଇଛି। ଏହାସହ ମହିଳାମାନେ ଦେଶ ଛାଡ଼ି ପଳାୟନ କରିବାକୁ ଚାହୁଁଥିବାରୁ ବେଆଇନ ଦେଶାନ୍ତର ବଢ଼ିବାରେ ଲାଗିଛି।

ତେବେ ନିକଟରେ ପ୍ରକାଶିତ ହ୍ୟୁମାନ ରାଇଟ୍ସ ୱାଚ୍ ରିପୋର୍ଟରୁ ଜଣାପଡ଼ିଛି ଯେ ମହିଳାମାନଙ୍କର ସ୍ୱାଧୀନତା ତଥା ନିଯୁକ୍ତି ଉପରେ ତାଲିବାନ୍ ଲଗାଇଥିବା ପ୍ରତିବନ୍ଧକ ମହିଳା ଓ ବାଳିକାମାନଙ୍କୁ ସ୍ୱାସ୍ଥ୍ୟସେବା ପାଇବାରେ ବାଧା ସୃଷ୍ଟି କରିଛି। ତାଲିବାନ୍ ମହିଳା ଶିକ୍ଷା ଉପରେ ନିଷେଧାଦେଶ ଜାରି କରିଛି, ଯାହା ଆଗାମୀ ପିଢ଼ିର ମହିଳା ସ୍ୱାସ୍ଥ୍ୟସେବା କର୍ମୀଙ୍କ ପ୍ରାୟ ସବୁ ପ୍ରକାର ପ୍ରଶିକ୍ଷଣକୁ ବନ୍ଦ କରିଦେଇଛି। ପରିଣାମ ସ୍ୱରୂପ, ଆଫଗାନ ଝିଅମାନଙ୍କର ଏକ ପୂରା ପିଢ଼ି ବିନା ବୃତ୍ତିଗତ ଯୋଗ୍ୟତା କିମ୍ବା ଦରକାରୀ କୌଶଳରେ ବୟସ୍କ ବର୍ଗରେ ପଦାର୍ପଣ କରିବାକୁ ଯାଉଛନ୍ତି। ଜାନୁଆରୀ ୨୦୨୩ରେ ଜାତିସଂଘ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ଆଫଗାନିସ୍ତାନର ୯୦ ପ୍ରତିଶତ ମହିଳାଙ୍କର ସେମାନଙ୍କ ପରିବାରରେ ଭଲ କିମ୍ବା ସମ୍ପୂର୍ଣ୍ଣ ପ୍ରଭାବ ଥିବା ଜଣାଇଥିଲେ। ସେହି ବର୍ଷ ନଭେମ୍ବର ସୁଦ୍ଧା ଏହି ପ୍ରତିଶତ ୩୯କୁ ଖସି ଆସିଥିଲା, ଯାହା ମହିଳାମାନଙ୍କ ପ୍ରଭାବ ଓ ଆତ୍ମସମ୍ମାନର ଅତ୍ୟଧିକ କ୍ଷୁଣ୍ଣ ସ୍ଥିତିକୁ ପ୍ରତିଫଳିତ କରୁଛି।



ଆଫଗାନ ଝିଅ ଓ ମହିଳାମାନଙ୍କୁ ସଙ୍ଗଠନ, ଶିକ୍ଷା ଏବଂ ରୋଜଗାରର ଅଧିକାରରୁ ବଞ୍ଚିତ କରାଯାଇଥିଲେ ମଧ୍ୟ ସେଠାରେ ଅନେକ ଉତ୍ସାହଜନକ ବିକାଶ ଘଟିଛି। ବର୍ଷେ କିମ୍ବା ୨ ବର୍ଷ ମଧ୍ୟରେ କାବୁଲ ଏବଂ ସମଗ୍ର ଦେଶରେ କମ୍ୟୁନିଟି ଗ୍ରୁପ୍‌ଗୁଡ଼ିକ ବାଣିଜ୍ୟ ମେଳା ସବୁ ଆୟୋଜନ କରିଛନ୍ତି, ଯେଉଁଠାରେ ମହିଳାମାନେ ଉଭୟ ପୁରୁଷ ଏବଂ ମହିଳା ପରିଦର୍ଶକଙ୍କ ପାଇଁ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ସବୁଆଡ଼େ ଆୟୋଜିତ ସମାନ ପ୍ରକାର କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିବା ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀଠାରୁ ଏହି ମେଳାଗୁଡ଼ିକ ଅଧିକ କିଛି ପ୍ରଦର୍ଶିତ କରିଥାନ୍ତି। ମହିଳାଙ୍କ ମାଲିକାନାରେ ଚାଲୁଥିବା କ୍ଷୁଦ୍ର ବ୍ୟବସାୟ ଏବଂ କର୍ମଶାଳାରୁ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ମଧ୍ୟ ପ୍ରଦର୍ଶନ କରାଯାଇଥାଏ। କାବୁଲରେ ବହୁ ସଂଖ୍ୟାରେ ମହିଳା ନେତୃତ୍ୱାଧୀନ ଇ-ବାଣିଜ୍ୟ ସୁବିଧା ମହିଳାମାନଙ୍କୁ ସେମାନଙ୍କର ସାମଗ୍ରୀକୁ ଅନ୍‌ଲାଇନରେ ବିକ୍ରି କରିବାରେ ସକ୍ଷମ କରାଇବା ସହ ସେମାନଙ୍କ ଆର୍ଥିକ ବିକାଶରେ ସହାୟକ ହେଉଛି। ଏଭଳି ଆଶାର କିରଣ ଅନ୍ୟ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିପାରିବ। ବ୍ରେଡ୍ ଫର୍ ଓମେନ୍ ପ୍ରୋଜେକ୍ଟ ଏହାର ଏକ ବଳିଷ୍ଠ ଦୃଷ୍ଟାନ୍ତ। ଆଫଗାନିସ୍ତାନରେ କାର୍ଯ୍ୟରତ ଅଳ୍ପ କେତେକ ଅନ୍ତର୍ଜାତୀୟ ସଙ୍ଗଠନ ମଧ୍ୟରୁ ଇଟାଲୀର ଏନ୍‌ଜିଓ ନୋଭେ ନେତୃତ୍ୱରେ ଏହି ପ୍ରୋଜେକ୍ଟ ପରିଚାଳିତ ହେଉଛି। ଏହା କାବୁଲର ପାରିପାର୍ଶ୍ୱିକ ଅଞ୍ଚଳରେ ପାରମ୍ପରିକ ଭାବେ ମହିଳାଙ୍କ ମାଲିକାନାରେ ଚାଲୁଥିବା ବେକେରିଗୁଡ଼ିକୁ ପୁନରୁଦ୍ଧାରକରି କ୍ଷୁଧା ଏବଂ ଭୟଙ୍କର ଦାରିଦ୍ର୍ୟର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି।

୨୦୧୩ ମସିହାରୁ ନୋଭେ ଆଫଗାନିସ୍ତାନର ଜଟିଳ ରାଜନୈତିକ ଦୃଶ୍ୟପଟକୁ ନିୟନ୍ତ୍ରିତ କରୁଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ମହିଳା-ମାଲିକାନାରେ ଥିବା ବେକେରିଗୁଡ଼ିକର ପୁନରୁଦ୍ଧାର ଓ ନିର୍ମାଣ ଲାଗି ବୈଷୟିକ ତଥା ଆର୍ଥିକ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲା। ତନ୍ଦୁର ଓଭେନ କିଣିବାରେ ସାହାଯ୍ୟ କରିବା ସହ ବିଜ୍‌ନେସ୍ ପରିଚାଳନା ଏବଂ ଆକାଉଣ୍ଟିଂରେ ମୌଳିକ ତାଲିମ ପ୍ରଦାନ ଉପରେ ଏହା ଧ୍ୟାନ ଦେଇଥିଲା। ବର୍ତ୍ତମାନ ଏହି ସଙ୍ଗଠନ ତିନୋଟି ବେକେରିକୁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଅଟା, ଗ୍ୟାସ୍ ଏବଂ ଜାଳେଣି କାଠ ଯୋଗାଇଦେଉଛି। ପ୍ରତ୍ୟେକ ବେକେରିରେ ୩ଜଣ ମହିଳା ନିୟୋଜିତ ହୋଇଛନ୍ତି ଓ ସେମାନଙ୍କୁ ମାସିକ ବେତନ ପ୍ରଦାନ କରାଯାଉଛି। ଜଣେ ବେକର, ଜଣେ ଆସିଷ୍ଟାଣ୍ଟ ଏବଂ ଜଣେ ତୃତୀୟ କର୍ମଚାରୀ ରହିଛନ୍ତି। ସେମାନଙ୍କର ଦାୟିତ୍ୱ ହେଉଛି ନିର୍ଦ୍ଧାରିତ ସଂଖ୍ୟକ ନାନ୍ ଗରିବ ମହିଳାମାନଙ୍କୁ ପ୍ରତିଦିନ ବଣ୍ଟନ କରିବା। ଗରିବ ମହିଳାମାନେ ତାହା ନେଇଛନ୍ତି କି ନାହିଁ ନିଶ୍ଚିତ କରିବାକୁ ସେମାନଙ୍କଠାରୁ ଟିପଚିହ୍ନ (ଯେହେତୁ ଅନେକ ନିରକ୍ଷର) ଏହି କର୍ମଚାରୀମାନେ ନେଇଥାନ୍ତି।

ଏ ପର୍ଯ୍ୟନ୍ତ କେବଳ ତିନୋଟି ବେକେରିର ପୁନରୁଦ୍ଧାର କରାଯାଇଛି। ଏବେ ସେସବୁ ଖାଦ୍ୟ ପ୍ରାପ୍ତି ସ୍ଥାନ ନୁହେଁ ବରଂ ଏହାଠାରୁ ଅଧିକ କିଛି ମହତ୍ତ୍ୱ ବହନ କରୁଛି। ବେକେରିଗୁଡ଼ିକ ସାମାଜିକ କେନ୍ଦ୍ର ପାଲଟିଛି, ଯେଉଁ ମହିଳାମାନେ ସେଗୁଡ଼ିକୁ ଦେଖିବାକୁ ଆସୁଛନ୍ତି ବାସ୍ତବରେ ସେମାନେ ଘରୁ ବାହାରିବା ଲାଗି ସୁଯୋଗ ପାଉଛନ୍ତି। ସେମାନେ ସାଥୀମାନଙ୍କୁ ଭେଟିବା, ଭାବ ଓ ଅଭିଜ୍ଞତା ବିନିମୟ କରିବା ଏପରିକି ହସିବା ପାଇଁ ଏକ ସୁଯୋଗ ପାଉଛନ୍ତି। ଏହି ମହିଳାମାନଙ୍କ ମଧ୍ୟରୁ ଅନେକେ ଆଫଗାନିସ୍ତାନର ସବୁଠାରୁ ଦରିଦ୍ର ଏବଂ ଅସୁରକ୍ଷିତ ସମୁଦାୟରୁ ଆସିଛନ୍ତି। ସେମାନେ ପ୍ରାୟତଃ ସେମାନଙ୍କ ପରିବାରର ମୁଖ୍ୟ ରୋଜଗାରିଆ, କାରଣ ସେମାନେ ବିଧବା କିମ୍ବା ଭିନ୍ନକ୍ଷମ ସ୍ୱାମୀଙ୍କ ସହ ରୁହନ୍ତି। ସୀମିତ ରୋଜଗାର ସୁଯୋଗକୁ ଦୃଷ୍ଟିରେ ରଖି ସେମାନେ ପ୍ରତିଦିନ ୫ଟି ନାନ୍‌ର ଭାଉଚର ନେବାର ଅଧିକାର ପାଇଥାନ୍ତି। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦାନଠାରୁ ଯଥେଷ୍ଟ ଅଧିକ। ଯେଉଁମାନେ ନିଜର ଚକଟା ଅଟା ଆଣନ୍ତି ସେମାନଙ୍କୁ ଏହି ତିନିଟି ବେକେରି ପାରିଶ୍ରମିକ ଦେଇଥାନ୍ତି। ଏହି ବ୍ୟବସାୟ ଏ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇନାହିଁ, ତଥାପି ତିନୋଟି ବେକେରି ସେମାନଙ୍କର ଶିଳ୍ପକୁ ଆଗକୁ ବଢ଼ାଇବାକୁ ଦୃଢ଼ ନିଶ୍ଚିତ ଅଛନ୍ତି। ନୂତନ ସ୍କିଲ୍ ଏବଂ ଉଦ୍ୟୋଗୀ ମନୋଭାବକୁ ବ୍ୟବହାରକରି ଗରିବ ମହିଳାମାନଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କ ସମାଜକୁ ସହଯୋଗ କରୁଛନ୍ତି। ଦେଖିବାକୁ ଗଲେ ଏଭଳି ମହିଳାମାନେ ଆଫଗାନିସ୍ତାନର ବିଶାଳ ସାଗର ସମ ନିର୍ଯାତିତ ମହିଳାଙ୍କ ମଧ୍ୟରେ ଏକ ବୁନ୍ଦା ସଦୃଶ। ତଥାପି ମହିଳା ତଥା ବାଳିକାମାନଙ୍କ ପ୍ରତି ହେଉଥିବା ଅମାନୁଷିକ ବ୍ୟବହାର ହ୍ରାସକରିବା ଦିଗରେ ଏହିପରି ପ୍ରକଳ୍ପଗୁଡ଼ିକ କାର୍ଯ୍ୟରତ ଏବଂ ଏହା ସେମାନଙ୍କର ଏକ ପ୍ରତିବଦ୍ଧକାରୀ ପ୍ରାରମ୍ଭିକ ପଦକ୍ଷେପକୁ ପ୍ରତିପାଦିତ କରେ।

**ପୋଲାଣ୍ଡର ଜଣେ ସାମ୍ବାଦିକ ଏବଂ ରାଜନୈତିକ ସମୀକ୍ଷକ**

# ପ୍ରାକୃତିକ କୃଷି



ସୌରଜିତ ପ୍ରଧାନୀ

ନିକଟରେ ବିଶ୍ୱସ୍ତରୀୟ ପ୍ରମୁଖ ପତ୍ରିକା 'ଇକୋନୋମିଷ୍ଟ'ରେ 'ବିଶ୍ୱର ପରବର୍ତ୍ତୀ ଖାଦ୍ୟ ମହାଶକ୍ତି' ଶୀର୍ଷକରେ ପ୍ରକାଶିତ ଏକ ଲେଖାରେ ଭାରତୀୟ କୃଷି କ୍ଷେତ୍ରର ସମ୍ଭାବନା ଉପରେ ଆଲୋକପାତ କରାଯାଇଛି। ବିଶ୍ୱ ଖାଦ୍ୟ ମହାଶକ୍ତିର ମାନ୍ୟତା ପାଇବାକୁ ହେଲେ ଅଧିକ ଅମଳକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କେନ୍ଦ୍ର ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଭାରତରେ ଉତ୍ପାଦକତା ବୃଦ୍ଧି ପାଇଁ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ନ୍ୟାଶନାଲ ମିଶନ ଅନ ନାଚୁରାଲ ଫାର୍ମିଂ (ଏନ୍‌ଏମ୍‌ଏନ୍‌ଏଫ୍)ର ଅଂଶ ସ୍ୱରୂପ ପ୍ରାକୃତିକ ଚାଷ ବା ରାସାୟନିକ ମୁକ୍ତ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର ଯୋଜନା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଚାଷର ଉପକାରିତା ବିଷୟରେ କୃଷକମାନଙ୍କୁ ଶିକ୍ଷିତ କରିବା, ଯାହାଫଳରେ ସେମାନେ ଏହାକୁ ସ୍ୱେଚ୍ଛାକୃତ ଭାବେ ଗ୍ରହଣ କରିବେ। କେମିକାଲ ଆଧାରିତ ଚାଷରୁ ପ୍ରାକୃତିକ ଚାଷ ଆଡ଼େ ମୁହାଁଇବା ପାଇଁ ଚାଷୀଙ୍କୁ ଗ୍ରହଣୀୟ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ରହିଛି।

ପ୍ରାକୃତିକ କୃଷିରେ ରାସାୟନିକ ଓ କୀଟନାଶକ ପ୍ରୟୋଗ ହୁଏ ନାହିଁ। ଏହା ପାରମ୍ପରିକ ସ୍ୱଦେଶୀ ପଦ୍ଧତିକୁ ପ୍ରୋତ୍ସାହନ ଦେଉଛି, ଯାହା ମୁଖ୍ୟତଃ ବାୟୋମାସ ରିସାଇକ୍ଲିଂ, ଗୋବରର ବ୍ୟବହାର, ଜୈବିକ ଉପାୟରେ କୀଟପତଙ୍ଗ ନିୟନ୍ତ୍ରଣ କରିବା ସହ ସିନ୍ଥେଟିକ କେମିକାଲ ଇନ୍‌ପୁଟକୁ ବାଦ୍ ଦେବା ଉପରେ ଆଧାରିତ। ନ୍ୟୁଟ୍ରିଣ୍ଟ ସାଇକ୍ଲିଂରେ ଉନ୍ନତି ଆଣି ମାଟିରେ ଜୈବିକ ପଦାର୍ଥ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାକୃତିକ କୃଷିକୁ ସମର୍ଥନ କରିବାର ଉଦ୍ଦେଶ୍ୟ ହେଉଛି ଏହା କୃଷକମାନଙ୍କର ଆୟ ବୃଦ୍ଧି କରିବାର କ୍ଷମତା ରଖିଥାଏ। ଏହା ସହିତ ମାଟିର ଉର୍ବରତାକୁ ପୁନଃ ସ୍ଥାପନ କରିବା ଏବଂ ପରିବେଶର ସ୍ୱାସ୍ଥ୍ୟକୁ ବଜାୟ ରଖିବା ଭଳି ଅନେକ ଲାଭ ଦେଇଥାଏ। କିନ୍ତୁ ଏହାକୁ ଦୀର୍ଘମିଆଦୀ ଭାବେ କୃଷକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟାର' ଅଂଶବିଶେଷ ହେବା ଆବଶ୍ୟକ।

ରାସାୟନିକ କୃଷିରୁ ପ୍ରାକୃତିକ କୃଷିକୁ ପରିବର୍ତ୍ତନ କରିବା ପୂର୍ବରୁ ଏହାର ପୁଙ୍ଖାନୁପୁଙ୍ଖ ମୂଲ୍ୟାୟନ ଏବଂ ଅନୁଧ୍ୟାନ କରାଯିବା ଆବଶ୍ୟକ। କିଛି ବର୍ଷ ତଳେ ଶ୍ରୀଲଙ୍କା ଆର୍ଥିକ ସଙ୍କଟ ଦେଇ ଗତି କରିଥିଲା, ଯେତେବେଳେ ସେମାନେ ପ୍ରାକୃତିକ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସରକାର ସାର ଓ କେମିକାଲ ଆମଦାନୀ ଉପରେ କଟକଣା ଜାରି କରିଥିଲେ। ପ୍ରାକୃତିକ କୃଷି ପାଇଁ କୃଷକମାନେ ପ୍ରାକୃତିକ ସାର ପାଇପାରିନଥିଲେ। ଫଳରେ ଧାନ ଉତ୍ପାଦନରେ ଯଥେଷ୍ଟ ହ୍ରାସ ଘଟିଥିଲା ଏବଂ ଶ୍ରୀଲଙ୍କାର ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇଲା। ଖାଦ୍ୟ ସାମଗ୍ରୀର ବୃଦ୍ଧି, ମୁଦ୍ରାସ୍ଫୀତି ଇତ୍ୟାଦି ଶ୍ରୀଲଙ୍କାରେ ଏକ ଆର୍ଥିକ ବିଶୃଙ୍ଖଳା ସୃଷ୍ଟି କରିଥିଲା, ଯାହା ଶେଷରେ ସରକାରର ପତନର କାରଣ ହେଲା। ଭାରତରେ ବ୍ୟାପକ ପ୍ରାକୃତିକ କୃଷିକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ତଥାପି ରାସାୟନିକ ଚାଷରୁ ପ୍ରାକୃତିକ ଚାଷକୁ ପରିବର୍ତ୍ତନ କରିବା ନେଇ ବିଶେଷଜ୍ଞଙ୍କ ନିକଟରେ ଉପାୟ ରହିଛି। ପ୍ରାକୃତିକ କୃଷି ଉପରେ ପ୍ରୟୋଗ ଏକ ଦୀର୍ଘ ପ୍ରକ୍ରିୟା ହେବା ଉଚିତ। ଏହାକୁ ଦେଶବ୍ୟାପୀ ପ୍ରଚଳନ କରିବା ପୂର୍ବରୁ ତରବରିଆ ଭାବେ ପ୍ରୟୋଗ କରାଯିବା ଉଚିତ ନୁହେଁ। ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ମୃତ୍ତିକାର ଅଧ୍ୟୟନ କରିବା ଆବଶ୍ୟକ। ଅତୀତରେ ଏକାଧିକ ସଂସ୍ଥା ଭାରତରେ ପ୍ରାକୃତିକ କୃଷି ଉପରେ ଅଧ୍ୟୟନ କରିଛନ୍ତି। ସେମାନଙ୍କ ଅନୁସନ୍ଧାନ ବିପରୀତ ହୋଇଛି, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

ଭାରତ ଭଳି ଜନବହୁଳ ଦେଶରେ ହଠାତ୍ ପ୍ରାକୃତିକ କୃଷିକୁ ଆପଣେଇବା ଏକ ସଫଳ ମଡେଲ ହୋଇ ନ ପାରେ। ପ୍ରଥମେ ସ୍ଥାନୀୟ ସ୍ତରରେ ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଯଦି ଭାରତ ପ୍ରାକୃତିକ ଚାଷକୁ ଆପଣାଇବ, ତା'ହେଲେ ମାତ୍ର ଏକ ତୃତୀୟାଂଶ ଲୋକ ନିଜର ଖାଦ୍ୟ ଆବଶ୍ୟକତା ପୂରଣ କରିପାରିବେ। ଗହମ ଓ ଚାଉଳ ହେଉଛି ମୁଖ୍ୟ ଖାଦ୍ୟ। ପ୍ରାକୃତିକ କୃଷି ମାଧ୍ୟମରେ ଏଗୁଡ଼ିକର ଅମଳ କମ ହେବ। ପ୍ରଥମେ ପ୍ରାକୃତିକ ଚାଷ ମାଧ୍ୟମରେ ପରିପୂରକ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇପାରେ ଏବଂ ସେଗୁଡ଼ିକ ଅମଳକୁ ବିଶ୍ଳେଷଣ ଓ ଅନୁଶୀଳନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ସ୍ତରରେ ପରୀକ୍ଷାମୂଳକ ଭାବେ ପ୍ରଥମେ ପଦକ୍ଷେପ ନିଆଯିବା ଆବଶ୍ୟକ। ପରେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ବିଶ୍ୱ କବି ରବୀନ୍ଦ୍ରନାଥ ଟାଗୋରଙ୍କ ବିଚାରଧାରାକୁ ଆଧାର କରି ପଶ୍ଚିମବଙ୍ଗ ମୁର୍ଶିଦାବାଦର ବାଗଡାବ୍ର ଜଙ୍ଗଲ ଏରିଆରେ ଗଛ ତଳେ ଏକ ସ୍କୁଲ ଚାଲିଛି। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶାନ୍ତି ନିକେତନର ପୂର୍ବତନ ଛାତ୍ର ଅଂଶୁମାନ ଠାକୁର। ସେ ଏବେ ମୁର୍ଶିଦାବାଦ ଫାରାକ୍କାସ୍ଥିତ ପ୍ରଫେସର ସୟିଦ ନୁରୁଲ ହାସନ କଲେଜରେ ବଙ୍ଗଳା ସାହିତ୍ୟର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିବା ସହ ତା' ମଧ୍ୟରୁ ସମୟ ବାହାର କରି ସ୍କୁଲ ପରିଚାଳନା କରୁଛନ୍ତି। ପିଲାମାନେ ସରକାରୀ ପାଠ୍ୟକ୍ରମ ସହ ପ୍ରକୃତି, ସଂସ୍କୃତି ଓ ଏଣ୍ଟରପ୍ରିନ୍ୟୁରଶିପ ସମ୍ପର୍କରେ ପଢ଼ୁଛନ୍ତି। ପ୍ରଥମେ ୨୦୨୧ରେ ଏହି ସ୍କୁଲ ୫ ଜଣ ପିଲାଙ୍କୁ ନେଇ ଆରମ୍ଭ କରାଯାଇଥିଲା, ଯେଉଁମାନେ କୋଭିଡ୍ ସମୟରେ ଅଧାରୁ ପାଠ ଛାଡ଼ି ଦେଇଥିଲେ। ସ୍କୁଲ ଆରମ୍ଭ ହେବାର ସପ୍ତାହକ ମଧ୍ୟରେ ପିଲା ସଂଖ୍ୟା ୨୦ରେ ପହଞ୍ଚିଥିଲା ଏବଂ ଏବେ ଏହା ୧୦୫ରେ ପହଞ୍ଚିଛି। ସ୍କୁଲରେ ୭ ଜଣ ଶିକ୍ଷକ ମଧ୍ୟ ରହିଛନ୍ତି। ଗଛମୂଳେ ଚାଲୁଥିବା ଏହି ସ୍କୁଲର ନାଁ ହେଉଛି 'ଅନିର୍ବାଣ ଗଛେର୍ ଇସ୍କୁଲ'। ବିଶେଷକରି ନିମ୍ବ ଓ ଆମ୍ବ ଗଛ ମୂଳରେ ପିଲାଙ୍କୁ ପଢ଼ାଯାଉଛି। ପିଲାମାନେ ସକାଳ ୬ଟାରେ ସ୍କୁଲ ଯାଉଛନ୍ତି ଓ ସେଠାରେ ସମସ୍ତଙ୍କୁ ଜଳଖିଆ ମଧ୍ୟ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୩ ଅଗଷ୍ଟ ୧୯୭୫**

- ମାସିକ ୫୦୦ରୁ ୧୦୦୦ ଟଙ୍କା ଦରମା ପାଉଥିବା କର୍ମଚାରୀଙ୍କୁ କର୍ମଚାରୀ ରାଷ୍ଟ୍ରୀୟ ବୀମାର ଅନ୍ତର୍ଭୁକ୍ତ କରିବା ପାଇଁ ବୀମା ଆଇନକୁ ସଂଶୋଧନ କରାଯାଇଛି।
- ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଭାରତୀୟ ରେଲ୍‌ୱେକୁ ୧୧ କୋଟି ଡଲାର ଋଣ ମଞ୍ଜୁର କରିଛି।
- ବାଂଲାଦେଶରେ ଘଟିଥିବା ସାମରିକ ବିଦ୍ରୋହରେ ଶେଖ ମୁଜିବର ରହମାନଙ୍କ ପତ୍ନୀ, ୩ ପୁତ୍ର, ୨ ପୁତ୍ରବଧୂଙ୍କ ସମେତ ୧୮ ଜଣ ଆତ୍ମୀୟଙ୍କୁ ହତ୍ୟା କରାଯାଇଥିବା ନେଇ କଲମ୍ବିଆ ବେତାର ବ୍ୟବସ୍ଥାର ପ୍ରତିନିଧି ରିଚାର୍ଡ ଥ୍ରେଲକେଲ୍ଡ ପ୍ରକାଶ କରିଛନ୍ତି।

# ଆମ ବସ୍ ଓ ମାନବୀୟ ଗୁଣ



ଡ. ମାନିନୀ ବିଶ୍ୱାଳ

ପାଠକମାନେ ନିଶ୍ଚିତ ଭାବେ ଶୀର୍ଷକଟିକୁ ପଢ଼ି ଆଶ୍ଚର୍ଯ୍ୟଚକିତ ହେବେ। ମନେମନେ ଭାବିବେ 'ଆମ ବସ୍' ସହ ମାନବୀୟଗୁଣର ପୁଣି କି ସମ୍ପର୍କ ରହିଛି ? ଆଜ୍ଞା ରହିଛି, ନିଶ୍ଚିତ ରୂପେ ଏକ ନିବିଡ଼ ସମ୍ପର୍କ। ଆମ ଘର, ଆମ ପରିବାର, ଆମ ଗାଁ, ଆମ ରାଜ୍ୟ, ଆମ ଦେଶ କହିଲାବେଳେ ସମସ୍ତଙ୍କର ମନରେ ଏମାନଙ୍କ ପ୍ରତି ଆତ୍ମୀୟତା ଭାବ ଚାଲିଆସେ। ଏମାନଙ୍କ ବିରୋଧରେ କେତେବେଳେ କେହି କିଛି କହିଲେ ମନରେ କ୍ରୋଧ ଭାବ ଚାଲିଆସେ। ଆପଣାପଣ, ମମତ୍ୱବୋଧ ଏ ସବୁ କଥା ବିଚାର କଲାବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲୁଥିବା ଆମ ବସ୍ (ପୂର୍ବରୁ ଯାହା ମୋ ବସ୍ ଥିଲା) କଥା ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ମନରେ ଆଲୋଡନ ସୃଷ୍ଟି କରେ।

ଓଡ଼ିଶା ସରକାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ବସ୍‌ର ପରିକଳ୍ପନା କଲେ। କୌଣସି ନା କୌଣସି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଆମ ବସ୍' ନାମକରଣର ପରିକଳ୍ପନା ଏବଂ ଯୋଜନା କାର୍ଯ୍ୟକାରୀ ହେଲା। ନିଃସନ୍ଦେହରେ କୁହାଯାଇପାରେ ଯେ ନିୟମିତ ରୂପେ ଯାତାୟାତ କରୁଥିବା ଶତାଧିକ ଲୋକ ଏଥିପାଇଁ ଲାଭାନ୍ୱିତ ହେଉଛନ୍ତି। ମୁଁ ମଧ୍ୟ ସେହି ଲୋକଙ୍କ ଭିତରୁ ଜଣେ। ମୁଁ ଗୋଟିଏ ସରକାରୀ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବାରୁ ସରକାରୀ ଛୁଟି ଏବଂ ରବିବାର ବ୍ୟତୀତ ପ୍ରତ୍ୟେକ ଦିନ 'ଆମ ବସ୍' ର ସହାୟତାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଏ। ଏଠି କହିରଖିବାକୁ ଚାହେଁ ଯେ 'ଆମ ବସ୍' କେବଳ ମାତ୍ର ଗୋଟିଏ ସାଧାରଣ ଯାନ ନୁହେଁ ବରଂ ଏହା ଏକ ମିନି ରାଜ୍ୟ। ଏହା କହିବା ମୂଳରେ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି। ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ବିଭିନ୍ନ ଚିନ୍ତାଧାରାର ତଥା ନକାରାତ୍ମକ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀର ଲୋକ ଏଥିରେ ଯିବା ଆସିବା କରିଥାନ୍ତି। କହିବାର ଅଭିପ୍ରାୟ ହେଉଛି ସରକାର ଯେଉଁ ଉଦ୍ଦେଶ୍ୟ ବା ଦୃଷ୍ଟିଭଙ୍ଗୀକୁ ନେଇ 'ଆମ ବସ୍' ନାମର ପରିକଳ୍ପନା କଲେ ତାହା ସଫଳ ହୋଇପାରିନି। ଏଥିରେ ଯିବାଆସିବା କରୁଥିବା ଅନେକ ମୁଷ୍ଟିମେୟ ତଥା ସ୍ୱାର୍ଥପର ଲୋକଙ୍କ ନିକଟରେ ଦୟା, ମାୟା, କରୁଣା, ସହାନୁଭୂତି ଆଦି ମାନବୀୟ ଗୁଣ ନିଶ୍ଚିହ୍ନ ପ୍ରାୟ। ସେମାନେ ବସ୍‌ରେ ଚଢ଼ିଲାପରେ ସିଟ୍‌ଟିଏ ପାଇଁ ପାଗଳ। ପ୍ରକୃତରେ ଦେଖିବାକୁ ଗଲେ ସିଟ୍‌ଟିଏ ପାଇଁ କିଏ ବା ଲାଳାୟିତ ନୁହେଁ? କିନ୍ତୁ ତା' ବୋଲି ଯେ ସହାନୁଭୂତି ଛାଡି ସାଧାରଣ ସିଟ୍‌ଟିଏ ପାଇଁ ସେମାନଙ୍କୁ ଦେଖାଯାଏନି ବରିଷ୍ଠ ନାଗରିକ ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ। ବସ୍‌ରେ ସ୍ପଷ୍ଟ ଭାବେ ଲେଖାଯାଇଥିବା ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ ପାଇଁ ମଧ୍ୟ ବାକ୍‌ବିତଣ୍ଡା।

ପରିତାପର ବିଷୟ, ବରିଷ୍ଠ ନାଗରିକ ବା ଅସୁସ୍ଥ ଜନତା ଗହଳି ଭିତରେ ଠିଆ ହୋଇଥିଲା ବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ଗୁଡ଼ିକୁ ଯୁବକମାନେ ନିଃସଙ୍କୋଚରେ ଅକ୍ତିଆର କରିଥାନ୍ତି ଏବଂ ଲଜ୍ଜାହୀନ ଭାବେ କଣ୍ଡକ୍ଟର ସହ ଅଯୌକ୍ତିକ କଥା କହି ପରିବେଶକୁ ଅଶାନ୍ତ କରିଦିଅନ୍ତି। ଏଭଳି ବାତାବରଣ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ସେଠି ପାତ୍ରୀପାତ୍ରଙ୍କର ବୟସ, ଛୋଟ, ବଡ ଆଦି କିଛିର କାଣ୍ଡଜ୍ଞାନ ରହେନି । ତେଣୁ 'ଆମ ବସ୍' ମୋର ବସ୍ ନୁହେଁ ଏହା ପରର ବସ୍। ଏଠି ନିଜର ଲୋକ କେହି ନ ଥାନ୍ତି ବରଂ ସମସ୍ତେ ପର। ଏଠି ଆତ୍ମୀୟତା ଭାବ କିମ୍ବା ଆପଣାପଣ ଭାବ ଆସିବ ବା କେଉଁଠୁ? ଅଯୌକ୍ତିକ ବା ଭିତ୍ତିହୀନ କଥାରେ ଯୁକ୍ତିକରି ଅନ୍ୟର ଅପମାନ କରୁଥିବା ଲୋକ ନିଜେ ଯେ ନିଜର ଅଜାଣତରେ କେତେ ତଳକୁ ଖସିଯାଇଥାଏ, ତାକୁ ଜଣାପଡେନି। କିନ୍ତୁ ଅଲକ୍ଷ୍ୟରେ ସେ ନିଜର ଅମଣିଷପଣିଆର ପ୍ରମାଣ ସମସ୍ତଙ୍କ ନିକଟରେ ଛାଡିଯାଇଥାଏ। ଯଦି ତା'ର ଅବିମୃଶ୍ୟକାରିତା ବିଷୟରେ କେହି ସହୃଦୟ ବ୍ୟକ୍ତି କିଛି କହନ୍ତି, ସେଠି ସେ ନିଜକୁ ଅପରାଜେୟ ବା ନିର୍ଦ୍ଦୋଷ ସାବ୍ୟସ୍ତ କରି ଅତ୍ୟନ୍ତ ଚତୁରତାର ସହିତ ନିଜର ପାରିବାପଣିଆର ବାହୁସ୍ଫୋଟ ମାରନ୍ତି। ବିଶେଷ ରୂପେ ନିଜକୁ ଆଧୁନିକା ଭାବୁଥିବା କେତେଜଣ ଯୁବତୀ 'ନାରୀ' ସଶକ୍ତୀକରଣର ଅର୍ଥକୁ କଦର୍ଥ କରି ଏପରି ସଶକ୍ତବାକ୍ ପ୍ରହାର କରନ୍ତି ଯେ ଶୁଣୁଥିବା ବ୍ୟକ୍ତି ଚୁପ୍ ନ ରହି ଆଉ କିଛି କହିବା ପାଇଁ ସାହସ କରେନି। ସେଥିପାଇଁ ଯୋଜନାକୁ ସରକାରଙ୍କର ଦୋଷତ୍ରୁଟି ବୋଲିବା ଅପେକ୍ଷା ନିଜର ଦୋଷ ଦୁର୍ବଳତା ପ୍ରତି ଦୃଷ୍ଟି ଦେବା ତତ୍ ସହିତ ସଂଶୋଧନ କରିବା ଆବଶ୍ୟକ।




ଗୋଟିଏ ଦେଶ ବା ଜାତିକୁ ସର୍ବଶ୍ରେଷ୍ଠ ଏବଂ ତାଙ୍କର ଜାତୀୟ ଚରିତ୍ର ମହାନ୍ ବୋଲି ସେତେବେଳେ କୁହାଯିବ, ଯେତେବେଳେ ସେହି ଦେଶର ନାଗରିକ ନିଜର ଅଧିକାରଠାରୁ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହୋଇଥିବେ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଯୋଜନା ସରକାର ପ୍ରଣୟନ କରୁଛନ୍ତି, କିନ୍ତୁ ସାଧାରଣ ନାଗରିକ ନିଜର ଅପରିଣାମଦର୍ଶିତା ଏବଂ ଅପରିପକ୍ୱତା ଦୃଷ୍ଟିରୁ ସେସବୁ ଯୋଜନାକୁ ଫଳପ୍ରଦ କରିବା ପୂର୍ବରୁ ଭଣ୍ଡୁର କରିଦେଉଛନ୍ତି। ଜଣା ପଡୁଛି , ଆମେ ଜାତୀୟ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନ ଉପରେ ବେଶି ଦୃଷ୍ଟିକେନ୍ଦ୍ରିତ କରୁଛୁ। ଆମର ଜାତୀୟ ଚରିତ୍ର ଖୁବ୍ ନିମ୍ନସ୍ତରର ବୋଲି ଅନ୍ୟ ରାଜ୍ୟ ଓ ଦେଶ ନିକଟରେ ଅଲକ୍ଷ୍ୟରେ ପ୍ରମାଣ ଛାଡି ଦେଉଛୁ।

ଆମେ ନିଜ ଦୋଷ ଦୁର୍ବଳତାକୁ ଆଢୁଆଳରେ ରଖି ଅନ୍ୟକୁ ଦୋଷୀସାବ୍ୟସ୍ତ କରିବାକୁ ଭଲ ପାଉ। ନିଜର କର୍ତ୍ତବ୍ୟକୁ ଭୁଲିଯାଇ ପ୍ରତ୍ୟେକଙ୍କର କର୍ତ୍ତବ୍ୟକୁ ସ୍ମରଣ କରାଇ ଦେଉ। 'ସମସ୍ତେ ଖରାପ' ଆଉ ମୁଁ ଗୋଟାପଣେ ଭଲ ଏ ବିଚାରଧାରା ଆମକୁ ଆମୂଳଚୂଳ ସଂକ୍ରମଣ କରି ରଖିଛି। ଯଦି ମହାତ୍ମା ଗାନ୍ଧୀ ଉକ୍ତି 'ଅନ୍ୟକୁ ଦୋଷ ଦେବା ପୂର୍ବରୁ ପ୍ରଥମେ ନିଜକୁ ସଂଶୋଧନ କର'କୁ ମନେପକାଇ କାମରେ ଲଗାଇବା ତା'ହେଲେ ସମାଜରେ ଏତେ ଅଶାନ୍ତି ଅସନ୍ତୋଷ ବା ହିଂସା ଦେଖାଯିବ ନାହିଁ।

ମଣିଷ ଅନେକ ସମୟରେ ଅମଣିଷ ଭଳି କାମ କରେ। ମନେ ରଖିବାକୁ ହେବ ଯେ,ନିଜର ମାନବୀୟ ଗୁଣ ଦ୍ୱାରା ଅନ୍ୟକୁ ସାହାଯ୍ୟ କରିପାରିଲେ ସେ ନିଜର ଶ୍ରେଷ୍ଠତ୍ୱ ଜାହିର କରିପାରିବ। ଜୀବନରେ କିଛି ପାଇବା ପୂର୍ବରୁ ଅନ୍ୟକୁ କିଛି ଦେଇ ଶିଖିବା ଉଚିତ। ସାହାଯ୍ୟ କରିବା ମନୋବୃତ୍ତି ଥିଲେ ଯେକୌଣସି ଉପାୟରେ ଆମେ ଅନ୍ୟକୁ ସହଯୋଗର ହସ୍ତ ସଂପ୍ରସାରଣ କରିପାରିବା। ତା'ହେଲେ ଯାଇ ମନୁଷ୍ୟ ଜୀବନ ସାର୍ଥକ ହୋଇପାରିବ। ଦୈନନ୍ଦିନ ଜୀବନରେ ଆମ ଦୃଷ୍ଟିରେ ବହୁ ଦୁଃଖୀ, ଅଭାବୀ ବ୍ୟକ୍ତି ଦେଖାଯାନ୍ତି। ନିଜ ଦ୍ୱାରା ଯେତିକି ସମ୍ଭବ ସେତିକି ସାହାଯ୍ୟ କରିବା ଦରକାର ନ ହେଲେ ବିଶ୍ୱନିୟନ୍ତାଙ୍କ ସୃଷ୍ଟିରେ ସର୍ବଶ୍ରେଷ୍ଠ ଜୀବ ରୂପେ ପରିଗଣିତ ହେଉଥିବା ମଣିଷ ନିକୃଷ୍ଟ ଜୀବରୂପେ ପରିଗଣିତ ହେବ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ।

**ସହକାରୀ ପ୍ରାଧ୍ୟାପିକା, ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ, କଟକ**

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | | | 8 | 1 |
| | | 1 | 2 | | | 4 | | |
| 8 | | | | 1 | | | | |
| 9 | | 8 | 6 | | | | | |
| | | 2 | | | | 9 | | |
| 3 | | | | | | | 6 | 8 |
| | | | 7 | 9 | | 3 | | |
| | 5 | 6 | | | 3 | | | |
| | 3 | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 1 | 9 | 4 | 2 | 3 | 6 | 8 |
| 4 | 3 | 8 | 1 | 6 | 5 | 9 | 2 | 7 |
| 2 | 9 | 6 | 7 | 3 | 8 | 5 | 4 | 1 |
| 7 | 4 | 2 | 6 | 8 | 3 | 1 | 5 | 9 |
| 1 | 6 | 3 | 5 | 7 | 9 | 2 | 8 | 4 |
| 9 | 8 | 5 | 4 | 2 | 1 | 7 | 3 | 6 |
| 3 | 2 | 4 | 8 | 9 | 7 | 6 | 1 | 5 |
| 6 | 1 | 9 | 2 | 5 | 4 | 8 | 7 | 3 |
| 8 | 5 | 7 | 3 | 1 | 6 | 4 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିନାଶ ଆଡ଼କୁ ପୃଥିବୀ

ମହାଶୟ,

ଆଜିକାଲିର ପରିସ୍ଥିତିରେ ଆମ ପରିବେଶ ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ ତାହାର କଳ୍ପନା କରାଯାଇ ନ ପାରେ । କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୧୦୦ବର୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୫ ରୁ ୭୦ ବର୍ଷକୁ ଖସିଆସିଛି । ମଣିଷ ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳକାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର କାରଣ। ତେବେ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ନିଜକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ପରିବେଶ ପ୍ରତି ସଚେତନ ହେବା ଉଚିତ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ପଲିଥିନ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁ ପୃଥିବୀ ଧୀରେଧୀରେ ବିନାଶ ଆଡ଼କୁ ଗତି କରୁଛି । ଏଥିରୁ ରକ୍ଷା ପାଇବା ପାଇଁ ପ୍ଲାଷ୍ଟିକ ବ୍ୟବହାର କମ୍ କରିବା ଏବଂ ଅଧିକ ବୃକ୍ଷରୋପଣ କରିବା ଉଚିତ। ସରକାରୀ ବା ବେସରକାରୀ ସ୍ତରରେ ବୃକ୍ଷ ରୋପଣ କରିବା ସହିତ ବାୟୁପ୍ରଦୂଷଣ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବା ଦରକାର।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

## ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିପାଁ ପରାଣ-ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପିଉସୀଙ୍କୁ ହତ୍ୟା କରି ପୁତୁରା ଗିରଫ**

**ରାଇରଙ୍ଗପୁର,(ମାନସ ମହାନ୍ତି):** ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପୋଡ଼ା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାରୁ ଜଣେ ଯୁବକ ସମ୍ପର୍କୀୟ ପିଉସୀଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ରୁକ୍ମଣୀ ଗଡ଼ସରା। ଏନେଇ ପୋଲିସ ଏକ ମାମଲା(ନଂ.୧୧୧/୨୪) ରୁଜୁ କରି ଅଭିଯୁକ୍ତ ରେଙ୍ଗା ଗଡ଼ସରାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କୋଦାଳ ଜବତ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ତଦନ୍ତ ଜାରି ରଖିଛନ୍ତି।

# ରେଞ୍ଜରଙ୍କ ଫାର୍ମହାଉସ୍‌ରେ ମିନି ଚିଡ଼ିଆଖାନା

**ଢେଙ୍କାନାଳ/ଖୁଣ୍ଟୁଣୀ/ଭୁବନେଶ୍ୱର, ୨୨।୮ (ରତନ ନାୟାର/ ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟଜିତ୍ ରାଉତ)**

**୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ**


ବିଭୁଦାନନ୍ଦ ମିଶ୍ର


ବିଭୁଦାନନ୍ଦଙ୍କ ଢେଙ୍କାନାଳସ୍ଥିତ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

କୋଟିପତି ଜଙ୍ଗଲୀ ବାବୁଙ୍କ ଆଲିଶାନ୍ ବଙ୍ଗଳାରୁ ପୁଳାପୁଳା ଅଳଙ୍କାର ସହ ଟଏଲେଟ୍ ଫ୍ଲସ୍‌ରୁ ବାହାରିଲା ଲୁଚାଯାଇଥିବା ନୋଟ୍। କେବଳ ଏତିକି ନୁହେଁ, ଏକାଧିକ ଫ୍ଲାଟ ସମେତ ବିଳାସମୟ ଫାର୍ମ ହାଉସ୍‌ରେ ମିନି ଚିଡ଼ିଆଖାନାକୁ ଦେଖି ସମସ୍ତେ ଚକିତ। ଗୁରୁବାର ରାଜ୍ୟର ଜଣେ କୋଟିପତି ସରକାରୀ ବାବୁ ଭିଜିଲାନ୍ସ ସ୍କାନରକୁ ଆସିବା ପରେ ତାଙ୍କର ଏଭଳି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଏହି ବାବୁ ଜଣଙ୍କ ହେଲେ ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ବିଭୁଦାନନ୍ଦଙ୍କ ଘର ସମେତ ଢେଙ୍କାନାଳ, କଟକ ଓ ଭୁବନେଶ୍ୱରର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ କଟକ ଜିଲା ଆଠଗଡ଼ ବୀରକିଶୋରପୁରସ୍ଥିତ ପୈତୃକ ଘର, ଢେଙ୍କାନାଳସ୍ଥିତ ସରକାରୀ ବାସଭବନ, ଅଫିସ ଚାମ୍ବର, ଢେଙ୍କାନାଳରେ ଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୭ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

ଗୁରୁବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଢେଙ୍କାନାଳ ଟାଉନ ରତ୍ନବଜାରସ୍ଥିତ ୪ହଜାର ୬୦୫ ବର୍ଗଫୁଟରେ ଥିବା ବିଭୁଦାନନ୍ଦଙ୍କ ଏକ ଦୁଇ ମହଲା ବିଶିଷ୍ଟ କୋଠା ଠାବ ହୋଇଥିବାବେଳେ ଏଠାରେ ଥିବା ଟଏଲେଟ୍ ଫ୍ଲସ୍‌ରେ ଲୁଚାଯାଇଥିବା ଲକ୍ଷେ ଟଙ୍କାର ନୋଟ୍ ମିଳିଛି। ଏହାକୁ ମିଶାଇ ଘରୁ ମୋଟ ୫ଲକ୍ଷ ୧୫ ହଜାର ୮୪୦ ନଗଦ ଟଙ୍କା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀସ୍ଥିତ ବ୍ରିନ୍ଦା ବସେରା ଆପାର୍ଟମେଣ୍ଟରେ ଥିବା ଗୋଟିଏ ଫ୍ଲାଟ୍ (ନଂ.୨୦୧) ଓ ହାଇଦ୍ରାବାଦ ନାନକରାମଗୁଡ଼ାସ୍ଥିତ କୌଶଲ୍ୟା ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିଃରେ ଦୁଇଟି ଫ୍ଲାଟ୍ ଠାବ ହୋଇଛି। ଏଥିସହ କଟକ ଜିଲା ଆଠଗଡ଼ ଖୁଣ୍ଟୁଣୀସ୍ଥିତ ରାହାଙ୍ଗୁଳଠାରେ ୫ ଏକର ପରିମିତ ଜାଗାରେ ବିଭୁଦାନନ୍ଦଙ୍କ ଏକ ବିଳାସମୟ ଫାର୍ମ ହାଉସ ଠାବ ହୋଇଛି। ଏଥିରେ ଏକ ମିନି ଚିଡ଼ିଆଖାନା ରହିଛି। ପ୍ରାୟ ୨କୋଟି ଟଙ୍କାର ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇଛି। ସେଥିରେ କୁକୁଡ଼ା ଫାର୍ମ, ଚାରା ବିକ୍ରୟ କେନ୍ଦ୍ର (ହର୍ଟିକଲ୍‌ଚର ଫାର୍ମ) ଓ ଅତ୍ୟାଧୁନିକ ପାର୍କ ଆଦି ରହିଛି। ସେହିପରି ଭୁବନେଶ୍ୱର ଓ ଢେଙ୍କାନାଳର ମୁଖ୍ୟ ଅଞ୍ଚଳରେ ୮ଟି ପ୍ଲଟ୍ ଠାବ ହୋଇଛି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ପ୍ରାୟ ୧କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। କୋଠା, ପ୍ଲଟ୍, ଫାର୍ମ ହାଉସର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ବିଭୁଦାନନ୍ଦ ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଓ ଶେୟାର ମାର୍କେଟ୍‌ରେ ନିବେଶ କରିଥିବା ମୋଟ ୧.୫ କୋଟିକୁ ଭିଜିଲାନ୍ସ ଟିମ୍ ଠାବ କରିଛି। ଏଥିସହ ୫୫୭ ଗ୍ରାମର ସୁନା ଅଳଙ୍କାର, ଦୁଇଟି ହୀରା ନେକ୍‌ଲେସ୍ ସେଟ୍ ଓ ୫୦୦ ଗ୍ରାମ ରୁପା ଅଳଙ୍କାର, ଦୁଇଟି ଚାରି ଚକିଆ ଯାନ (ହ୍ୟୁଣ୍ଡାଇ କ୍ରେଟା ଓ କିଆ ସୋନେଟ୍) ଏବଂ ୬ଟି ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ତାରା ବିଭୁଦାନନ୍ଦଙ୍କୁ ଏହି ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ଗୁଡ଼େଇ ଗୁଡ଼େଇ ବହୁ ପ୍ରଶ୍ନ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ବାବୁଙ୍କ ବିଳାସମୟ ଜୀବନ


ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର। ବିଳାସମୟ ଜୀବନଯାପନ କରୁଥିଲେ। ଜଣେ ବନ ସଂରକ୍ଷକ ଅଧିକାରୀ ହୋଇଥିବାବେଳେ ବିରଳ ପଶୁପକ୍ଷୀ ଓ ମୂଲ୍ୟବାନ ବୃକ୍ଷର ସୁରକ୍ଷା ଦାୟିତ୍ୱ ତାଙ୍କର। ହେଲେ ବିଭୁଦାନନ୍ଦ ଜଙ୍ଗଲ ଆଇନକୁ ହାତ ମୁଠାରେ ଚାପି ରଖି କିପରି ସାମ୍ରାଜ୍ୟ ଗଢ଼ିଥିଲେ ତାହା ସମସ୍ତଙ୍କୁ ଚକିତ କରିଛି। ଭିଜିଲାନ୍ସ ଫାଶରେ ପଡ଼ିବା ପରେ ତାଙ୍କର ସବୁ ଗୁମର ପଦାକୁ ଆସିଛି।

### ଭୟରେ ଟଏଲେଟ୍ ଫ୍ଲସରେ ଲୁଚାଇଦେଲେ ଟଙ୍କା



ଗୁରୁବାର ଭୋର ୪ଟା ବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରିବା ଦେଖି ଢେଙ୍କନାଳସ୍ଥିତ ଘରେ ଥିବା ବିଭୁଦାନନ୍ଦ ଡରି ଯାଇଥିଲେ। ଘରେ ଥିବା ମୋଟା ବିଡ଼ାବିଡ଼ା ଟଙ୍କାକୁ ସେ କେଉଁଠି ଏକ ନିରାପଦ ଗୁପ୍ତ ସ୍ଥାନରେ ଲୁଚାଇ ଦେବାକୁ ଲାଗି ପଡ଼ିଥିଲେ। ଦୁଇ ବିଡ଼ା ୫୦୦ଟଙ୍କିଆ ନୋଟକୁ ସେ କୌଶଳ କ୍ରମେ ଟଏଲେଟ୍ ରୁମ୍‌କୁ ନେଇଯାଇଥିଲେ। ଟଏଲେଟ୍ ଫ୍ଲସ୍ ଟାଙ୍କି ଭିତରେ ଉକ୍ତ ଟଙ୍କା ବିଡ଼ାକୁ ପୂରାଇ ଦେଇଥିଲେ। ଏତିକିବେଳେ ଭିଜିଲାନ୍ସ ଅଧିକାରୀଙ୍କ ନଜର ପଡ଼ି ଯାଇଥିଲା। ଅଧିକାରୀମାନେ ବିଭୁଦାନନ୍ଦଙ୍କୁ ନେଇ ଟଏଲେଟ୍ ରୁମ୍‌କୁ ଯାଇ ଟାଙ୍କିରୁ ଟଙ୍କା କାଢ଼ିବାକୁ କହିଥିଲେ। ଏପରି କି କାହିଁକି ଏହି ଟଙ୍କା ପକାଇଦେଲେ ବୋଲି ବିଭୁଦାନନ୍ଦଙ୍କୁ ପ୍ରଶ୍ନ ପଚରାଯାଇଥିବାବେଳେ ସେ ଚୁପ୍ ରହିଥିଲେ। ପରେ ଲୁଚାଇଥିବା ନୋଟ୍ ବିଡ଼ାକୁ ଅକଳରେ ପଡ଼ି ବିଭୁଦାନନ୍ଦ ଫ୍ଲସ୍ ଟାଙ୍କିରୁ କାଢିଥିଲେ।

### ବନ ସଂରକ୍ଷଣ ଆଇନକୁ ହାତମୁଠାରେ ରଖିଥିଲେ

ବିଭୁଦାନନ୍ଦ ଜଣେ ବନାଞ୍ଚଳ ଅଧିକାରୀ ହୋଇ ମଧ୍ୟ ବନ ସଂରକ୍ଷଣ ଆଇନକୁ ହାତ ମୁଠାରେ ରଖିଥିଲେ। ଫାର୍ମରେ ଲାଗିଥିବା ବିଭିନ୍ନ ମୂଲ୍ୟବାନ ଗଛ ଆଦିକୁ ବେଆଇନ ଭାବେ ଲଗାଇଥିଲେ। ଏପରିକି ଫାର୍ମ ହାଉସ ଭିତରେ ଏକ ମିନି ଚିଡ଼ିଆଖାନା କରିଥିଲେ। କୁକୁଡ଼ା ଓ ବତକ ଚାଷ ସହ ମୟୂର, ଶୁଆ, ଠେକୁଆ ଆଦି ବିରଳ ନିରୀହ ପଶୁପକ୍ଷୀଙ୍କୁ ସେ ଫାର୍ମ ଭିତରେ ବନ୍ଦୀ କରି ରଖିଥିଲେ।



### ବିଳାସମୟ ଫାର୍ମହାଉସ ଭିତରେ ଆକର୍ଷଣୀୟ ପାର୍କ

ଜଙ୍ଗଲୀ ବାବୁ ବିଭୁଦାନନ୍ଦ ଅବସର ବିନୋଦନ ପାଇଁ ଫାର୍ମ ହାଉସରେ ଆକର୍ଷଣୀୟ ପାର୍କ ନିର୍ମାଣ କରିଥିଲେ। ଉକ୍ତ ପାର୍କର ମଝିରେ ମଝିରେ ରହିଛି ଭିୟୁ ପଏଣ୍ଟ। ଏଥିସହ ଥକ୍କାପଣ ମେଣ୍ଟାଇବାକୁ ଆକର୍ଷଣୀୟ ଦୋଳି, ପିଲାଙ୍କ ଖେଳିବା ପାଇଁ ବହୁ ଅତ୍ୟାଧୁନିକ ଉପକରଣ, ପ୍ରାତଃଭ୍ରମଣ ପାଇଁ ଚିକ୍କଣ ରାସ୍ତା, ବିଭିନ୍ନ ସ୍ଥାନରେ ମାର୍ବଲ ମୂର୍ତ୍ତି ଆଦି ରହିଛି। ତେବେ ବିଭୁଦାନନ୍ଦ ଏହି ଫାର୍ମ ହାଉସକୁ ଲଗାଇ ଜମି କିଣି ଏଠାରେ ଏକ ଫିଲ୍ମ ସିଟିର ପରିକଳ୍ପନା କରିଥିଲେ ବୋଲି କୁହାଯାଉଛି।

### ଶାଗୁଆନ କାଠରେ ସଜାଇଥିଲେ ଘର

ଢେଙ୍କାନାଳ ଟାଉନ ରତ୍ନବଜାରସ୍ଥିତ ୪ ହଜାର ୬୦୫ ବର୍ଗଫୁଟରେ ବିଭୁଦାନନ୍ଦ ଦୁଇ ମହଲା ବିଶିଷ୍ଟ ରାଜପ୍ରାସାଦ ଭଳି କୋଠା ନିର୍ମାଣ କରିଛନ୍ତି। ଏହି କୋଠା ଓ ଏହାର ସାଜସଜ୍ଜା କାମକୁ ଦେଖି ସ୍ଥାନୀୟ ଲୋକମାନେ ମୂଳରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜଣେ ବନାଞ୍ଚଳ ଅଧିକାରୀ ହୋଇଥିବାରୁ ଲୋକମାନେ ପାଟି ଫିଟାଉ ନ ଥିଲେ। ଏହି ଘରେ ନାମଫଳକଠୁ ଆରମ୍ଭ କରି ସବୁ ସାଜସଜ୍ଜା କାମକୁ ବିଭୁଦାନନ୍ଦ ଶାଗୁଆନ କାଠରେ ସଜାଇଥିଲେ। ବେଆଇନ ଭାବେ ଏହି କାଠକୁ ଜଙ୍ଗଲରୁ ସେ ଆଣିଥିଲେ ଚର୍ଚ୍ଚା ହେଉଛି।

### ବିପୁଳ ଅଳଙ୍କାର, ସୌଖୀନ ହାତ ଘଣ୍ଟା



ବିଭୁଦାନନ୍ଦ ହାତଘଣ୍ଟା ପିନ୍ଧିବା ପାଇଁ ବେଶ୍ ସଉକ ରଖିଥିଲେ। ସେଥିପାଇଁ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ସେ ହାତଘଣ୍ଟା କିଣି ରଖିଥିଲେ। ଏଥିସହ ସ୍ତ୍ରୀଙ୍କ ପାଇଁ କରିଥିଲେ ଦୁଇଟି ବହୁମୂଲ୍ୟ ହୀରା ହାର। କେବଳ ଏତିକି ନୁହେଁ ବିଭିନ୍ନ ଆକର୍ଷଣୀୟ ସୁନା ଓ ରୁପା ଅଳଙ୍କାର ତାଙ୍କ ଘରୁ ଠାବ ହୋଇଛି, ଯାହା ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି।

# ଢାକାରୁ ସ୍ମାର୍ଟ ସୁଇଚ୍‌ରେ ଅପରେଟ୍ କରୁଥିଲେ

**ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)**

**ସିମ୍‌ବକ୍ସ ନେଟ୍‌ୱର୍କ**
- ମାଷ୍ଟରମାଇଣ୍ଡ ଆଶାଦ୍ଦୁରଙ୍କ ଫଟୋ ଜାରିକଲା ପୋଲିସ
- ବଙ୍ଗୀୟ ଏଜେଣ୍ଟ ରାଜୁଙ୍କ ରିମାଣ୍ଡ ସରିଲା
- ଆଉ ୭ ଦିନିଆ ରିମାଣ୍ଡ ଆଣିବାକୁ ହେବ ଆବେଦନ


ଆଶାଦ୍ଦୁର ଜମାନ୍


ସ୍ମାର୍ଟ ସୁଇଚ୍

ସିମ୍‌ବକ୍ସ ନେଟ୍‌ୱର୍କ ମାମଲାରେ କମିଶନରେଟ୍ ପୋଲିସ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ରିମାଣ୍ଡରେ ଆଣି ଜେରା କରିବାବେଳେ ନୂଆ ନୂଆ ତଥ୍ୟ ମିଳିବାରେ ଲାଗିଛି। ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ୍‌ଙ୍କ ଫଟୋ ମିଳିଥିବାବେଳେ ତାଙ୍କ ବିଷୟରେ ମଧ୍ୟ ପୋଲିସ ଅଧିକ କିଛି ଜାଣିବାକୁ ପାଇଛି। ଆଶାଦ୍ଦୁର ବାଂଲାଦେଶର ଢାକାରେ ରହି ସିମ୍‌ବକ୍ସ ସେଟ୍‌ଅପ୍‌କୁ ସ୍ମାର୍ଟ ସୁଇଚ୍ ଜରିଆରେ ଅପରେଟ୍ କରୁଥିଲେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କମିଶନରଙ୍କ ସୂଚନା ଅନୁଯାୟୀ, ଆଶାଦ୍ଦୁର ଢାକାରେ 'ଆଇକନ୍ ଟେକ୍ନୋଲୋଜି' ନାଁରେ ଏକ ସଫ୍ଟୱେୟାର କମ୍ପାନୀ କରିଛନ୍ତି। ସେ ଭୁବନେଶ୍ୱର ଓ ରାଞ୍ଚିରେ ଥିବା ସିମ୍‌ବକ୍ସ ସେଟ୍‌ଅପ୍‌ରେ ଦୁଇଟି ସ୍ମାର୍ଟ ସୁଇଚ୍ ଲଗାଇଥିଲେ। ଏହି ସ୍ମାର୍ଟ ସୁଇଚ୍ ଜରିଆରେ ଆଶାଦ୍ଦୁର ସିମ୍‌ବକ୍ସକୁ ଢାକାରୁ ଅପରେଟ୍ କରିପାରୁଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ଗୃହ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ(ଡିଓଟି) ଟିମ୍ ରାଜୁଙ୍କୁ ଜେରା କରି ବହୁ ତଥ୍ୟ ପାଇଛି। ଅନ୍ୟପଟେ ସିମ୍‌ବକ୍ସ ସମେତ ଜବତ ହୋଇଥିବା କିଛି ସିମ୍‌ର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଆସିଥିବାବେଳେ ଏହାକୁ କମିଶନରେଟ ପୋଲିସ ଟିମ୍ ଯାଞ୍ଚ କରୁଛି। ଏଥିସହ ସିମ୍‌ଗୁଡିକରୁ କଲ୍ ଯାଇଥିବା ଲୋକମାନଙ୍କ ତଥ୍ୟ ହାସଲ କରାଯାଉଛି। ତେବେ ରାଜୁଙ୍କ ୫ ଦିନିଆ ରିମାଣ୍ଡ ଅବଧି ସରୁଥିବା ବେଳେ ତାଙ୍କୁ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରିମାଣ୍ଡରେ ଅଣାଯିବ। ୭ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି କମିଶନର ପଣ୍ଡା କହିଛନ୍ତି। ତେବେ ଆଶାଦ୍ଦୁରଙ୍କ ଫଟୋ ଦେଖାଇ ଘର ମାଲିକ, ପଡ଼ୋଶୀଙ୍କୁ ପଚରାଉଚରା କରାଯାଇ ପ୍ରମାଣ ଯୋଗାଡ଼ କରାଯିବା ସହ ଇଣ୍ଟରପୋଲ୍ ସହାୟତାରେ ରାଜୁଙ୍କୁ ଗିରଫ କରାଯିବ ବୋଲି କମିଶନର ପଣ୍ଡା କହିଛନ୍ତି। ଉଲ୍ଲେଖ୍ୟ ଯୋଗ୍ୟ, ଗୋଇନ୍ଦା ସୂଚନା ଆଧାରରେ କମିଶନରେଟ୍ ପୋଲିସ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ୍)ରେ ଚଢ଼ାଉ କରିଥିଲା। ଗତ ୧୬ ତାରିଖରେ ରାଜୁଙ୍କୁ ଗିରଫ କରିବା ସହ ୭ଟି ସିମ୍‌ବକ୍ସ, ୫୦୦ରୁ ଊର୍ଦ୍ଧ୍ୱ ସିମ୍ ଆଦି ଜବତ କରିଥିଲା। ପରେ କଟକ ଏବଂ ରାଞ୍ଚିରେ ଏହି ନେଟ୍‌ୱର୍କର ଗୁମର ଖୋଲିବା ଆରମ୍ଭ ହୋଇଥିଲା।

## ୬ ଲକ୍ଷ ଟଙ୍କାର ହେରୋଇନ ଜବତ

**ଭୁବନେଶ୍ୱର,୨୨।୮ (ସୂର୍ଯ୍ୟକାନ୍ତ ବେହେରା)**

ବାଇକ୍‌ରେ ନିଶାଦ୍ରବ୍ୟ ବେପାର କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ଅବକାରୀ ଟିମ୍ ଧରିଛି। ଅଭିଯୁକ୍ତ ହେଲେ ଛବୀନ୍ଦ୍ର ଜେନା(୪୯)। ତାଙ୍କଠାରୁ ୫୯ ଗ୍ରାମର ହେରୋଇନ ଓ ମୋଟରସାଇକେଲ ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ। ତେବେ ଏହି ହେରୋଇନ ଛବୀନ୍ଦ୍ର କାହାଠାରୁ ଆଣି ବେପାର କରୁଥିଲେ, ସେହି ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚିବାକୁ ପୋଲିସ ଖୋଳତାଡ଼ କରୁଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମହାବୀର ନଗର ଅଞ୍ଚଳର ରାସ୍ତାରେ ଲୋକଙ୍କୁ ହେରୋଇନ ବିକ୍ରି ପାଇଁ ଛିଡ଼ା ହୋଇଥିବାବେଳେ ଅବକାରୀ ଟିମ କୌଣସି ସୂତ୍ରରୁ ଖବର ପାଇ ଧରିଥିଲେ। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଛବୀନ୍ଦ୍ରଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## କାଠ ବେପାରୀଙ୍କ ଆକ୍ରମଣରେ ବନରକ୍ଷୀ ଗୁରୁତର

**ବାରିପଦା,୨୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଭାଲିଆ ଅଞ୍ଚଳରେ କାଠ ବେପାରୀଙ୍କ ଆକ୍ରମଣରେ ବନରକ୍ଷୀ ରାଜଧନ ସିଂ ଗୁରୁତର ହୋଇଛନ୍ତି। ସବୁଜ ବାହିନୀ ସଦସ୍ୟଙ୍କ ସହାୟତାରେ ବେଆଇନ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଧରି ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଆଣୁଥିବା ବେଳେ ୮ରୁ ୧୦ ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଖଣି ସର୍ଭେ ବେଳେ ଅଧିକାରୀଙ୍କୁ ଆକ୍ରମଣ

**ଖୋର୍ଦ୍ଧା/ନିରାକାରପୁର, ୨୨।୮ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)**

**୪ ଆହତ, ୨ ଗାଡ଼ି ଭାଙ୍ଗିଦେଲେ**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ଏପରିକି ଖଣିରେ ଚଢ଼ାଉ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ମାଫିଆମାନେ ପଛାଉନାହାନ୍ତି। କିଛି ମାସ ପୂର୍ବେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ଶରଧାପୁର ନିକଟ ଖଣିରେ ଚଢ଼ାଉ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁବାର ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆରେ ପୁଣି ଆକ୍ରମଣ ହୋଇଛି। ଖଣି ଅଞ୍ଚଳ ସର୍ଭେ କରିବାକୁ ଯାଇଥିବା ଖଣି ଅଧିକାରୀ ବେହେରାଙ୍କ ସମେତ ଏକ ପ୍ରତିନିଧି ଟିମ୍‌କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ତେବେ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଅପରାହ୍ନ ସାଢ଼େ ୩ଟାରେ ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପୋଖରିଆ ଅଞ୍ଚଳକୁ ଖଣି ଅଧିକାରୀ ବେହେରା, ଏସିଏଫ୍ ସୁଶାନ୍ତ ବନ୍ଧ, ପରିବେଶ ବିଜ୍ଞାନୀ ସ୍ମୃତିରଞ୍ଜନ ପ୍ରଧାନ, ଭୂତତ୍ତ୍ୱବିତ୍ ସୁଶାନ୍ତ ବେହେରା, ରେଭିନ୍ୟୁ ସୁପରଭାଇଜର ଟୁଟୁ ସ୍ୱାଇଁ, ସର୍ଭେୟର ମାନସ ମହନ୍ତ ପ୍ରମୁଖ ସର୍ଭେ କରିବାକୁ ଯାଇଥିଲେ। ଏହି ପ୍ରତିନିଧି ଟିମ୍ ଉକ୍ତ ଅଞ୍ଚଳ ବୁଲି ଦେଖୁଥିବା ବେଳେ ହଠାତ୍ କେତେଜଣ ମାଫିଆ ଓ ତାଙ୍କ ସମର୍ଥକମାନେ ଖଣିରେ ଚଢ଼ାଉ କରୁଥିବା ସନ୍ଦେହରେ ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ଖଣି ଅଧିକାରୀ ବେହେରା, ଏସିଏଫ୍ ବନ୍ଧ ଆହତ ହୋଇଥିବା ବେଳେ ୨ଜଣ ଗାଡି ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ୨ଟି ଗାଡ଼ିକୁ ମାଫିଆମାନେ ଭାଙ୍ଗି ଦେଇଛନ୍ତି। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଖବରପାଇ ପୋଲିସ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ଘଟଣାସ୍ଥଳରେ କେହି ନ ଥିବା ବେଳେ ଗାଡ଼ିକାଚର କିଛି ଅଂଶ ସେଠାରେ ପଡ଼ିଥିବା ଦେଖିବାକୁ ମିଳିଥିଲା।

# ଗଞ୍ଜାମର ଦେଶୀ ମଦ ରାଜଧାନୀରେ ଜବତ

**ଭୁବନେଶ୍ୱର,୨୨।୮ (ସୂର୍ଯ୍ୟକାନ୍ତ ବେହେରା)**

- ରାଜଧାନୀର ବିଭିନ୍ନ ବସ୍ତିରେ ଅବକାରୀ ଚଢ଼ାଉ
- ୧୦ ଅଭିଯୁକ୍ତଙ୍କଠାରୁ ୮୦୦ ଲିଟର ମଦ ଜବତ

ବ୍ରହ୍ମପୁର ଚିକିଟିରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ମଦ ମୃତ୍ୟୁକୁ ନେଇ ବିରୋଧୀ ମଧ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାରୁ ରାଜ୍ୟ ରାଜନୀତି ସରଗରମ ହୋଇଛି। ଇତିମଧ୍ୟରେ ଅବକାରୀ ବିଭାଗ ମଧ୍ୟ ବେଆଇନ ମଦ ଚୋରା ଚାଲାଣକାରୀଙ୍କ ବିରୋଧରେ ନଜର ରଖି ଚଢ଼ାଉ ପ୍ରକ୍ରିୟାକୁ ଜୋରଦାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହାସତ୍ତ୍ୱେ ପୋଲିସ ଓ ଅବକାରୀ ଟିମ୍‌କୁ ଭୟ ନ କରି ଗୁରୁବାର ଜଣେ ବ୍ୟକ୍ତି ଗଞ୍ଜାମ ଖଲ୍ଲିକୋଟରୁ ବେଆଇନ ଭାବେ ଅଟୋ ଯୋଗେ ରାଜଧାନୀ ଭୁବନେଶ୍ୱରକୁ ଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଅବକାରୀ ଟିମ୍ ହାତରେ ଧରାପଡ଼ିଛନ୍ତି। ଅଟୋରୁ ବାଇକ୍‌କୁ ମଦ କଢ଼ାଯାଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳରେ ଅବକାରୀ ଟିମ୍ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗଞ୍ଜାମର ଅଟୋ ଚାଳକ ଚକ୍ରଧର ପ୍ରଧାନ ଓ ମୁଖ୍ୟ ଅଭିଯୁକ୍ତ ତଥା ବାଇକରେ ନେବାକୁ ଉଦ୍ୟମ କରୁଥିବା ବିପିନ ନାହକଙ୍କୁ ମଧ୍ୟ ଗିରଫ କରିଛି। ଉଭୟଙ୍କଠାରୁ ୫୫୦ ଲିଟର ଦେଶୀ ମଦ ଜବତ କରିଛି। ବିପିନ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ମଦ ବିକ୍ରି କରିଥାନ୍ତି ବୋଲି ଅବକାରୀ ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଅନ୍ୟପଟେ ଭୁବନେଶ୍ୱରର କାର୍ଗିଲ ବସ୍ତି, ସିଆର୍‌ପି ଛକସ୍ଥିତ ମୁଣ୍ଡାସାହି ଆଦି ଅଞ୍ଚଳରେ ଚଢ଼ାଉ କରି ୨୫୦ ଲିଟର ଦେଶୀ ମଦ ସହ ମୋଟ ୮ଜଣଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଏନେଇ ଅବକାରୀ ଡିଏସ୍‌ପି ରାଜକିଶୋର ସ୍ୱାଇଁ କହିଛନ୍ତି, ରାଜଧାନୀରେ ବେଆଇନ ନିଶାଦ୍ରବ୍ୟ ଉପରେ ନଜର ରଖାଯାଇ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ଦେଶୀ ମଦ ଚୋରା ଚାଲାଣ ଓ ବେଆଇନ ମଦ ବିକ୍ରିକରୁଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗକୁ ମଧ୍ୟ ଏହି ଚଢ଼ାଉ ଜୋରଦାର କରାଯିବ ବୋଲି ସେ କହିଛନ୍ତି।


ଜବତ ଦେଶୀମଦ ସହ ଗିରଫ ଦୁଇ ଅଭିଯୁକ୍ତ ଏବଂ ଅଟୋ, ମୋଟରସାଇକେଲ।

## ୨ ଦିନରେ ସାରା ରାଜ୍ୟରୁ ୨୬୨ ଗିରଫ

**ଭୁବନେଶ୍ୱର,୨୨।୮(ସୂର୍ଯ୍ୟକାନ୍ତ ବେହେରା):** ବ୍ରହ୍ମପୁର ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ଏହାକୁ ଗୁରୁତର ସହ ନେଇଛି। ଅବକାରୀ କମିଶନର ନରସିଂହ ଭୋଳ ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ଚଢ଼ାଉକୁ ଜୋରଦାର କରିଛନ୍ତି। ବେଆଇନ ମଦ ଭାଟି ଓ ମଦ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ଦିନରେ ୩୭୩ଟି ଅବକାରୀ ମାମଲା ରୁଜୁ କରିବା ସହ ୨୬୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ୨୦,୭୪୬ ଲିଟର ଦେଶୀ ରନ୍ଧା ଚୋରା ମଦ ଜବତ ହୋଇଛି।

ସେହିପରି ବେଆଇନ ଭାବେ ମଦ ଚୋରା ଚାଲାଣ କରିବା ଅଭିଯୋଗରେ ୨୬ ଗାଡ଼ି ଜବତ ହୋଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ମୋଟ ୨୦ ଜଣ କେବଳ ମାଲିକ ରହିଛନ୍ତି। ସେମାନେ ସରକାରୀ ଜାଗା କିମ୍ବା ଜଙ୍ଗଲ ଜମିରେ ମଦଭାଟି କରିଛନ୍ତି। ସେଗୁଡିକୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ଭଙ୍ଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ବେଆଇନ ମଦରୁ ଅମାପ ସମ୍ପତ୍ତି ହାତେଇଥିବା ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

# ଭଡ଼ାଘରୁ ବହୁ ସିମ୍‌କାର୍ଡ, ମୋବାଇଲ ଜବତ

**ସାଇବର ଅପରାଧ ସନ୍ଦେହରେ ଚଢ଼ାଉ**

**ଭଦ୍ରକ,୨୨।୮(ସନାତନ ରାଉତ)**


ଜବତ ସିମ୍‌କାର୍ଡ, ମୋବାଇଲ ଓ ପାସ୍‌ବୁକ୍।

ସାଇବର ଅପରାଧ ସନ୍ଦେହରେ ଭଦ୍ରକ ଟାଉନ ଥାନା ପୋଲିସ ଗୁରୁବାର ଅପରାହ୍ନରେ ଆଚାର୍ଯ୍ୟନଗରସ୍ଥିତ ଏକ ଭଡ଼ାଘରେ ଚଢ଼ାଉ କରିଛି। ଉକ୍ତ ଘରୁ ବହୁ ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଷ୍ଟାମ୍ପ, ଏଟିଏମ୍ କାର୍ଡ ସହ ବିଭିନ୍ନ ଗାଡ଼ି ନମ୍ବର ପ୍ଲେଟ୍ ଓ ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ଏଥିସହ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସେହି ଘରେ ରହୁଥିବା ଅନ୍ୟ ସାଥୀମାନେ ଫେରାର ହୋଇଯାଇଥିବା ବେଳେ ଏଥିରେ ଅନେକ ଯୁବକଙ୍କ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଘରେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କେତେଜଣ ଯୁବକ ଭଡ଼ାରେ ରହୁଛନ୍ତି। ଏବେ କଟକ, ଭୁବନେଶ୍ୱର ଓ ଝାଡ଼ଖଣ୍ଡରେ ସିମ୍‌ବକ୍ସ ଠାବ ହୋଇଥିବାବେଳେ ଭଡ଼ାଘରୁ ଏତେ ପରିମାଣରେ ସାମଗ୍ରୀ ଜବତ ହେବା ନେଇ ସନ୍ଦେହ ଘନୀଭୂତ ହୋଇଛି।

ଏ ସମ୍ପର୍କରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ଜାଗାରେ କେତେଜଣ ଯୁବକ ରହୁଥିବା ବେଳେ କିଛି ସନ୍ଦେହଜନକ କାର୍ଯ୍ୟ ଚାଲୁଥିବା ଖବର ମିଳିଥିଲା। ଚଢ଼ାଉ କରିବା ପରେ ଏସବୁ ସାମଗ୍ରୀ ଜବତ ହୋଇଛି। ମୋବାଇଲ ଫୋନ୍, ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଆକାଉଣ୍ଟ ଯାଞ୍ଚ କରିବା ପରେ ସମସ୍ତ ଘଟଣା ଜଣାପଡ଼ିବ। ସିମ୍‌ବକ୍ସ ବିଷୟ ଅଲଗା ଅଛି। ଏହା ସାଇବର ଅପରାଧ ସନ୍ଦେହ ହେଉଛି। ତଦନ୍ତ ଚାଲିଥିବାରୁ ଏ ବିଷୟରେ ଅଧିକ କିଛି ସୂଚନା ଦେଇହେବ ନାହିଁ ବୋଲି ସେ କହିଛନ୍ତି।

## ବିରୂପା ନଦୀକୁ ଯୁବକଙ୍କୁ ଠେଲି ହତ୍ୟା ଘଟଣାରେ ୬ ଗିରଫ

**କେନ୍ଦ୍ରାପଡ଼ା,୨୨।୮(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରେ ବିରୂପା ନଦୀ ପୋଲ ଉପରେ ଗତ ୧୪ ତାରିଖରେ କେତେଜଣ ଦୁର୍ବୃତ୍ତ ବାଡ଼େଇ ବାଡ଼େଇ ନିକିରାଇ ଥାନା ନିକିରାଇ ଗାଁର ମଣ୍ଟୁ ମଲ୍ଲିକ(୩୬)ଙ୍କୁ ନଦୀକୁ ଫିଙ୍ଗି ହତ୍ୟା କରିଥିବା ନେଇ ତାଙ୍କ ଭାଇ ଶରତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପୋଲିସ ନିକଟରେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଛି ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଇ ଦିଆଯାଇଛି।

# ବିଏମ୍‌ସିକୁ ସୁହାଇଲା ଏନ୍‌ଜିଟି ରାୟ

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)

## ସୈନିକ ସ୍କୁଲ୍ ନିକଟ ଡମ୍ପିଂୟାର୍ଡ ବିବାଦ ମାମଲା

### ଡିସେମ୍ବର ୩୧ ସୁଦ୍ଧା ଏସ୍‌ଏଏମ୍‌ଆର୍‌ଏଫ୍ ନିର୍ମାଣ ସାରିବାକୁ ନିର୍ଦ୍ଦେଶ



ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିୟାର୍ଡ ବା ଟେମ୍ପରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍) ମାମଲାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ଶୁଣାଣି ଶେଷ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ଏନ୍‌ଜିଟି ସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଫଳରେ ଟିଟିଏସ୍‌କୁ ନେଇ ଦିଆଯାଇଥିବା ରାୟ ସମ୍ପୂର୍ଣ୍ଣରୂପେ ବିଏମ୍‌ସିକୁ ସୁହାଇଛି। ତେବେ ସହରରୁ ବାହାରୁଥିବା ଆବର୍ଜନା ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ଥିବା ସେମି-ଅଟୋମେଟିକ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏସ୍‌ଏଏମ୍‌ଆର୍‌ଏଫ୍) ନିର୍ମାଣ ପାଇଁ ଏନ୍‌ଜିଟି ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ବିଏମ୍‌ସି ଆବଶ୍ୟକ ସଂଖ୍ୟକ ଏସ୍‌ଏଏମ୍‌ଆର୍‌ଏଫ୍ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଆବର୍ଜନା ପ୍ରକ୍ରିୟାକରଣ ଓ ବର୍ଦ୍ଧିତ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଜନା ନେଇ ବିଏମ୍‌ସି ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ କେବେ ସୁଦ୍ଧା ଏହିସବୁ ଯୋଜନା କାର୍ଯ୍ୟକାରୀ ହେବ ବା ପଦକ୍ଷେପ ଗ୍ରହଣ କରାଯିବ ସେସମ୍ପର୍କରେ ଉଲ୍ଲେଖ ନ ଥିଲା। ତେଣୁ ଏନ୍‌ଜିଟି ନିଜଆଡୁ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଏ ସଂକ୍ରାନ୍ତ ସତ୍ୟପାଠ ଦାଖଲ କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଏମ୍‌ସି ପକ୍ଷରୁ ଟିଟିଏସ୍‌ର ପରିଚାଳନା ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉଥିବାରୁ ଏନେଇ ଏନ୍‌ଜିଟି ପାଖରେ ମାମଲା ଗଡାଇବାର କୌଣସି ଆବଶ୍ୟକତା ନାହିଁ କହି ଶୁଣାଣିକୁ ଶେଷ କରାଯାଇଛି। ଅପରପକ୍ଷେ ଟିଟିଏସ୍‌ରୁ ବାହାରୁଥିବା ଆବର୍ଜନା ଦୁର୍ଗନ୍ଧରୁ ବର୍ତ୍ତିବା ପାଇଁ ଯେଉଁ ଆଶା ନେଇ ଏନ୍‌ଜିଟିରେ ମାମଲା ଦାଏର କରାଯାଇଥିଲା, ବିଏମ୍‌ସି ଉପରେ ସେଭଳି କିଛି ପ୍ରଭାବ ପଡିଲା ନାହିଁ ବୋଲି ମାମଲା ପରିଚାଳନା କରୁଥିବା ଓକିଲ ଶଙ୍କର ପାଣି କହିଛନ୍ତି।

ଟିଟିଏସ୍ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବାଧିକାର କ୍ଷୁଣ୍ଣ ହେଉଥିବା ଓ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ ଦାଖଲ କରିଥିଲେ। ଏନ୍‌ଜିଟି ଏହାକୁ ଗୁରୁତର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଫେବୃଆରୀ ୨୪ରେ ଟିଟିଏସ୍ ଗସ୍ତ କରିଥିଲା। ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବା ପରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପ୍ରଥମ ଶୁଣାଣି ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ଏବଂ ବିଏମ୍‌ସିକୁ ପକ୍ଷଭୁକ୍ତ କରାଯାଇଥିଲା।

### ଟିଟିଏସ୍ ଖାଲି ହେବା ଆଶା ମଉଳିଲା

ବିଏମ୍‌ସି ସପକ୍ଷରେ ଏନ୍‌ଜିଟି ରାୟ ଦେବା ପରେ ସୈନିକ ସ୍କୁଲ ନିକଟ ଟିଟିଏସ୍ ସ୍ଥାନାନ୍ତର ବା ଖାଲି ହେବା ନେଇ ଯେଉଁ ଆଶା ରହିଥିଲା ତାହା ମଉଳିବାରେ ଲାଗିଛି। ଏପଟେ ଏହାର ପରିଚାଳନା ପାଇଁ ବିଏମ୍‌ସି ଠିକା ସଂସ୍ଥା ଚୟନ କରୁଥିବାରୁ ଏହି ଅସ୍ଥାୟୀ ଡମ୍ପିଂୟାର୍ଡ ସ୍ଥାୟୀ ଭାବେ ଏଠାରେ କାର୍ଯ୍ୟ କରିବା ସମ୍ଭାବନା ଦେଖାଦେଇଛି। ଦୈନିକ ସହରରୁ ୮ଶହ ଟନ୍ ଆବର୍ଜନା ବାହାରୁଥିବାବେଳେ ସେଥିରୁ ୫ଶହରୁ ଊର୍ଦ୍ଧ୍ୱ ଟନ୍ ଆବର୍ଜନା ଏହି ଟିଟିଏସ୍‌କୁ ଆସୁଛି। ସହର ମଝିରେ ଟିଟିଏସ୍ ରହିଥିବାରୁ ଅଧିକାଂଶ ସମୟରେ ଏଠାରୁ ନିର୍ଗତ ଦୁର୍ଗନ୍ଧରେ ସହରବାସୀ ଅଣାୟତ୍ତ ହେଉଛନ୍ତି। ତେଣୁ ଟିଟିଏସ୍‌କୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଅତୀତରେ ବହୁ ଦାବି, ଆନ୍ଦୋଳନ ହୋଇଥିଲା। ତତ୍କାଳୀନ ବିଏମ୍‌ସି କମିଶନର ମଧ୍ୟ ଯଥାଶୀଘ୍ର ଟିଟିଏସ୍ ଖାଲି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗଦା ହୋଇଥିବା ଆବର୍ଜନାର ସମ୍ପୂର୍ଣ୍ଣ ପ୍ରକ୍ରିୟାକରଣ ସହ ଟିଟିଏସ୍‌କୁ ଖାଲି କରିବା ନେଇ ଏନ୍‌ଜିଟିରେ ରାୟ ପ୍ରକାଶ ପାଇବ ବୋଲି ସମସ୍ତେ ଆଶା କରିଥିଲେ। ଏବେ ପୂର୍ବାପେକ୍ଷା ଏଠାରୁ ଆବର୍ଜନା ଖାଲି ହୋଇଛି ସତ, ମାତ୍ର ଦୈନିକ ଶହଶହ ଟନ୍ ଆବର୍ଜନା ଗଦା ମଧ୍ୟ ହେଉଛି। ଏପରିସ୍ଥିତିରେ ବିଏମ୍‌ସିକୁ ସୁହାଇବା ଭଳି ଏନ୍‌ଜିଟି ରାୟ ଆବେଦନକାରୀ, ଆନ୍ଦୋଳନକାରୀ ଓ ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି। ଏ ସମ୍ପର୍କରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### କାମ କରୁନାହାନ୍ତି ବନ ବିଭାଗ ସ୍କ୍ୱାଡ୍

#### ଆର୍‌ସିସିଏଫ୍, ଡିଏଫ୍‌ଓଙ୍କୁ ଚିଠି

ଭୁବନେଶ୍ୱର, ୨୨।୮ (ଅସମାପିକା ସାହୁ)

ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ରାଜ୍ୟ ବନ ବିଭାଗରେ ୩୧୭ଜଣ ସ୍କ୍ୱାଡ୍ କାର୍ଯ୍ୟରତ ଅଛନ୍ତି। ଏତେ ସଂଖ୍ୟକ ସ୍କ୍ୱାଡ୍ ଥିବା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷରେ ୪୦ରୁ ଅଧିକ ହାତୀଙ୍କ ମୃତ୍ୟୁ ହୋଇସାରିଲାଣି। କିନ୍ତୁ କୌଣସି ସ୍କ୍ୱାଡ୍ କାମର ନା ସମୀକ୍ଷା ହେଉଛି ନା ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ଦିଆଯାଉଛି। ଏ ନେଇ ଗୁରୁବାର ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ସମସ୍ତ ଆର୍‌ସିସିଏଫ୍ ଏବଂ ଡିଏଫଓମାନଙ୍କୁ ଏକ କଡ଼ା ଚିଠି ଲେଖାଯାଇଛି। ବିଭିନ୍ନ ଯୋଜନାରେ କାର୍ଯ୍ୟରତ ସ୍କ୍ୱାଡ୍‌ମାନଙ୍କ କାର୍ଯ୍ୟଧାରା ଉପରେ ଗଭୀର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ସ୍କ୍ୱାଡ୍ କର୍ମଚାରୀମାନେ ସ୍ଥାୟୀ ଚାକିରୀ ଭାବନାରେ ବୁଡ଼ି ରହିଛନ୍ତି, ଠିକ୍‌ରେ ପାଟ୍ରୋଲିଂ କରୁନାହାନ୍ତି, ବନ୍ୟପ୍ରାଣୀ ଏବଂ ସେମାନଙ୍କ ବାସସ୍ଥାନର ସୁରକ୍ଷା ପ୍ରତି ଧ୍ୟାନ ଦେଉନାହାନ୍ତି କିମ୍ବା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉନାହିଁ। ତେଣୁ ଆର୍‌ସିସିଏଫ୍‌ମାନେ ନିଜ ଡିଭିଜନକୁ ଆବଣ୍ଟନ ହୋଇଥିବା ସ୍କ୍ୱାଡ୍‌ମାନଙ୍କୁ ଠିକ୍ ସ୍ଥାନରେ ମୁତୟନ କରାଯାଇ ପାଟ୍ରୋଲିଂ କାମ ଠିକ୍ ଭାବେ କରିବା ପାଇଁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଉଟ୍‌ସୋର୍ସିଂ ଜରିଆରେ କାମ କରୁଥିବା ସ୍କ୍ୱାଡ୍‌ମାନେ ଯେ ପର୍ଯ୍ୟନ୍ତ ଫିଲ୍ଡରେ ଠିକ୍‌କାମ କରୁଥିବେ, ସେମାନଙ୍କୁ କାର୍ଯ୍ୟରୁ ଅନ୍ତର ନ କରିବା ପାଇଁ କୁହାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩ଟି ସ୍କିମ୍ ଯଥା ଷ୍ଟେଟ ସେକ୍ଟର ସ୍କିମ, ସେଣ୍ଟ୍ରାଲ ସ୍ପନସର୍ଡ ସ୍କିମ ଏବଂ କାମ୍ପା (ୱାଇଲ୍ଡ ଲାଇଫ) ଏନ୍‌ପିଭି ସ୍କିମ୍‌ରେ ମୋଟ ୩୧୭ଜଣଙ୍କୁ ସ୍କ୍ୱାଡ୍ ଭାବେ ବିଭିନ୍ନ ଡିଭିଜନ ଅଧୀନରେ କାର୍ଯ୍ୟ କରିବା ପାଇଁ ଆବଣ୍ଟନ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସ୍କିମ୍‌ରେ ୫ ଜଣିଆ ଏବଂ କାମ୍ପା ସ୍କିମ୍‌ରେ ୧୦ ଜଣିଆ ସ୍କ୍ୱାଡ୍ ରହିଛନ୍ତି।

### କେନାଲରେ ଚାଉଳ ଫିଙ୍ଗାଯିବା ଘଟଣାର ତଦନ୍ତ ନିର୍ଦ୍ଦେଶ

ପୁରୀ, ୨୨।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଗୋପ୍‌ର ବାୟାକୁଦ ବ୍ରାଞ୍ଚ କେନାଲରେ ବୁଧବାର ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳକୁ ଫିଙ୍ଗିଦିଆଯାଇଥିଲା। ଏହା ଅର୍ପଣ ଚାଉଳ ବୋଲି ଚର୍ଚ୍ଚା ହୋଇଥିଲା। ଶ୍ରୀମନ୍ଦିରରୁ ଅର୍ପଣ ଚାଉଳ ଲୋଡ୍ ହୋଇ ଆସିଥିବା ମିନିଟ୍ରକ ଓ କେନାଲରେ ଫିଙ୍ଗାଯାଇଥିବା ଚାଉଳକୁ ନେଇ ଆସିଥିବା ମିନିଟ୍ରକ୍ ଏକା ନମ୍ବର (ନଂ. ଓଡି ୦୨-ବି ୫୮୯୯) ହୋଇଥିବାରୁ ଏହା ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଉକ୍ତ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ଲୋକେ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାପରେ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁହଁ ଖୋଲିଛନ୍ତି। ଜିଲାପାଳ କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ପାଇଁ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନାଲରେ ଫିଙ୍ଗାଯାଇଥିବା ଚାଉଳ ଅର୍ପଣ ଚାଉଳ ନୁହେଁ। ଏବେ ବି ୧୦ ହଜାର କୁଇଣ୍ଟାଲ ଚାଉଳ ପ୍ରଶାସନ ହେପାଜତରେ ଅଛି। ରାଜ୍ୟ ସରକାରଙ୍କୁ ଏ ନେଇ ଅବଗତ କରାଯାଇଛି। ସରକାର ଯାହା ନିଷ୍ପତ୍ତି ନେବେ, ସେହି ଅନୁଯାୟୀ ଆଗାମୀ ଦିନରେ ପଦକ୍ଷେପ ନିଆଯିବ।



ନୃତ୍ୟଧାମ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟପର୍ବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଗୀତା ମହାଲିକ ଓ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ନୃତ୍ୟଗୁରୁମାନେ।

### ଗୀତା ମହାଲିକ, ସ୍ନେହପ୍ରଭା ସାମନ୍ତରାୟଙ୍କୁ ଗୁରୁନମନ ଜୀବନବ୍ୟାପୀ ସମ୍ମାନ

ଭୁବନେଶ୍ୱର, ୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟଧାମ ପକ୍ଷରୁ ଚାଲିଥିବା ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟପର୍ବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅଲେଖ ଚନ୍ଦ୍ର ପଢ଼ିହାରୀ, ଜଗନ୍ନାଥ ପ୍ରଧାନ, ନୃତ୍ୟଗୁରୁ ଚପଳା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦିଲ୍ଲୀରୁ ଆସିଥିବା ପଦ୍ମଶ୍ରୀ ଗୀତା ମହାଲିକ ଓ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ଗୁରୁନମନ ଜୀବନବ୍ୟାପୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୁରୁ ଦୁର୍ଗାଚରଣ ରଣବୀର, କୋଲକାତାରୁ ଆସିଥିବା ଗୁରୁ ଆଲୋକା କାନୁନ୍‌ଗୋ, ଗୁରୁ ସୁଜାତା ମହାପାତ୍ର ଓ ଡ. ଶୁଭଶ୍ରୀ ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ସେମାନଙ୍କୁ ମଧ୍ୟ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚନ୍ଦନ ପ୍ରତିଭା ଉତ୍ସବ: ଭଜନ, ନୃତ୍ୟରେ ଶ୍ରୀଜଗନ୍ନାଥ

ଭୁବନେଶ୍ୱର, ୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସରତୀର୍ଥ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ 'ଚନ୍ଦନ ପ୍ରତିଭା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଦିବଂଗତ ଶାନ୍ତିଲତା ଛୋଟରାୟଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଥିଲା। ତେବେ ଚଳିତବର୍ଷ ତାଙ୍କ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କଣ୍ଠଶିଳ୍ପୀ ସ୍ପନ୍ଦନିକା ପଟ୍ଟନାୟକ, ସରିତା ଜେନା, ସ୍ୱାଗତିକା ସ୍ୱାଇଁ, ଚପଳା ସ୍ୱାଇଁ, ସୁମିତ୍ରା ତ୍ରିପାଠୀ, ମୋନାଲିସା କର, ସଂଘମିତ୍ରା ମହାପାତ୍ର, ସ୍ନେହଲତା ପାଢ଼ୀ, ମିନତୀ ମହାନ୍ତି, ତେଜସ୍ୱିନୀ ରଥ, ମିତାରାଣୀ ବିଶ୍ୱାଳ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାଳିଆ କାଳିଆ ମାଗୁନି.., ଏତିକି କରୁଣା ହେଉ.., ଭଜି ଭଜି ତୋ ନାମ ଚକାନୟନ.., ପ୍ରାଣ ପକ୍ଷୀ ଉଡିଯାଉ.. ଭଳି ଜଗନ୍ନାଥ ଭଜନ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ପରେ ଦୟାଲ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ବରିଷ୍ଠ ସ୍ତମ୍ଭକାର ତଥା ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଲୋକସଭା ସଦସ୍ୟ ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପାଇକ ଆଖଡ଼ା ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀ ଦୁଃଶାସନ ସ୍ୱାଇଁ, ଶାନ୍ତିଲତା ଛୋଟରାୟ କଲ୍‌ଚରାଲ ଟ୍ରଷ୍ଟର ଅଧକ୍ଷ ବ୍ରଜକିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ବସନ୍ତ କୁମାର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ସରତୀର୍ଥ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ 'ଚନ୍ଦନ ପ୍ରତିଭା ଉତ୍ସବ'ରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସତ ଶୁଣିବାକୁ ଡର ଲାଗିବାରୁ ପଳାଇଲେ ବିରୋଧୀ: ଶାସକ ଭାଜପା

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

### ବିଧାନସଭା ଆଲୋଚନା

ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ଖର୍ଚ୍ଚଦାବି ଆଲୋଚନା ସମୟରେ ବିରୋଧୀ ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ହୋହଲ୍ଲାକରି ଗୃହତ୍ୟାଗ କରିଥିଲେ। ହେଲେ ଶାସକ ଦଳ ସଦସ୍ୟମାନେ ବିନା ବିରୋଧୀରେ ଖର୍ଚ୍ଚଦାବି ଆଲୋଚନା କରିବା ସହ ମନ୍ତ୍ରୀ ତାଙ୍କ ଉତ୍ତର ରଖିଥିଲେ। ଏହି ଅବସରରେ ଶାସକ ଦଳ ସଦସ୍ୟମାନେ ୨୪ ବର୍ଷରେ ହୋଇଥିବା ବିଭିନ୍ନ ଦୁର୍ନୀତି କଥା ଉଠାଇ ବିରୋଧୀମାନଙ୍କୁ ଟାର୍ଗେଟ କରିଛନ୍ତି। ପ୍ରଥମେ ଶାସକ ଦଳ ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଏବଂ ବାବୁ ସିଂ ଶାସକ ଦଳ ସଦସ୍ୟଙ୍କ ଉପରେ ବର୍ଷିଥିଲେ। ଗତ ୨୪ ବର୍ଷର ସରକାର ସମୟରେ ବିଜେଡି ନେତାମାନେ ବହୁ ଶିଳ୍ପପତିଙ୍କୁ ଜମି ଦେବା ଲାଗି ବ୍ୟାପକ ଦୁର୍ନୀତି କରିଥିବା ସେମାନେ କହିଥିଲେ। ଏହାପରେ ବିଧାୟକ ଅମର ନାୟକ ମଧ୍ୟ ବିଜେଡି ବିରୋଧରେ ପ୍ରବଳ ବର୍ଷିଥିଲେ। ବିଧାୟକ ଆଶ୍ରିତ ପଟ୍ଟନାୟକ କହିଥିଲେ, ବିରୋଧୀ ବହୁ ହୋହଲ୍ଲାକରି ଲବିରେ ଚା' ପିଇ ସବୁ ଶୁଣୁଥିବେ। ବିଜେଡି ଏକ ମୁଣ୍ଡବିହୀନ ରାଜନୈତିକ ଦଳ। ବିଗତ ଦିନରେ ସେମାନେ କ'ଣ କରିଛନ୍ତି ସେକଥା ଶୁଣିବା ପାଇଁ ତାଙ୍କ ପାଖରେ ସତ୍‌ସାହସ ନାହିଁ। ୨୪ ବର୍ଷର କାରନାମା ତାଙ୍କର କେମିତି ଲୋକଙ୍କ ପାଖକୁ ନ ଯିବ ତାହା ହେଉଛି ସେମାନଙ୍କ ଉଦ୍ଦେଶ୍ୟ। ଆଗାମୀ ଦିନରେ ବିଜେଡି ସମ୍ପୂର୍ଣ୍ଣ ଭୁଶୁଡ଼ି ମାଟିରେ ମିଶିଯିବ। ଗତ ସରକାର ବାଲି, ଖଣି ସବୁ ଲୁଟ୍ କରୁଥିଲା। ସେଥିଲାଗି ବିପର୍ଯ୍ୟୟ ବିଷୟରେ ଶୁଣିବାକୁ ସେମାନଙ୍କ ନିକଟରେ ଧୈର୍ଯ୍ୟ ନାହିଁ। ସ୍ୱାଧୀନ ବିଧାୟକ ବିଜୟ କୁମାର ଦଳବେହେରା କହିଛନ୍ତି, ବିରୋଧୀଙ୍କ ପାଖରେ ବିରୋଧ କରିବାର ବହୁ ଉପାୟ ରହିଛି। ହେଲେ ବିଜେଡି ସଦସ୍ୟମାନେ ଯେପରି ଜଣେ ମହିଳା ବାଚସ୍ପତିଙ୍କୁ ଅପମାନିତ କରିଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟରେ କେଉଁଠି ମହାବିଦ୍ୟାଳୟ ଜମି ଘରୋଇ କଲେଜକୁ ଦିଆଯାଇଛି ତ ଆଉ କେଉଁଠି ଘରୋଇ ସଂସ୍ଥା ହାତକୁ ଟେକିଦିଆଯାଇଛି। ବହୁ ଲୋକଙ୍କ ନିକଟରେ ଏବେ ବି ପଟ୍ଟା ନ ଥିବା କାରଣରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଖଣ୍ଡେ ମଧ୍ୟ ପାଇପାରୁନାହାନ୍ତି। ବିଧାୟକ ଗୌରୀ ଶଙ୍କର ମାଝୀ କହିଛନ୍ତି, ବିରୋଧୀ ଦଳ ଓଡ଼ିଶା ଏବଂ ଗରିବଙ୍କ ବିକାଶ ଚାହୁଁନାହାନ୍ତି। ଓଡ଼ିଶାକୁ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ଆଗ ସରକାର ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ବହୁତ ଖୁସି ହେଉଥିଲେ। କାରଣ ଏହାପରେ କେନ୍ଦ୍ର ସରକାର ପ୍ରବଳ ଟଙ୍କା ପଠାଉଥିବା ବେଳେ ତାକୁ ବିଭିନ୍ନ ଉପାୟରେ ସେମାନେ ଲୁଟ୍ କରିନେଉଥିଲେ। ଏବେ ସରକାର ୧୯ ଲକ୍ଷ ତାଳଗଛ ଲଗାଇବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ବଜ୍ରପାତରୁ ବହୁ ଜୀବନ ରକ୍ଷା ପାଇପାରିବ ବୋଲି ମାଝୀ କହିଛନ୍ତି। ଆଲୋଚନାରେ ଆହୁରି ଅନ୍ୟ ଶାସକ ଦଳ ସଦସ୍ୟମାନେ ମଧ୍ୟ ଭାଗନେଇଥିଲେ।

### ଟ୍ରକ୍ ଧକ୍କାରେ ଶ୍ୱଶୁର ମୃତ, ଜ୍ୱାଇଁ ଆହତ

ଖୋର୍ଦ୍ଧା, ୨୨।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ଦଧିମାଛଗାଡିଆ ଛକ ନିକଟରେ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଶ୍ୱଶୁରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜ୍ୱାଇଁ ଆହତ ହୋଇଛନ୍ତି। ମୃତକ ହେଲେ ଜଙ୍କିଆ ଥାନା କଲରାଝରର ଗୋବିନ୍ଦ ଚନ୍ଦ୍ର ରାଉତରାୟ (୬୫)। ଆହତ ଜ୍ୱାଇଁ ହେଲେ ସେହି ଗ୍ରାମର ଭାଗୀରଥି ଜୟସିଂ। ସୂଚନା ମୁତାବକ, ଭାଗୀରଥି ବାଇକ୍ (ଓଡି ୦୨ଏଭି ୭୩୨୯)ରେ ଶ୍ୱଶୁର ଗୋବିନ୍ଦ ଚନ୍ଦ୍ରଙ୍କୁ ନେଇ ଖୋର୍ଦ୍ଧାରୁ ଗ୍ରାମକୁ ଫେରୁଥିଲେ। ପଛପଟୁ ଆସୁଥିବା ଏକ ଟ୍ରକ୍ (ଓଆର ୦୬ଏଚ ୬୧୯୧) ଦଧିମାଛଗାଡିଆ ଛକ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋବିନ୍ଦ ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଆହତ ଅବସ୍ଥାରେ ଭାଗୀରଥିଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାସ୍ଥଳରୁ ପୋଲିସ ଟ୍ରକ, ବାଇକକୁ ଜବତ କରିଛି। ଆହତଙ୍କ ଭାଇ ଶୁକଦେବଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୪/୨୪) ରୁଜୁ କରି ଟ୍ରକ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।

### ନନ୍ଦନକାନନରେ ବେଲେରା ମୂଷା, ଡାଳି ଓଧ ଅସୁସ୍ଥ

ବାରଙ୍ଗ, ୨୨।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କିଛି ଦିନ ହେବ ବେଲେରା ମୂଷା ଓ ଡାଳି ଓଧ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନେ ଠିକ୍‌ରେ ଖିଆପିଆ କରୁ ନ ଥିବାବେଳେ ଛିଙ୍କି ହେଉଛନ୍ତି। ଗୋଟିଏ ଜାଗାରେ ବସି ରହୁଛନ୍ତି। ଏନ୍‌କ୍ଲୋଜରରେ କାମ କରୁଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। କର୍ତ୍ତୃପକ୍ଷ ଦୁହିଁଙ୍କୁ ପ୍ରାଣୀଉଦ୍ୟାନ ଚିକିତ୍ସାଳୟକୁ ଆଣି ଚିକିତ୍ସା ଜାରି ରଖିଛନ୍ତି। ତେବେ ଡାଳି ଓଧ ସୁସ୍ଥ ହୋଇ ନିଜ ଏନ୍‌କ୍ଲୋଜରକୁ ଫେରିଥିବାବେଳେ ବେଲେରା ମୂଷା ଡାକ୍ତରଙ୍କ ନଜରବନ୍ଦିରେ ରହିଥିବା ସୂଚନା ମିଳିଛି।

## ଦୁର୍ବୃତ୍ତଙ୍କଠାରୁ ବର୍ତ୍ତିବାକୁ ଗାଁ ଭିତରେ କାର୍ ଛାଡ଼ି ପଳାଇଲେ ୪ ଯୁବକ

ବାଲିଅନ୍ତା, ୨୨।୮ (ନୀଳମାଧବ ସାହୁ)

ଜାତୀୟ ରାଜପଥ ଓ ବାଇପାସ୍ ରାସ୍ତାରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ବୁଧବାର ରାତିରେ ଏକ କାର୍‌କୁ ୨ଟି ବାଇକ୍‌ରେ କେତେଜଣ ଦୁର୍ବୃତ୍ତ ଗୋଡ଼ାଇବା ଭଳି ଘଟଣା ଘଟିଛି। ଫଳରେ ଜୀବନ ବିକଳରେ କାର୍ ଚାଳକ ଓ ଅନ୍ୟ ୩ଜଣ ଯୁବକ ଜାତୀୟ ରାଜପଥ ହଂସପାଳ କେନାଲ ବ୍ରିଜ୍ ଦେଇ ବାଲିଅନ୍ତା ଗାଁ ଭିତରକୁ ପଶି ଆସିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ସେମାନଙ୍କୁ ପିଛା କରି ଗୋଡ଼ାଇ ଥିଲେ। ଏହା ଦେଖି ଚାଳକ ବାଲିଅନ୍ତା ସାଇଫନ ଛକ ପୂର୍ବରୁ ଥିବା ଏକ ସାହି ଭିତରକୁ କାର୍‌କୁ ନେଇଯାଇଥିଲେ। ଦୁର୍ବୃତ୍ତମାନେ ଗାଁ ଭିତରକୁ ପଶିବାକୁ ସାହସ ନ କରି ଫେରି ଯାଇଥିଲେ। ତେବେ ଦୁର୍ବୃତ୍ତଙ୍କ ଆକ୍ରମଣ ଆଶଙ୍କାରେ ଭୟଭୀତ ଚାଳକ କାର୍‌କୁ ସାହିର ଜଣଙ୍କ ଘର ସମ୍ମୁଖରେ ରଖି ଅନ୍ଧାରରେ ବିଲ ଆଡ଼େ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଅନ୍ଧାର ଭିତରେ ଟର୍ଚ୍ଚ ମାରି ଆଖପାଖ ବିଲ ଗହୀରରେ ସେମାନଙ୍କୁ ଖୋଜିଥିଲେ। ସେମାନଙ୍କ ମଧ୍ୟରୁ ଚାଳକ ଏକ ଦଳ ଭର୍ତ୍ତି ଗାଡ଼ିଆ ଭିତରେ ଖସି ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ୩ ଯୁବକ ଭୟରେ ଘଟଣାସ୍ଥଳରୁ କେଉଁ ଆଡ଼େ ପଳାଇଥିଲେ। ଅଟକ ଚାଳକଙ୍କୁ ଲୋକେ ପଚାରିବାରୁ, ବାଇପାସ୍ ରାସ୍ତାରେ କାର୍‌ର ପାଣି ଛିଟା ଜଣେ ବାଇକ୍ ଚାଳକଙ୍କ ଉପରେ ପଡ଼ିବାରୁ କେତେଜଣ ଦୁର୍ବୃତ୍ତ ରାଗରେ କାର୍‌କୁ ଇଟା ମାଡ଼ କରିବା ସହ ପିଛା କରିଥିଲେ। ତେବେ ଲକ୍ଷ୍ମୀସାଗର ଅଞ୍ଚଳରୁ ଏହି କାର୍‌ଟି ଭଡ଼ାରେ ଆସିଥିଲା। ଗୁରୁବାର ଗାଡ଼ି ମାଲିକ ଘଟଣାସ୍ଥଳରୁ କାର୍‌ଟିକୁ ନେଇଥିଲେ। ଏଥିସହ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ପୋଲିସ ଜିମାରେ ଥିବା ଚାଳକଙ୍କୁ ପୋଲିସ କାର ମାଲିକ ସହିତ ଛାଡ଼ିଥିବା ଜଣାପଡ଼ିଛି।

## ଜାତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାର କୃତୀ ଶିଳ୍ପୀ ପୁରସ୍କୃତ

### ସସ୍ନେହା ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚାଲିଥିବା ୩ଦିନିଆ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଏକାଡେମୀ ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସଭାପତି ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଏକାଡେମୀର ପୂର୍ବକ୍ଷେତ୍ର କାର୍ଯ୍ୟାଳୟର ଡ. ଗୋପାଳ ପ୍ରସାଦ ମହାପାତ୍ର, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ନାଟ୍ୟକାର ମନୋଜ ପଟ୍ଟନାୟକ ଏବଂ ନୃତ୍ୟଗୁରୁ ଶରତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଶ୍ୱଜିତ ମହାପାତ୍ରଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ଦୀଲୁ ପ୍ରସାଦ ବେହେରାଙ୍କୁ ୭ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଶୁଭଶ୍ରୀ ପ୍ରୀତିନନ୍ଦିନୀଙ୍କୁ ୫ ହଜାର ଟଙ୍କାର ଚେକ୍ ସହ ପୁରସ୍କୃତ କରାଯାଇଥିଲା। ସେହିପରି କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନନ୍ୟା ଜୁଗଦେଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ଅର୍ପିତା ଶତପଥୀଙ୍କୁ ୭ ହଜାର ଏବଂ ତୃତୀୟ ସ୍ଥାନରେ ଥିବା ନୟୋନିକା ରାୟଙ୍କୁ ୫ହଜାର ଟଙ୍କାର ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବାଙ୍ଗାଲୋରର କେ. ଜ୍ୟୋତିର୍ମୟ ପଟ୍ଟନାୟକ, ଗୁରୁ ମଧୁସ୍ମିତା ମହାନ୍ତି ଏବଂ ସୁଶ୍ରୀ ତନିଷା ତନୁଶ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ବିଚିତ୍ରନନ୍ଦ ସ୍ୱାଇଁ, ଭୁବନେଶ୍ୱର ରୁଦ୍ରାକ୍ଷ ଫାଉଣ୍ଡେଶନର କଳାକାରମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସ୍ମୃତିମୟୀ, ସୌର୍ମିଳି ଦେ, ମଧୁସ୍ମିତା ପ୍ରଧାନ, କରୁଣାକର ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ ସହଯୋଗ କରିଥିଲେ। ବିଶ୍ୱଜିତ ବଲିୟାରସିଂ ଉତ୍ସବର ପରିଚାଳନା କରିଥିଲେ।

## ଆନ୍ଦୋଳନ ଚେତାବନୀ ଦେଲେ ଡିଜେ ମାଲିକ

ଭୁବନେଶ୍ୱର, ୨୨।୮ (ସୂର୍ଯ୍ୟକାନ୍ତ ବେହେରା)

### ଗଣେଶ ପୂଜା ଭସାଣିରେ କଟକଣା ନେଇ ଅସନ୍ତୋଷ



ଅଭିଯୋଗ ଆଣି ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଥିବା ଡିଜେ ମାଲିକମାନେ।

ରାଜଧାନୀରେ ଗଣେଶ ପୂଜା ଭସାଣିରେ ଡିଜେ ଉପରେ ଲଗାଯାଇଥିବା କଟକଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କଟକଣାକୁ ବିରୋଧ କରି ଡିଜେ ମାଲିକମାନେ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। କଟକଣା ଉପରେ ପୁନଃବିଚାର କରି ନିଷ୍ପତ୍ତି ନେବାକୁ ସେମାନେ ଅନୁରୋଧ କରିଛନ୍ତି।

ଡିଜେ ମାଲିକମାନେ ଅଭିଯୋଗ କରିଛନ୍ତି ଯେ, ପାର୍ବଣ ପାଇଁ ବିଭିନ୍ନ ଜାଗାରୁ ବୁକିଂ ରଖା ସରିଥିଲା। ହେଲେ କଟକଣା ପରେ ବିଭିନ୍ନ ପୂଜା କମିଟି ଦେଇଥିବା ଆଡ୍‌ଭାନ୍ସ ଟଙ୍କା ଫେରାଇ ନେଇଛନ୍ତି। ତେଣୁ ଡିଜେ ସାଉଣ୍ଡରୁ ଜୀବିକା ନିର୍ବାହ କରୁଥିବା ଓ ରୋଜଗାର ପାଉଥିବା ପରିବାର ଉପରେ ସିଧା ପ୍ରଭାବ ପଡ଼ିଛି। ସମସ୍ତ କଟକଣା ମାନୁଥିଲେ ମଧ୍ୟ କମିଶନରେଟ ପୋଲିସ କାହିଁକି ଏଭଳି ନିଷ୍ପତ୍ତି ନେଇଛି ତାକୁ ନେଇ ଡିଜେ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ସାଉଣ୍ଡ ବଜାଇବା ପାଇଁ ଯାହା ବି ନିର୍ଦ୍ଦିଷ୍ଟ ନିୟମ ରହିଛି ତାକୁ ମାନିବୁ। କିନ୍ତୁ କଟକଣା ହଟାଇ ଡିଜେ ପାଇଁ ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି। ଆସନ୍ତା ଦୁଇତିନିଦିନ ମଧ୍ୟରେ ପୋଲିସ ପକ୍ଷରୁ ଯଦି ଏହା ଉପରେ କୌଣସି ବିଚାର ନ କରାଯାଏ, ତା' ହେଲେ ବିକ୍ଷୋଭ ପ୍ରଦର୍ଶନ, ଧାରଣା ଆଦି ଆନ୍ଦୋଳନ କରିବେ ବୋଲି ଡିଜେ ମାଲିକମାନେ ଚେତାବନୀ ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ କମିଶନରେଟ ପୋଲିସ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାନୁସାରେ, ଆସନ୍ତା ସେପ୍ଟେମ୍ବର ୭ରେ ହେବାକୁ ଥିବା ଗଣେଶ ପୂଜା ସହରରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନେଇ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ପୂଜାର ସ୍ୱତନ୍ତ୍ର ଆକର୍ଷଣ କୁହାଯାଉଥିବା ଭସାଣି ଉତ୍ସବରେ ଏଥର ଡିଜେ ସାଉଣ୍ଡ ବ୍ୟବହାରକୁ ବାରଣ କରାଯାଇଛି। ଏହାବଦଳରେ ପାରମ୍ପରିକ ବାଦ୍ୟ ବଜାଇବା ଉପରେ ଗୁରୁତ୍ୱ ଦିଆଯାଇଛି। କମିଶନରେଟ ପୋଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ହୋଇଥିବା ସମନ୍ୱୟ ବୈଠକରେ ଆଲୋଚନା ପରେ ଏନେଇ ଡିସିପି ପ୍ରତୀକ ସିଂ ଗତ ୧୮ ତାରିଖରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ।

# ଆକର୍ଷଣ ସାଜିବ ତିରୁପତି ବାଲାଜୀ ମନ୍ଦିର ତୋରଣ

**ଗୋଲେଇ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ**

- ପୂଜା ପାଇବେ ୧୪ ଫୁଟ ଉଚ୍ଚର ଗଣେଶ
- ଶୋଭାପାଇବ ୫୫ ଫୁଟ ଉଚ୍ଚର ଏଲ୍ଇଡି ୧୦ ଗେଟ୍


ବାଲାଜୀ ମନ୍ଦିର ତୋରଣର ନକଲ।



ଜଟଣୀ,୨୨।୮ (ରବୀନ୍ଦ୍ରନାଥ ମହାକୁଡ଼)

ସେପ୍ଟେମ୍ବର ୭ରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଏବେଠୁ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ଗୋଲେଇ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ୧୦ଟି ୫୫ଫୁଟର ଡିଜିଟାଲ ଏଲ୍ଇଡି ଲାଇଟ ଗେଟ୍, ମେକାନିକାଲ ପ୍ରତିକୃତି ସହିତ କପଡ଼ାରେ ନିର୍ମିତ ତିରୁପତି ବାଲାଜୀଙ୍କ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ବ୍ୟବସୟୀ ସଂଘ ପକ୍ଷରୁ କୁହାଯାଇଛି।

ଏଠାରେ ପୂଜା ପାଉଥିବା ଠାକୁରଙ୍କୁ ଥାନପତି କୁହାଯାଏ। ୧୯୩୨ ମସିହାରୁ ଏହି ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଗଣେଶଙ୍କ ସହିତ ମାତା ଲକ୍ଷ୍ମୀ, ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଇ ଆସୁଥିବା ଲୋକଶ୍ରୁତିରୁ ଜଣାଯାଏ। ସେତେବେଳେ ବ୍ୟବସାୟୀ ଶରତ ସାହୁଙ୍କ ଉଦ୍ୟମରେ ୨୦ରୁ ୨୫ଜଣ ଦୋକାନ ମାଲିକଙ୍କୁ ନେଇ ପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱର୍ଗତ ଖୁସିରାମ ଅଗ୍ରୱାଲ, ସ୍ୱର୍ଗତ ଅଯୋଧ୍ୟା ପ୍ରସାଦ ଅଗ୍ରୱାଲ, ସ୍ୱର୍ଗତ ପୂର୍ଣ୍ଣ ଖମ୍ବ, ସ୍ୱର୍ଗତ ମୁକୁନ୍ଦ ସାହୁ, ସ୍ୱର୍ଗତ ପାନ୍ନା ଲାଲ, ସ୍ୱର୍ଗତ କ୍ଷେତ୍ରା ସାହୁ, ସ୍ୱର୍ଗତ ମଦନ ବାବୁ, ସ୍ୱର୍ଗତ ଡି.ପି. ଠକ୍କର, ଯଦୁ ସାହୁ, ଜଗୁ ବାବୁ, ବୃନ୍ଦାବନ ବାବୁ, ଧ୍ରୁ ବାବୁଙ୍କ ପରେ ସ୍ୱର୍ଗତ ଶ୍ରୀବତ୍ସ ରାଉତରାୟ, ସ୍ୱର୍ଗତ ଦୟା ସୁବୁଦ୍ଧି, ହରି ସାହୁ, ନିରଞ୍ଜନ ମହାପାତ୍ର, ସ୍ୱର୍ଗତ ଶତ୍ରୁଘ୍ନ ମହାନ୍ତି, ପ୍ରଭାକର ମିଶ୍ରଙ୍କ ଭଳି ବ୍ୟବସାୟୀ ପୂଜାର ଦାୟିତ୍ୱ ନେଇ ପୂଜାକୁ ଆକର୍ଷଣୀୟ କରି ଜଟଣୀ ଗଣେଶ ପୂଜାରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ, ଯାହାକୁ ବର୍ତ୍ତମାନର ଯୁବପିଢ଼ି ଆଗେଇ ନେଉଛନ୍ତି। ଏଥର ୧୪ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତିସହିତ ମାତା ଲକ୍ଷ୍ମୀ ଓ ଦେବୀ ସରସ୍ୱତୀଙ୍କୁ ମଣ୍ଡପରେ ଆରାଧନା କରାଯିବ। ଗତ ବର୍ଷଠାରୁ ଚଳିତ ବର୍ଷ ଅଧିକ ୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସଂଘ ପକ୍ଷରୁ ଆକଳନ କରାଯାଇଛି। ଶୃଙ୍ଖଳିତ ଭସାଣି ଯାତ୍ରା ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହେବା ସହ ବ୍ୟବସାୟୀ ସଂଘର କର୍ମକର୍ତ୍ତା ସହଯୋଗ କରିବେ।

**ଏମାନେ ଯାହା କୁହନ୍ତି...**

" ଜଟଣୀର ପୁରୁଣା ବଜାର ମଧ୍ୟରୁ ଗୋଲେଇ ଓ ନିୟୁ ମାର୍କେଟ ଅନ୍ୟତମ। ୮୦ବର୍ଷର ପୁରୁଣା ମାର୍କେଟ। ୪ଶହରୁ ୫ଶହ ବିଭିନ୍ନ ବ୍ୟବସାୟୀଙ୍କ ସହଯୋଗରେ ପୂଜା ହୋଇଆସୁଛି। ଜଟଣୀ ଏକ ସର୍ବଧର୍ମ ଓ ଭାଇଚାରାର ସହର। ଏହି ପୂଜାକୁ ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସର ସହ ପାଳନ କରୁଛୁ।
**-ସୁଜିତ କୁମାର ରାଉତରାୟ, ସଭାପତି, ଗୋଲେଇ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ**

" ଜଟଣୀ ଗଣେଶ ପୂଜାରେ ଗୋଲେଇ ମାର୍କେଟ ଠାକୁର ହେଉଛନ୍ତି ଥାନପତି। ପ୍ରତିବର୍ଷ ଭସାଣି ଶୋଭାଯାତ୍ରାରେ ଶେଷରେ ଠାକୁର ଯାଇଥାନ୍ତି। ଏହି ବଜାର ରେଲୱେ ଅଧୀନରେ ରହିଥିବାରୁ ରାସ୍ତାଘାଟ ମରାମତି ସହ ସଫେଇ ଠିକ୍ ସମୟରେ ହେଉନାହିଁ। ଫଳରେ ସ୍ଥାନୀୟ ବ୍ୟବସାୟୀ ହଇରାଣ ହେଉଛନ୍ତି। ରେଲୱେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଗଣେଶ ପୂଜା ପୂର୍ବରୁ ଉକ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରୁଛୁ।
**-ତ୍ରିଲୋଚନ ପଟ୍ଟନାୟକ, ସମ୍ପାଦକ, ଗୋଲେଇ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ**

## ଡଲ୍ଫିନଙ୍କ ସୁରକ୍ଷା ପାଇଁ ଚିଲିକାରେ ବନ ବିଭାଗର ପଇଁତରା



କୃଷ୍ଣପ୍ରସାଦ,୨୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଏବଂ ଇରାୱାଡି ଡଲ୍ଫିନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏହି ଡଲ୍ଫିନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଚିଲିକାରେ ପଇଁତରା ମାରିବା ସହ ପର୍ଯ୍ୟଟକଙ୍କୁ ଡଲ୍ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକମାନଙ୍କୁ ସଚେତନ କରାଉଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡୀୟ ଅଧିକାରୀ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ପାରିକୁଦ ବନ ବିଭାଗର ସ୍କ୍ୱାଡ୍ ଟିମ୍ ପାଞ୍ଚକୁଦି, କାଳିଜାଇ ନାଳ, ପାଣ୍ଠା, ଗେରାସର, ଚିଖିଲି, ସୋଲାକୁଦୀ, ଚତରା, ଜେଟି ନାଳ ଆଦି ଚିଲିକାରେ ନଜର ରଖିଛନ୍ତି। ଡଲ୍ଫିନଙ୍କ ଠାରୁ କେତେ ଦୂରରେ ରହିବା, ଡଲ୍ଫିନ ବିଚଳିତ ହେବା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲିଥିନ ଏବଂ ପ୍ଲାଷ୍ଟିକ ବୋତଲ ନ ପକାଇବା ପାଇଁ ଡଙ୍ଗା ଚାଳକମାନଙ୍କୁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ତାଗିଦା କରାଯାଉଥିବା ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା କହିଛନ୍ତି। ବନରକ୍ଷୀ ତ୍ରିଲୋଚନ ମହାରଣା, ଲଲାଟ ସ୍ୱାଇଁ, ଜୟନ୍ତ ଜେନା, ରତ୍ନାକର ସେଠୀ, ଶଶିକାନ୍ତ ସେଠୀ, ଉପେନ୍ଦ୍ର ଜେନା ପ୍ରମୁଖ ପଇଁତରା ଦେଉଥିବା ଜଣାପଡ଼ିଛି।

## ସରକାରୀ କର୍ମଚାରୀଙ୍କ କାର୍ ଧକ୍କାରେ ୨ବାଇକ୍ ଚୂରମାର

ଟାଙ୍ଗୀ,୨୨।୮ (ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଛକସ୍ଥିତ ଶ୍ରୀଦୁର୍ଗା ହୋଟେଲ ସମ୍ମୁଖରେ ଗୁରୁବାର ଜଣେ ସରକାରୀ କର୍ମଚାରୀଙ୍କ କାର୍ ଧକ୍କାରେ ୨ଟି ବାଇକ୍ ଭାଙ୍ଗି ଚୂରମାର ହୋଇଯାଇଛି। ତେବେ ଦୁଇ ବାଇକ୍ ଚାଳକ ଏକ ବଡ଼ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉପସ୍ଥିତ ଲୋକେ ସମ୍ପୃକ୍ତ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଟାଙ୍ଗୀ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ କର୍ମଚାରୀଙ୍କୁ ଥାନାକୁ ଆଣିବା ସହ ଗାଡ଼ିଗୁଡ଼ିକୁ ଜବତ କରିଛି। ତେବେ ଦୁର୍ଘଟଣା ଘଟାଇଥିବା ସମ୍ପୃକ୍ତ କର୍ମଚାରୀ ଜଣଙ୍କ ଡ୍ୟୁଟି ସମୟରେ ମଦ୍ୟପାନ କରି କାର୍ଯ୍ୟ କରୁଥିବାରୁ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।


ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସର ରାସ୍ତାରେ ଜମି ରହିଛି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

## ଗଣଦୌଡ଼ ପାଇଁ ପ୍ରସ୍ତୁତି ବୈଠକ

କଳାପଥର,୨୨।୮ (ଗଙ୍ଗାଧର ସାହୁ)

କ୍ରୀଡ଼ାସଂସଦ ଆନୁକୂଲ୍ୟରେ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନଠାରେ ବିଶିଷ୍ଟ କ୍ରୀଡାବିତ୍ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସରେ ଗଣଦୌଡ଼ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ସଂସଦ ଉପସଭାପତି ବିବେକାନନ୍ଦ ସାମଲଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୨୯ତାରିଖରେ ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମଦିବସରେ ଏକ ଗଣଦୌଡ଼ ଡମପଡ଼ା ବ୍ଲକ ହରିରାଜପୁର–ଶିମିଳିପୁର ହାଇସ୍କୁଲ ଠାରୁ ଆରମ୍ଭ ହୋଇ ବାଙ୍କୀ ଟାଉନସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ଶେଷ ହେବ ବୋଲି ସମ୍ପାଦକ ରଣା କହିଛନ୍ତି। କ୍ରୀଡାବିତ୍ ପ୍ରେମାନନ୍ଦ ବେହେରାଙ୍କୁ ଧ୍ୟାନଚାନ୍ଦ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସ୍ଥିର ହୋଇଛି। କ୍ରୀଡ଼ାବିତ୍ ପ୍ରସନ୍ନ ମଣି ତ୍ରିପାଠୀ, ପ୍ରାଧ୍ୟାପକ ମନୋଜ ମହାପାତ୍ର, କ୍ରୀଡା ଅଧ୍ୟାପକ ରବିନାରାୟଣ ମଙ୍ଗରାଜ, ନିରଞ୍ଜନ ସାହୁ, ଦିଲୀପ ସାହୁ, କୃପାସିନ୍ଧୁ ପ୍ରଧାନ, ଜଗନ୍ନାଥ ଦଳେଇ, ଜିତେନ୍ଦ୍ର ଦେଓ, ଲିଙ୍ଗରାଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ




କୃଷ୍ଣପ୍ରସାଦ,୨୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଶୈଳକୃଷ୍ଣ ଫାଉଣ୍ଡେଶନ କଣ୍ଟାବଣିଆ ପକ୍ଷରୁ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ବ୍ଲକସ୍ତରୀୟ ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ମୁଖ୍ୟ ପରିଚାଳକ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜୟରାମ ଦାସ, ପୂର୍ବତନ ସରପଞ୍ଚ ସଦାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ଅଜୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ବିଦ୍ୟାଧର ପଲେଇ, ଅମରେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ବିଶ୍ୱଜିତ୍ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ଅଞ୍ଚଳରୁ ଯୋଗଦେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜଗନ୍ନାଥ ପ୍ରଧାନ, ଶ୍ରୀକାନ୍ତ ଜେନା, ବିଜୟ ଜେନା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆୟୁଷ୍ମାନ ଆରୋଗ୍ୟ ଶିବିର

ବେଗୁନିଆ,୨୨।୮ (ସନ୍ଧ୍ୟାରାଣୀ ମିଶ୍ର): ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅଧିକାରୀ ରାଜକିଶୋର ପଣ୍ଡା, ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି, ଫାର୍ମାସିଷ୍ଟ ଗୌତମ ସାମନ୍ତରାୟ ପ୍ରମୁଖ ଜନସାଧାରଣଙ୍କ ଚର୍ମ, ଆଖି, ମଧୁମେହ, ଉଚ୍ଚ ରକ୍ତଚାପ, ଦାନ୍ତ ଓ କର୍କଟ ରୋଗର ପରୀକ୍ଷଣ କରିବା ସହ ନିଦାନ ପାଇଁ ପରାମର୍ଶ ଦେଇଥିଲେ। ଷ୍ଟାଫନର୍ସ ସଙ୍ଗୀତା ଦାଶ ଓ ଲାବଟେକ୍ନିସିଆନ ହର ପ୍ରସାଦ ଦାଶଙ୍କ ସମେତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି କଣ୍ଟାବାଡ ସାସ୍ଥ୍ୟ ଉପକେନ୍ଦ୍ର ପରିସରରେ ଡା. ଜଗଦୀଶ ସାହୁ, ଆୟୁଷ ଡାକ୍ତର ମଧୁମିତା ଆଚାର୍ଯ୍ୟ, ଫାର୍ମାସିଷ୍ଟ ଚିତ୍ତ ରଞ୍ଜନ ହରିଚନ୍ଦନ, ଲାବଟେକ୍ନିସିଆନ ଶ୍ରଦ୍ଧାଞ୍ଜଳି ସାହୁ, ସହାୟକ ଚିତ୍ତ ରଞ୍ଜନ ହୋତା ପ୍ରମୁଖ ପରୀକ୍ଷା କରିବା ସହ ନିଦାନ ଉପରେ ପରାମର୍ଶ ଦେଇଥିଲେ।

## ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା

ବୋଲଗଡ଼,୨୨।୮ (ଦେବବ୍ରତ ହୋତା)



ବୋଲଗଡ଼ କୃଷି ଅଧିକାରିଣୀ ସୀତାରତ୍ନମାଳା ଦାସଙ୍କ ଆବାହକତ୍ୱରେ ଗୁରୁବାର ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ଓ ସଚେତନତା ଅଭିଯାନ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ମୁଖ୍ୟବକ୍ତା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କୁମାର ଛୋଟରାୟ, ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅତିରିକ୍ତ ବିଡିଓ ଡ. ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବ୍ଲକ କୃଷି ଅଧିକାରିଣୀ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରି ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ କୃଷିକ୍ଷେତ୍ରର ଉନ୍ନତି ପାଇଁ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଓ ସମସ୍ତ କୃଷି କର୍ମଚାରୀ ଉପସ୍ଥିତ ଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଡିଜିଟାଲ ଫସଲ ସର୍ବେକ୍ଷଣ ସବୁଠାରେ କରାଯାଉଥିଲେ ମଧ୍ୟ ଗୋପାଳପୁର ପଞ୍ଚାୟତରେ ଡିଜିଟାଲ ସର୍ଭେ ହୋଇନାହିଁ କିମ୍ବା ଲିଷ୍ଟରେ ନାମ ନ ଥିବା କହିଥିଲେ। ସେହିପରି ସରପଞ୍ଚ ସୁନନ୍ଦା ବରା ଚାଷ ଓ ଚାଷୀଙ୍କ ବିକାଶ ପାଇଁ ବ୍ଲକ ଅଞ୍ଚଳରେ କୌଣସି କାର୍ଯ୍ୟ କରାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ କୃଷି ବିଭାଗ ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରକୃତ ଗରିବ ଚାଷୀମାନଙ୍କୁ ଯୋଗାଇ ଦେଉଥିବା ବିହନ ଗହମ, ବିରି, ସୂର୍ଯ୍ୟମୁଖୀ ମଞ୍ଜି, ସୋରିଷ, ବାଦାମ, ରାଶି ଆଦି ମିଳିନାହିଁ ବୋଲି ଡାବରଧୁଆ ପାଟଣାର ସରପଞ୍ଚ ବିଜୟ ସେଠୀ ଅଭିଯୋଗ କରିଥିଲେ। ଚାଷ ଓ ଚାଷୀଙ୍କ ବିକାଶ ପାଇଁ କୃଷକ ଆଇଡି ଖୋଲି ଚାଷୀମାନେ ରାଜ୍ୟ ସରକାରଙ୍କ କୃଷି ବିଭାଗର ସମସ୍ତ ସୁବିଧା ନେବା ପାଇଁ ବ୍ଲକ କୃଷି ଅଧିକାରୀ ଦାସ ସମସ୍ତ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରାଯାଉ ବୋଲି ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଦାବି କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ପ୍ରଧାନ ଆଚାର୍ଯ୍ୟ ଶୈଳବାଳାଙ୍କ ପରଲୋକ

ବାଣପୁର,୨୨।୮ (ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଗଙ୍ଗାଧରପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶୈଳବାଳା ସାହୁ(୫୦)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଛାତ୍ରୀଛାତ୍ରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସଭାପତି ଅରୁଣ ଦାଶଙ୍କ ସଂଯୋଜନା ଏବଂ ସମ୍ପାଦକ ଅଶ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ଜୟଶ୍ରୀ ମହାପାତ୍ର, ଅକ୍ଷୟ ପଲାଇ, ଉମାକାନ୍ତ ମହାପାତ୍ର, ସୁଜାତା ବେହେରା, ମାମି ବେହେରା ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ପାଠ ଛାଡ଼ିଥିବା କିଶୋରୀ ବାଳିକା ହେବେ ସ୍ୱାବଲମ୍ବୀ

ବେଗୁନିଆ,୨୨।୮
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଗ୍ରାମାଞ୍ଚଳର କିଶୋରୀ ବାଳିକାମାନେ ବେକାର ଘରେ ବସିବେ ନାହିଁ। ଅତ୍ୟାଧୁନିକ ଯୁଗରେ ଅନେକ କାମ କରିପାରିବେ। ସେମାନଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇଦେବ ବେଗୁନିଆ ସମନ୍ୱିତ ଶିଶୁ ବିକାଶ ବିକାଶ ବିଭାଗ। ଏନେଇ ଗୁରୁବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅନୁଷ୍ଠିତ ପରାମର୍ଶ ଶିବିରରେ ମତପ୍ରକାଶ ପାଇଛି। ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରାମର୍ଶ ଶିବିରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ ବକ୍ତାଭାବେ ଯୋଗଦେଇଥିଲେ। ଓରମାସର ପରିଚାଳକ ଓ କର୍ମକର୍ତ୍ତା, ଭୁବନେଶ୍ୱର ଏବଂ ଜଟଣୀ ସ୍ଥିତ ସରକାରୀ ଆଇଟିଆଇ କେନ୍ଦ୍ରର କର୍ମଚାରୀ, ଅଙ୍ଗନୱାଡି କର୍ମୀମାନଙ୍କ ସହିତ ସିଆରସିମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆୟୋଜିତ ଶିବିରରେ ୧୪ ରୁ ୧୭ ବର୍ଷ ବୟସର ୭୭ ଜଣ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। ଅନେକ କିଶୋରୀ ବାଳିକା ଘରେ ବସି ରହିଛନ୍ତି। ରୋଜଗାର ମାଧ୍ୟମ ଖୋଜୁଥିଲେ ମଧ୍ୟ ମାନସିକ ଚାପ କିମ୍ବା ଆର୍ଥିକ ଅନାଟନ ଯୋଗୁ ରୋଜଗାର ସକ୍ଷମ ହୋଇପାରୁ ନାହାନ୍ତି। ଟେକ୍ନୋଲୋଜି ବଳରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ପ୍ରଯୁକ୍ତି ବିଦ୍ୟା, ସିଲେଇ, ହାତ ତିଆରି କାରୁକାର୍ଯ୍ୟ, ଧନ୍ଦାମୂଳକ ଶିକ୍ଷାରେ ଶିଳ୍ପ ତାଲିମ ନେଇ ପାରିବେ। ସମସ୍ତ ସୁବିଧା, ନାମଲେଖା ପାଇଁ ପ୍ରୋତ୍ସାହନ ଏବଂ ଉତ୍ସାହିତ କରିବା ପାଇଁ ସହଯୋଗ କରିବ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର। ସେହିପରି ଏଥିରେ ଅଂଶଗ୍ରହଣ କରିଥିବା ୭୭ ଜଣ କିଶୋରୀମାନଙ୍କ ମଧ୍ୟରୁ ୭ ଜଣ ଇଚ୍ଛୁକ ଥିବା କିଶୋରୀମାନଙ୍କର ଦକ୍ଷତା ଅନୁଯାୟୀ ସମସ୍ତ ସୁବିଧା ଯୋଗାଇଦେବେ ବୋଲି ସିଡିପିଓ ଚକ୍ରବର୍ତ୍ତୀ ପ୍ରତିଶ୍ରୁତି ଦେଇଛନ୍ତି।

## ସରିଲା ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

ବୋଲଗଡ଼,୨୨।୮ (ଦେବବ୍ରତ ହୋତା)

**ପ୍ରଶିକ୍ଷଣ ହେଲେ ୧୯ ପଞ୍ଚାୟତର ୩୦୮ ୱାର୍ଡମେମ୍ବର**

ବୋଲଗଡ଼ ପଞ୍ଚାୟତ ସମିତି ସଭାଗୃହରେ ୬ଦିନ ଧରି ଚାଲିଥିବା ୧୯ ପଞ୍ଚାୟତର ୩୦୮ ୱାର୍ଡମେମ୍ବରଙ୍କ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ କଳାଙ୍ଗ, ସାନପଦର ଓ ଅସରଳା ପଞ୍ଚାୟତର ୪୫ଜଣ ୱାର୍ଡମେମ୍ବରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏବିଡିଓ ରତିକାନ୍ତ ମିଶ୍ର, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସୋନାଲି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଦିବସରେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ତାଲିମଦାତା ଭାଗୀରଥି ଦାଶ, ମାୟାଧର ବେହେରା, ସୀତାକାନ୍ତ ଦାଶ, ଆକବର ଅଲ୍ଲୀ ଖାଁ, ପ୍ରଣତି ମିଶ୍ର, ଜିତେନ୍ଦ୍ର ସୁନ୍ଦରାୟ, ଜୟଦେବ ଡାକୁଆ ପ୍ରମୁଖ ଯୋଗଦେଇ ଗ୍ରାମପଞ୍ଚାୟତ ବିକାଶ ଯୋଜନା, ପଲ୍ଲୀସଭା, ଆବାସ ଯୋଜନା, ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ୭୩ତମ ସମ୍ବିଧାନ ସଂଶୋଧନ, ୱାର୍ଡମେମ୍ବରଙ୍କ ଭୂମିକା, ବିପର୍ଯ୍ୟୟ ପ୍ରଶମନ ଆଦି ବିଷୟ ଉପରେ ସୂଚନା ଦେଇଥିଲେ। ସାମାଜିକ କର୍ମୀ ବାମଦେବ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୱାର୍ଡମେମ୍ବରମାନଙ୍କୁ ସେମାନଙ୍କ କାର୍ଯ୍ୟାବଳୀ ନେଇ ଅଭ୍ୟାସ ପୁସ୍ତିକା ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯାଇଥିଲା।


ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ୱାର୍ଡମେମ୍ବର ଏବଂ ଅନ୍ୟମାନେ।

## ୪୫୪ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ

ଜଟଣୀ,୨୨।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀବାଳା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା ଜ୍ୟୋତ୍ସ୍ନାମୟୀ ରାଉତ, ଖୋର୍ଦ୍ଧା ଜିଲା ପରିଷଦ ସାମାଜିକ ସମୀକ୍ଷକ ପ୍ରଦୋଷ କୁମାର ମହାରଣା, ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ସମେତ ଜିଲା ଏବଂ ବ୍ଲକସ୍ତରର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜଟଣୀ ବ୍ଲକ ଅଞ୍ଚଳର ୧୫ଟି ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୪ ଏବଂ ୨୦୨୫ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ ୫୪୭ଜଣ ଶ୍ରମିକଙ୍କୁ ଶହେଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି।


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି**

ଯାହାଫଳରେ ୧୧ହଜାର ୧୮୨ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ଗୋଟିଏ ପରିବାର ୧୦୦ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରି ଉପକୃତ ହୋଇଛନ୍ତି। ବ୍ଲକର ସମସ୍ତ ପଞ୍ଚାୟତ ପାଇଁ ମୋଟ ୫୯୧ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୧୩୭ଟି ପ୍ରକଳ୍ପ ଶେଷ ହୋଇଛି। ୪୫୪ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି। ଆଗାମୀ ଦିନରେ କିପରି ଅଧିକରୁ ଅଧିକ କର୍ମ ଦିବସ ସୃଷ୍ଟି କରାଯାଇପାରିବ, ସେନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା ସମସ୍ତ ଜିଆରଏସ୍‌ଙ୍କୁ ପରାମର୍ଶ ଦେଇଥିଲେ। ଜିଆରଏସ୍‌ମାନେ ସେମାନଙ୍କ ନିଜ କର୍ତ୍ତବ୍ୟ ଯଥା ମାଷ୍ଟରରୋଲ ମେଣ୍ଟେନ, ଆଧାର ଅପଡେଟ, ପ୍ରକଳ୍ପ ନାମ, ଗ୍ରାମସଭା ଆଦି କାର୍ଯ୍ୟ ଠିକ୍‌ଭାବେ କରିବାକୁ କହିଥିଲେ। ଏହି ଅବସରରେ ବେଣାପଞ୍ଜରୀ ଏବଂ ତରବୋଇ ପଞ୍ଚାୟତର କେତେଜଣ ବ୍ୟକ୍ତିଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

# ପ୍ରଶାସନଙ୍କୁ ଦୋଷ ପରେ ତଦନ୍ତ ନିର୍ଦ୍ଦେଶ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଗୋପ୍‌ର ବାୟାକୁଦ କେନାଲରେ ବୁଧବାର ୨୦ କୁଇଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଓଜନର ଚାଉଳକୁ ଫିଙ୍ଗିଦିଆଯାଇଥିଲା। ଏହି ଘଟଣା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଅର୍ପଣ ଚାଉଳକୁ କେନାଲରେ ଫିଙ୍ଗାଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଶ୍ରୀମନ୍ଦିରରୁ ଅର୍ପଣ ଚାଉଳ ଲୋଡ୍ ହୋଇ ଆସିଥିବା ମିନିଟ୍ରକ ଓ କେନାଲରେ ଫିଙ୍ଗାଯାଇଥିବା ଚାଉଳକୁ ନେଇ ଆସିଥିବା ମିନିଟ୍ରକ୍ ଏକା ନମ୍ବର (ନଂ. ଓଡି ୦୨-ବି ୫୮୯୯) ହୋଇଥିବାରୁ ଏହା ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ତେବେ ଚାଉଳ ଫିଙ୍ଗିଦିଆଯିବାକୁ ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ନିନ୍ଦା କରାଯାଇଛି। ଲୋକେ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠାଇବା ସହ ତାହା ଅର୍ପଣ ଚାଉଳ ଥିଲା ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ସରକାର ଏ ସଂକ୍ରାନ୍ତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପ୍ରତି ଅଙ୍ଗୁଳି ଉଠିବା ପରେ ଗୁରୁବାର ଜିଲାପାଳ ମୁହଁ ଖୋଲିଛନ୍ତି। କେନାଲରେ ଫିଙ୍ଗାଯାଇଥିବା ଚାଉଳ ଅର୍ପଣ ଚାଉଳ ନୁହେଁ ବୋଲି ସେ କହିବା ସହ ଯୋଗାଣ ବିଭାଗ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି।

ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, କେନାଲରେ ଚାଉଳ ଫିଙ୍ଗାଯିବା ଘଟଣା କ୍ଷୋଭ ଓ ନିନ୍ଦନୀୟ। ମହାପ୍ରଭୁଙ୍କ ଚାଉଳ ତାଙ୍କ ନିକଟକୁ ଆସିବା ଦରକାର। ଯଦି ଚାଉଳ ନଷ୍ଟ ହୋଇଯାଉଛି, ତେବେ ରାଜ୍ୟରେ ଥିବା ମଠ, ଆଶ୍ରମ, ଅନୁଷ୍ଠାନକୁ କିଛି କିଛି ବାଣ୍ଟିଦେଲେ ବହୁତ ଭଲ ହେବ। ସେହିପରି ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ଅର୍ପଣ ଚାଉଳ ସଂଗ୍ରହ କରିବା ବିଜେଡି ସରକାରଙ୍କ ଏକ ଭୁଲ୍ ନିଷ୍ପତ୍ତି ଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଲୋକେ ଦେଇଥିବା ଚାଉଳ ବର୍ତ୍ତମାନ ନାଳରେ ଭସାଯାଉଛି, ଯାହା ଅଗଣିତ ଭକ୍ତଙ୍କୁ ବାଧୁଛି। ଏପରି କାର୍ଯ୍ୟ ନିନ୍ଦନୀୟ। ବିଜେଡି ସରକାର ଭକ୍ତଙ୍କ ଭାବାବେଗକୁ ନେଇ ଯେଉଁଭଳି ଭାବେ ଖେଳିଛି, ମହାପ୍ରଭୁ କ୍ଷମା ଦେବେନି ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ବିଜେଡିର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଭକ୍ତଙ୍କ ଭାବାବେଗ ସହ ଅର୍ପଣ ଚାଉଳ ଜଡ଼ିତ। ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ ଅର୍ପଣ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଅର୍ପଣ ଚାଉଳ ମହାପ୍ରସାଦ ହୋଇ ଭକ୍ତଙ୍କୁ ବଣ୍ଟନ କରାଯାଉଥିଲା। ମାତ୍ର ବର୍ତ୍ତମାନ ଉକ୍ତ ଚାଉଳ ଫିମ୍ପି ମାରି ନଷ୍ଟ ହେବାକୁ ବସିଲାଣି। ନୂଆ ସରକାର ଆସିବା ପରଠାରୁ ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ମାଗଣା ବଣ୍ଟନ କରିବା କାର୍ଯ୍ୟକ୍ରମ ବନ୍ଦ କରାଗଲା ଓ ଚାଉଳକୁ ପକାଇ ରଖାଯାଇ ନଷ୍ଟ ହେବାକୁ ଦିଆଗଲା। ନୂତନ ସରକାର ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେବା ଅପେକ୍ଷା ନିଜର ଡିଣ୍ଡିମ ପିଟିବାରେ ବ୍ୟସ୍ତ। ସରକାର ତୁରନ୍ତ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରି ଅର୍ପଣ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟନ୍ତୁ। ଫଳରେ ଭକ୍ତଙ୍କ ଚାଉଳ କାର୍ଯ୍ୟରେ ଲାଗିପାରିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଯେଉଁ ଚାଉଳ ପାଣିରେ ଫିଙ୍ଗାଯାଇଛି, ତାହା ଅର୍ପଣ ଚାଉଳ ନୁହେଁ। ଅର୍ପଣ ଚାଉଳ ମିଲକୁ ପଠାଯାଇଥିଲା ଓ ତାହା ସେଠାରେ ସୁରକ୍ଷିତ ରହିଛି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କେନାଲରେ ଫିଙ୍ଗାଯାଇଥିବା ଚାଉଳ ଅର୍ପଣ ଚାଉଳ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ତଥା ଯୋଗାଣ ବିଭାଗ ନିକଟରେ ଥିବା ଅର୍ପଣ ଚାଉଳ ସେହିଭଳି ରହିଛି। ତାହାର ସ୍ଥାନାନ୍ତର ହୋଇନାହିଁ। ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଥିବା ଅର୍ପଣ ଚାଉଳରୁ ଅଧିକାଂଶ ବ୍ୟବହାର କରାଯାଇ ଭକ୍ତଙ୍କୁ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରି ବଣ୍ଟାଯାଇଥିଲା। ତେବେ କିଛି ଚାଉଳ ବଳକା ରହିଯାଇଥିଲା। ତାହାକୁ ରି-ପ୍ରୋସେସିଂ ପାଇଁ ନିମାପଡ଼ାର ଏକ ରାଇସ୍ ମିଲ୍‌କୁ ପଠାଯାଇଛି। ଏକ କେନାଲରେ ଅର୍ପଣ ଚାଉଳ ଫିଙ୍ଗାଯାଇଥିବା ନେଇ ଯେଉଁ ଚର୍ଚ୍ଚା ହେବା ସହ ଅଭିଯୋଗ ଆସିଥିଲା, ପ୍ରଶାସନ ପକ୍ଷରୁ ତା'ର ତଦନ୍ତ ପାଇଁ ବ୍ଲକ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଅର୍ପଣ ଚାଉଳ ଯାଇଥିବା ମିନିଟ୍ରକରେ ରାଇସ୍ ମିଲ୍‌ର ନଷ୍ଟ ଚାଉଳକୁ ଫିଙ୍ଗିଦିଆଯାଇଥିବାରୁ ଲୋକଙ୍କ ମନରେ ଏଭଳି ସନ୍ଦେହ ଉପୁଜିଛି। ତେବେ ଏବେ ବି ୧୦ ହଜାର କୁଇଣ୍ଟାଲ ଚାଉଳ ପ୍ରଶାସନ ହେପାଜତରେ ଅଛି। ରାଜ୍ୟ ସରକାରଙ୍କୁ ଏ ନେଇ ଅବଗତ କରାଯାଇଛି। ରାଜ୍ୟ ସରକାର ଯାହା ନିଷ୍ପତ୍ତି ନେବେ, ସେହି ଅନୁଯାୟୀ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ସାରା ରାଜ୍ୟରେ ଅର୍ପଣ ରଥ ବୁଲି ୧୪ ହଜାର କୁଇଣ୍ଟାଲ୍ ଚାଉଳ ସଂଗ୍ରହ କରିଥିଲା। ତେବେ ସେଥିରୁ ୪ ହଜାର କୁଇଣ୍ଟାଲ୍ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ମାଗଣାରେ ବଣ୍ଟାଯାଇଥିଲା। କିଛି ଚାଉଳ ଶ୍ରୀମନ୍ଦିର ଉତ୍ତର ଓ ପଶ୍ଚିମ ଦ୍ୱାର ଗୁମୁଟରେ ପଡ଼ିରହିଥିଲା। ଏହି ଚାଉଳ ଦୀର୍ଘଦିନ ରହି ନଷ୍ଟ ହୋଇଯିବାରୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ତା'ର ରି-ପ୍ରୋସେସିଂ ପାଇଁ ଗତ ୧୮ ତାରିଖରେ ଗୋଟିଏ ମିନିଟ୍ରକ ଯୋଗେ ଦୁଇଶହ ବସ୍ତା ଚାଉଳ ନିମାପଡ଼ା ଅଞ୍ଚଳର ଏକ ରାଇସ୍ ମିଲ୍‌କୁ ପଠାଯାଇଥିଲା।

### କେନାଲରେ ଚାଉଳ ଫିଙ୍ଗାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା

## 'ପ୍ରଶାସନ ଉପରେ ଭରସା ନାହିଁ, ଜଗନ୍ନାଥ ଦଣ୍ଡ ଦେବେ'

ଗୋପ, ୨୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)


କେନାଲ ପାଣିରେ ପଡିଥିବା ଚାଉଳକୁ ଜଣେ ବ୍ୟକ୍ତି ଦେଖାଉଛନ୍ତି ।

ଗୋପ ବ୍ରାଞ୍ଚ କେନାଲରେ ଚାଉଳ ଫିଙ୍ଗାଯିବା ଘଟଣା ନେଇ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଉପରେ ଜନତା ପ୍ରଶ୍ନ ଉଠାଇଛନ୍ତି। ସେହି ଚାଉଳ ଯଦି ଅର୍ପଣ ଚାଉଳ ହୋଇଥାଏ, ତା'ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମ୍ପୃକ୍ତ ଦୋଷୀମାନଙ୍କୁ ଦଣ୍ଡ ଦେବେ, କାରଣ ପ୍ରଶାସନ ଉପରେ ଭରସା ନାହିଁ ବୋଲି ସ୍ଥାନୀୟ ବାୟାକୁଦା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ଓ ବେଣୁଧର ବେହେରାଙ୍କ ସମେତ ଅନେକ ବ୍ୟକ୍ତି କହିଛନ୍ତି। ଏହି ଘଟଣାରେ ସ୍ଥାନୀୟ ନେତୃବୃନ୍ଦଙ୍କ ନୀରବତା ସମସ୍ତଙ୍କୁ ଚକିତ କରିଛି। କେନାଲରେ କେଉଁ ଚାଉଳ ଫିଙ୍ଗାଯାଇଥିଲା, କିଏ ପଠାଇଥିଲା, କାହିଁକି ଫିଙ୍ଗା ଗଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏ ନେଇ ଏବେ ଅନେକ ପ୍ରଶ୍ନ ଉଠିଲାଣି।

ସୂଚନାଯୋଗ୍ୟ, ଗୋପ ବ୍ଲକ ଅଞ୍ଚଳରେ ବିପିଏଲ ଚାଉଳରେ ବ୍ୟାପକ ଅନିୟମିତତା ହେଉଥିବାର ଅଭିଯୋଗ ଆସୁଛି। ଏପରିକି ଗୋପ ବ୍ରାଞ୍ଚ କେନାଲରେ ଫିଙ୍ଗିଦିଆଯାଇଥିବା ଚାଉଳ ରାଶନ୍ କାର୍ଡ ହିତାଧିକାରୀଙ୍କର ବୋଲି ଅଭିଯୋଗ ହେଉଛି। ଗୋପ ବ୍ଲକର ୩୧ଟି ପଞ୍ଚାୟତ ଏବଂ କୋଣାର୍କ ଏନ୍ଏସି ଅଞ୍ଚଳରେ ୩୭୭୪୬ଟି ରାଶନ୍ କାର୍ଡ ଥିବାବେଳେ ମାସିକ ୮ହଜାର କୁଇଣ୍ଟାଲରୁ ଅଧିକ ଚାଉଳ ଆସୁଛି। ଚାଉଳ ଯୋଗାଣ ଦାୟିତ୍ୱ ନେଇଥିବା ନିମାପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ବିଭିନ୍ନ ସମୟରେ ବଣ୍ଟନ ଦାୟିତ୍ୱରେ ଥିବା ଡିଲରମାନଙ୍କୁ ଦେଉଥିବା ଚାଉଳର ଓଜନ ଠିକ୍ ରହୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ବିପିଏଲ୍ ଚାଉଳ ବସ୍ତା ପିଛା ୫୨କେଜି ଆସୁଥିବାବେଳେ ଡିଲର ପଏଣ୍ଟରେ ପହଞ୍ଚିବାବେଳକୁ ୪୬ରୁ ୪୭ କେଜି ହେଉଥିବା ଶୁଣିବାକୁ ମିଳୁଛି। ଏହି ବିପିଏଲ୍ ଚାଉଳକୁ ୧୫ ଦିନ ତଳେ ହୋଲସେଲରଙ୍କୁ ବିକ୍ରି କରିବାବେଳେ କେତେଜଣ ଡିଲର ଧରାପଡ଼ିବା ଘଟଣାକୁ ଚାପି ଦିଆଯାଇଥିଲା। ଏପରି ଅଭିଯୋଗର ତଦନ୍ତ ହେବା ଆବଶ୍ୟକତା ଥିବାବେଳେ କାହିଁକି ଜିଲା ଯୋଗାଣ ବିଭାଗ ନୀରବ ରହୁଛି ତାହା ସନ୍ଦେହ ଘେରକୁ ଆସୁଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ତଦନ୍ତ କରାଯିବ ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ସୁବୋଧ କୁମାର ହୋତା କହିଛନ୍ତି।

## ସଂକ୍ଷେପରେ

### ମଠ ପାର୍ଶ୍ୱରେ ଶେଡ୍ ନିର୍ମାଣକୁ ବିରୋଧ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି):

ବଡ଼ଆଖଡ଼ା ଓ ଲଙ୍ଗୁଳି ମଠ ପାର୍ଶ୍ୱରେ ଶେଡ୍ ନିର୍ମାଣକୁ ସାଧାରଣରେ ବିରୋଧ କରାଯାଇଛି। ଏ ନେଇ ସାମାଜିକ କର୍ମୀ ଦିଲୀପ ବରାଳ ପୁରୀ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବଡ଼ଆଖଡ଼ା ଓ ଲଙ୍ଗୁଳି ମଠ ପାର୍ଶ୍ୱରେ ଶେଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ ନିମନ୍ତେ ଏଏସ୍ଆଇର ଅନୁମତି ନାହିଁ। ଏଏସ୍ଆଇର ବିନା ଅନୁମତିରେ ବ୍ୟାରିକେଡ୍ ଓ ଶେଡ୍ ନିର୍ମାଣ କରାଗଲେ ତାହା ଆଇନ ଉଲ୍ଲଂଘନ ହେବ। ଉକ୍ତ ସ୍ଥାନରେ ଶେଡ୍ ନିର୍ମାଣ ହେଲେ ମେଘନାଦ ପାଚେରୀର ସୌନ୍ଦର୍ଯ୍ୟ ନଷ୍ଟ ହେବ। ଭକ୍ତଙ୍କ ସ୍ୱାର୍ଥ କଥା କହି ପ୍ରତିବର୍ଷ ଶେଡ୍ ନିର୍ମାଣ କରାଯିବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଦୁର୍ନୀତି ହେଉଛି। ତେଣୁ ସମସ୍ତ ଦିଗକୁ ବିଚାର କରାଯାଇ ଉକ୍ତ ସ୍ଥାନରେ ଶେଡ୍ ନିର୍ମାଣ ନ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

### ଗ୍ୟାସ୍ ଟାଙ୍କି ପାଇପ୍ ଫାଟି ଶ୍ରମିକ ଗୁରୁତର

ଗୋପ,୨୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗ୍ୟାସ୍ ଟାଙ୍କି ପାଇପ୍ ଫାଟି ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି । ସେ ହେଲେ ରତ୍ତୁ କରିମ୍ (୨୯)। ସେ କିଛିଦିନ ହେବ ଚାଷକାର୍ଯ୍ୟ କରିବାକୁ ଏଠାକୁ ଆସିଥିଲେ। ଏହି ଘଟଣା କୋଣାର୍କ ଥାନା ଅଧୀନ ବାଲିଦୋକାନ ଅଞ୍ଚଳରେ ଘଟିଛି। ପ୍ରକାଶ ଯେ, ବୁଧବାର ରାତିରେ ରତ୍ତୁ ରୋଷେଇ କରୁଥିବାବେଳେ ଗ୍ୟାସ୍‌ସିଲିଣ୍ଡରରେ ଲାଗିଥିବା ପାଇପ୍‌ଟି ଫାଟି ଯାଇଥିଲା। ରତ୍ତୁଙ୍କ ୨ ହାତ ସହିତ ଶରୀରର ଆଉ କେତେକ ସ୍ଥାନ ପୋଡ଼ିଯିବାରୁ ତାଙ୍କୁ ଗୋପ ଡାକ୍ତରଖାନାକୁ ଅଣାଯାଇଥିଲା। ଡ୍ୟୁଟିରେ ଥିବା ଡାକ୍ତର ସଙ୍ଗେ ସଙ୍ଗେ ସମ୍ପୃକ୍ତ ଯୁବକଙ୍କୁ ଚିକିତ୍ସା କରିଥିଲେ। ରତ୍ତୁଙ୍କ ସହିତ ଆଉ କେତେଜଣ ଯୁବକ ଧାନତଳି କାମ କରିବାକୁ ଆସି କୋଣାର୍କ ବାଲିଦୋକାନ ଅଞ୍ଚଳରେ ରହୁଥିବା ଜଣାପଡ଼ିଛି।

## ଭାରତୀୟ ଦଳରେ ସାମିଲ ପୁରୀ କୁସ୍ତିବିତ୍‌ଙ୍କୁ ସମ୍ବର୍ଦ୍ଧନା


ସାଉଥ୍ ଏସିଆନ କମ୍ବାଟ ଚାମ୍ପିୟନ୍‌ଶିପ୍‌ରେ ଭାଗନେବାକୁ ଚୟନ ହୋଇଥିବା ପୁରୀର କୁସ୍ତିବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି।)

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁରେ ସାଉଥ୍ ଏସିଆନ କମ୍ବାଟ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ଦଳରେ ପୁରୀର ଅନେକ ଖେଳାଳି ରହିଛନ୍ତି। ଗୁରୁବାର ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ହୋଟେଲରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରବିଶଙ୍କର ପ୍ରତିହାରୀ ଯୋଗଦେଇଥିଲେ। ଆସୋସିଏଶନ୍‌ର ସଭାପତି ଅନନ୍ତ ତିଆଡ଼ି, ସମ୍ପାଦକ ଜମ୍ମେଶ୍ୱର ସୁବୁଦ୍ଧି, ପରାମର୍ଶଦାତା ରାମଚନ୍ଦ୍ର ଦାସ ମହାପାତ୍ର, ଲକ୍ଷ୍ମୀନାରାୟଣ ଦୀକ୍ଷିତ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦାଶ, ଜିଲା ସମ୍ପାଦକ ମଦନମୋହନ ମହାସୁଆର, ଶ୍ୟାମସୁନ୍ଦର ମହାପାତ୍ର, କାହ୍ନୁ ପଣ୍ଡା ଏବଂ ହରିହର କର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ପ୍ରତିଯୋଗୀମାନେ ଅଧିକାଂଶ ମେଡାଲ ହାତେଇବେ ବୋଲି ସେ ଆଶାବାଦୀ ରହିଥିବା ମୁଖ୍ୟ ଅତିଥି ପାତ୍ର କହିଥିଲେ। ସେହିଭଳି ଆସୋସିଏଶନର ଯାହା କିଛି ସମସ୍ୟା ରହିଛି, ସେ ସବୁକୁ ଲିଖିତ ଆକାରରେ ପ୍ରଦାନ କରାଗଲେ ସେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଲୋଚନା କରି ସାହାଯ୍ୟ ସହଯୋଗ ଯୋଗାଇଦେବେ ବୋଲି ପାତ୍ର କହିଥିଲେ। ସାଉଥ୍ ଏସିଆନ କୋମ୍ବାଟ୍ ଚାମ୍ପିୟନଶିପ୍‌ରେ ୬ଟି କାଟୋଗୋରି ଯଥା ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍, ଜୁନିୟର୍, ସବ୍‌ଜୁନିୟର, ସିନିୟର୍ ଓ ଭେଟେରାନ ଆଦି ବର୍ଗରେ ପ୍ରତିଯୋଗୀମାନେ ଭାଗ ନେବେ। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ଅତିଥି ଏବଂ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ୩୦ରୁ ନେପାଳରେ ହେବ ସାଉଥ୍ ଏସିଆନ କମ୍ବାଟ ଚାମ୍ପିୟନଶିପ୍

## ସର୍ପ ଦଂଶନରେ ଅଙ୍ଗନୱାଡି ସହାୟିକା ମୃତ

ଡେଲାଙ୍ଗ,୨୨।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅଧୀନ ଅରିସଲ ପଞ୍ଚାୟତସ୍ଥିତ ଖଣ୍ଡିଗାଁ ଅଙ୍ଗନୱାଡ଼ି କେନ୍ଦ୍ର ସହାୟିକା ମଞ୍ଜୁଲତା ବାରିକ(୪୯)ଙ୍କ ସର୍ପାଘାତରେ ଗୁରୁବାର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ମଞ୍ଜୁଲତା ତାଙ୍କ ବାଡ଼ି ପଛପଟ କୁଟାଗଦାରୁ ଗୋରୁଙ୍କ ପାଇଁ କୁଟା ଆଣିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ସାପ କାମୁଡ଼ି ଦେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପିପିଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ପ୍ରଶାନ୍ତ ବାରିକ ମୁଖାଗ୍ନି ଦେଇଥିଲେ। ସହାୟିକାଙ୍କ ମୃତ୍ୟୁ ଖବରପାଇ ଅଙ୍ଗନୱାଡ଼ି ଜିଲା ସଭାନେତ୍ରୀ ଜୋସ୍ନାରାଣୀ ସାହୁ ଓ ସମ୍ପାଦିକା ମମତା ବରାଳଙ୍କ ସମେତ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ପାଇଁ ଦାବି କରିଥିଲେ।

## ଜିଲାର ସୈନିକ ପାଇବେ ସ୍ୱାସ୍ଥ୍ୟସେବା


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ଇସିଏଚ୍ଏସ୍ ସହ ଇ-୨୪ ହସ୍ପିଟାଲର ତାଲିକାଭୁକ୍ତ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇସିଏଚ୍ଏସ୍ ପୁରୀର ଭାରପ୍ରାପ୍ତ ଅଧିକାରୀ କ୍ୟାପଟେନ ନୀଳକଣ୍ଠ ସାହୁଙ୍କ ନେତୃତ୍ୱରେ ଇ-୨୪ ଅଧୀକ୍ଷକ ରାଜେଶ ମିଶ୍ର ଇସିଏଚ୍ଏସ୍‌ର ସମସ୍ତ ତାଲିକାଭୁକ୍ତ କାଗଜରେ ସ୍ୱାକ୍ଷର କରିଥିଲେ। ଏହା ଦ୍ୱାରା ପୁରୀ ଜିଲାର ୪ ହଜାରରୁ ଉର୍ଦ୍ଧ୍ୱ ସୈନିକ ଏବଂ ସେମାନଙ୍କ ପରିବାର ସ୍ୱାସ୍ଥ୍ୟସେବା ପାଇପାରିବେ। ପୂର୍ବରୁ ସ୍ୱାସ୍ଥ୍ୟସେବା ପାଇବା ନିମନ୍ତେ ସେମାନଙ୍କୁ ଭୁବନେଶ୍ୱର ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଥିଲା। ସମସ୍ତ ସୁବିଧା ଇସିଏଚ୍ଏସ୍ ପୁରୀ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଏବଂ ଓଡ଼ିଶା କ୍ଷେତ୍ରର କମାଣ୍ଡର ବ୍ରିଗେଡିୟର ଅମନ୍ ଆନନ୍ଦ, ଇସିଏଚଏସ୍‌ର ଆଞ୍ଚଳିକ କ୍ଷେତ୍ରର ଅଧୀକ୍ଷକ କର୍ଣ୍ଣେଲ କେ.ଜୟପାଲ, ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀ ଲ୍ୟୁଟ୍‌ନାଣ୍ଟ କମାଣ୍ଡର ପୁଷ୍ପେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଇସିଏଚଏସ୍ ପୁରୀର ଭାରପ୍ରାପ୍ତ ଅଧିକାରୀ କ୍ୟାପଟେନ ଶାହା ଉପସ୍ଥିତ ସମସ୍ତ ସଦସ୍ୟ, ପୂର୍ବତନ କର୍ଣ୍ଣେଲ ସୁଧୀର ପାତ୍ର, କ୍ୟାପଟେନ ତଥା ପୁରୀ ଜିଲା ସଭାପତି ମେଜର ଆର୍ତ୍ତତ୍ରାଣ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଇସିଏଚ୍ଏସ୍ ସହ ଇ-୨୪ ହସ୍ପିଟାଲର ତାଲିକାଭୁକ୍ତ କାର୍ଯ୍ୟକ୍ରମ

## ଉପଜିଲାପାଳଙ୍କ ତହସିଲ କାର୍ଯ୍ୟ ସମୀକ୍ଷା

ଅସ୍ତରଙ୍ଗ,୨୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଉପଜିଲାପାଳ ଗୋପୀନାଥ କୁଅଁର ଗୁରୁବାର ଅସ୍ତରଙ୍ଗ ଗସ୍ତ କରି ସ୍ଥାନୀୟ ତହସିଲର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ତହସିଲ ଅଧୀନ ରାଜସ୍ୱ ନିରୀକ୍ଷକଙ୍କ କାଗଜ ଯାଞ୍ଚ, ଜମିଜମା ସମ୍ପର୍କିତ, ଦାଖଲ ଖାରଜ ମାମଲା ଏବଂ ବକେୟା ମାମଲାଗୁଡ଼ିକର ସମୀକ୍ଷା କରିଥିଲେ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ମାମଲାର ଫଇସଲା କରିବା ସହିତ ଦାଖଲ ଖାରଜ ମାମଲାଗୁଡ଼ିକୁ ଯଥାଶୀଘ୍ର ସମାଧାନ କରି ଜନସାଧାରଣଙ୍କୁ ପଟ୍ଟା ପ୍ରଦାନ ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ କରୁଥିବା ଲୋକଙ୍କୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରମାଣପତ୍ର ଯୋଗାଇଦେବା ଲାଗି କୁଅଁର ପରାମର୍ଶ ଦେଇଥିଲେ। ସେହିପରି ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଏହି ଗସ୍ତ ସମୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ରାଜସ୍ୱ ଅଞ୍ଚଳ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଚାଲାଣ: ଜଣେ ଗିରଫ

ଅସ୍ତରଙ୍ଗ,୨୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ପୋଲିସ ମଦ ଚୋରା ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିକାଶ ଦାଶ। ପୋଲିସ ତାଙ୍କଠାରୁ ୧୨ଲି ୯୬୦ମିଲି ମଦ ଜବତ କରିଛି। ପୋଲିସ ଏନେଇ ୧୮୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ରାଜେଶ ବଲିୟାରସିଂ କହିଛନ୍ତି ।


ଏସ୍‌ସିଏସ୍ କଲେଜରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଆଣବିକ ଶକ୍ତିର ବହୁମୁଖୀ ଦିଗ ସମ୍ପର୍କରେ ଏନ୍‌ପିସିଆଇଏଲ୍‌ର ପ୍ରତିନିଧି ପ୍ରଭାକର ପାଣ୍ଡେ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

## 'ବରିଷ୍ଠ ନାଗରିକଙ୍କୁ ଯୁବପିଢ଼ି ସମ୍ମାନ କରିବା ଉଚିତ'

ପୁରୀ,୨୨।୮ (ଅଜିତ କୁମାର ମହାନ୍ତି):

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘଆଖଡା ମଠ ପରିସରରେ ବୁଧବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପରିବାରର ମୂଳଦୁଆ ହେଉଛନ୍ତି ବରିଷ୍ଠ ନାଗରିକ। ତାଙ୍କର ଜୀବନ ଓ ଅଭିଜ୍ଞତାକୁ ନେଇ ବହୁତ କିଛି ଶିଖିବାର ଆବଶ୍ୟକତା ରହିଛି। ସେମାନଙ୍କ ସ୍ନେହ, ଆଶୀର୍ବାଦ ଅମୂଲ୍ୟ ଓ ନିଃସ୍ୱାର୍ଥପର ହୋଇଥାଏ ବୋଲି ଦାସ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କ ସେବା କରିବା ସହିତ ସେମାନଙ୍କ ଉପଲବ୍ଧି, ପରିବାର ଓ ଦେଶ ପ୍ରତି ସମର୍ପଣ ଭାବ ପାଇଁ ପରାମର୍ଶ ନେବାକୁ ଯୁବପିଢ଼ି ଆଗେଇ ଆସିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଭାବେ ଅଧିବକ୍ତା ଗୁଣ୍ଡିଚା ବରାଳ, ମୁଖ୍ୟବକ୍ତା ବିପିନ ଦଳାଇ, ଅନ୍ୟତମ ବକ୍ତା ଭାବେ ନରସିଂହ ମହାନ୍ତି, ଡାକ୍ତର କାମଦେବ ଦାସ, ଅଧ୍ୟାପକ ଦେବରାଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚର ସମ୍ପାଦକ ଦେବେନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକଙ୍କ ନିମନ୍ତେ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା, ମନ୍ଦିର ଓ ଧର୍ମାନୁଷ୍ଠାନରେ ଦର୍ଶନ ବ୍ୟବସ୍ଥା, ଟ୍ରେନ୍‌ରେ ରିହାତି ଓ ଆୟୁଷ୍ମାନ ଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଶଙ୍କର ବାରିକ, ଦେବେନ୍ଦ୍ର ତ୍ରିପାଠୀ, ପ୍ରଫୁଲ୍ଲ ମିଶ୍ର, ସାରଦା ନନ୍ଦ, ଗୋଲକ ଚନ୍ଦ୍ର ଜେନା, ଭଗବାନ ସମର୍ଥା, ବଟକୃଷ୍ଣ ସ୍ୱାଇଁ, ଅରୁଣ କୁମାର ମହାନ୍ତି, ତ୍ରିବିକ୍ରମ ମିଶ୍ର, ସୁରେନ୍ଦ୍ର ସାମନ୍ତରାୟ ଏବଂ କୃପାସିନ୍ଧୁ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥି ଏବଂ ନାଗରିକ ମଞ୍ଚର କର୍ମକର୍ତ୍ତା ।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

ନିମାପଡ଼ା,୨୨।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଚିଲୋ ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲିଜାରାଣୀ ପଣ୍ଡା(୧୨)। ଏନେଇ ପୋଲିସ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଲିଜାରାଣୀ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନରତ ଥିବାବେଳେ ସେ ସ୍କୁଲ ଯିବା ପୂର୍ବରୁ ଏକ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତା ଯୋଗୁ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସେ ପୋଖରୀରେ ବୁଡ଼ିଯାଇଥିବା ଦେଖି ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ଛାତ୍ରୀଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୮ମ ଶ୍ରେଣୀ ନାମଲେଖାରୁ ୨୪ ଛାତ୍ରୀଛାତ୍ର ବଞ୍ଚିତ

କଣାସ,୨୨।୮ (ବିଭୂତି ଭୂଷଣ ତ୍ରିପାଠୀ)

କୌଣସି ଜଣେ ବି ଛାତ୍ରୀଛାତ୍ର ଯେପରି ପାଠପଢ଼ାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ଅହରହ ଯୋଜନା ପରେ ଯୋଜନା ପ୍ରଣୟନ କରି ଚାଲିଛନ୍ତି। କିନ୍ତୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ୮ମ ଶ୍ରେଣୀର ୨୪ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ନାମ ଲେଖାଇ ପାରୁ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ବଡ଼ପୁଟ ପଞ୍ଚାୟତର ବାରାଦ ବାଦଲପୁର ଉଚ୍ଚ ବିଦ୍ୟାଳୟରେ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ଶ୍ରେଣୀ ରହିଛି। ଚଳିତବର୍ଷ ଅଭିଭାବକମାନେ ୭ମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀରେ ନାମଲେଖା ପାଇଁ ଶିକ୍ଷା ପ୍ରମାଣପତ୍ର ଦାଖଲ କରିଥିଲେ। ଏପ୍ରିଲ୍‌ଠାରୁ ଛାତ୍ରୀଛାତ୍ର ପ୍ରତ୍ୟହ ବିଦ୍ୟାଳୟକୁ ଆସି ପାଠ ପଢିବା ସହ ସରକାରୀ ମଧ୍ୟାହ୍ନ ଭୋଜନ ମଧ୍ୟ ଖାଉଛନ୍ତି। କିନ୍ତୁ ବିଦ୍ୟାଳୟରେ ସେମାନଙ୍କ ନାମ ଲେଖା ହୋଇ ନ ଥିବା ଅଭିଭାବକମାନେ ଖବର ପାଇଥିଲେ। ଏନେଇ ଗତ ଜୁଲାଇରେ ପୁରୀ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ୩୩ ଜଣ ଅଭିଭାବକ ଅଭିଯୋଗ କରିଥିଲେ। ଚିଠି ନଂ. ୫୮୪୩ ତା ୨୫।୭।୨୪ରିଖରେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ବାରଦ ବାଦଲପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଏହି ୩୩ ଜଣ ଛାତ୍ରୀଛାତ୍ରଙ୍କ ନାମ ବିଦ୍ୟାଳୟରେ ତୁରନ୍ତ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଦ୍ୟାଳୟରେ ୯ମ ଶ୍ରେଣୀରେ ୯ ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଥିବାବେଳେ ୮ମ ଶ୍ରେଣୀରେ ୨୪ ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖା ଯାଇ ନ ଥିଲା। ଫଳରେ ଅଭିଭାବକଙ୍କ ମଧ୍ୟରେ ପୁନଶ୍ଚ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୁରୀ ଜିଲା ଶିକ୍ଷା ଅଧିକାରୀ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏ ଘଟଣା ତାଙ୍କ ଦୃଷ୍ଟିକୁ ଆସିଛି। କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସେ ବିଦ୍ୟାଳୟକୁ ପଠାଉଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବଡ଼ଜେନାଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରେ, ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଥିବାରୁ ଅଭିଭାବକଙ୍କ ବାରଣରୁ ନାମଲେଖା ହୋଇପାରୁନାହିଁ। ଛାତ୍ରୀଛାତ୍ର ସଂପୃକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାନ୍ତୁ ବୋଲି ଉତ୍ତର ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଜୀବନ ସହିତ ନ ଖେଳି ସେମାନଙ୍କର ନାମଲେଖା ପାଇଁ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

### ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଫୁ

**୭ ଚୋରି ଛେଳି ଜବତ**

ମଙ୍ଗୁଳି- ଜଗତପୁର,(ମାନସ ସାମଲ): ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀର ଏକ କ୍ୱାର୍ଟର୍ସରୁ ଚୋରି ୭ଟି ଛେଳିକୁ ଗୁରୁବାର ପୋଲିସ ଜବତ କରିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନୂଆଗାଁ ମୁଣ୍ଡାସାହିର ସଞ୍ଜୟ ସିଂଙ୍କ ପରିବାର ସଦସ୍ୟ ବୁଧବାର ରାତିରେ ଓଟିଏମ୍ କଲୋନୀର ଗୋପବନ୍ଧୁ ପଡିଆକୁ ଯାତ୍ରା ଦେଖିବାକୁ ଆସିଥିଲେ। ସେଠାରୁ ସେମାନେ ଫେରିବା ପରେ ଗୁହାଳରୁ ୧୧ଟି ଛେଳି ଚୋରି ହୋଇଥିବା ଦେଖିଥିଲେ। ଏନେଇ ସଞ୍ଜୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୩୧/୨୪) ରୁଜୁ କରିଛି। ଥାନାରୁ ଫେରିବାବେଳେ ଓଟିଏମ୍ କ୍ୱାର୍ଟର୍ସର ଏକ ଘରେ ତାଙ୍କର ଛେଳିଗୁଡିକୁ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ଘରେ ଥିବା ମହିଳାଙ୍କୁ ସଞ୍ଜୟ ପଚାରିବାରୁ ତାଙ୍କ ସ୍ୱାମୀ ଛେଳିଗୁଡିକୁ ଆଣି ଏଠାରେ ବାନ୍ଧିବା ପରେ କେଉଁଆଡେ ଚାଲି ଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ଚଢ଼ା ଦରରେ କିରୋସିନ ବିକ୍ରି ଅଭିଯୋଗ: ୨ କଣ୍ଟ୍ରୋଲ ଦୋକାନରେ ଚଢ଼ାଉ

କଟକ ସଦର,୨୨।୮(ସୁଶାନ୍ତ କୁମାର ଜେନା)

ସାଧାରଣ ବଣ୍ଟନ ପାଇଁ ଆସୁଥିବା କିରୋସିନ ଚଢ଼ା ଦରରେ ବିକ୍ରି ଅଭିଯୋଗରେ ଗୁରୁବାର ଯୋଗାଣ ବିଭାଗ ପକ୍ଷରୁ କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତର ୨ କଣ୍ଟ୍ରୋଲ ଦୋକାନ ଉପରେ ଚଢ଼ାଉ କରାଯାଇଛି। ସରକାରୀ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ କିରୋସିନ ବିକ୍ରି କରାଯାଉଥିଲା ବୋଲି ଯୋଗାଣ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଉପଖଣ୍ଡ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ବ୍ଲକ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ।

### ପ୍ରଫେସର ଖଗେନ୍ଦ୍ରନାଥ ମଲ୍ଲିକଙ୍କ ଶ୍ରାଦ୍ଧବାର୍ଷିକୀ

କଟକ,୨୨।୮ (କାର୍ତ୍ତିକ ସାହୁ)

ପ୍ରାବନ୍ଧିକ ପ୍ରଫେସର ଡ. ଖଗେନ୍ଦ୍ରନାଥ ମଲ୍ଲିକଙ୍କ ନବମ ଶ୍ରାଦ୍ଧବାର୍ଷିକ ସମାରୋହ ତୁଳସୀପୁରସ୍ଥିତ ସାମ୍ବାଦିକ କଲୋନୀରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଡ. ରବୀନ୍ଦ୍ରନାଥ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ରେବତୀରମଣ ମହାପାତ୍ର ଏବଂ ସମ୍ମାନିତ ଅତିଥି ସଂଗୀତଗୁରୁ ଅରୂପଲାଲ ଘୋଷ, ସାମାଜିକ କର୍ମୀ ବିଷ୍ଣୁଚରଣ ବାରିକ ଯୋଗଦେଇ ଡ. ମଲ୍ଲିକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ନନ୍ଦକିଶୋର ନନ୍ଦ ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡ. ଜ୍ଞାନଗୁରୁ ଦାସ ବିବରଣୀ ପାଠ କରିଥିଲେ। ଆଡ୍‌ଭୋକେଟ ପ୍ରସନ୍ନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଯୋଗେନ୍ଦ୍ରନାଥ ମାର୍ଥା ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ମିଶ୍ର, ପ୍ରଫେସର ବିଭୁଦତ୍ତ ପ୍ରଧାନ, ଗୌରାଙ୍ଗ ସାମଲ, ସନ୍ତୋଷ କୁମାର ରାୟ, ପରିବାର ପକ୍ଷରୁ ସୁପୁତ୍ର ଶୁଭକାନ୍ତ ମଲ୍ଲିକ, ବୋହୂ ଦେବସ୍ମିତା ମହାନ୍ତି, ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ। ସଂଯୋଜ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଇଂ.ପ୍ରଭାକର ସ୍ୱାଇଁ ପାଇବେ କଳିଙ୍ଗ ଭାରତୀ ସଂସ୍କୃତି ସଙ୍ଗଠକ ସମ୍ମାନ

କଟକ,୨୨।୮ (କାର୍ତ୍ତିକ ସାହୁ)



ବିଶିଷ୍ଟ ସାରସ୍ୱତ ସଙ୍ଗଠକ ତଥା ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କୁ ଚଳିତବର୍ଷର କଳିଙ୍ଗ ଭାରତୀ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ ସଂସ୍କୃତି ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ କଳିଙ୍ଗ ଭାରତୀର ୫୩ତମ ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ମିଶନ ରୋଡ୍‌ସ୍ଥିତ ଭଞ୍ଜମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡ. ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ଅସ୍ମିତା ରକ୍ଷାରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପ ପ୍ରସଙ୍ଗ ଉପରେ ସ୍ମାରକୀ ବକ୍ତୃତା ହେବ। କଳିଙ୍ଗ ଭାରତୀର ନିର୍ବାହୀ ସଭାପତିପ୍ରଭାତ କୁମାର ନନ୍ଦ ଏନେଇ ପ୍ରେସ୍ ଇସ୍ତାହାରରେ ଗୁରୁବାର ସୂଚନା ଦେଇଛନ୍ତି।

# ‘ନିର୍ଭୁଲ ତଥ୍ୟରେ ହେବ ପ୍ରାଣୀସମ୍ପଦର ବିକାଶ’

କଟକ,୨୨।୮ (କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ପଶୁପକ୍ଷୀ ଗଣନାକାରୀଙ୍କ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ପଶୁପକ୍ଷୀ ଗଣନାକାରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

- ୧୯୮ ଗଣନାକାରୀ, ୫୧ଜଣ ସୁପରଭାଇଜର ନିଯୁକ୍ତ
- ୧୬ ପ୍ରଜାତିର ପଶୁପକ୍ଷୀଙ୍କ ହେବ ଗଣନା

୨୧ତମ ଜାତୀୟ ପଶୁପକ୍ଷୀ ଗଣନା କାର୍ଯ୍ୟକ୍ରମ ଅଧୀନରେ କଟକ ଜିଲାସ୍ତରୀୟ ତଦାରଖକାରୀ ଓ ଗଣନାକାରୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପୋ ଏହାକୁ ଉଦ୍‌ଘାଟନ କରି ଜିଲାରେ ନିର୍ଭୁଲ ଭାବେ ଏହି ଗଣନା କାର୍ଯ୍ୟ ସମାପନ କରିବାକୁ ଆହ୍ୱାନ ଦେଇଥିଲେ। ଗଣନା ସମୟରେ ସମସ୍ତ ସହଯୋଗ, ହେଲ୍ପଲାଇନ ଜରିଆରେ ଆବଶ୍ୟକ ସୂଚନା ଆଦାନପ୍ରଦାନ ଜାରି ରଖିବା ସହ ସରକାରଙ୍କ ନିକଟରେ ଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଠିକ୍ ଭାବେ ଉପଲବ୍ଧ ହୋଇପାରିଲେ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡିକର ରୂପରେଖ ପ୍ରସ୍ତୁତ କରାଯାଇପାରିବ। ଏହାଦ୍ୱାରା ପ୍ରାଣୀସମ୍ପଦର ବିକାଶ ହୋଇପାରିବ ବୋଲି ଟପୋ କହିଛନ୍ତି।

ପ୍ରକାଶ ଯେ, ପ୍ରତି ୫ ବର୍ଷରେ ପଶୁପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କଟକ ଜିଲାରେ ନିର୍ଭୁଲ ଭାବେ ଗଣନା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ସହ ସଂଶୋଧିତ ତଥ୍ୟ ପ୍ରକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାରେ ଗଣନା କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ୧୯୮ ଜଣ ଗଣନାକାରୀ ଏବଂ ୫୧ଜଣ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ଏମାନେ ୧୯୨୯ଟି ଗ୍ରାମ ତଥା ୧୧୩ଟି ୱାର୍ଡରେ ଗ୍ରାମ ମୁଖିଆ, ପଞ୍ଚାୟତ ସଭ୍ୟ ତଥା ଗୋଷ୍ଠୀ ଓ ଧାର୍ମିକ ମୁଖିଆଙ୍କ ସହଯୋଗରେ ଏହି ଗଣନା କାର୍ଯ୍ୟ ସମ୍ପାଦନ କରିବେ ବୋଲି କଟକ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୯ରେ ୨୦ତମ ଗଣନା ସମୟରେ ବିଭିନ୍ନ ପ୍ରକାର ପ୍ରାଣୀଙ୍କ ସଂଖ୍ୟା ୮ ଲକ୍ଷ ୩୯ ହଜାର ୬୬୦ ଥିବାବେଳେ କୁକୁଡ଼ା ଜାତୀୟ ପକ୍ଷୀଙ୍କ ସଂଖ୍ୟା ପ୍ରାୟ ୩୦ ଲକ୍ଷ ୧୫ ହଜାର ଥିଲା।

ଚଳିତବର୍ଷ ୧୬ଟି ପ୍ରଜାତିର ପଶୁପକ୍ଷୀଙ୍କୁ ନେଇ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ବିଭୁ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ସତ୍ୟ ରଞ୍ଜନ ରାଉତ, ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ବେହେରା ଓ ଉପଖଣ୍ଡସ୍ତରୀୟ ଜିଲା ପ୍ରାଣୀସମ୍ପଦ ଅଧିକାରୀମାନେ ନୋଡାଲ ଅଧିକାରୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବ୍ଲକର ପ୍ରାଣୀଚିକିତ୍ସା ଅଧିକାରୀ ଓ କର୍ମଚାରୀ ଏହି ଶିବିରରେ ଯୋଗଦେଇଛନ୍ତି।

## ଠିକ୍ ଭାବେ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ

କଟକ,୨୨।୮ (କାର୍ତ୍ତିକ ସାହୁ)

**ହାଇକୋର୍ଟରେ ନୟାଗଡ଼ ନାବାଳିକା ବଳାତ୍କାର ମାମଲା**

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ନାବାଳିକା ବଳାତ୍କାର ମାମଲାର ଠିକ୍ ଢଙ୍ଗରେ ତଦନ୍ତ ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଉକ୍ତ ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ମାମଲାର ତଦନ୍ତ ଆଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୧୯ରେ ନାବାଳିକା ଜଣଙ୍କୁ ଅଭିଯୁକ୍ତ ଶିବୁ ଜେନା ଇଟାମାଟିରୁ ଅପହରଣ କରିଥିଲେ। ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ହେଲେ ଅଭିଯୁକ୍ତ ସେହି ମାସ ୨୫ ତାରିଖରେ ନାବାଳିକାଙ୍କୁ ଗାଁ ଛକ ନିକଟରେ ଛାଡି ଫେରାର ହୋଇଯାଇଥିଲେ। ସେଠାରୁ ତାଙ୍କ ବାପା ତାଙ୍କୁ ଘରକୁ ନେଇଥିଲେ। ଏନେଇ ଇଟାମାଟି ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୧୧୮/୨୩) ରୁଜୁ ହୋଇଥିଲା। ହେଲେ ପୋଲିସ ମାମଲାର ତଦନ୍ତରେ ସେଭଳି ଆଗ୍ରହ ନ ଦେଖାଇବାରୁ ନୟାଗଡ଼ ଏସ୍‌ପିଙ୍କୁ ନାବାଳିକାଙ୍କ ବାପା ଗୁହାରି କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତ ଅନ୍ୟ ଜଣଙ୍କୁ ବିବାହ କରି ଖୁଲମଖୁଲା ଭାବେ ବୁଲୁଥିଲେ। ମାତ୍ର ପୋଲିସ ତାଙ୍କୁ ଗିରଫ କରୁନାହିଁ। ୨୦୨୪ ଜୁଲାଇ ୮ରେ ପୁଣି ସ୍ପିଡ୍ ପୋଷ୍ଟ ଯୋଗେ ଇଟାମାଟି ଥାନାକୁ ଅଭିଯୋଗପତ୍ର ପ୍ରେରଣ କରିଥିଲେ। ଏହାପରେ ଜୁଲାଇ ୧୩ରେ ପୁଣି ନୟାଗଡ଼ ଏସ୍‌ପିକୁ ସମାନ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ୨୦୨୪ ଜୁଲାଇ ୨୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଥିଲେ।




ନେତାଜୀ ମେମୋରିଆଲ ପାର୍କର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଟେଣ୍ଡର ବା ନିଯୁକ୍ତି ମାଧ୍ୟମରେ ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ଦେବା ଦାବିରେ ଜାଗୋ ଇଣ୍ଡିଆ ବଞ୍ଚାଅ ଇଣ୍ଡିଆ ପକ୍ଷରୁ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଟ୍ୟାଙ୍କରରୁ ଫର୍ନେସ ଅଏଲ ଅପମିଶ୍ରଣ ଘଟଣା, ଆଉ ଜଣେ ଗିରଫ

ଖୁଣ୍ଟୁଣୀ, ୨୨।୮ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳର ଆରତୀ ଷ୍ଟିଲ୍ କାରଖାନାକୁ ଆସୁଥିବା ଟ୍ୟାଙ୍କରରୁ ଫର୍ନେସ ଅଏଲ କାଢି ଅପମିଶ୍ରଣ କରିବା ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଗୋଡିସାହି ଗ୍ରାମର ପ୍ରଦୀପ କୁମାର ନାଏକ। ଏହି ଘଟଣାରେ ପୂର୍ବରୁ ୫ ଜଣଙ୍କୁ ପୋଲିସ ଗିରଫ କରିଛି। ପ୍ରଦୀପ ଉକ୍ତ କାରଖାନାରେ କାମ କରୁଛନ୍ତି। ବିଭିନ୍ନ ସମୟରେ ଆନ୍ଧ୍ରପ୍ରଦେଶର ଭାଇଜାଗରୁ ଟ୍ୟାଙ୍କରରେ ଆରତୀ ଷ୍ଟିଲ୍ କାରଖାନାକୁ ଆସୁଥିବା ଫର୍ନେସ ଅଏଲକୁ ୫ ଅଭିଯୁକ୍ତ ଖୋର୍ଦ୍ଧାଠାରେ ଅପମିଶ୍ରଣ କରି ଲାଭବାନ୍ ହୋଇଥିବା ପୋଲିସ କହିଛି। ଏହି ଘଟଣାରେ ପ୍ରଦୀପ ସେମାନଙ୍କୁ ସାହାଯ୍ୟ କରିଥିଲେ। ଏନେଇ କାରଖାନାର ନିରାପତ୍ତା ଅଧିକାରୀ ବ୍ରିଜେଶ ଦ୍ୱିବେଦୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୯/୨୪)ରୁଜୁକରିଥିଲା।

## ରାସ୍ତା କାମ ସାରିବା ଦାବିରେ ଗଣଧାରଣା




ରାସ୍ତା କାମ ଶେଷ କରିବା ପାଇଁ ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି।

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

**ସର୍ଭିସ୍‌ରୋଡ ମରାମତି କରାଯାଉ**

୫୫ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘବର୍ଷ ହେବ ଚାଲିଥିଲେ ମଧ୍ୟ ଶେଷ ହେଉନାହିଁ। ଫଳରେ ଉକ୍ତ ରାସ୍ତାରେ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ଶେଷ କରିବା, ରାସ୍ତାରେ ପାଣି ସିଞ୍ଚନ ଓ ସର୍ଭିସ ରୋଡ୍ ମରାମତି ଦାବିରେ ଅନେକ ସମୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଣଧାରଣା, ରାସ୍ତାରୋକୋ ଓ ପ୍ରତିବାଦ ସଭା କରାଯାଇଛି। ହେଲେ ଏଥିପ୍ରତି ଜାତୀୟ ରାଜପଥ ବିଭାଗ କର୍ଣ୍ଣପାତ କରୁନାହିଁ। ଫଳରେ ଜାତୀୟ ରାଜପଥ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ଚୌଦ୍ୱାର ସହରବାସୀ, ଚୌଦ୍ୱାର ଜାଗରଣ ମଞ୍ଚ ଓ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଗଣଧାରଣା ଦିଆଯିବା ସହ ପ୍ରତିବାଦ ସଭା ସ୍ଥାନୀୟ ଗାନ୍ଧୀ ଛକଠାରେ ଅନୁଷ୍ଠିତ ହୋଇଥିଲା। ସର୍ଭିସ୍‌ରୋଡ ମରାମତି, ରାସ୍ତା କାମ ତୁରନ୍ତ ଶେଷ କରିବା ଦାବିରେ ଧାରଣାକାରୀମାନେ ବିକ୍ଷୋଭ କରିଥିଲେ। ଧାରଣାକାରୀମାନେ ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଗାନ୍ଧୀ ଛକଠାରୁ ପିକେଟିଂ କରି ଧାରଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଜନଜାଗରଣ ମଞ୍ଚର କର୍ମକର୍ତ୍ତା ଶ୍ରୀକାନ୍ତ ପାଢ଼ୀ, ବିଷ୍ଣୁ ଚରଣ ପରିଡା, ସୁବୋଧ ନାୟକ, ନାରାୟଣ ସ୍ୱାଇଁ, ମନୋଜ ସାହୁ, ପ୍ରଦୀପ ନାୟକ, ପ୍ରଶାନ୍ତ ବରାଳ, ଜୟ ସିଂ, ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, ପ୍ରଭାନନ୍ଦ ସାହୁ, ରମେଶ ନାୟକ, ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏଥିରେ ସାଧାରଣ ଜନତା, ସାମାଜିକ କର୍ମୀ, ଯୁବକ, ଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ ଚୌଦ୍ୱାର ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

# କବର ସ୍ଥାନ ପାଇଁ ଜମି ଯୋଗାଇ ଦିଆଯାଉ

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

ଚୌଦ୍ୱାର ସହର ତଥା ଏହାର ଆଖପାଖ ଅଞ୍ଚଳରେ ଦୀର୍ଘବର୍ଷ ହେବ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ହେଲେ ଉକ୍ତ ସମ୍ପ୍ରଦାୟର ଲୋକଙ୍କ ମୃତ୍ୟୁ ଘଟିଲେ ମୃତଦେହ ପୋତିବା ପାଇଁ ସ୍ଥାନ ନାହିଁ। ତେଣୁ କବର ସ୍ଥାନ ନିର୍ମାଣ ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ କଳିଙ୍ଗନଗର ଖ୍ରୀଷ୍ଟିୟାନ୍ ସମାଜ ଗୃହରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଓଡ଼ିଆ ବାପ୍‌ଟିଷ୍ଟ ମଣ୍ଡଳୀ ସଭାପତି ଶାମସନ୍ ରାଉତ ଦାବି କରିଛନ୍ତି। ସେ କହିଛନ୍ତି, ମୃତଦେହ ପୋତିବା ପାଇଁ କବର ସ୍ଥାନ ଆବଶ୍ୟକତା ରହିଛି। ଏଥିପାଇଁ ଜାଗା ଯୋଗାଇ ଦେବାକୁ ବିଭିନ୍ନ ସରକରୀ ଦପ୍ତରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏପରି କି ପୂର୍ବତନ ମୁଖ୍ୟମନ୍ତ୍ରୀ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ତେଣୁ ଉକ୍ତ ୱାର୍ଡର କପାଳେଶ୍ୱର କଳିଙ୍ଗ ନଗର ଅଞ୍ଚଳରେ ସରକାରୀ ଜାଗା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପି. ସୁରଞ୍ଜନ ଦାସ, କମଲ କୁମାର ବେହେରା, ଆଲୋକ କୁମାର ସାହୁ, ସନ୍ତୋଷ କୁମାର ଦାସ, ପ୍ରଦୀପ ସାହୁ, ସୁଶାନ୍ତ କୁମାର ଦାସ, ମନୋଜ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

**ଟ୍ରକ ଧକ୍କାରେ ଚାଳକଙ୍କ ମୃତ୍ୟୁ ଘଟଣା**

ଚୌଦ୍ୱାର ଥାନା ଅଧୀନ ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ଥିବା ତୋଷାଳି ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଟ୍ରକ ଡ୍ରାଇଭରଙ୍କ ବୁଧବାର ଭୋର ସମୟରେ ବ୍ରହ୍ମପୁରର ସମରଝୋଳ ନିକଟରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୫ ନମ୍ବର ୱାର୍ଡ ଅଧୀନ ମୁରାଦଖାଁପାଟଣାର ଇନ୍ଦ୍ରଜିତ୍ ସ୍ୱାଇଁ(୨୪)। ସେ ୨ଦିନ ତଳେ କାରଖାନାର ସିମେଣ୍ଟ ବୋଝେଇ ଟ୍ରକ ନେଇ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। ସେଠାରେ ଟ୍ରକ୍‌ର ପାଲ ଖୋଲୁଥିବାବେଳେ ଅନ୍ୟ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ସନ୍ଧ୍ୟାରେ ଚୌଦ୍ୱାର ଅଣାଯାଇଥିଲା। ଇନ୍ଦ୍ରଜିତ୍ କାରଖାନାର ସ୍ଥାୟୀ ଶ୍ରମିକ ହୋଇଥିବାବେଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ଯୁବକ ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାରରେ ଅପୂରଣୀୟ କ୍ଷତି ହୋଇଛି। ତେଣୁ କ୍ଷତିପୂରଣ ଦାବି କରି ତାଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ଡ୍ରାଇଭର ସଂଘର ସଦସ୍ୟମାନେ କାରଖାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେବାରୁ ଚୌଦ୍ୱାର ପୋଲିସ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କାଉନସିଲର ଦିଲୀପ ଭୂୟାଁ ଓ ମୃତକଙ୍କ ପରିବାର ସଦସ୍ୟ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। କାରଖାନାର ପ୍ଲାଣ୍ଟ ହେଡ୍ ସମୀର କୁମାର ପୂଜାରୀ ମୃତକଙ୍କ ପରିବାରକୁ କାରଖାନା ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଓ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଦାବି ପୂରଣ ପାଇଁ ଏସ୍‌ସିବି, ଶିଶୁଭବନରେ ଆନ୍ଦୋଳନ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନର୍ସିଂ ଅଫିସର ଧାରଣାରେ ବସିଛନ୍ତି।

ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ୍ ଆସୋସିଏଶନ ଏସ୍‌ସିବି ଓ ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନ ଶାଖାର ନର୍ସିଂ ଅଫିସରମାନେ ଗୁରୁବାର ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ ଶିଶୁଭବନ ପରିସରରେ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବି ପୂରଣ ପାଇଁ ପୂର୍ବରୁ ନର୍ସିଂ ଅଫିସରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିଲେ। ପଦୋନ୍ନତି, ସ୍ଥାୟୀ ନିଯୁକ୍ତି, ୨୦୧୩ ପୂର୍ବରୁ ଥିବା ୬ ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇବା ସହ ଅନ୍ୟାନ୍ୟ ଦାବି ପୂରଣ ନ ହେବାରୁ ଗୁରୁବାରଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରୋଗୀ ସେବା ଜାରି ରଖି ନର୍ସିଂ ଅଫିସରମାନେ ଆନ୍ଦୋଳନ କରିବେ। ଏନେଇ ଓଡ଼ିଶା ନର୍ସିଂ ଆସୋସିଏଶନ ଏସ୍‌ସିବି ଶାଖା ସଭାପତି ଝରଣା ଜେନା କହିଛନ୍ତି, ନର୍ସିଂ ଅଫିସରଙ୍କ ସମସ୍ତ ଦାବି ସରକାର ପୂରଣ କରନ୍ତୁ। ୧୦ ଦଫା ଦାବି ମଧ୍ୟରେ ୨୦୧୩ ପୂର୍ବରୁ ଥିବା ୬ ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇବା ମୁଖ୍ୟ ଦାବି ରହିଛି। ଦାବିଗୁଡିକ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୨୬ ତାରିଖ ମଧ୍ୟରେ ଦାବି ପୂରଣ କରା ନ ଗଲେ ୨୭ରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ଜେନା କହିଛନ୍ତି। ଅପରପକ୍ଷରେ ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ୍ ଆସୋସିଏଶନ ଶିଶୁଭବନ ଶାଖା ସଭାପତି ଶୁଚିସ୍ମିତା ଦାସ କହିଛନ୍ତି, ନର୍ସିଂ ଅଫିସରଙ୍କ ପ୍ରତି ସରକାର ଅଣଦେଖା କରିବା ଶୋଭନୀୟ ନୁହେଁ। ଦୀର୍ଘଦିନ ହେବ ଦାବି ପୂରଣ ପାଇଁ ସରକାରଙ୍କୁ ଜଣାଇ ଆସୁଛୁ। ନୂଆ ସରକାର ଗଠନ ହେବା ପରେ ମଧ୍ୟ ଦାବି ପୂରଣ ଦିଗରେ ଆଲୋଚନା ପାଇଁ ପଦକ୍ଷେପ ନିଆଯାଇନାହିଁ। ଆଗାମୀ ଦିନରେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବା ପୂର୍ବରୁ ସରକାର ଦାବି ପୂରଣ କରିବେ ବୋଲି ଆଶା ରହିଛି।




କଟକ କାଳିଆବୁଦାସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ଅତିଥିମାନେ ପୁସ୍ତକ ‘ମୋ ଜୀବନ ଗାଥା’କୁ ଉନ୍ମୋଚନ କରୁଛନ୍ତି।




କଟକ ଶ୍ରୀରାମଚନ୍ଦ୍ର ଭବନରେ ବେଲା ତ୍ରିପାଠୀଙ୍କ ଗଳ୍ପ ସଙ୍କଳନ ପୁସ୍ତକ ‘ବସୁନ୍ଧରା’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱରରେ ଗୁରୁବାର ହୋଇଥିବା ବର୍ଷା

# ୨ ଦିନ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ଉତ୍ତର ବାଂଲାଦେଶ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ରପତନଠାରୁ ୯.୪ କିମି ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପଶ୍ଚିମବଙ୍ଗ ଦେଇ ପଶ୍ଚିମ ଦିଗରେ ଗତି କରିବ। ଅନ୍ୟପଟେ ମୌସୁମୀ ଟ୍ରପ୍ ଲାଇନ୍ ଅନ୍ୟ ଅଞ୍ଚଳ ସହ ବଙ୍ଗୋପସାଗରର ପୂର୍ବ-ଦକ୍ଷିଣପୂର୍ବଠାରୁ ଉତ୍ତରପୂର୍ବ ଦିଗରେ ସମୁଦ୍ର ପତନଠାରୁ ୦.୯ କି.ମି. ଉପରେ ଲମ୍ବିଛି। ଆସନ୍ତା ୨୪ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ତେଣୁ ରାଜ୍ୟରେ ଶୁକ୍ରବାର ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଶନିବାରଠାରୁ ୨ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲାରେ ଶୁକ୍ରବାର ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ଆଶଙ୍କା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

# ଡିସେମ୍ବର ସୁଦ୍ଧା ଜମି ନ ଥିବା ସବୁ ଶିକ୍ଷାନୁଷ୍ଠାନକୁ ମିଳିବ ସରକାରୀ ପଟ୍ଟା

ଭୁବନେଶ୍ୱର, ୨୨।୮(ସୁନିତ୍ ମିଶ୍ର)

ଜମି ନ ଥିବା ସବୁ ଶିକ୍ଷାନୁଷ୍ଠାନକୁ ଡିସେମ୍ବର ସୁଦ୍ଧା ସରକାରୀ ପଟ୍ଟା ପ୍ରଦାନ କରାଯିବ। ୨୪ ବର୍ଷର ବିଜେଡି ସରକାର ସମୟରେ ଅନେକ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଅନ୍ୟ କାହା ଜମିରେ ସ୍କୁଲ, କଲେଜ ଚାଲିଥିଲା। ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁଠି ଜମିପଟ୍ଟା ନ ଥିବ ସେମାନଙ୍କୁ ଯୋଗାଇଦିଆଯିବ। ସେହିପରି ଅନ୍ୟ ସରକାରୀ କାର୍ଯ୍ୟାଳୟ ଯାହାର ଜମି ନାହିଁ ସେମାନଙ୍କୁ ମଧ୍ୟ ଯୋଗାଇ ଦିଆଯିବ ବୋଲି ଗୁରୁବାର ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିପରି ବିଭିନ୍ନ କାରଣରୁ ନିଜର ଜମି ହରାଇଥିବା ବିଭିନ୍ନ ସ୍ଥାନରେ ରହୁଥିବା ବିସ୍ଥାପିତମାନଙ୍କୁ ମଧ୍ୟ ପଟ୍ଟା ଦିଆଯିବ ବୋଲି ସେ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ସର୍ବମୋଟ୍ ୧୭୬୮ କୋଟି ୮୪ ଲକ୍ଷ ୪୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେଥିମଧ୍ୟରୁ ୧୭୬୮ କୋଟି ୫୪ ଲକ୍ଷ ୩୮ ହଜାର ଟଙ୍କା ଅନୁମୋଦିତ ଏବଂ ୩୦ ଲକ୍ଷ ୨ ହଜାର ଟଙ୍କା ନିର୍ଦ୍ଧାରିତ ବରାଦ। ସେଥିମଧ୍ୟରୁ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠାନର ପ୍ରଶାସନିକ ବ୍ୟୟ ବରାଦ ସମୁଦାୟ ୧୨୯୬ କୋଟି ୩୭ ଲକ୍ଷ ୪୦ ହଜାର ଟଙ୍କା କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟ ବରାଦ ବାବଦରେ ସର୍ବମୋଟ୍ ୪୭୨ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ଆବାସିକ ତଥା ଅଣ ଆବାସିକ ନୂତନ କୋଠାବାଡ଼ି ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକର ସେବା ନିର୍ବାହ ପଦ୍ଧତିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ ଲାଗି ଆବଶ୍ୟକ ଆସବାବ ଓ ସଂଲଗ୍ନ ଉପକରଣ ସଂଗ୍ରହ ଆଦି ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନ କରିବା ଲାଗି ୨୦୨୪-୨୫ ବର୍ଷ ବଜେଟରେ ବ୍ୟୟ ବାବଦରେ ସମୁଦାୟ ୪୭୨ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବାସିନ୍ଦା ଆୟ ଓ ସମ୍ପତ୍ତି ଉତ୍ତରାଧିକାରୀ, ଅଭିଭାବକ, ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଜନସାଧାରଣଙ୍କଠାରୁ ଆଦାୟ କରାଯାଉଥିବା ସମସ୍ତ ପ୍ରକାର ଦେୟ ଛାଡ଼ କରାଯାଇଛି। ଏସବୁ ଅନ୍‌ଲାଇନ ଜରିଆରେ ମିଳିପାରିବ। ଏଣିକି ଭୂ-ରାଜସ୍ୱ 'ପାଉତି ମୋବାଇଲ ଆପ୍' ଜରିଆରେ ପଇଠ କରିହେବ। ଇ-ଷ୍ଟାମ୍ପିଂ ସାର୍ଟିଫିକେଟ୍ ପ୍ରଦାନ ଲାଗି ଧାର୍ଯ୍ୟ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି।

# ଭୁବନେଶ୍ୱର ଏମ୍ସରେ ଜାରି ରହିବ ପ୍ରତୀକାତ୍ମକ ଆନ୍ଦୋଳନ

## ଆଜିଠୁ କାର୍ଯ୍ୟରେ ଯୋଗଦେବେ ଡାକ୍ତର

ଭୁବନେଶ୍ୱର, ୨୨।୮(ବନ୍ଦନା ସେଠୀ)

କୋଲକାତା ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ ଜାରି ରହିଛି। ତେବେ ବୁଧବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅନୁରୋଧ ପରେ ଦିଲ୍ଲୀ ଏମ୍ସ, ଆର୍‌ଏମ୍‌ଏଲ୍ ହସ୍ପିଟାଲର ଆବାସିକ ଡାକ୍ତରମାନେ ୧୧ ଦିନ ଧରି ଚଳାଇଥିବା ଧର୍ମଘଟ ପ୍ରତ୍ୟାହାର କରିନେଇଥିବାବେଳେ ଏମ୍ସ ଭୁବନେଶ୍ୱରର ଡାକ୍ତରମାନେ ମଧ୍ୟ କାର୍ଯ୍ୟକୁ ଫେରିବାକୁ ମଙ୍ଗିଛନ୍ତି। ତେବେ ଧର୍ମଘଟକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ କରି ଏହାକୁ ପ୍ରତୀକାତ୍ମକ ଭାବେ ଜାରି ରଖାଯିବ। ପ୍ରତ୍ୟେକ ଡାକ୍ତର, ଫ୍ୟାକଲ୍ଟି ଏବଂ କର୍ମଚାରୀ ହାତରେ କଳା ରିବନ୍ ବାନ୍ଧି ପ୍ରତିବାଦ ଜାରି ରଖିବେ ବୋଲି ଭୁବନେଶ୍ୱର ଏମ୍ସର ରେସିଡେଣ୍ଟ ଡକ୍ଟର ଆସୋସିଏଶନ ସଭାପତି ଡା. ଦୀପକ ଘୁଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶୁକ୍ରବାରଠାରୁ ଏମ୍ସର ଡାକ୍ତରମାନେ ପୂର୍ବପରି ନିଜ କାର୍ଯ୍ୟରେ ଯୋଗଦେବେ। କିନ୍ତୁ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଡାକ୍ତରମାନେ ଏକାଠି ହେବେ। ଏନେଇ ବିସ୍ତୃତ ଭାବେ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି ଡା. ଘୁଗେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମହିଳା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ସହ ଡାକ୍ତରମାନଙ୍କ ସୁରକ୍ଷା ଦାବିକରି ସାରା ଦେଶରେ ଡାକ୍ତରମାନେ ଧର୍ମଘଟକୁ ଓହ୍ଲାଇଥିଲେ। ଭୁବନେଶ୍ୱର ଏମ୍ସ ପକ୍ଷରୁ ଅଗଷ୍ଟ ୧୨ରୁ ଧର୍ମଘଟ ଜାରି ରହିଥିଲା। ଏହି ସମୟରେ କେବଳ ଜରୁରିକାଳୀନ ଚିକିତ୍ସା ସେବା ଜାରି ରହିଥିବାବେଳେ ସମସ୍ତ ଓପିଡି ସେବା ବନ୍ଦ ରହିଥିବାରୁ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୨।୮(ଅନିଲ ଦାସ)


ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନଠାରେ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଭିତ୍ତିଭୂମି ବିକାଶ, ମାନବ ସମ୍ବଳର ନିଯୁକ୍ତି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଛନ୍ତି। ୨୦୨୩ ଫେବୃଆରୀରେ ଧରଣୀଧର ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ ହୋଇଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସଂପ୍ରତି ଜିଲାର ୩୮ଟି କଲେଜ ଅନୁବନ୍ଧିତ ରହିଛି। କିନ୍ତୁ ବିଶ୍ୱବିଦ୍ୟାଳୟ ଭାବେ ଯେଉଁସବୁ ମୌଳିକ ସୁବିଧା ସୁଯୋଗ ଓ ଉନ୍ନତି ହେବା କଥା, ତାହା ଅଦ୍ୟାବଧି ହୋଇପାରିନାହିଁ। ଆଗାମୀ ୨ ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୟଂସମ୍ପନ୍ନ କରିବା ପାଇଁ ଯାହାସବୁ ଆବଶ୍ୟକତା ରହିଛି, ସେସବୁ ଯଥାଶୀଘ୍ର ପୂରଣ କରିବା ଲାଗି ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନଭାବେ ନିର୍ମିତ ହୋଇଥିବା ବିଶ୍ୱବିଦ୍ୟାଳୟ ସାଉଥ୍ ବ୍ଲକର ଆସବାବପତ୍ର ପାଇଁ ଏବଂ ନର୍ଥ ବ୍ଲକ ନବୀକରଣ ପାଇଁ ଆବଶ୍ୟକୀୟ ଅର୍ଥ ଜିଲା ଖଣିଜ ପାଣ୍ଠିରୁ (ଡିଏମ୍ଏଫ୍) ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି)ପାଣ୍ଠିରୁ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନବୀକରଣ ନିହାତି ଆବଶ୍ୟକ ନ ଥିଲେ, ପୁରାତନ କୋଠାକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନବୀକରଣ ପାଇଁ ଆବଶ୍ୟକ ହେଉଥିବା ଜମି ଲାଗି ଜବରଦଖଲ ହଟାଇବା ସହ ସେମାନଙ୍କର ଥଇଥାନ ବ୍ୟବସ୍ଥାକୁ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ମାଣାଧୀନ ସାଉଥ୍ ବ୍ଲକର ସମସ୍ତ କାର୍ଯ୍ୟ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି।

ଛାତ୍ରାବାସଗୁଡ଼ିକ ବହୁତ ପୁରୁଣା ହୋଇ ଶୋଚନୀୟ ଅବସ୍ଥାରେ ରହିଛି। ତେଣୁ ଛାତ୍ରୀଛାତ୍ରମାନଙ୍କ ପାଇଁ ୬ ମହଲା ବିଶିଷ୍ଟ ୬ଟି ହଷ୍ଟେଲ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପାଇଁ ଯଥାଶୀଘ୍ର ପରୀକ୍ଷା ନିୟନ୍ତ୍ରକ, ରେଜିଷ୍ଟ୍ରାର୍ ଓ ବିତ୍ତ ନିୟନ୍ତ୍ରକ ପଦବୀ ପୂରଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭବିଷ୍ୟତକୁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟ ପାଇଁ ଅଧିକ ଜମି ବନ୍ଦୋବସ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ କହିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଏବଂ ଆଭାସି ମାଧ୍ୟମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ହେଲେ ମାମିନା ପଟ୍ଟନାୟକ

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)



ମାମିନା ପଟ୍ଟନାୟକଙ୍କୁ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାମିନା ପୂର୍ବରୁ ଜଏଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ନିଯୁକ୍ତ ଥିବାବେଳେ ତାଙ୍କୁ ୨୦୨୧ ସେପ୍ଟେମ୍ବର ୨୮ରେ ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର (କ୍ୱାଲିଟି ଆସ୍ୟୁରାନ୍ସ) ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ତାଙ୍କୁ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ମାମିନା ଜଏଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର (ଇଣ୍ଟେଲିଜେନ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ) ଦାୟିତ୍ୱ ମଧ୍ୟ ତୁଲାଇବେ।


**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. : ୨୩-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଏଡିଇଇ (ଜି)/ବଣ୍ଡମୁଣ୍ଡା, ଏସ୍ଏସ୍ଇଇ(ଜି)/ଚକ୍ରଧରପୁର ଏବଂ ଏସ୍ଏସ୍ଇଇ(ଜି)/ଡାଙ୍ଗୋଆପୋଷୀଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ରେଳବାଇ ଏରିଆରେ ଭେଣ୍ଡରମାନଙ୍କ ପାଇଁ ପ୍ରିପେଡ୍ ଏନର୍ଜି ମିଟରର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨୧,୦୩,୧୫୪.୪୪। **ଇଏମ୍‌ଡି:** ₹୪୨,୧୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୧୮।୦୯।୨୦୨୪, ୧୫.୦୦ ଘଣ୍ଟିକା। ଟେଣ୍ଡର ବିବରଣୀ ୱେବସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-507)



**SUIIT**
**Sambalpur University Institute of Information Technology**

Advt. No.:1001/ SUIIT Date: 22 / 08 / 2024

| DIRECT/SPOT ADMISSION | Date |
|---|---|
| DIRECT ADMISSION | 28th Aug. 2024 |
| B. Tech Lateral Entry (CSE/CSE with specialization in ICS/ CSE with specialization in AI&ML/ ECE/EEE) | |
| Master in Computer Application based on OJEE rank (Only SC/ST Candidates) | |
| SPOT ADMISSION | |
| Master in Computer Application(Only SC/ST Candidates) | |
| M. Sc Computer Sc. (All Categories) | |
| M. Tech Computer Sc. and Engg. (All Categories) | |

INSTRUCTIONS
- Direct Admission (OJEE rank holder for MCA (only SC/ST) /Lateral Entry B. Tech ): Interested Candidates report directly to Administrative Officer, SUIIT during 10AM to 12:00 Noon on 28.08.2024.
- Spot Admission (MCA(only SC/ST)/ M. Sc /M. Tech for All categories): Interested candidates for spot admission should report to the Administrative Officer, SUIIT during 10AM to 12 noon on 28.08.2024. There will be an entrance examination of one hour duration at 12:15 PM for all the programmes. Admission will be done on the same day, as per SUIIT admission guideline.

All B. Tech admissions will be done through OJEE Councelling-2024
FOR DETAIL INFORMATION ON ADMISSION VISIT: www.suiit.ac.in
CONTACT NUMBERS: 9437284982/9938983624 / 9438074077
Email:admin.office@suiit.ac.in
Sd/ Director , SUIIT


# ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର, ସବ୍-ଇନ୍ସପେକ୍ଟର ନିଲମ୍ବିତ

## ଚିକିଟି ବେଆଇନ ମଦ କାରବାର ଘଟଣା

## ବଦଳିଲେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ

ଭୁବନେଶ୍ୱର,୨୨।୮(ଅନିଲଦାସ)

ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବୁଧବାର ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ରାଜ୍ୟ ସରକାର ହଟାଇ ଦେଇଥିବା ବେଳେ ଗୁରୁବାର ଆଉ ୨ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା, ଓଡ଼ିଶା ସରକାରଙ୍କ କର୍ମଚାରୀ ଆଚରଣବିଧି ନିୟମ ୧୯୫୯ ଧାରା-୩ର ଉଲ୍ଲଂଘନ କରିବା ଅଭିଯୋଗରେ ବ୍ରହ୍ମପୁର ଅବକାରୀ ଜିଲାରେ କାର୍ଯ୍ୟରତ ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଏବଂ ସବ୍-ଇନ୍ସପେକ୍ଟର ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଅବକାରୀ କମିଶନର ନରସିଂହ ଭୋଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିଲମ୍ବନ ଅବଧି ମଧ୍ୟରେ ଉଭୟଙ୍କ ମୁଖ୍ୟାଳୟ ଅବକାରୀ ଡେପୁଟି କମିଶନର (ଦକ୍ଷିଣାଞ୍ଚଳ ଜୋନ୍)ଙ୍କ ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ବଦଳି କରାଯିବା ସହ ତୁରନ୍ତ କଟକସ୍ଥିତ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅନ୍ୟପକ୍ଷରେ କେନ୍ଦୁଝର ଉପ-ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କୁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ଭାବେ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।


**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
(An ISO 9001-2008 Certified State Level Nodal Agency)
IPICOL House, Janpath, Bhubaneswar - 751022, Odisha
Tel : 0674-2542601 Fax : 0674-2543766 No.CAD-898

**RfP for SELECTION of AN EVENT MANAGEMENT AGENCY**

Proposals from eligible bidders are invited for selection of an EVENT MANAGEMENT AGENCY. For tender details please visit www.ipicolodisha.com.
Deadline for submission of Pre-Bid Query : 27 August 2024
Last date for submission of proposals : 05:00 PM on 31 August, 2024
OIPR-14005/11/0005/2425


# ଡାକ୍ତରଙ୍କୁ ବହିଷ୍କାର କର: ଡିଏମ୍ଇଟି

## ଏସ୍‌ସିବିରେ ୨ ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

### ସମସ୍ତ ଘଟଣାର ତର୍ଜମା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଏସ୍‌ସିବି ଅଧୀକ୍ଷକ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ୨ ମହିଳା ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କାର୍ଡିଓଲୋଜି ବିଭାଗର ଡା. ଠାକୁର ଦିଲବାଗ ସିଂଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିବାକୁ ଡିଏମ୍ଇଟି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏସ୍‌ସିବି ମେଡିକାଲ ପକ୍ଷରୁ ଡା. ଠାକୁରଙ୍କୁ ବହିଷ୍କାର କରାଯିବା ପାଇଁ ତତ୍ପରତା ଦେଖାଯାଇ ନାହିଁ। ଏନେଇ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଡିଏମ୍ଇଟି ଡା. ଠାକୁରଙ୍କୁ ବହିଷ୍କାର କରିବା ନେଇ ଚିଠି ଲେଖିଛନ୍ତି। କିନ୍ତୁ ସମସ୍ତ ନିୟମାବଳୀକୁ ତର୍ଜମା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଚିକିତ୍ସା ଆଳରେ ଏସ୍‌ସିବି କାର୍ଡିଓଲୋଜି ବିଭାଗର ଡା. ଠାକୁର ୨ ଜଣ ମହିଳା ରୋଗୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଥିଲା। ପରେ ଏହାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣିଆ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଡିଏମ୍ଇଟି ଡା. ସନ୍ତୋଷ କୁମାର ମିଶ୍ର ଅଭିଯୁକ୍ତ ଡା. ଠାକୁରଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡା. ଠାକୁରଙ୍କୁ କେହି ଫସାଇବାକୁ ଉଦ୍ୟମ କରୁନାହାନ୍ତି ବୋଲି ଡିଏମ୍ଇଟି କହିଛନ୍ତି।


**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 404/2023**

Utkal Grameen Bank ...Applicant
Vs.
Nabina Majhi & others ...Defendants

1. **Bijay Kumar Majhi,** aged about 56 yrs., S/o- Late Pitabasa Majhi, of Vill.: Patramunda, Badaguda, PO: Taragaon, Dist.: Nabarangpur-764059.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 404/23** in the Debts Recovery Tribunal, Cuttack for recovery of **Rs.29,86,352.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **25.09.2024 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **30th day of month July of 2024.**

By orders of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal



**कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर**

**ई–निविदा आमंत्रण सूचना**

ई0–निविदा सूचना संख्या– **E-RDSD/JSR/07/2024-25/RE/2nd Call**
1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि | निविदा Call सं0 |
|---|---|---|---|---|---|---|
| 1 | पूर्वी सिंहभूम जिला के पोटका प्रखण्ड अंतर्गत तेंतला पंचायत के ग्राम तेंतला एवं बंधुआ के बीच नदी पर पुलिया निर्माण। | 3,47,78,900.00 | 6,96,000.00 | 10,000.00 | 18 माह | 2nd Call |

2. वेबसाइट में निविदा प्रकाशन की तिथि – 27.08.2024
3. ई–निविदा प्राप्ति की तिथि एवं समय – दिनांक 27.08.2024 से दिनांक 06.09.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
5. ई–निविदा खोलने की तिथि एवं समय – 09.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर
PR 333401 Rural Development(24-25)#D


# ମୁକୁଳା ଡ୍ରେନ୍‌ରେ ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

## ବିଏମ୍‌ସି କମିଶନର, ଯନ୍ତ୍ରୀଙ୍କ ନାଁରେ ଥାନାରେ ଅଭିଯୋଗ

ବ୍ରହ୍ମପୁର,୨୨।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ୨ନଂ. ୱାର୍ଡ ଲକ୍ଷ୍ମୀନୃସିଂହ ସାହିର ୧୪ ନଂ. ଲେନ୍‌ରେ ବୁଧବାର ରାତିରେ ଏକ ମୁକୁଳା ଡ୍ରେନରେ ଭାସିଯାଇ ସାଇରାମ ପାତ୍ର (୧୧) ନିଖୋଜ ଥିଲେ। ରାତି ପ୍ରାୟ ୨ଟାରେ ଡ୍ରେନଠାରୁ ୪୦୦ ମିଟର ଦୂର ଏକ ବୁଦା ମୂଳରୁ କାଦୁଅରେ ପୋତି ହୋଇଥିବା ତାଙ୍କ ମୃତଦେହ ମିଳିଛି। ବ୍ରହ୍ମପୁରରେ ଏହା ପ୍ରଥମ ଘଟଣା ହୋଇଥିବା ବେଳେ ସହରବାସୀ ବିଏମ୍‌ସିର ଅପାରଗତାକୁ ଦାୟୀ କରିଛନ୍ତି। ବିଏମସି ପକ୍ଷରୁ ବର୍ଷା ପୂର୍ବରୁ ମୁକୁଳା ଡ୍ରେନ ଉପରେ ସିମେଣ୍ଟ ସ୍ଲାପ ପକାଇବାକୁ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାଏ ତାହା ହୋଇନାହିଁ କି ଡ୍ରେନ ପାର୍ଶ୍ୱରେ ବ୍ୟାରିକେଡ ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଅଘଟଣ ଘଟିଲା ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ସହରର ବିନୋଦ କୁମାର ସାବତ ଏ ନେଇ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି। ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର ଓ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପୃଷ୍ଟି ପୂର୍ବରୁ ମୁକୁଳା ଡ୍ରେନରେ ସ୍ଲାବ ନ ପକାଇବାରୁ ଏଭଳି ଘଟଣା ଘଟିଥିଲା ବୋଲି ସେ ଅଭିଯୋଗରେ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁ ସହର ଜଳାର୍ଣ୍ଣବ ହେବା ସହ ଡ୍ରେନଗୁଡ଼ିକରେ ପାଣିର ସ୍ରୋତ ଚାଲିଥିଲା। ସାଇରାମ ଟ୍ୟୁଶନରୁ ଫେରୁଥିବାବେଳେ ଏକ ବୁଲାଣିରେ ଥିବା ମୁକୁଳା ଡ୍ରେନରେ ଖସି ଭାସି ଯାଇଥିଲେ।


**NOTICE INVITING TENDER** No.C-456
**OFFICE OF THE NOTIFIED AREA COUNCIL, RANPUR**
NAYAGARH (ODISHA), PIN - 752026
e-Mail : eoranpurnac.ranpur@gmail.com
Tender Call Notice No. 2982 dt.21.08.2024
**E-Procurement Notice No.: RNP NAC-02/2024-25**

| | | | |
|---|---|---|---|
| 1 | Name of the work | : | Individual Civil Construction as per DTCN |
| 2 | No. of Works | : | **01** Nos. |
| 3 | Value of Work | : | 68.65 Lakhs |
| 4 | Class of Contractor | : | 'B' |
| 5 | Period of Completion | : | **120** Days |
| 6 | Date of Publication | : | **22.08.2024** |
| 7 | Date and Time of availability of document in the portal | : | From **Dt.23.08.2024** at **11 AM** to **Dt. 09.09.2024** up to **5 PM** |
| 8 | Last Date / Time for receipt of bids in portal | : | **Dt. 09.09.2024** up to **5 PM** |
| 9 | Date and Time of opening of Technical Bid | : | **Dt. 10.09.2024 at 11.30 AM** |
| 10 | Date and Time of opening of Financial Bid | : | **Intimation will be given through Email** |
| | Name and address of the officer inviting bid | : | **Sd./- Executive Officer NAC, Ranpur** |

Further details can be seen from e-Procurement portal https://tendersodisha.gov.in
OIPR-13196/11/0005/2425



**झारखण्ड सरकार कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, सरायकेला–खरसावाँ।**
–: ई– अल्पकालीन पुनर्निविदा आमंत्रण सूचना :

ई– पुनर्निविदा संख्या :– 14/2024-25/EE/RWD/SRK दिनांक 21.08.2024
1.कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|---|
| 1. | RWD/ SERAIKELA-KHARSAWAN/ST PKG-01/ 2023-24 | नीमडीह | जामडीह रेलवे क्रोसिंग से सिरका तक पथ का सुदृढ़ीकरण। (लम्बाई– 2.75 कि0मी0) | 1367.109 | तेरह करोड़ सड़सठ लाख दस हजार नौ सौ मात्र। | 12 माह | 4th Call |
| | | नीमडीह | बान्दु से पड़कीडीह पथ तक पथ का सुदृढ़ीकरण। (लम्बाई– 0.860 कि0मी0) | | | | |
| | | नीमडीह | हुडंरू पाथरडीह पी0डब्ल्यू0डी0 रोड़ से लाकड़ी तक पथ का सुदृढ़ीकरण। (लम्बाई– 6.26 कि0मी0) | | | | |
| | | नीमडीह | हेंसालोंग से उड़िया तक पथ का सुदृढ़ीकरण। (लम्बाई– 2.65 कि0मी0) | | | | |
| | | नीमडीह | रामनगर बान्दु रोड़ से पुरियारा मोड़ पी0डब्ल्यू0डी0 रोड़ तक पथ का सुदृढ़ीकरण। (लम्बाई– 2.455 कि0मी0) | | | | |
| | | नीमडीह | एन0एच–32 बारेदा रोड़ से माकुला तक पथ का सुदृढ़ीकरण। (लम्बाई– 3.950 कि0मी0) | | | | |
| | | नीमडीह | पितकी रेलवे गेट से कुशपुतुल तक पथ का सुदृढ़ीकरण। (लम्बाई– 5.37 कि0मी0) | | | | |

2. वेबसाईट में निविदा प्रकाशन की तिथि :– 28.08.2024
3. ई–निविदा प्राप्ति की अंतिम तिथि एवं समय :– 09.09.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 10.09.2024 को अपराह्न 03:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
8. ई–निविदा प्रकोष्ठ का दूरभाष संख्या :– 7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, सरायकेला–खरसावाँ।
PR 333448 Rural Work Department(24-25)D

# ଆଜି ସ୍ଥାନାନ୍ତର ହେବ ରତ୍ନଭଣ୍ଡାର ସିନ୍ଦୁକ, ଆଲମିରା

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ବା ଏସ୍ଓପି ଅନୁଯାୟୀ ଶୁକ୍ରବାର ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ଆଲମିରା ଓ ସିନ୍ଦୁକକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ଗୁରୁବାରଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରତ୍ନଭଣ୍ଡାରରୁ ପୁରୁଣା ଆଲମିରା ଓ ସିନ୍ଦୁକ ସ୍ଥାନାନ୍ତର ହେବା ନେଇ ଗତ ୧୯ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଥିବାବେଳେ ମହାପ୍ରଭୁଙ୍କ ନୀତିକାନ୍ତି ନିମନ୍ତେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ପ୍ରକାଶ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ, ମାର୍ଗଦର୍ଶିକା ଅନୁସାରେ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ଭିତରେ ଥିବା ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଶ୍ରୀମନ୍ଦିର ପରିସରସ୍ଥ ନୀଳାଦ୍ରି ବିହାର ମ୍ୟୁଜିୟମ୍ ନିକଟ ଏକ ଗୃହରେ ସୁରକ୍ଷିତ ରଖାଯିବ। ତେଣୁ ଉକ୍ତଦିନ ଶ୍ରୀବିଗ୍ରହଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ନ କରି ସ୍ଥାନାନ୍ତର ପ୍ରକ୍ରିୟା ପାଇଁ ଆବଶ୍ୟକ ସମୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଅପରାହ୍ନ ୧ଟାରୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହେବ। ତେବେ ସ୍ଥାନାନ୍ତର ଆରମ୍ଭରୁ ଶେଷ ହେବା ସମୟ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶିପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଉତ୍ତରଦ୍ୱାର ପଟେ ପ୍ରସ୍ଥାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୩ ତାରିଖ ଶୁକ୍ରବାର ପାଇଁ ନୀତି ନିର୍ଘଣ୍ଟ ହୋଇଛି। ସେହି ଅନୁଯାୟୀ, ୨୨ ତାରିଖ ରାତ୍ର ୨ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ହେବ। ଭିତରଶୋଧ ୨ଟା ୩୦, ମଙ୍ଗଳ ଆଳତି ୩ଟା, ମଇଲମ, ତଡ଼ପଲାଗି ୩ଟା ୩୦, ଅବକାଶ ୪ଟା ୩୦, ରୋଷହୋମ ୫ଟା, ସୂର୍ଯ୍ୟପୂଜା ୫ଟା ୩୦, ଅନ୍ୟାନ୍ୟ ନୀତି ହୋଇ ସକାଳଧୂପ ୭ଟାରୁ ୮ଟା ୩୦ରେ ସରିବା ପରେ ମଇଲମ, ଭୋଗମଣ୍ଡପ, ବେଶ ଶେଷ ହୋଇ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ମଧ୍ୟାହ୍ନ ଧୂପ ହେବ। ଦ୍ୱିତୀୟ ଭୋଗମଣ୍ଡପ ୧ଟାରୁ ୨ଟା ହେବା ସହ

## ସ୍ଥାନାନ୍ତର ସମୟରେ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ



ଅନ୍ୟାନ୍ୟ ନୀତି ହେବ। ସନ୍ଧ୍ୟାଧୂପ ୭ଟାରୁ ୮ଟା ୩୦, ପରେ ମଇଲମ୍, ଚନ୍ଦନଲାଗି, ବଡ଼ସିଂହାର ବେଶ, ଭୋଗ ସମ୍ପନ୍ନ ହୋଇ ରାତି ୧୧ଟା ୩୦ରେ ରାତ୍ର ପହୁଡ଼ ହେବ।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ଓ ୧୮ ତାରିଖରେ ଯଥାକ୍ରମେ ବାହାର ଓ ଭିତର ରତ୍ନଭଣ୍ଡାରରୁ ଶ୍ରୀମନ୍ଦିର ଭିତରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀ ସ୍ଥାନାନ୍ତରଣ କରାଯାଇଥିଲା। ମାତ୍ର ଭଣ୍ଡାରରେ ପୁରୁଣା ଆଲମିରା ଓ ସିନ୍ଦୁକଗୁଡ଼ିକ ସେହିପରି ରହିଥିଲା। ତେଣୁ ସେଗୁଡ଼ିକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାରରେ ଥିବା ଆଲମିରା ଓ ସିନ୍ଦୁକଗୁଡ଼ିକ କିପରି ନୀଳାଦ୍ରି ଭକ୍ତନିବାସକୁ ସ୍ଥାନାନ୍ତର କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୨୩ ତାରିଖରେ ଆଲମିରା ଓ ସିନ୍ଦୁକ ସ୍ଥାନାନ୍ତର ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଯେଉଁ ଅଧିକୃତ ଟିମ୍ ରତ୍ନଭଣ୍ଡାରରେ ପ୍ରବେଶ କରିଥିଲେ, ସେହି ଟିମ୍ ସ୍ଥାନାନ୍ତର କାର୍ଯ୍ୟ ନିମନ୍ତେ ରତ୍ନଭଣ୍ଡାରକୁ ପ୍ରବେଶ କରିବେ। ଅପରପକ୍ଷରେ ରତ୍ନଭଣ୍ଡାରରେ ଦୁଇଟି ବଡ଼ ଲୁହା ସିନ୍ଦୁକ ରହିଛି। ଉକ୍ତ ସିନ୍ଦୁକ କିପରି ସୁରୁଖୁରୁରେ ସ୍ଥାନାନ୍ତର ହେବ ସେ ନେଇ ବୈଷୟିକ ଜ୍ଞାନକୌଶଳର ସହାୟତା ନିଆଯିବ। ସ୍ଥାନାନ୍ତର ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଯଥାଶିଘ୍ର କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ଚେଷ୍ଟା କରାଯିବ। ଏନେଇ ଟେକ୍ନିକାଲ ଟିମ୍ ଏବଂ ଅନ୍ୟ ଟିମ୍ ସହିତ ଆଲୋଚନା କରାଯାଇଛି। ଗୁରୁବାର ଏକ ସ୍ୱତନ୍ତ୍ର ଟିମ୍ ଯେଉଁମାନେ ବଡ଼ ବଡ଼ କଣ୍ଟେନର ସ୍ଥାନାନ୍ତର କରିବାର ଅଭିଜ୍ଞତା ରଖିଛନ୍ତି, ସେମାନେ ଶ୍ରୀମନ୍ଦିର ବୈଷୟିକ ଟିମ୍ ସହ ଆଲୋଚନା କରି ସ୍ଥାନାନ୍ତର ସମ୍ପର୍କରେ ଯୋଜନା ପ୍ରସ୍ତୁତ କରୁଛନ୍ତି। ପ୍ରଥମେ ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରାଯିବ। ପରେ ଏଏସ୍ଆଇ ଅନୁଧ୍ୟାନ କରି ଆଗାମୀ ପଦକ୍ଷେପ ନେବ। ଏସ୍ଓପି ଅନୁଯାୟୀ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ସ୍କାନିଂ ଓ ପରବର୍ତ୍ତୀ ସମୟରେ ମରାମତି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୮।୨୦୨୪

| | |
|---|---|
| ୩,୨୧,୪୪୮ ଟଙ୍କା | |
| ସୁନା | ୫୦ ମିଲିଗ୍ରାମ୍ |
| ରୁପା | ୧୭୯.୯୦୦ ଗ୍ରାମ୍ |



କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମାରେ ଜଣେ ଶିଳ୍ପୀ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି।

## ୫ ନାବାଳକଙ୍କୁ ଉଦ୍ଧାର କଲା ଆର୍‌ପିଏଫ୍

କଟକ,୨୨।୮ (କାର୍ତ୍ତିକ ସାହୁ)- କଟକ ଆର୍‌ପିଏଫ୍ ୫ ଜଣ ନାବାଳକଙ୍କୁ ଟ୍ରେନ୍‌ରୁ ଗୁରୁବାର ଉଦ୍ଧାର କରିଛି। ଆର୍‌ପିଏଫ୍ ଏଏସ୍ଆଇ ସ୍ମୃତି ରଞ୍ଜନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ମିଳିତ ଭାବେ ବଚ୍‌ପନ୍ ବଚାଓ ଆନ୍ଦୋଳନ ଅଧୀନରେ ଶିଶୁ ଶ୍ରମିକ ଉଚ୍ଛେଦ ଯୋଜନାରେ ଫଲକନାମା ଏକ୍ସପ୍ରେସ୍‌ରେ ଚଢ଼ାଉ କରିବାବେଳେ ନାବାଳକମାନଙ୍କୁ ଠାବ କରିଥିଲେ। ଉକ୍ତ ଟ୍ରେନ୍‌ର ଏକ ବଗିରେ ନାବାଳକମାନେ ରହିଥିବାବେଳେ ଆର୍‌ପିଏଫ୍ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ସେମାନଙ୍କୁ ପଚରାଉଚରାବେଳେ ସେମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରୁ ହାଇଦ୍ରାବାଦ କର୍ମ ଅନ୍ୱେଷଣରେ ଯାଉଥିବା ପ୍ରକାଶ କରିଥିଲେ। ହେଲେ ସେମାନେ କୁଆଡ଼େ ଯିବେ ନିର୍ଦ୍ଦିଷ୍ଟ ଭାବେ କହିପାରି ନ ଥିଲେ। ତେବେ ସେମାନେ ଘରେ ମାତାପିତାଙ୍କୁ ନ ଜଣାଇ ପଳାଇ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମସ୍ତ ନାବାଳକଙ୍କୁ ପ୍ରଥମେ ମହିଳା ଓ ଶିଶୁ ହେଲ୍ପ ଡେସ୍କକୁ ଅଣାଯାଇଥିଲା। ପରେ ସେମାନଙ୍କୁ ଚାଇଲଡ୍ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ଚାଇଲଡ୍ ଲାଇନ୍ ନାବାଳକମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରି ହସ୍ତାନ୍ତର କରିବ ବୋଲି ଜଣାପଡିଛି।

## ଅଚ୍ୟୁତ ସାମନ୍ତ ଗିନି ସିଏନ୍‌ଟି ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା) – ଶିକ୍ଷାବିତ୍ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ହେଲେ ଗିନି ନ୍ୟାଶନାଲ କାଉନ୍‌ସିଲ ଟ୍ରାଞ୍ଜିଶନ (ସିଏନ୍‌ଟି) ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା। ଗିନିର ସିଏନ୍‌ଟି କ୍ୟାବିନେଟରେ ଏନେଇ ପ୍ରସ୍ତାବ ମଞ୍ଜୁର ହେବା ପରେ ଏନେଇ ଘୋଷଣା କରାଯାଇଛି। ଚଳିତବର୍ଷ ଜାନୁଆରୀରେ ଗିନି ସିଏନ୍‌ଟି ପ୍ରେସିଡେଣ୍ଟ ଡ. ଦନଶା କୋରୋମା କିଟ୍ ଓ କିସ ପରିଦର୍ଶନରେ ଆସିଥିଲେ। ସାମନ୍ତଙ୍କ କାର୍ଯ୍ୟ ଦକ୍ଷତା, ସମାଜସେବା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତାକୁ



ଦେଖି ତାଙ୍କର ପରାମର୍ଶଦାତା ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ଡ. ସାମନ୍ତ ଅବୈତନିକ ପରାମର୍ଶଦାତା ଭାବେ ଗିନି ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇଦେବେ। ସାମନ୍ତଙ୍କ ପ୍ରତିନିଧିଙ୍କୁ ଏ ସମ୍ପର୍କିତ ପତ୍ର ବ୍ୟକ୍ତିଗତ ଭାବେ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଆଫ୍ରିକା ମହାଦେଶର ପଶ୍ଚିମାଞ୍ଚଳରେ ଥିବା ଏକ ଦେଶ ହେଉଛି ଗିନି। କୌଣସି ଦେଶର ବରିଷ୍ଠ ପରାମର୍ଶଦାତା ନିଯୁକ୍ତ ହେବାରେ ଡ. ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ। ଏହି ନିଯୁକ୍ତି ପାଇଁ ସେ ଗିନି ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପୂର୍ବରୁ ଡ. ସାମନ୍ତ ମଣିପୁର ସରକାରଙ୍କ ବରିଷ୍ଠ ପରାମର୍ଶଦାତା ରହିସାରିଛନ୍ତି।

## ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଚାର, ପ୍ରସାର କରୁଥିବା ଟିଭି ଚ୍ୟାନେଲ ପାଇଁ ଆସିବ ମାର୍ଗଦର୍ଶିକା

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ଚକଡ଼ାରେ ଅରୁଣସ୍ତମ୍ଭ ନିକଟରେ ନୀତିକାନ୍ତି ତଥା ଶ୍ରୀପତିତପାବନ ଠାକୁରଙ୍କ ନୀତିର ସିଧାପ୍ରସାରଣ କରିବା ସକାଶେ କିଛି ଟିଭି ଚ୍ୟାନେଲ୍ ଅନୁରୋଧ କରିଛନ୍ତି। ଏପରି କି କେତେକ ନିର୍ଦ୍ଦିଷ୍ଟ ଚ୍ୟାନେଲ୍ ପ୍ରତିଦିନ ସେଠାରେ ନିଜ କ୍ୟାମେରା ୟୁନିଟ୍ ସ୍ଥାପନ କରି ସିଧାପ୍ରସାରଣ କରୁଥିବା ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିଛି। ସକାଳ ଦ୍ୱାରଫିଟା, ଶ୍ରୀପତିତପାବନଙ୍କ ଆଳତି ଠାରୁ ଆରମ୍ଭ କରି ଅପରାହ୍ନ ଧ୍ୱଜାବନ୍ଧନ ଆଦିର ସିଧା ପ୍ରସାରଣ କରାଯାଉଛି। ବହୁ ସଂଖ୍ୟକ ଭକ୍ତ ମଧ୍ୟ ସିଧାପ୍ରସାରଣରେ ଭାଗନେଇ ସେଠାରେ ଜମାହୋଇ ରହୁଛନ୍ତି, ଫଳରେ ସେଠାରେ ଅନେକ ସମୟରେ ଭିଡ଼ ସୃଷ୍ଟି ହେବା ସହ ଭକ୍ତ ତଥା ସେବକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଛୁଟିଦିନଗୁଡ଼ିକରେ ଏହି ସମସ୍ୟା ଆହୁରି ଜଟିଳ ହୋଇପଡୁଛି। ଏଥିସହ ସିଧାପ୍ରସାରଣରେ ଅନେକ ସମୟରେ ତ୍ରୁଟିପୂର୍ଣ୍ଣ ତଥ୍ୟ ଉପସ୍ଥାପନ ହେଉଥିବା ଅଭିଯୋଗ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେଉଛି। କିଛି ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍ ଏହାକୁ ବ୍ୟବସାୟୀକରଣ କରୁଥିବା ଅଭିଯୋଗ ମଧ୍ୟ ଆସୁଛି। ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାକୁ ଶୃଙ୍ଖଳିତ ଢଙ୍ଗରେ କରାଯିବା ଆହୁରି ଉତ୍ତରଦାୟିତ୍ୱ ଏବଂ ଆହ୍ୱାନ ସମ୍ପନ୍ନ। ତେଣୁ ଏହାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରି ଆଲୋଚନା କରାଯିବା ସହ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

## ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

କଟକ,୨୨।୮ (କାର୍ତ୍ତିକ ସାହୁ)– ନାବାଳିକା ଅସଦାଚରଣ ମାମଲାରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ୍ ଏଣ୍ଡ୍ ସେସନ୍ ଜଜ୍ (ଫାଷ୍ଟଟ୍ରାକ୍ ସ୍ପେଶାଲ୍ କୋର୍ଟ-୧) ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତାର ପ୍ରଶାନ୍ତ କାମେଲା। ସୂଚନା ଅନୁସାରେ, ୨୦୧୬ ଅକ୍ଟୋବର ୨୧ରେ ଅଭିଯୁକ୍ତ ଜଣେ ଅନୁସୂଚିତ ଜାତିର ୧୨ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ବାଲିଅନ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୨୦୧୭ ଅଗଷ୍ଟ ୧୬ରେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। କୋର୍ଟରେ ଏହି ମାମଲାର ଶୁଣାଣି ଓ ବିଚାର ହୋଇଥିଲା। ଗତ ଅଗଷ୍ଟ ୫ରେ ମାମଲାର ଶୁଣାଣି ହେବା ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୁନା



@ ରାଜଲକ୍ଷ୍ମୀ



@ ରାକେଶ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ସିବିରେ ଅଷ୍ଟମ ଦିନରେ ଡାକ୍ତର ଆନ୍ଦୋଳନ

### ସ୍ୱାସ୍ଥ୍ୟମନ୍ତ୍ରୀ ଆଲୋଚନା ନ କଲେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ରେ ଜୁନିୟର ଡାକ୍ତର ସଂଘର ଆହ୍ୱାନକ୍ରମେ ଜାରି ରହିଥିବା ଆନ୍ଦୋଳନ ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ୮ ଦିନ ହେବ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର ଏଥିରେ ହସ୍ତକ୍ଷେପ କରୁନାହାନ୍ତି। ଏହାକୁ ନେଇ ଡାକ୍ତରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ଡାକ୍ତରମାନଙ୍କ ସହିତ ଆଲୋଚନା ନ କଲେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ଜୁନିୟର ଡାକ୍ତର ସଂଘ ପକ୍ଷରୁ ଗୁରୁବାର ପ୍ରେସ୍ ଇସ୍ତାହାରରେ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହାକୁ ହାଉସ୍ ସର୍ଜନ ଓ ଡାକ୍ତର ଛାତ୍ର ସଂଘ ସମର୍ଥନ ଜଣାଇଛି।



ହାଇସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ଓ ପିଲାଙ୍କ ଡ୍ରପ୍‌ଆଉଟ୍ ସଂଖ୍ୟା କମ୍ କରିବା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ହାଇସ୍କୁଲ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରିସିସନ ଇଞ୍ଜିନିୟରିଂ ପାଠ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୨୨।୮
(ଅନୁରାଧା ମହାରଣା)

'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ପ୍ରିସିସନ ଇଞ୍ଜିନିୟରିଂ' ପାଠ୍ୟକ୍ରମ ଆରମ୍ଭ ହୋଇଛି। ୨୦୨୪-୨୫ ଶିକ୍ଷାବର୍ଷର ସେପ୍ଟେମ୍ବର ସେସନରୁ ଏହି ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବ। ଏହି ପାଠ୍ୟକ୍ରମ ପାଇଁ ଆଇଟିଆଇ (୨ବର୍ଷିଆ) କିମ୍ବା ପଲିଟେକ୍ନିକରେ ଡିପ୍ଲୋମା (୩ ବର୍ଷିଆ) କରିଥିବା ଛାତ୍ରୀଛାତ୍ର ଆବେଦନ କରିପାରିବେ। ପ୍ରିସିସନ ଇଞ୍ଜିନିୟରିଂ କ୍ଷେତ୍ରରେ ତାଲିମ ପରେ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ନିଯୁକ୍ତି ସୁଯୋଗ ରହିଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା କହିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଅନ୍ୟ ୫ଟି ବିଷୟ ସହ ଏହି ପାଠ୍ୟକ୍ରମ ନୂଆକରି ଲାଗୁ କରାଯାଉଛି। ଏହା ମାଧ୍ୟମରେ ଛାତ୍ରୀଛାତ୍ର ଇଞ୍ଜିନିୟରିଂ ଡ୍ରଇଂ ଆଣ୍ଡ୍ ଇନ୍ସପେକ୍ସନ ଟେକ୍ନିକ୍ସ, ସିଏନ୍‌ସି ଟର୍ନିଂ, ସିଏନ୍‌ସି ମିଲିଂ, ଥ୍ରୀଡି କ୍ୟାଡ୍ ବା କ୍ୟାମ ଆପ୍ଲିକେଶନ୍ସ, ମଲ୍ଟି ଆକ୍ସିସ ପ୍ରୋଗ୍ରାମିଂ ଆଣ୍ଡ୍ ମେଶିନିଂ, ସିଏନ୍‌ସି ସିଟ୍ ମେଟାଲ ଫାବ୍ରିକେଶନ ଏବଂ ଗ୍ରାଇଣ୍ଡିଂ ଭଳି ଇଞ୍ଜିନିୟରିଂର ବିଭିନ୍ନ ସୂକ୍ଷ୍ମ ଦିଗ ବିଷୟରେ ତାଲିମ ନେଇ ଆଧୁନିକ ଶିଳ୍ପ ଦୁନିଆ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ସେହିପରି 'ପ୍ରିସିସନ ଇଞ୍ଜିନିୟରିଂ' ବିଷୟରେ ତାଲିମ ନେବା ପରେ ଛାତ୍ରୀଛାତ୍ର ଆଧୁନିକ ଡାକ୍ତରୀ ଉପକରଣ, ବିମାନ ଓ ରକେଟ ପାଇଁ ବିଭିନ୍ନ ସୂକ୍ଷ୍ମ ଉପକରଣ ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଆଦି ଶିଳ୍ପ କ୍ଷେତ୍ରରେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗରେ ନାମଲେଖା ପାଇଁ ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିବାବେଳେ 'ସ୍କୁଲ ଅଫ୍ ସର୍ଭିସେସ' ବିଭାଗରେ ନାମଲେଖା ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskillcenter.org ମାଧ୍ୟମରେ ନାମଲେଖା ପାଇଁ ଆବେଦନ କରିପାରିବେ ବୋଲି ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

**୨୫ରେ ୧୧ ଲକ୍ଷ ଲକ୍ଷପତି ଦିଦିଙ୍କୁ ସାର୍ଟିଫିକେଟ ଦେବେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ ତାରିଖରେ ମହାରାଷ୍ଟ୍ରର ଜଲଗାଁଓରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ସାର୍ଟିଫିକେଟ ପ୍ରଦାନ କରିବେ। କେନ୍ଦ୍ର କୃଷି ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଗୁରୁବାର ଏହା କହିଛନ୍ତି। ଏହି ମହିଳାମାନେ ବାର୍ଷିକ ଲକ୍ଷେ ଟଙ୍କା କିମ୍ବା ତତୋଧିକ ଆୟ କରି ସେମାନଙ୍କ ପରିବାରକୁ ଦାରିଦ୍ର୍ୟରୁ ମୁକ୍ତ କରିଛନ୍ତି।

# ଆନ୍ଦୋଳନ ପରେ ନଇଁଲେ ୱିଡୋଡୋ

## ଇଣ୍ଡୋନେସିଆ ନିର୍ବାଚନ ଆଇନ ସଂଶୋଧନ ବାତିଲ



ଜୋକୋ ୱିଡୋଡୋ





ଇଣ୍ଡୋନେସିଆ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭକାରୀ ପୋଲିସ ଉପରକୁ ଢେଲାମାଡ଼ କରୁଛନ୍ତି।

**ଜାକର୍ତ୍ତା,୨୨।୮**

ଇଣ୍ଡୋନେସିଆ ନିର୍ବାଚନ ଆଇନରେ ବିବାଦୀୟ ପରିବର୍ତ୍ତନକୁ ବିରୋଧ କରି ଗୁରୁବାର ହଜାର ହଜାର ବିକ୍ଷୋଭକାରୀ ପାର୍ଲାମେଣ୍ଟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେମାନେ ପାର୍ଲାମେଣ୍ଟ ବାହାରେ ଲାଗିଥିବା ଲୁହାବାଡ଼ ଭଙ୍ଗାରୁଜା କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ବିଦାୟୀ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ରାଜନୈତିକ ପ୍ରଭାବକୁ ଆହୁରି ବଢ଼ାଇବା ପାଇଁ ଆଇନରେ ପରିବର୍ତ୍ତନ କରାଯାଇଥିଲା। ତେବେ ବିକ୍ଷୋଭ ଜୋର୍‌ଦାର ହେବାରୁ ପ୍ରସ୍ତାବିତ ସଂଶୋଧନକୁ ବାତିଲ କରାଯାଇଛି।

ଦେଶର ନିର୍ବାଚନ ପ୍ରକ୍ରିୟା ଉପରେ ସାମ୍ବିଧାନିକ କୋର୍ଟଙ୍କ ନିଷ୍ପତ୍ତିକୁ ଅକାମୀ କରିଦେବା ପାଇଁ ପାର୍ଲାମେଣ୍ଟର ଜରୁରୀ ଅଧିବେଶନ ବସିଥିଲା। ଏହି ଅଧିବେଶନରେ ନିର୍ବାଚନ ଆଇନରେ ସଂଶୋଧନକୁ ଅନୁମୋଦନ କରାଯାଇଥାନ୍ତା। ଏହାକୁ ବିରୋଧ କରି ଲୋକେ ରାସ୍ତାକୁ ଓହ୍ଲାଇବା ସହ ବିଭିନ୍ନ ସ୍ଥାନରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ଆଞ୍ଚଳିକ ଗଭର୍ନର ନିର୍ବାଚନ ପାଇଁ ୩୦ ବର୍ଷରୁ କମ୍ ବ୍ୟକ୍ତିଙ୍କୁ ବାରଣ କରାଯାଇଥିବାବେଳେ ସାମ୍ବିଧାନିକ କୋର୍ଟ ମଙ୍ଗଳବାର ଉକ୍ତ ବୟସସୀମା ଚ୍ୟାଲେଞ୍ଜକୁ ଖାରଜ କରିଦେଇଥିଲେ। ଫଳରେ ୱିଡୋଡୋଙ୍କ ୨୯ ବର୍ଷୀୟ ପୁଅ କାସାଙ୍ଗ ପାଙ୍ଗାରେପ୍ କେନ୍ଦ୍ରୀୟ ଜାଭାରୁ ଆଞ୍ଚଳିକ ନିର୍ବାଚନ ଲଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାନ୍ତା। ଏହାକୁ ପରିବର୍ତ୍ତନ କରାଇବା ପାଇଁ ବୁଧବାର ପାର୍ଲାମେଣ୍ଟରେ ଜରୁରୀ ପ୍ରସ୍ତାବ ଗୃହୀତ ହୋଇଥିଲା। ଗୁରୁବାର ପ୍ଲେନାରୀ ସେସନ୍‌ରେ ଭୋଟ ଜରିଆରେ ଏହାକୁ ପୁଷ୍ଟି କରାଇବା ଯୋଜନା ଥିଲା। ଏହାକୁ ସୋସିଆଲ ମିଡିଆରେ ଜୋର୍‌ଦାର ନିନ୍ଦା କରାଯାଇଥିଲା। ଆଇନରେ ପରିବର୍ତ୍ତନ ହେଲେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା। ଆକ୍ଟିଭିଷ୍ଟ, ଛାତ୍ରୀଛାତ୍ର, କର୍ମଚାରୀ, ସେଲିବ୍ରିଟିଙ୍କ ସମେତ ହଜାର ହଜାର ଲୋକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଜାକର୍ତ୍ତା ସମେତ ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଚାପ ଆଗରେ ମୁଣ୍ଡ ନୁଆଁଇ ୱିଡୋଡୋ ସରକାର ପ୍ରସ୍ତାବିତ ସଂଶୋଧନକୁ ରଦ୍ଦ କରିଦେଇଛନ୍ତି।

# ଚାଷୀଙ୍କ ଅଭିଯୋଗର ସମାଧାନ ପାଇଁ କମିଟି ଗଢ଼ିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୮(ପି.ଟି.)**

କୃଷକମାନଙ୍କ ସବୁ ସମୟର ଆପତ୍ତି ଅଭିଯୋଗଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ସୁପ୍ରିମକୋର୍ଟ ଖୁବ୍‌ଶୀଘ୍ର ବହୁସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିବେ ବୋଲି ଗୁରୁବାର କହିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨କୁ ଧାର୍ଯ୍ୟ କରିଥିବାବେଳେ କମିଟିକୁ ଚାଷୀମାନଙ୍କ ସମ୍ପର୍କିତ ବିଭିନ୍ନ ପରୀକ୍ଷାମୂଳକ ପ୍ରସଙ୍ଗ ଦେବା ପାଇଁ ପଞ୍ଜାବ ଓ ହରିୟାଣା ସରକାରଙ୍କୁ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୧୨ର ନିର୍ଦ୍ଦେଶକ୍ରମେ ପଞ୍ଜାବ ସରକାର ଆନ୍ଦୋଳନକାରୀ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ଜାତୀୟ ରାଜପଥ ଅବରୋଧକୁ ଆଂଶିକ ହଟାଇବା ପାଇଁ ରାଜି ହୋଇଥିବା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ କୃଷକମାନେ ଫେବୃଆରୀ ୧୩ରୁ ଶମ୍ଭୁ ସୀମାବର୍ତ୍ତୀ ରାଜପଥରେ ସେମାନଙ୍କ ଟ୍ରାକ୍ଟରଗୁଡ଼ିକୁ ରଖି ଆନ୍ଦୋଳନ ଜାରି ରଖିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

# ସମାନ ଯୋଗ୍ୟତାର ଭିନ୍ନ ଗ୍ରୁପ୍‌ର କର୍ମଚାରୀ ସମାନ ସୁବିଧାର ହକ୍‌ଦାର ନୁହନ୍ତି

**ନୂଆଦିଲ୍ଲୀ,୨୨।୮(ପି.ଟି.)**

ବିଭିନ୍ନ ଗ୍ରୁପ୍‌ର କର୍ମଚାରୀ ଏକାଠି କାମ କରୁଥାଇପାରନ୍ତି, କିନ୍ତୁ ସେମାନେ ଭିନ୍ନ ନିୟମାବଳୀରେ ଅନୁଶାସିତ ହେଉଥିବାରୁ ସମାନ ଯୋଗ୍ୟତା ଥିଲେ ମଧ୍ୟ ସମାନ ସୁବିଧା ପାଇବା ପାଇଁ ଯୋଗ୍ୟ ନୁହନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏକ ପିଟିଶନ୍‌ର ଶୁଣାଣି ବେଳେ ଏହା କହିଛନ୍ତି। ପିଏଚ୍.ଡି ଡିଗ୍ରୀ ହାସଲ କରିଥିବା ବୈଜ୍ଞାନିକଙ୍କ ସହ ଟେକ୍‌ନିକାଲ ଷ୍ଟାଫଙ୍କୁ ୧୯୯୯ ଯୋଜନାର ବର୍ଦ୍ଧିତ ସୁବିଧା ଦେବାକୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ଦିଲ୍ଲୀ ହାଇକୋର୍ଟ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଆଇସିଏଆର୍ ନିୟମରେ ସର୍ଭିସ ସମୟରେ ପିଏଚ୍.ଡି କରିଥିବା ବୈଜ୍ଞାନିକ ଦୁଇଟି ଅଗ୍ରୀମ ଇନ୍‌କ୍ରିମେଣ୍ଟ ପାଇବାକୁ ଯୋଗ୍ୟ କିନ୍ତୁ ଟେକ୍‌ନିକାଲ ଷ୍ଟାଫ ନୁହନ୍ତି।

# ରୁଷିଆରୁ ତୈଳ ଆମଦାନୀ: ଚାଇନାକୁ ଟପିଲା ଭାରତ

**ନୂଆଦିଲ୍ଲୀ,୨୨।୮**

୨୦୨୨ ଫେବୃଆରୀରେ ୟୁକ୍ରେନ୍ ବିରୋଧରେ ରୁଷିଆ ଯୁଦ୍ଧ ଆରମ୍ଭ କରିବା ପରେ ସେଠାରୁ ଭାରତର ତୈଳ ଓ ସାର ଆମଦାନୀ ବୃଦ୍ଧି ପାଇଥିଲା। ଗତ ଜୁଲାଇରେ ଭାରତ ଚାଇନାକୁ ଟପି ରୁଷିଆର ସର୍ବବୃହତ ତୈଳ କ୍ରେତା ହୋଇଛି। ଇନ୍ଧନ ଉତ୍ପାଦନରେ ଲାଭ କମ୍ କାରଣରୁ ଚାଇନାର ବିଶୋଧନାଗାରଗୁଡ଼ିକ ରୁଷିଆରୁ ତୈଳ ଆମଦାନୀ କମାଇଦେଇଛନ୍ତି। ରୁଷିଆରୁ ଭାରତ ଗତ ମାସରେ ରେକର୍ଡ ୪୪ ପ୍ରତିଶତ ଅଶୋଧିତ ତେଲ କିଣିଛି ଯାହା କି ଦୈନିକ ୨.୦୭ ନିୟୁତ ବାରେଲ। ଜୁନ୍ ତୁଳନାରେ ଏହା ୪.୨% ଅଧିକ ହୋଇଥିବାବେଳେ ବର୍ଷେ ପୂର୍ବର ଆମଦାନୀଠାରୁ ୧୨% ଅଧିକ। ଜୁଲାଇରେ ଚାଇନା ରୁଷିଆରୁ ଦୈନିକ ୧.୭୬ ନିୟୁତ ବ୍ୟାରେଲ ତେଲ କିଣିଥିଲା।

# ଭାରତରେ 'ଖିଲାଫତ୍' ସ୍ଥାପନ ପାଇଁ ଆତଙ୍କବାଦୀଙ୍କ ଯୋଜନା

**ନୂଆଦିଲ୍ଲୀ,୨୨।୮**

ଦିଲ୍ଲୀ ପୋଲିସ ଗୁରୁବାର ଅଲ୍ କାଏଦା ଅନୁପ୍ରାଣିତ ଟେରର ମଡ୍ୟୁଲକୁ ଠାବ କରିବା ସହ ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଛି। ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶ ପୋଲିସ ସହ ମିଶି ଦିଲ୍ଲୀ ପୋଲିସ ଏହି ମିଳିତ ଅଭିଯାନ ଚଳାଇଥିଲା। ଉକ୍ତ ଗ୍ରୁପ୍ ସହ ସମ୍ପୃକ୍ତ ୧୪ ଜଣଙ୍କୁ ଗିରଫ କରାଯାଇଛି। ଭାରତରେ 'ଖିଲାଫତ୍' ସ୍ଥାପନ ଲକ୍ଷ୍ୟରେ ଉକ୍ତ ଗ୍ରୁପ ଅନେକ ହାଇପ୍ରୋଫାଇଲ୍ ଆତଙ୍କବାଦୀ ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଥିଲେ। ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିର ଡ. ଇଶ୍ତିୟାକ ଉକ୍ତ ଗ୍ରୁପର ନେତୃତ୍ୱ ନେଉଥିଲେ ବୋଲି ଦିଲ୍ଲୀ ପୋଲିସ କହିଛି। ଉକ୍ତ ଆତଙ୍କବାଦୀ ଗ୍ରୁପର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ରହି ଅସ୍ତ୍ରଚାଳନା ସମେତ ଅନ୍ୟାନ୍ୟ ତାଲିମ ନେଉଥିଲେ। ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ରିପୋର୍ଟ ପାଇବା ପରେ ୪ ରାଜ୍ୟର ପୋଲିସ ପକ୍ଷରୁ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ରାଜସ୍ଥାନର ଭିୱାଡ଼ିରେ ଅସ୍ତ୍ରଚାଳନା ତାଲିମ ନେଉଥିବା ୬ ସନ୍ଦିଗ୍ଧ ଏବଂ ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶରୁ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କିତ ଦସ୍ତାବିଜ ଜବତ ହୋଇଛି।

# ସ୍କୁଲ ଅସୁରକ୍ଷିତ ହେଲେ ଶିକ୍ଷା ଅଧିକାରର ଅର୍ଥ କ'ଣ

## ବଦଲାପୁର ଯୌନ ନିର୍ଯାତନା ମାମଲାରେ ପୋଲିସ ଓ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

**ମୁମ୍ବାଇ,୨୨।୮**

ମହାରାଷ୍ଟ୍ର ଠାଣେ ଜିଲା ବଦଲାପୁର ନର୍ସରି ସ୍କୁଲରେ ଅଗଷ୍ଟ ୧୩ରେ ୨ ଜଣ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ସୁଇପର ଅକ୍ଷୟ ଶିନ୍ଦେ ସ୍କୁଲ ପାଇଖାନାରେ ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣାରେ ବମ୍ବେ ହାଇକୋର୍ଟ ଗୁରୁବାର ସ୍ଥାନୀୟ ପୋଲିସ ଏବଂ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ପୋଲିସ କର୍ତ୍ତବ୍ୟରେ ଅବହେଳା କରିଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଠିକ୍ ସମୟରେ ପୋଲିସକୁ ନ ଜଣାଇବା ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଯଦି ସ୍କୁଲ ସୁରକ୍ଷିତ ସ୍ଥାନ ନୁହେଁ, ତେବେ ଶିକ୍ଷା ଅଧିକାର ଉପରେ କହିବାର ଅର୍ଥ କ'ଣ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତେଜନା ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ପୋଲିସ କଳ କାମ କରୁ ନାହିଁ। କ'ଣ ପାଇଁ ମାମଲାକୁ ଏତେ ହାଲୁକା ଭାବେ ନିଆଗଲା ବୋଲି କୋର୍ଟ ଭର୍ତ୍ସନା କରିଛନ୍ତି। ଦ୍ୱିତୀୟ ପୀଡ଼ିତାଙ୍କ ବୟାନ ରେକର୍ଡ କରିବାରେ ବିଳମ୍ବକୁ ନେଇ ଜଷ୍ଟିସ୍ ରେବତୀ ମୋହିତେ ଡେରେ ଏବଂ ପୃଥ୍ୱୀରାଜ ଚଭନଙ୍କ ଖଣ୍ଡପୀଠ ପୋଲିସକୁ ସ୍ପଷ୍ଟୀକରଣ ମାଗିଛନ୍ତି। ଅଭିଯୋଗ ଗ୍ରହଣ କରିବା ପାଇଁ ପୋଲିସ ପୀଡ଼ିତାଙ୍କ ମାଆବାପାଙ୍କୁ ୧୨ ଘଣ୍ଟା ଅପେକ୍ଷା କରାଇବାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଜୋର୍‌ଦାର ବିକ୍ଷୋଭ ଜାରି ରହିଛି। ଡାକ୍ତରୀ ରିପୋର୍ଟରୁ ଯୌନ ନିର୍ଯାତନା ସ୍ପଷ୍ଟ ହୋଇଥିଲେ ମଧ୍ୟ ସ୍କୁଲ ପ୍ରିନ୍ସିପାଲ ଏବଂ ଶିକ୍ଷକ ଏହାକୁ ଖଣ୍ଡନ କରିଥିଲେ। ଛାତ୍ରୀ ସାଇକେଲ ଚଳାଇବା ବେଳେ ଗୁପ୍ତାଙ୍ଗରେ କ୍ଷତ ହୋଇଥାଇପାରେ ବୋଲି ପ୍ରିନ୍ସିପାଲ ପରିବାର ସଦସ୍ୟଙ୍କୁ କହିଥିଲେ।

# ଆଦାନୀ ଗ୍ରୁପ୍ ବିରୋଧରେ ଜେପିସି ତଦନ୍ତ ଦାବିରେ କଂଗ୍ରେସର ବିକ୍ଷୋଭ

**ନୂଆଦିଲ୍ଲୀ,୨୨।୮**





ପୁଞ୍ଜି ବଜାର ନିୟନ୍ତ୍ରକ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷ ମାଧବୀ ପୁରୀ ବୁଚ୍ ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ ଏବଂ ମାଧବୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ଗୁରୁବାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଆଦାନୀ ଗ୍ରୁପ୍‌ର ଅଫ୍‌ଶୋର ସଂସ୍ଥାରେ ମାଧବୀ ଓ ତାଙ୍କ ସ୍ୱାମୀ ପୁଞ୍ଜିନିବେଶ କରିଥିବା ଆମେରିକୀୟ ରିସର୍ଚ୍ଚ ସଂସ୍ଥା ହିଣ୍ଡେନ୍‌ବର୍ଗ ଖବର ପ୍ରକାଶ କରିଥିଲା। ଆଦାନୀ ଗ୍ରୁପ୍‌ର ଅର୍ଥ ହେରଫେର୍‌ରେ ଉକ୍ତ ବିଦେଶୀ ପାଣ୍ଠିକୁ ବ୍ୟବହାର କରାଯାଇଥିଲା। ତେଲଙ୍ଗାନାରେ ଅନୁଷ୍ଠିତ ବିକ୍ଷୋଭରେ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ, ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସଲମାନ ଖୁର୍ସିଦ ସାମିଲ ହୋଇଥିଲେ। ସେହିପରି ଦିଲ୍ଲୀର ଯନ୍ତରମନ୍ତରଠାରେ ଅନୁଷ୍ଠିତ ବିକ୍ଷୋଭରେ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ, ବରିଷ୍ଠ ନେତା ସଚିନ ପାଇଲଟ, କହ୍ନେୟା କୁମାର ପ୍ରମୁଖ ଯୋଗ ଦେଇଥିଲେ।

**ଫୁର୍‌ସତ**

# ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ: ଭାରତର ଅନ୍ତରୀକ୍ଷ ଗାଥା

## ଆଜି ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ



ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତର ଚନ୍ଦ୍ରୟାନ-୩ ଉପଗ୍ରହ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ସଫଳତାର ସହ ଧୀର ଅବତରଣ କରିଥିଲା। ଏହା ଥିଲା ଅନ୍ତରୀକ୍ଷ ଅଭିଯାନ କ୍ଷେତ୍ରରେ ଆମ ଦେଶର ସର୍ବଶ୍ରେଷ୍ଠ ଉପଲବ୍ଧି। ଚନ୍ଦ୍ର ପୃଷ୍ଠରେ ଧୀର ଅବତରଣ ବା ସଫ୍ଟ ଲ୍ୟାଣ୍ଡିଂ କରିବାରେ ଆମ ଦେଶ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଏବଂ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଧୀର ଅବତରଣ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଭାରତ ସରକାର ଅଗଷ୍ଟ ୨୩ ତାରିଖକୁ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ' ରୂପେ ପାଳନ କରିବାକୁ ଘୋଷଣା କରିଛନ୍ତି। ପ୍ରଥମ ଅନ୍ତରୀକ୍ଷ ଦିବସ ପାଳନର ଶୀର୍ଷକ ହେଉଛି 'ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ : ଭାରତର ଅନ୍ତରୀକ୍ଷ ଗାଥା'। ସୁତରାଂ ଆମର ଚନ୍ଦ୍ର ଅଭିଯାନ କେବଳ ଏକ ପ୍ରଯୁକ୍ତିଗତ ପାରଦର୍ଶିତାର ପ୍ରଦର୍ଶନ ନୁହେଁ, ବରଂ ସୁଦୂର ଚନ୍ଦ୍ର ରାଇଜର ରହସ୍ୟକୁ ଉନ୍ମୋଚନ କରି ସେଥିରୁ ଆହରିତ ଜ୍ଞାନକୌଶଳକୁ ସମାଜ ମଙ୍ଗଳ ନିମନ୍ତେ ବିନିଯୋଗ କରି ମାନବ ଜୀବନକୁ ଋଦ୍ଧିମନ୍ତ କରିବା।

ଚନ୍ଦ୍ରୟାନ-୩ ଅଭିଯାନ ମୂଳତଃ ଅନ୍ତରୀକ୍ଷରେ ଏକ ମାନବରହିତ କାର୍ଯ୍ୟକ୍ରମ। ଏହି ଅଭିଯାନ ଜରିଆରେ କେବଳ କେତେକ ବୈଜ୍ଞାନିକ ଯନ୍ତ୍ରାବଳିକୁ ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ରୂପେ ସ୍ଥାପିତ କରାଯାଇ ପାରିଛନ୍ତି। ଏହି ଯନ୍ତ୍ରାବଳି ଚନ୍ଦ୍ରପୃଷ୍ଠରେ ରହି ଆପେ ଆପେ କାର୍ଯ୍ୟ କରିବ ଏବଂ ସେଗୁଡିକୁ ପୃଥିବୀକୁ ଫେରାଇ ଆଣିବାର ଆବଶ୍ୟକତା ନାହିଁ। ଏହି ଉପଲବ୍ଧିଠାରୁ ଅଧିକ ଉଚ୍ଚକୋଟୀର ଉପଲବ୍ଧି ହେବ ଚନ୍ଦ୍ରକୁ ମନୁଷ୍ୟ ପ୍ରେରଣ କରି ପୃଥିବୀକୁ ନିରାପଦ ରୂପେ ଫେରାଇ ଆଣିବା କାର୍ଯ୍ୟକ୍ରମ। ଏହା କୌଣସି ମନୁଷ୍ୟ ବିହୀନ ଅଭିଯାନଠାରୁ ଯଥେଷ୍ଟ ଜଟିଳ ଓ କଠିନ ପ୍ରକ୍ରିୟା ଏବଂ ଏ ଦିଗରେ ପଦେ ପଦେ ବିପଦ ରହିଛି। ପ୍ରଥମତଃ, ଚନ୍ଦ୍ରପୃଷ୍ଠରେ ସୁଚାରୁ ରୂପେ ଧୀର-ଅବତରଣ କରି ନ ପାରିଲେ ଯାନଟି ଚନ୍ଦ୍ରମାଟିରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ଏଥିରେ ଥିବା ମହାକାଶଚାରୀଙ୍କ ମୃତ୍ୟୁ ଘଟିବ। ଦ୍ୱିତୀୟତଃ, ମହାକାଶଚାରୀଙ୍କୁ ସୁରକ୍ଷିତ ରୂପେ ପୃଥିବୀ ଫେରାଇ ଆଣିବାକୁ ପଡ଼ିବ। ଏଥି ନିମନ୍ତେ ଫେରନ୍ତା ପଥରେ ଯାନକୁ ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପୁନଃପ୍ରବେଶ କରିବାକୁ ପଡ଼ିବ। ଏହି ସମୟରେ ଯାନଟି ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପ୍ରଚଣ୍ଡ ଗତିରେ ଛୁଟି ଯାଉଥିଲାବେଳେ ବାୟୁମଣ୍ଡଳର ଘର୍ଷଣ ହେତୁ ଯାନର ତାପମାତ୍ରା ବୃଦ୍ଧି ପାଇ ନିମିଷକ ମଧ୍ୟରେ ପ୍ରାୟ ୩୦୦୦ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଥାଏ, ଯେଉଁ ତାପମାତ୍ରାରେ ଲୁହା ସମେତ ଅଧିକାଂଶ ଧାତୁ ତରଳି ଯିବେ। ଏହି ପ୍ରଚଣ୍ଡ ତାପମାତ୍ରାକୁ ସହନ କରିବା ନିମନ୍ତେ ଯାନର ବାହାରପଟେ ସ୍ୱତନ୍ତ୍ର ତାପନିରୋଧକ ଟାଇଲମାନ ଖଞ୍ଜା ଥାଏ ଯାହା ଯାନ ସମେତ ଯାନସ୍ଥିତ ମହାକାଶଚାରୀଙ୍କୁ ରକ୍ଷାକରେ।

ସୁତରାଂ ଆମେ ଚନ୍ଦ୍ରୟାନ-୩ ସଫଳତାରେ ଆତ୍ମହରା ନ ହୋଇ ଚନ୍ଦ୍ରକୁ କିପରି ନିକଟ ଭବିଷ୍ୟତରେ ଭାରତୀୟ ମହକାଶଚାରୀ ଥିବା ଏକ ଯାନ ପଠାଇବା ଚିନ୍ତା କରିବା କଥା। ଆମର ମନୁଷ୍ୟ ଥିବା ମହତ୍ତ୍ୱାକାଂକ୍ଷୀ 'ଗଗନଯାନ' କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟସୀମାଠାରୁ ବିଳମ୍ବରେ ଚାଲିଛି ଏବଂ ଆଗାମୀ ୨୦୨୫ ମସିହା ମଧ୍ୟଭାଗ ବେଳକୁ ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ କେତେଜଣ ଭାରତୀୟ ମହାକାଶଚାରୀ ମହାକାଶଯାତ୍ରା କରିବେ ବୋଲି ଆଶା କରାଯାଏ। ଆମର ଏହି ଅଭିଯାନ ସଫଳ ହେଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଆମେ ଚନ୍ଦ୍ରକୁ ମନୁଷ୍ୟ ପଠାଇ ସେଠାରେ ଭାରତର ଏକ ସ୍ଥାୟୀ ଘାଟି ନିର୍ମାଣ କଥା ଚିନ୍ତା କରି ପାରିବା।

**–ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ୧୭ ପୁରୁଷଙ୍କୁ ଆକ୍ରମଣ କରିଛି ହଣ୍ଟେଡ୍ ଡଲ୍



**ଲଣ୍ଡନ:** ବ୍ରିଟେନ୍‌ର ଏଲିଜାବେଥ୍ ନାମକ ଏକ କଣ୍ଢେଇକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି କଣ୍ଢେଇଟି ଏକ ହଣ୍ଟେଡ୍ ଡଲ୍ ହୋଇଥିବା ନେଇ ଏହାର ମାଲିକ ଲି ଷ୍ଟୀର ଦାବି କରିଛନ୍ତି। ସାଉଥ୍ ୟାର୍କସାୟରସ୍ଥିତ ରଦରହମଠାରେ ରହୁଥିବା ପାରାନର୍ମାଲ ଇନ୍‌ଭେଷ୍ଟିଗେଟର ଲି ଷ୍ଟୀର (୩୭) ଇ-କମର୍ସ ପ୍ଲାଟଫର୍ମ 'ଇ-ବେ'ରୁ ୮୬୬ ପାଉଣ୍ଡ(ପ୍ରାୟ ୯୫ ହଜାର ଟଙ୍କା) ମୂଲ୍ୟରେ ଏହି କଣ୍ଢେଇକୁ କିଣିଥିଲେ। ରଦରହମରେ ଷ୍ଟୀରଙ୍କର ଏକ ମ୍ୟୁଜିୟମ ରହିଛି, ଯେଉଁଠାରେ ସେ ବିଭିନ୍ନ ହଣ୍ଟେଡ୍ ବସ୍ତୁର ପ୍ରଦର୍ଶନୀ ଆୟୋଜନ କରିଥାନ୍ତି। ଷ୍ଟୀର ଏଲିଜାବେଥ୍‌କୁ କିଣି ନିଜ ମ୍ୟୁଜିୟମରେ ରଖିଥିଲେ। ଷ୍ଟୀର କହିଛନ୍ତି, ଏଲିଜାବେଥ୍ ଏକ ସାଧାରଣ କଣ୍ଢେଇ ପରି ଦେଖାଯାଉଥିଲେ ମଧ୍ୟ ଏହା ଏକ ହଣ୍ଟେଡ୍ ଡଲ୍। ଏକଦା ସେ ମ୍ୟୁଜିୟମରେ ଏଲିଜାବେଥ ନିକଟରେ ଉପସ୍ଥିତ ଥିବାବେଳେ ତାଙ୍କ ବେକ ଏବଂ ପିଠିରେ କେହି ଆମ୍ପୁଡ଼ିବା ପରି ମନେ କରିଥିଲେ। ଘରେ ଯାଇ ଦେଖିବା ପରେ ସେ ନିଜ ପେଟରେ ଆଘାତ ଥିବା ଦେଖିବାକୁ ପାଇଥିଲେ। କେବଳ ସେ ନୁହନ୍ତି ସଂଗ୍ରହାଳୟକୁ ଆସୁଥିବା ଅନ୍ୟ ପୁରୁଷମାନେ ମଧ୍ୟ ସମାନ ଅନୁଭବ କରିଥିବା ଷ୍ଟୀର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ହଣ୍ଟେଡ୍ ଡଲ୍ ତାଙ୍କୁ ମିଶାଇ ୧୭ ଜଣ ପୁରୁଷଙ୍କୁ ଶାରୀରିକ ଭାବେ ଆଘାତ ଦେଇଛି। ତେବେ ଏହାବ୍ୟତୀତ ଏଲିଜାବେଥ୍ ଉକ୍ତ ସଂଗ୍ରହାଳୟ ମଧ୍ୟରେ ବିଭିନ୍ନ ବସ୍ତୁକୁ ଏପଟସେପଟ କରି ଏଣେତେଣେ ଫୋପାଡ଼ିବା, ଫାୟାର ଆଲାରାମ୍‌କୁ ବଜାଇବା ଆଦି ଅନେକ କାର୍ଯ୍ୟକଳାପ କରିଥାଏ ବୋଲି ଷ୍ଟୀର କହିଛନ୍ତି। ଧୋକାର ସମ୍ମୁଖୀନ ହୋଇଥିବା କୌଣସି ନବ ବିବାହିତା ମହିଳାଙ୍କର ଆତ୍ମା ଏଲିଜାବେଥ୍ ମଧ୍ୟରେ ରହିଥିବା ନେଇ ଷ୍ଟୀର ଅନୁମାନ କରିଛନ୍ତି। ବୋଧହୁଏ ସମ୍ପୃକ୍ତା ମହିଳା କୌଣସି ପୁରୁଷଙ୍କ ଦ୍ୱାରା ବହୁଳ ଭାବେ ଅତ୍ୟାଚାରିତ ହୋଇଛନ୍ତି। ସେଥିପାଇଁ ଉକ୍ତ ହଣ୍ଟେଡ୍ ଡଲ୍ କେବଳ ବିବାହିତ ପୁରୁଷମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଥିବା ଷ୍ଟୀର କହିଛନ୍ତି।

# ଭିକିଙ୍କୁ ଧମକ ଦେଇଥିଲେ କ୍ୟାଟ୍ରିନା



**ମୁମ୍ବାଇ:** ବଲିଉଡ୍‌ର ଷ୍ଟାର ଦମ୍ପତିଙ୍କ ମଧ୍ୟରେ ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କ ଯୋଡ଼ି ଅନ୍ୟତମ। ବିବାହ ନ ହେବା ଯାଏ ଏହି ୨ ଷ୍ଟାର ଯୋଡି ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରି ନ ଥିଲେ। ସେପର୍ଯ୍ୟନ୍ତ ଉଭୟଙ୍କ ଡିନର ଡେଟ୍‌ର କୌଣସି ଫଟୋ ସାମ୍ନାକୁ ଆସି ନ ଥିଲା। ତେବେ ୨୦୨୧ରେ ବିବାହ କରୁଥିବା ନେଇ ଉଭୟେ ଘୋଷଣା କରିଥିଲେ। ୨୦୨୧ ଡିସେମ୍ବର ୯ରେ ଉଭୟ ଭିକି ଏବଂ କ୍ୟାଟ୍ରିନା ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

ତେବେ ବିବାହର ଠିକ୍ ପୂର୍ବରୁ କ୍ୟାଟ୍ରିନାଙ୍କ ଏକ ଧମକରେ ଭିକି ଚିନ୍ତିତ ହୋଇ ପଡ଼ିଥିଲେ। ବୁଧବାର ଏକ ସାକ୍ଷାତ୍‌କାର ଦେବା ସମୟରେ ଭିକି ଏନେଇ ପ୍ରଘଟ କରିଛନ୍ତି। ଭିକି କହିଛନ୍ତି, ବିବାହ ପୂର୍ବରୁ ସେ ନିଜ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ'ର ଅଧା ଶୁଟିଂ ଶେଷ କରି ସାରିଥିଲେ। ତାଙ୍କୁ ବିବାହ କରିବାର ୨ ଦିନ ମଧ୍ୟରେ ହିଁ ନିଜର କର୍ମକ୍ଷେତ୍ରକୁ ଫେରିବାର ଥିଲା। ସେଥିପାଇଁ ସେ ଶୁଟିଂ ସେଟ୍‌ରୁ ୨ ଦିନିଆ ଛୁଟି ନେଇଥିଲେ। କିନ୍ତୁ ଯେତେବେଳେ କ୍ୟାଟ୍ରିନା ଏହା ଜାଣିଥିଲେ ସେ ଅତ୍ୟନ୍ତ କ୍ରୋଧିତ ହୋଇଯାଇଥିଲେ। ରାଗରେ କ୍ୟାଟ୍ରିନା ତାଙ୍କୁ ବିବାହ ନ କରିବାକୁ ଧମକ ଦେଇଥିଲେ ବୋଲି ଏହି ସାକ୍ଷାତ୍‌କାରରେ ଭିକି କହିଛନ୍ତି। କ୍ୟାଟ୍ରିନା ରାଗରେ ଭିକିଙ୍କୁ କହିଥିଲେ, ଯଦି ଫିଲ୍ମ ଶୁଟିଂ ଏତେ ଜରୁରୀ ତେବେ ବିବାହ କରିବା ଦରକାର ନାହିଁ। ବିନା ଛୁଟି ନେଇ ଫିଲ୍ମ ଶୁଟିଂ ଜାରି ରଖ। ନିକଟରେ ଭିକିଙ୍କର 'ବ୍ୟାଡ୍ ନ୍ୟୁଜ' ଫିଲ୍ମ ରିଲିଜ ହୋଇଛି। ଏଥିରେ ତାଙ୍କର 'ତୌବା ତୌବା' ଡ୍ୟାନ୍ସକୁ ଦର୍ଶକ ବହୁମାତ୍ରାରେ ପସନ୍ଦ କରିଛନ୍ତି। ସେହିପରି ଲକ୍ଷ୍ମଣ ଉଟେକର୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛାବା' ରେ ଭିକି ଛତ୍ରପତି ସମ୍ଭାଜି ମହାରାଜଙ୍କ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର ରିଲିଜ ହୋଇଛି। ଆସନ୍ତା ଡିସେମ୍ବର ୬ରେ 'ଛାବା' ଫିଲ୍ମ ରିଲିଜ୍ ହେବ।

## ଲୋକଙ୍କ ପାଇଁ କଂଗ୍ରେସର କମିଟ୍‌ମେଣ୍ଟ ନାହିଁ: ଭାଜପା

ଭୁବନେଶ୍ୱର,(ସୁନିତ୍ ମିଶ୍ର): ପ୍ରତ୍ୟେକ ରାଜନୈତିକ ଦଳର ଲୋକଙ୍କ ପାଇଁ କମିଟ୍‌ମେଣ୍ଟ ଥାଏ, ଯାହା କଂଗ୍ରେସ ପାଖରେ ନାହିଁ। ଅଭିଯୁକ୍ତ କିମ୍ବା ସେମାନଙ୍କ ପକ୍ଷଧର ତଦନ୍ତକାରୀ ସଂସ୍ଥା ଉପରେ ଚାପ ପ୍ରୟୋଗକଲେ ଆଇନର ଶାସନ ଚାଲିବ ନାହିଁ ବରଂ ଦେଶରେ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। କଂଗ୍ରେସର ଇଡି ଅଫିସ୍ ଘେରାଉ କାର୍ଯ୍ୟକ୍ରମକୁ ନିନ୍ଦାକରି ମନୋଜ କହିଛନ୍ତି, ଇଡି ଅଫିସ୍ ଆଗରେ ଟେଣ୍ଟ ପକାଇ ଫଟୋ ଉଠାଇ କଂଗ୍ରେସ ନେତାମାନେ ପଲିଟିକାଲ ଷ୍ଟଣ୍ଟ କରୁଛନ୍ତି।

# କେନ୍ଦ୍ରାପଡ଼ା ଜିଲା ପରିଷଦ ସହ ୨ ବ୍ଲକ୍ ଅଧ୍ୟକ୍ଷ ପଦରେ ବିଜେଡି

## ଜିଲାପରିଷଦ, ବ୍ଲକ୍ ଅଧ୍ୟକ୍ଷ ଉପନିର୍ବାଚନ

ଅଗଷ୍ଟ ୨୨ରେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ସହ ନବରଙ୍ଗପୁର ଜିଲାର ରାଇଘର, ନୟାଗଡ଼ ଜିଲାର ଭାପୁର ଓ ଗଞ୍ଜାମ ଜିଲାର ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି, ଭାପୁର ଓ ରାଇଘର ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡି ନିଜର ପାଖରେ ରଖିବାରେ ସମର୍ଥ ହୋଇଥିବାବେଳେ ଭାଜପା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡିଠାରୁ ଛଡ଼ାଇ ନେଇଛି। ଆଲୋଚନା ହେଉଛି ଉମରକୋଟର ଭାଜପା ବିଧାୟକ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତି ସତ୍ତ୍ୱେ ସେଠାରେ ବିଜେଡି ତା'ର ସ୍ଥିତି ବଜାୟ ରଖିଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ବିଜେଡି ଅକ୍ତିଆରରେ ଥିବା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ଭାଜପା ହାତକୁ ଯାଇଛି। ୨୦୨୪ ବିଧାନସଭା ନିର୍ବାଚନରେ ଗଞ୍ଜାମ ଜିଲାରେ ବିଜେଡି ଦୁର୍ଗ ଭାଙ୍ଗିଥିବା ବେଳେ ଏବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ହରାଇବା ଦଳକୁ ଝଟକା ଦେଇଛି।



ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରାପଡ଼ାର ନବନିର୍ବାଚିତ ଜିଲାପରିଷଦ ଅଧ୍ୟକ୍ଷା ଲଳିତା ଦାସ ଓ ଅନ୍ୟ ନେତୃବୃନ୍ଦ ସାକ୍ଷାତ କରୁଛନ୍ତି।

## ଲଳିତା ଦାସ ଜିଲା ପରିଷଦ ସଭାପତି

କେନ୍ଦ୍ରାପଡ଼ା, ୨୨।୮ (ଜଗନ୍ନାଥ ଧଳ)

ଦୀର୍ଘ ୪ ମାସ ଧରି ଖାଲିପଡ଼ିଥିବା କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ପଦ ଗୁରୁବାର ପୂରଣ ହୋଇଛି। ଏହି ପଦବୀରେ ବିଜେଡିର ୫ ନଂ. ଜୋନ ଜିଲା ପରିଷଦ ସଭ୍ୟା ଲଳିତା ଦାସ ଏକମାତ୍ର ପ୍ରାର୍ଥିନୀ ଭାବେ ନିର୍ଦ୍ୱନ୍ଦ୍ୱରେ ଜିତିଥିବା ନିର୍ବାଚନ ଅଧିକାରୀ ତଥା ଏଡିଏମ୍ ନିଲୁ ମହାପାତ୍ର ସୂଚନା ଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ପଦବୀରେ ଥିବା ଗୀତାଞ୍ଜଳି ସେଠୀ ପଦ ସହ ସଭ୍ୟ ପଦରୁ ଏପ୍ରିଲ ୨୩ରେ ଇସ୍ତଫା ଦେଇଥିଲେ। ପରେ ବିଜେଡି ପରିତ୍ୟାଗ କରି ଭାଜପାର କେନ୍ଦ୍ରାପଡ଼ା ବିଧାୟକ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ତେବେ ନିର୍ବାଚନରେ ଜିତିବା ପରେ ଜିଲା ପରିଷଦ ସଭାପତି ଲଳିତା କହିଛନ୍ତି, ବିଜେଡିର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲାର ବିକାଶ ପାଇଁ ଦାୟିତ୍ୱ ଦେଇଛନ୍ତି। ଦଳର ଜିଲାରେ ଥିବା ତୁଙ୍ଗ ନେତୃମଣ୍ଡଳୀ ସହ ପରିଷଦ ସଭ୍ୟାସଭ୍ୟଙ୍କ ସହଯୋଗରେ ଜିଲା ବିକାଶକୁ ତ୍ୱରାନ୍ୱିତ କରିବେ। ସୂଚନାଯୋଗ୍ୟ, ଏହି ଜିଲାରେ ମୋଟ ୩୨ ଜୋନ ମଧ୍ୟରୁ ୩୧ଟିରେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଜିତିଥିଲା। ଇତିମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ଓ ଉପସଭାପତି ଅଶୋକ ପ୍ରତିହାରୀ ବିଜେଡିକୁ ପରିତ୍ୟାଗ କରିଛନ୍ତି।

## ଗୁପ୍ତ ଝାଙ୍କର ରାଇଘର ବ୍ଲକ୍ ଅଧ୍ୟକ୍ଷ



ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟ ସମର୍ଥକଙ୍କ ସହ ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର।

ରାଇଘର, ୨୨।୮ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷଭାବେ ବିଜେଡି ସମର୍ଥିତ କୋଷକୋଙ୍ଗା ପଞ୍ଚାୟତ ସମିତି ସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ବିଜୟୀ ହୋଇଛନ୍ତି। ଗୁପ୍ତଙ୍କୁ ୧୬ଟି ଭୋଟ ମିଳିଥିବାବେଳେ ତାଙ୍କ ବିପକ୍ଷରେ ଥିବା ଭାଜପା ସମର୍ଥିତ ପ୍ରାର୍ଥୀ ତୃପ୍ତିରଞ୍ଜନ ମାଝୀ ୭ଟି ଭୋଟ ପାଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଜେଡି ସମର୍ଥିତ ସମିତିସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ଓ ଭାଜପା ସମର୍ଥିତ ସମିତିସଭ୍ୟ ତୃପ୍ତିରଞ୍ଜନ ମାଝୀ ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ୧୨ଟା ୩୦ରୁ ୧ଟା ୩୦ ଯାଏ ଭୋଟ ଗ୍ରହଣ କରାଯାଇଥିଲା। ୨ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଏଥିରେ ଗୁପ୍ତ ବିଜୟୀ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ପ୍ରୀତିରଞ୍ଜନ ରଥ ଘୋଷଣା କରିଥିଲେ। ଉମରକୋଟ ନିର୍ବାଚନମଣ୍ଡଳୀର ରାଇଘର ବ୍ଲକ୍ ଅଧ୍ୟକ୍ଷ ପାଇଁ ବିଜେଡି ବାଜି ମାରିଥିବାବେଳେ ଭାଜପାକୁ ଶକ୍ତ ଝଟକା ଲାଗିଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଜିତିବା ପରେ ରାଇଘର ବ୍ଲକ୍ ବିଜେଡି ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ରାଇଘର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନବୀନା ନାୟକଙ୍କୁ ୨୦୨୪ ନିର୍ବାଚନରେ ବିଜେଡି ଉମରକୋଟ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କରିଥିଲା। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମରକୋଟ ବିଧାୟକ ଭାଜପାର ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ପରାସ୍ତ ହୋଇଥିଲେ।

## ପ୍ରଥମଥର ଭାଜପା ହାତରେ ଖଲ୍ଲିକୋଟ ବ୍ଲକ

ଖଲ୍ଲିକୋଟ, ୨୨।୮ (ପ୍ରଶାନ୍ତ କୁମାର ମିଶ୍ର)



ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଗୁରୁବାର ହୋଇଥିବା ଉପନିର୍ବାଚନରେ ଭାଜପା ବାଜିମାତ କରିଛି। ୨୦୨୪ ନିର୍ବାଚନରେ ବିଜେଡି ଦୁର୍ଗକୁ ଭାଙ୍ଗି ଭାଜପା ପ୍ରଥମ ଥର ଖଲ୍ଲିକୋଟ ବିଧାୟକ ଆସନ ଅକ୍ତିଆର କରିଥିବା ବେଳେ ଏବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇଛି। ଉପ ନିର୍ବାଚନରେ ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ୨୮ ଜଣ ସମିତିସଭ୍ୟ ମତଦାନ କରିଥିଲେ। ଟିଙ୍କିଲି ପଞ୍ଚାୟତର ସମିତିସଭ୍ୟା କୁମାରୀ ଦାସ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବିଜେଡିର ଦୈତାରୀ ବେହେରା ବ୍ଲକ ଅଧ୍ୟକ୍ଷ ରହିଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ଗୁରୁବାର ହୋଇଥିବା ଉପ ନିର୍ବାଚନରେ ସେ ପୁଣି ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ କୁମାରୀ ଦାସ ପ୍ରାର୍ଥୀ ହୋଇଥିଲେ। ୨୮ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ଭାଜପା ପ୍ରାର୍ଥୀ କୁମାରୀଙ୍କୁ ୨୫ ଜଣ ଭୋଟ ଦେଇଥିବା ବେଳେ ବିଜେଡି ପ୍ରାର୍ଥୀ ଦୈତାରୀଙ୍କୁ ମାତ୍ର ୩ଟି ଭୋଟ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ଲକ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗଞ୍ଜାମ ବିଡ଼ିଓ ବସନ୍ତ କୁମାର ମଲ୍ଲିକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ କୋଦଳା ତହସିଲଦାର ସସ୍ମିତା ଶତପଥି ଉପ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଜୟ ପରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଭାଜପା ଘୁମୁସର ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶ, ମହିଳା ନେତ୍ରୀ ଭାରତୀ ବେହେରାଙ୍କ ସମେତ ବହୁ ଭାଜପା ନେତା ଦଳର ବିପୁଳ ବିଜୟ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ପୁଣି ଭାପୁର ବ୍ଲକ୍ ଅଧ୍ୟକ୍ଷା ହେଲେ ସାବିତ୍ରୀ



ନିଜ ସମର୍ଥକଙ୍କ ସହ ସାବିତ୍ରୀ ପ୍ରଧାନ।

ନୟାଗଡ଼/ଭାପୁର, ୨୨।୮ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଗୁରୁବାର ନୟାଗଡ଼ ଜିଲାର ଭାପୁର ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ କେବଳ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସାବିତ୍ରୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ବ୍ଲକର ୨୦ ସମିତି ସଭ୍ୟଙ୍କ ମଧ୍ୟରୁ ୧୬ ଜଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭାପୁର ବ୍ଲକ ଅଧ୍ୟକ୍ଷା ଥିଲେ ସାବିତ୍ରୀ ପ୍ରଧାନ। ଗତ ବିଧାନସଭା ନିର୍ବାଚନରେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ସାବିତ୍ରୀଙ୍କୁ ବିଧାୟକ ପ୍ରାର୍ଥୀ କରିବାରୁ ସେ ଅଧ୍ୟକ୍ଷା ପଦରୁ ଇସ୍ତଫା ଦେଇଥିଲେ। ଏଣୁ ଭାପୁର ବ୍ଲକ ଅଧ୍ୟକ୍ଷା ପଦବୀ ଖାଲି ପଡ଼ିଥିଲା। ନିର୍ବାଚନରେ ହାରିବା ପରେ ସାବିତ୍ରୀ ପୁଣି ବ୍ଲକ ଅଧ୍ୟକ୍ଷା ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସାବିତ୍ରୀ ବିଜୟୀ ହେବା ପରେ ଭାପୁର ବ୍ଲକରେ ବିଜେଡି ତା'ର ସ୍ଥିତିକୁ ପୁଣି ମଜଭୁତ କରି ରଖିବାରେ ସମର୍ଥ ହୋଇଛି।

## ମଦମୃତ୍ୟୁ: ଜେନାପୁରରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଟିକିଟି, ୨୨।୮ (ପ୍ରକାଶ ଚନ୍ଦ୍ର ସାହୁ)



ଜେନାପୁର ଗ୍ରାମରେ ବିଜେଡି ଟିମ।

ଗଞ୍ଜାମ ଜିଲା ଟିକିଟିରେ ବିଷାକ୍ତ ମଦପିଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୧୧ଜଣ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ଖୋଳତାଡ଼ ଚାଲିଛି। ବିଧାନସଭାରେ ମଧ୍ୟ ଏହା ଉପରେ ଆଲୋଚନା ହୋଇଛି। ଗୁରୁବାର ବିରୋଧୀ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ପୂର୍ବତନ ମନ୍ତ୍ରୀ ଉଷାଦେବୀ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଜେଡି ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଟିକିଟି ଏନ୍‌ଏସି ଅନ୍ତର୍ଗତ ଜେନାପୁର ଗ୍ରାମକୁ ଯାଇ ମୃତ ଜୁର ବେହେରା ଓ ଲୋକନାଥ ବେହେରାଙ୍କ ପରିବାରକୁ ସମବେଦନା ଜଣାଇବା ସହିତ କିଭଳି ଏବଂ କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା ପଚାରି ବୁଝିଥିଲେ। ଏଥିସହ ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ। ପରେ ଏମ୍‌କେସିଜିରେ ଚିକିତ୍ସିତ ହେଉଥିବା ଲୋକଙ୍କ ପରିବାରକୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଟିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ଗତ ସୋମବାର ଓ ମଙ୍ଗଳବାର ଜେନାପୁର ଏବଂ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ ୭ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ।

## ଭାଜପାରେ ଯୋଗଦେଲେ ହିଞ୍ଜିଳି ବିଜେଡିର ନେତା, କର୍ମୀ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ହିଞ୍ଜିଳି ବିଜେଡିର କର୍ମୀ ଓ ନେତାମାନେ ଭାଜପାରେ ଯୋଗଦେଇଛନ୍ତି।

ହିଞ୍ଜିଳି ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ନେତୃତ୍ୱରେ ବିଜେଡିରୁ ଆସି ରାମକୃଷ୍ଣ ମହାକୁଡଙ୍କ ସହଯୋଗରେ ସରପଞ୍ଚ ବିକାଶ ସେଠୀ, ବିଜୟ ବେହେରା, ସନ୍ତୋଷ ସାହୁ, ସୁରେଶ ବରଡ, କୃଷ୍ଣଚନ୍ଦ୍ର ସୁଆଁସିଆ, ଗୁରୁନାଥ ପୋଲାଇ, ଶିବାଜୀ ବିଶୋଇ, ସମିତି ସଭ୍ୟ ଇପିଲି ରାଜା, ମାର୍କଣ୍ଡ ପାଣିଗ୍ରାହୀ ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ବିଜେଡି ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ମନମୋହନ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଭାଜପାର ନୂଆ ସରକାରକୁ ନେଇ ରାଜ୍ୟବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ପୁଣିଥରେ ଲୋକଙ୍କ ମନରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିଶ୍ୱାସ ସୁଦୃଢ ହୋଇଛି। ଏହି ମିଶ୍ରଣ ପର୍ବ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ। ଗତ ୨୪ ବର୍ଷରେ ବିଜେଡି ସରକାର ହିଞ୍ଜିଳିରେ ଯାହା କରିନାହିଁ ଆସନ୍ତା ୫ ବର୍ଷରେ ଭାଜପା ତାହା କରିଦେଖାଇବ ବୋଲି ମନମୋହନ କହିଛନ୍ତି। ଏହି ଅବସରରେ ଶେରଗଡ଼ ବ୍ଲକ୍‌ର ସରପଞ୍ଚ ଉଦୟନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ପଦ୍ମନାଭ ପାତ୍ର, ଧ୍ରୁବଚରଣ ନାୟକ, ପୂର୍ବତନ ସମିତି ସଭ୍ୟ ଶରତ ଚନ୍ଦ୍ର ଗୌଡ଼ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି।

## ପ୍ରଣବଙ୍କ ନାଁରେ ଜମି ଜବରଦଖଲ ଅଭିଯୋଗ

### ମାପଚୁପ ଆରମ୍ଭ କଲା ଧର୍ମଶାଳା ତହସିଲ ପ୍ରଶାସନ

କାଏମା, ୨୨।୮ (ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତର ନୂଆଗାଁ ମୌଜାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସରକାରୀ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଗୁରୁବାର ତହସିଲ ପକ୍ଷରୁ ନାକପୋଲ ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକ, ବଳରାମପୁର ଆର୍‌ଆଇ ଚନ୍ଦନ ସାହୁ, ନାକପୋଲ ସହକାରୀ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା, ଡଙ୍କାରି ରାଜସ୍ୱ ନିରୀକ୍ଷକ ମାନସ ବେଜ, ଅମିନ ହିତେଶ ସାମଲ ଓ ନିହାରକାନ୍ତ ବିଶ୍ୱାଳ ପ୍ରମୁଖ ପହଞ୍ଚି ମାପଚୁପ କରିଛନ୍ତି। ତେବେ ମାପଚୁପ ବିଷୟରେ ଠିକ୍ ତଥ୍ୟ ମିଳିପାରିନାହିଁ।

ଜମି ଜବରଦଖଲ ସମ୍ପର୍କରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଆଲୋକ ଲେଙ୍କା ଗତ ୧୪ ତାରିଖରେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ନୂଆଗାଁ ମୌଜାରେ ଥିବା ଖାତା ନମ୍ବର ୧୯୨, ପ୍ଲଟ ନମ୍ବର ୮୦କୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରେ ଗୋକର୍ଣ୍ଣେଶ୍ୱର ଚାରିଟେବୁଲ ଟ୍ରଷ୍ଟ ନାମରେ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ କାଳକ୍ରମେ ପୂର୍ବତନ ବିଜେଡି ବିଧାୟକ ପ୍ରଣବ ସେଠାରେ ଥିବା ୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରି ବିଜେଡି କାର୍ଯ୍ୟାଳୟ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମାପଚୁପବେଳେ ଉପସ୍ଥିତ ଥିବା ଲୋକଙ୍କ ଭିନ୍ନଭିନ୍ନ ପ୍ରତିକ୍ରିୟା ମିଳିଛି। ସେମାନଙ୍କ ମଧ୍ୟରୁ ସ୍ଥାନୀୟ କଣିପାଟିଆ ଗ୍ରାମର ନିତ୍ୟାନନ୍ଦ ଦାସ କହିଛନ୍ତି, ଏଠାରେ ପୂର୍ବରୁ ଏକ ଫରେଷ୍ଟ ଅଫିସ ଥିଲା। କିନ୍ତୁ ସେ ସମୟରେ ନେତାମାନେ କ୍ଷମତାର ଅପବ୍ୟବହାର କରି ଏହାକୁ ଜବରଦଖଲ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ପ୍ରଣବଙ୍କୁ ପଚାରିବାରେ ସେ କହିଛନ୍ତି, ଗୋକର୍ଣ୍ଣେଶ୍ୱର ଚାରିଟେବୁଲ ଟ୍ରଷ୍ଟ ତାଙ୍କ ନିଜର। ମାତ୍ର ତାଙ୍କର କୌଣସି ଜାଗା ମାପଚୁପ କରାଯାଇନାହିଁ। ଯେଉଁ ସରକାରୀ ଜାଗାର ସ୍ଥିତି ଉପରେ ମାପଚୁପ କରାଯାଇଥିଲା, ଏଥିପାଇଁ ଅନ୍ୟ ୨୪ଜଣଙ୍କୁ ନୋଟିସ କରାଯାଇଥିଲା। ତାଙ୍କୁ କୌଣସି ନୋଟିସ ହୋଇ ନ ଥିଲା।

## ପାରାଦୀପ ବିଜେଡି ପକ୍ଷରୁ ଥାନା ଘେରାଉ

ପାରାଦୀପ, ୨୨।୮ (ଶରତ ରାଉତ)



ପାରାଦୀପ ଆଦର୍ଶଥାନା ଆଗରେ ବିଜେଡି ନେତା ଓ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

### ପୌର ଉପାଧ୍ୟକ୍ଷାଙ୍କ ଘରେ ପଶି ଆକ୍ରମଣ ଘଟଣା

### ଶାସକ ଦଳର ହାତ ଅଛି: ମୋନିଦୀପା

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଲକ୍‌ପଡ଼ାରେ ରହୁଥିବା ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ରାଉତଙ୍କ ଉପରେ ଗତ ୧୪ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିନାହିଁ। ଏନେଇ ଗୁରୁବାର ସନ୍ଧ୍ୟାରେ ପାରାଦୀପ ବିଜେଡି ପକ୍ଷରୁ ପାରାଦୀପ ଆଦର୍ଶଥାନା ଆଗରେ ଘେରାଉ ଓ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପ ସଭାପତି ମୋନିଦୀପା ସର୍ଖେଲ, ଶ୍ରମିକ ନେତା ଅରିନ୍ଦମ ସର୍ଖେଲ (ବାପି)ଙ୍କ ସମେତ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ କିନ୍ତୁ ଏଥିରେ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସମ୍ବିତ କୁହନ୍ତି, ବିଜେଡି ଶାସନରେ ଥିବା ସମୟରେ ପୋଲିସ କେବେ ଏପରି ଅବହେଳା କରୁ ନ ଥିଲେ। ସେହି ପ୍ରଶାସନ ଏବେ ହାତ ବାନ୍ଧି ବସିଛି। ଜଣେ ଜନପ୍ରତିନିଧି ତଥା ପଦାଧିକାରୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ସାଧାରଣ ଘଟଣା ନୁହେଁ। ଯଦି ଏମାନଙ୍କୁ ଆକ୍ରମଣ ହେଇପାରୁଛି, ତେବେ ସାଧାରଣ ଲୋକଙ୍କ କଥା କିପରି ଅନୁମାନ କରନ୍ତୁ। ମାତ୍ର ୨ ମାସରେ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଛନ୍ତି। ସେହିପରି ମୋନିଦୀପା କହିଥିଲେ, ଏଥିରେ ଶାସକ ଦଳର ହାତ ଅଛି। ନ ହେଲେ ୮ ଦିନ ହେଲାଣି ପୋଲିସ କାହିଁକି ଚୁପ୍ ବସିଛି। ଏହି ଘଟଣା ଉପରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କୁହନ୍ତି, ସମ୍ପୃକ୍ତ ଅଭିଯୁକ୍ତମାନେ ଏବେ ଓଡ଼ିଶା ଛାଡି ବାହାରେ ବୁଲୁଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏହି ଘଟଣାରେ ପୋଲିସ ମାମଲା(ନଂ.୨୦୨/୨୪) ରୁଜୁ କରିଛି।

## ପିସିସି ସଭାପତି ଚୟନକୁ ଲାଗିବ ୨ ମାସ

ଭୁବନେଶ୍ୱର, ୨୨।୮ (ସୁନୀତ ମିଶ୍ର)

ପିସିସି ସଭାପତି ଚୟନ ଆସନ୍ତା ୨ ମାସ ମଧ୍ୟରେ କରାଯିବ। ଦିଲ୍ଲୀରୁ କେତେଜଣ ନେତା ଆସି ଦଳର କେତେଜଣ ନେତାଙ୍କ ସହ ଆଲୋଚନାକରି ମତାମତ ନେବେ। ଏହା ସହ ବିଭିନ୍ନ ଉପାୟରେ ସର୍ଭେ କରାଯାଇ କାହାକୁ ସଭାପତି କଲେ ଠିକ୍ ହେବ, ସେନେଇ ମଧ୍ୟ ମତ ସଂଗ୍ରହ କରାଯିବ ବୋଲି ଷ୍ଟିୟରିଂ କମିଟି ଅଧ୍ୟକ୍ଷ ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଥିବା ଜଣାପଡ଼ିଛି।

କଂଗ୍ରେସ ଷ୍ଟିୟରିଂ କମିଟିର ପ୍ରଥମ ବୈଠକ ଗୁରୁବାର ଅଜୟ କୁମାରଙ୍କ ନେତୃତ୍ୱରେ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ୧୩ଜଣ ବିଧାୟକ ଏବଂ ଷ୍ଟିୟରିଂ କମିଟି ସଦସ୍ୟଙ୍କ ମତାମତ ଲୋଡ଼ା ଯାଇଛି। ପ୍ରତି ୧୫ ଦିନରେ ଥରେ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହେବ। ସଭାପତି ଚୟନ ନେଇ ଅଜୟ ନିର୍ଦ୍ଦିଷ୍ଟ ସମୟ ଦେବା ପରେ ଦଳରେ ଆଶ୍ୱସ୍ତ ପ୍ରକାଶ ପାଇଛି।

## ଭାଜପାରେ ବିଶ୍ୱାସର ସଙ୍କଟ ସୃଷ୍ଟି ହେଲାଣି: ଅରୁଣ

### ରାଜ୍ୟ ସଭା ପାଇଁ ୨ନେତାଙ୍କ ନାମାଙ୍କନ ଦାଖଲ ପ୍ରସଙ୍ଗ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ଓଡ଼ିଶାରେ ଖାଲି ହୋଇଥିବା ରାଜ୍ୟ ସଭା ପଦବୀ ଲାଗି ୨ ଜଣ ଭାଜପା ନେତା ବୁଧବାର ନାମାଙ୍କନ ଦାଖଲ କରିଥିଲେ। ମନୋନୟନପତ୍ର ଯାଞ୍ଚ ପରେ ଉଭୟଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ରାଜ୍ୟରେ ସରକାର ଥିବା ସତ୍ତ୍ୱେ କାହିଁକି ଗୋଟିଏ ପଦ ଲାଗି ଭାଜପାର ଦୁଇ ଜଣ ନେତା ପ୍ରାର୍ଥିପତ୍ର ଦାଖଲ କଲେ ତାହାକୁ ନେଇ ଚର୍ଚ୍ଚା ହେଉଛି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟ ସଭା ଲାଗି ପ୍ରଥମେ ଭାଜପା ଅଫିସିଆଲ ପ୍ରାର୍ଥୀ ଘୋଷଣା କଲା। ଯାହାଙ୍କୁ ସେମାନେ ଉଧାର ସୂତ୍ରରେ କିମ୍ବା କୌଣସି ଉପାୟରେ ନେଇଛନ୍ତି ତାଙ୍କୁ ପ୍ରାର୍ଥୀ କଲେ। ସେ ନାମାଙ୍କନପତ୍ର ଭରିବାର କିଛି ସମୟ ପରେ ଆଉ ଜଣେ ଭାଜପା ନେତା କେତେଜଣ ବିଧାୟକଙ୍କ ସ୍ୱାକ୍ଷରରେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲକଲେ। ଏଥିରୁ ଜଣାପଡୁଛି, ଶାସକ ଦଳ ନିଜକୁ ଅସୁରକ୍ଷିତ ମନେକରୁଛି, ନଚେତ୍ ତାଙ୍କ ଦଳ ଭିତରେ ଭରସାର ସଙ୍କଟ ସୃଷ୍ଟି ହେଲାଣି ବୋଲି ଅରୁଣ କହିଛନ୍ତି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଜତିନ ମହାନ୍ତି କହିଛନ୍ତି, ଗତ ୨୪ ବର୍ଷ ଧରି ଓଡ଼ିଶା ରାଜନୀତିର ଯେଉଁଭଳି ଅବକ୍ଷୟ ଘଟିଛି, ସେଭଳି ସ୍ଥିତିରେ ସବୁ ଦିଗକୁ ଦୃଷ୍ଟିରେ ରଖି ଦଳ ଏଭଳି ପଦକ୍ଷେପ ନେଇଛି।

## ଆଜି ରେଙ୍ଗାଲିରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

କଣିହାଁ, (ସଚ୍ଚିଦାନନ୍ଦ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ଥିବା ରେଙ୍ଗାଲି ଡ୍ୟାମରୁ ଆସନ୍ତା ୨୩ ତାରିଖ ଶୁକ୍ରବାର ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୯ଟାରେ ଡ୍ୟାମ୍ ଗେଟ୍ ଖୋଲାଯିବ। ଏଥିସହ ସମଲ ଆନିକଟର ଗେଟ୍ ଖୋଲାଯିବାକୁ ଥିବାରୁ ତଳମୁଣ୍ଡରେ ବସବାସ କରୁଥିବା ନଦୀକୂଳିଆ ବାସିନ୍ଦାଙ୍କୁ ଡ୍ୟାମ୍ କାର୍ଯ୍ୟାଳୟ ତରଫରୁ ଡକବାଜି ଯନ୍ତ୍ର ଦ୍ୱାରା ଗୁରୁବାର ସତର୍କ କରାଯାଇଛି। ସେହିପରି ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଥିବା ଅନୁଗୋଳ, ଦେବଗଡ଼ ସମେତ ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାବାସୀଙ୍କୁ ସତର୍କ ରହିବା ପାଇଁ ସମ୍ପୃକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପତ୍ର ଦ୍ୱାରା ଅବଗତ କରାଯାଇଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଅଙ୍କିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବର୍ଷା ପାଣି



ଜିଲା ମୁଖ୍ୟ ଚିକିତ୍ସାଳୟରେ ଜମି ରହିଥିବା ବର୍ଷା ପାଣି।

**ବାଲେଶ୍ୱର, ୨୨।୮ (ବାଞ୍ଛାନିଧି ଦେ)**

ବର୍ଷା ହେଲେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଦେଇଛି କୃତ୍ରିମ ବନ୍ୟା। ରୋଗୀମାନେ ଅପେକ୍ଷା କରିବା ପାଇଁ ପଡିଥିବା ଚେୟାର ତଳେ ଜମି ରହୁଛି ପାଣି। ବର୍ଷା ପାଣି ଛିଟାରେ ଟିକେଟ କାଉଣ୍ଟର ଚଟାଣ ମଧ୍ୟ ଓଦା ହୋଇ ରହୁଛି। ଫଳରେ ରୋଗୀମାନେ ସେଠାରେ ବସିବା ତ ଦୂରର କଥା ଚାଲିବାକୁ ମଧ୍ୟ ଭୟ କରୁଛନ୍ତି।

ବାଲେଶ୍ୱର ସହରରେ ଦୁଇଦିନ ଧରି ଅପରାହ୍ନରେ ଭୀଷଣ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓପିଡି ଓ ଔଷଧ ବିତରଣ କେନ୍ଦ୍ର ପରିସର ଜଳମଗ୍ନ ହୋଇଛି। ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିକିତ୍ସା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଏଠାକାର ଅବ୍ୟବସ୍ଥା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ପାଣିରେ ପଶି କାଉଣ୍ଟରରେ ଟିକେଟ କାଟିବା ସହ ଆଉଟଡୋରରେ ଡାକ୍ତର ଦେଖାଇବା ଏବଂ ଔଷଧ ବିତରଣ କେନ୍ଦ୍ରରୁ ଔଷଧ ଆଣୁଥିବା ଦେଖିବାକୁ ମିଳିଛି। ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ବର୍ଷାଦିନେ ଏଠାରେ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କୁ ପଚାରିବାରୁ ଜଳ ନିଷ୍କାସନ ପାଇଁ ଡ୍ରେନ୍ ସଫେଇ କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଆର୍ ଆଣ୍ଡ ବି ବିଭାଗକୁ ଅବଗତ କରାଯାଇଛି।

# ଏରିଆ କମିଟି ଡେପୁଟି କମାଣ୍ଡର ଅଜୟଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୨।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଧର୍ମତରୀ ଜିଲା ଏସିଏମ୍ ତଥା ସୀତାନଦୀ ଏରିଆ କମିଟିର ଡେପୁଟି କମାଣ୍ଡର ମାଓବାଦୀ ଅଜୟ କଲା ଗୁରୁବାର ଧର୍ମତରୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମରେ ଛତିଶଗଡ଼ ସରକାର ପୂର୍ବରୁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଛତିଶଗଡ଼ ସରକାରଙ୍କ ପୁନର୍ବାସ ଏବଂ ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା ଏସ୍‌ପି ଆଞ୍ଜନେୟ ବାର୍ଷ୍ଣୟ କହିଛନ୍ତି। ବରିଷ୍ଠ ମାଓବାଦୀ ନେତାମାନେ ଆଦିବାସୀମାନଙ୍କ ପ୍ରତି କରୁଥିବା ଭେଦଭାବ ନୀତି, ଅତ୍ୟାଚାର, ଅବହେଳା ଓ ନିର୍ଯ୍ୟାତନା ଯୋଗୁ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିବା ଅଜୟ ପ୍ରକାଶ କରିଛନ୍ତି। ତାଙ୍କୁ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ। ଏହି ଅବସରରେ ଅଜୟଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ଆଞ୍ଜନେୟ ସୂଚନା ଦେଇଛନ୍ତି।



ଆତ୍ମସମର୍ପଣ କରିଥିବା ଅଜୟ




ଧ-୭୫୫୪୮


# ଖୋଲିଲା ହୀରାକୁଦ ଜଳଭଣ୍ଡାରର ୬ ଗେଟ୍

**ସମ୍ବଲପୁର, ୨୨।୮ (ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପରିମାଣ କ୍ରମଶଃ ବୃଦ୍ଧି ପାଇବାରୁ ୧୦ ଦିନ ଅନ୍ତରରେ ଗୁରୁବାର ପୁଣି ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଅପରାହ୍ନରେ ଜଳଭଣ୍ଡାରର ବାମ ପଟେ ୪ଟି ଓ ଡାହାଣପଟେ ୨ଟି ଗେଟ୍ ଖୋଲାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୮ ହଜାର ୯୦୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଏହି ସମୟରେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୩୨ ହଜାର ୦୪୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ଏହି ସମୟରେ ଜଳଭଣ୍ଡାରର ଜଳସ୍ତର ୬୧୩.୩୩ ଫୁଟ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୩୦.୮୬ ମିଲିମିଟର ଓ ତଳ ମୁଣ୍ଡରେ ୨୧.୭୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।




ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ସହ ମାସିକ ଦରମା ୨୬ହଜାର ଟଙ୍କା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ଓ ସିଆଇଟିୟୁ ରାଜ୍ୟ କମିଟି ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା। **(ଫଟୋ– ବିକାଶ ନାୟକ)**

# ଆସକ୍ତି ସୃଷ୍ଟିକାରୀ କଣ୍ଟେଣ୍ଟ ସୃଷ୍ଟି ବିରୋଧରେ ସତର୍କ କରାଇଲେ ଅଶ୍ୱିନୀ




**ନୂଆଦିଲ୍ଲୀ, ୨୨।୮**

ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା ରଖିଥିବା କଣ୍ଟେଣ୍ଟ କ୍ରିଏଟରଙ୍କ ଅର୍ଥନୀତିକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ତେବେ ଆସକ୍ତି ସୃଷ୍ଟିକାରୀ କଣ୍ଟେଣ୍ଟ ପ୍ରସ୍ତୁତିକୁ ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସତର୍କ କରାଇଛନ୍ତି। ଆସନ୍ତା ନଭେମ୍ବରରେ ଗୋଆରେ ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ସମିଟ୍ (ୱେଭ୍‌ସ) ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଅଶ୍ୱିନୀ 'କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ'ର ଅଂଶସ୍ୱରୂପ ଆନିମେଶନ, ଫିଲ୍ମମେକିଂ, ଗେମିଂ, ମ୍ୟୁଜିକ୍ ଏବଂ ଭିଜୁଆଲ ଆର୍ଟ୍ସ ଆଦି ବିଭାଗ ପାଇଁ ୨୫ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛନ୍ତି। ସମାଜ ପାଇଁ କ୍ଷତିକାରକ ତଥା ଆସକ୍ତି ସୃଷ୍ଟିକାରୀ କଣ୍ଟେଣ୍ଟ ବିରୋଧରେ ଆମକୁ ସଜାଗ ହେବାକୁ ପଡ଼ିବ। ଏଥିପାଇଁ ସରକାର, ଶିଳ୍ପସଂସ୍ଥା, ସମାଜ ପ୍ରତ୍ୟେକଙ୍କର ସମାନ ଦାୟିତ୍ୱ ରହିଥିବା ଅଶ୍ୱିନୀ କହିଛନ୍ତି। ଭାରତର ଉନ୍ନତ ସାଂସ୍କୃତିକ ଐତିହ୍ୟ, ଜୀବନଶୈଳୀ, ଯୋଗ, ପାରମ୍ପରିକ ଚିକିତ୍ସା ବ୍ୟବସ୍ଥା, ଖାଦ୍ୟ ବିବିଧତାକୁ ପ୍ରଦର୍ଶନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କଣ୍ଟେଣ୍ଟ କ୍ରିଏଟର୍ସ ଇକୋନୋମିର ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଏହି ସେକ୍ଟରରେ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ କରାଇବା ସହ ମେଧା ଓ ଦକ୍ଷତା ବିକାଶକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ସରକାର ଏହାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ସମସ୍ତ ପଦକ୍ଷେପ ନେଉଥିବା ଆଇଟି ମନ୍ତ୍ରୀ କହିଛନ୍ତି।

# ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆସିଲା ଆଳୁ ଟ୍ରକ୍

**ଜଳେଶ୍ୱର, ୨୨।୮ (ରବିନାରାୟଣ ପାତ୍ର)**

୧ ମାସ ପରେ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ରପ୍ତାନୀ ଲାଗି ଅନୁମତି ଦେଇଛନ୍ତି। ଫଳରେ ଉତ୍ତର ବାଲେଶ୍ୱରରେ ଆଳୁ ଅଭାବ ଦୂର ହୋଇଛି। ବୁଧବାର ରାତିରେ ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜାଠାରେ ଆଳୁ ଟ୍ରକଗୁଡ଼ିକ ଓଡ଼ିଶାକୁ ପ୍ରବେଶ କରିଛି। ପ୍ରାୟ ୧୦ଟି ଆଳୁ ଟ୍ରକ ଜଳେଶ୍ୱର ବଜାରରେ ପହଞ୍ଚିଥିଲା। ଗୋଦାମରେ ବସ୍ତା ପ୍ରତି ୧୨ଶହ ଟଙ୍କାରେ ବିକ୍ରି ହେଉଛି। ଆଳୁ ବସ୍ତା ଗୁଡ଼ିକରେ ୨ରୁ ୩ଗ୍ରାମ ପର୍ଯ୍ୟନ୍ତ ଆଳୁ କମ୍ ରହୁଥିବାରୁ ଖୋଲା ବଜାରରେ ଖୁଚୁରା ୩୦ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ୩୦ରୁ ୩୫ଟଙ୍କାରରେ ବିକ୍ରି କରାଯାଉଛି।

ଜୁଲାଇ ୨୦ ତାରିଖରେ ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ଉପରେ କଟକଣା ଜାରି କରିଥିଲେ। ସେହିଦିନଠାରୁ ଓଡ଼ିଶାକୁ ଆଳୁ ଆମଦାନୀ ଏକ ପ୍ରକାର ବନ୍ଦ ହୋଇଥିଲା। ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ସଂଘ ଏହାକୁ ବିରୋଧ କରି ବାରମ୍ବାର ଆଲୋଚନା, ଦାବି ଓ ପରେ ଆନ୍ଦୋଳନ ଜାରି ରଖିଥିଲେ। ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ସଂଘ ଓଡ଼ିଶାକୁ କେତେକ ଗଳା ରାସ୍ତାରେ ଆଳୁ ପଠାଉଥିବା ବେଳେ ପଶ୍ଚିମବଙ୍ଗ ପ୍ରଶାସନ ଓ ପୋଲିସ ମୁଖ୍ୟ ରାସ୍ତାରେ ସିସି କ୍ୟାମେରା ଲଗାଇ ସେମାନଙ୍କଠାରୁ ଜରିମାନା ଆଦାୟ କରିଥିଲା। ବଜାରରେ ଆଳୁ ଅଭାବ ଦେଖାଦେବାରୁ କିଲୋଗ୍ରାମ ପ୍ରତି ୫୦ଟଙ୍କା ଛୁଇଁଥିଲା। ଅନ୍ୟପକ୍ଷରେ ଓଡ଼ିଶାରେ ଆଳୁ ଅଭାବକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପଶ୍ଚିମବଙ୍ଗ ସରକାର ୭ ଦିନ ପାଇଁ ଆଳୁ ଉପରୁ ସମସ୍ତ କଟକଣା ଉଠାଇ ଦେବାରୁ ବୁଧବାର ରାତିରୁ ଆଳୁ ଟ୍ରକଗୁଡ଼ିକ ସ୍ୱାଭାବିକ ଭାବେ ଓଡ଼ିଶାକୁ ପ୍ରବେଶ କରିଛି। ରାସ୍ତାରେ ଥିବା ସବୁ ବ୍ୟାରିକେଡ ହଟାଯାଇଛି। ପଶ୍ଚିମବଙ୍ଗର ୪ଟି ଜିଲାରେ ଗଚ୍ଛିତ ଥିବା ଆଳୁ ସମଗ୍ର ରାଜ୍ୟକୁ ଯୋଗାଇପାରିବ ବୋଲି ସେଠାକାର ବ୍ୟବସାୟୀ ସଂଘ ସୂଚନା ଦେଇଛି, ହେଲେ ଓଡ଼ିଶାକୁ ପଶ୍ଚିମବଙ୍ଗରୁ ଆଳୁ ନ ଆସିଲେ ପଶ୍ଚିମବଙ୍ଗ ଆଳୁ ଚାଷୀ ଓ ବ୍ୟବସାୟୀ କ୍ଷତିର ସମ୍ମୁଖୀନ ହେବେ ବୋଲି ସେମାନେ କହିଛନ୍ତି। ଆଗାମୀ ଦିନରେ ଆଳୁ କଟକଣା ରହିବ ନାହିଁ ବୋଲି ଆଳୁ ବ୍ୟବସାୟୀ ସଂଘର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି।


# Classified Everyday 0674-2580101, 2549949




REAL ESTATE

SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75771

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-1099

Gharabari boundary plot Nakhara East Engineering College backside, close to SNH-8018471169. D-75985

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-1098

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits with expert therapist. 9040286886. D-76143

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact- 6371861658. D-76146

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

**Full body massage experience good looking therapist @ 999 (Bhubaneswar). 9078484455.** D-999

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## AFFIDAVIT

ମୁଁ, ବାମନ କିଶୋର ସାହୁ, ବୟସ ପ୍ରାୟ ୮୪ବର୍ଷ, ପିତା– ସ୍ୱର୍ଗତ ବଂଶୀଧର ସାହୁ, ବାସିନ୍ଦା– ଏନ୍୩/୪୫୩, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର–୭୫୧୦୧୫, ଓଡ଼ିଶା ସତ୍ୟପାଠ ନଂ.–୬୭୯, ତାରିଖ ୧୪ ଅଗଷ୍ଟ ୨୦୨୪ ମାଧ୍ୟମରେ ଘୋଷଣା କରୁଅଛି କି ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ Baman Kishor Sahoo ପରିବର୍ତ୍ତେ Baman Kishore Sahu ଭାବେ ପରିଚିତ ହେବି। ଧ–୧୧୦୧

ମୁଁ କଲ୍ୟାଣୀ ସାହୁ, ବୟସ ପ୍ରାୟ ୭୧ବର୍ଷ, ପିତା– ସ୍ୱର୍ଗତ ନିତ୍ୟାନନ୍ଦ ସାହୁ, ବାସିନ୍ଦା– ଏନ୍୩/୪୫୩, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର– ୭୫୧୦୧୫, ଓଡ଼ିଶା ସତ୍ୟପାଠ ନଂ.–୬୭୮, ତାରିଖ ୧୪ ଅଗଷ୍ଟ ୨୦୨୪ ମାଧ୍ୟମରେ ଘୋଷଣା କରୁଅଛି କି ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ Kalyani Sahoo ପରିବର୍ତ୍ତେ Kalyani Sahu ଭାବେ ପରିଚିତ ହେବି। ଧ–୧୧୦୨

I, Mukti Singh, D/o- Paul Singh, resident of Little Flower School Campus, Hindolkothi, P.O.- Tulsipur, P.S.- Bidanasi, Cuttack, PIN-753008 declare that my name has been wrongly mentioned as Mukti Mary Singh in Passport. Hence declare by this affidavit No.-3545, dtd 05.08.2024 that now onwards I shall be known as MUKTI SINGH for all future purposes. D-1103

## LOST

I Shasi Sharma, R/o Near BN College, Khaliakani, P.O.- Gandghora, P.S.- Brajarajnagar, Dist.- Jharsuguda declare that my wife Rani Kumari is a SBI Life Insurance Policy holder vide Policy No.- 2X536809006. That said Policy bond has been completely eaten by white ants and it is beyond recovery. D-1104

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନେକ ସନ୍ତାନ ଯାହାର,
ପାପର ସଜ୍ଜା ତାହାର।**

ସନ୍ତାନର ସଂଖ୍ୟା ଯେତେ କମ ହୁଏ ତାଙ୍କ ଲାଳନପାଳନ ଭଲରେ କରିବା ସେତେ ସହଜ ହୋଇଯାଏ। ପରନ୍ତୁ ସଂଖ୍ୟା ଅଧିକ ହୋଇଗଲେ ଅର୍ଥାଭାବରୁ ତାଙ୍କ ଭରଣପୋଷଣ କରିବା ନେଇ ନାନା ସମସ୍ୟା ସୃଷ୍ଟି ହୁଏ। ବହୁ ସନ୍ତାନ ପରିବାରରେ ସୁଖର ଅନ୍ତରାୟ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାମିକା,
କାମ କରୁଛି ବଙ୍କାଢଙ୍କା।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। କାର୍ଯ୍ୟ କରିବାରେ ସେମାନଙ୍କ ଆଗ୍ରହ ରହି ନ ଥିବା ହେତୁ ସମସ୍ତ କାର୍ଯ୍ୟ ବେଢଙ୍ଗିଆ ହୋଇଥାଏ। ଯେଉଁମାନଙ୍କର କାର୍ଯ୍ୟ କରିବାରେ ଅଭ୍ୟାସ ନ ଥାଏ ତଥା ଆଗ୍ରହ ନ ଥାଏ ସେମାନଙ୍କ ଦ୍ୱାରା କରାଯାଉଥିବା ସକଳ କାର୍ଯ୍ୟ କେବେ ବି ସନ୍ତୋଷଜନକ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୪୮ (୧୪୭.୮୯) ପଏଣ୍ଟ ବଢ଼ି ୮୧,୦୫୩ (୮୧,୦୫୩.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୪୧ (୪୧.୩୦) ପଏଣ୍ଟ ବୃଦ୍ଧି ଘଟି ୨୪,୮୧୧ (୨୪,୮୧୧.୫୦) ଅଙ୍କରେ କାରବାର ଶେଷ କରିଥିଲା।

# ୫ ବର୍ଷରେ ୧୫,୦୦୦କୋଟିର ଋଣ ବଣ୍ଟନ

- ■ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପ୍ରଦାନ
- ■୨ଚକିଆ ଯାନ ପାଇଁ ୨.୫ ଲକ୍ଷ
- ■ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ପ୍ରାୟ ୧ କୋଟି ଟଙ୍କା

ନୂଆଦିଲ୍ଲୀ,୨୨।୮ (ଅଭୟ ଦାଶ)

ଘରୋଇ ବଜାରରେ ବର୍ତ୍ତମାନ ଋଣ ବଣ୍ଟନ ଓ ପ୍ରଦାନକୁନେଇ ଡିଜିଟାଲ ପ୍ଲାଟ୍ଫର୍ମଗୁଡିକ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏପରିକି ଦେଶର ପ୍ରମୁଖ ଡିଜିଟାଲ ଆର୍ଥିକ ନେଣଦେଣକାରୀ ସଂସ୍ଥା ଭାରତ ପେ ମଧ୍ୟ ତା'ର ମର୍ଚ୍ଚାଣ୍ଟ ସହଭାଗୀଙ୍କ ଲାଗି ଡିଜିଟାଲ ପ୍ଲାଟ୍ଫର୍ମ ଜରିଆରେ ସୁରକ୍ଷିତ ଋଣ ସୁବିଧା ପ୍ରଦାନ କରିବ ବୋଲି ଘୋଷଣା କରିଛି। ଏପରିକି ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଦୁଇଚକିଆ ଯାନ ଋଣ ଓ ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ତା'ର ବିଦ୍ୟମାନ ଗ୍ରାହକଙ୍କୁ ଋଣ ଦେବ। ଏହା ବ୍ୟତୀତ କମ୍ପାନି ଭୋଲଟ ମନି ସହଭାଗିତାରେ ଋଣ ସୁବିଧା ଯୋଗାଇଦେବ ଏବଂ ମର୍ଚ୍ଚାଣ୍ଟ ସହଭାଗୀଙ୍କ ଲାଗି ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ସୁବିଧା ପାଇଁ ଭୋଲଟ ମନି ସହିତ ସହଭାଗିତା ମଧ୍ୟ କରିଛି। ସେହିଭଳି କମ୍ପାନୀ ତା'ର ବହୁମୁଖୀ ଉତ୍ପାଦର ପ୍ରସାର ଓ ମଲ୍ଟି ଲେଣ୍ଡର ସୁବିଧାକୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସାରିତ କରିବ। ଉଭୟ ଦୁଇଚକିଆ ଯାନ ଋଣ ଓ ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ଭାରତ ପେ ପ୍ଲାଟ୍ଫର୍ମରେ ଉପଲବ୍ଧ ହେବ ଏବଂ କମ୍ପାନୀ ପକ୍ଷରୁ ତା'ର ମର୍ଚ୍ଚାଣ୍ଟଙ୍କ ଲାଗି ବହୁ ପ୍ରକାର ସୁବିଧା ସୁଯୋଗ ମଧ୍ୟ ପ୍ଲାଟ୍ଫମ ଜରିଆରେ ରଖାଯାଇଛି। ଭାରତ ପେ ମର୍ଚ୍ଚାଣ୍ଟ ବର୍ତ୍ତମାନ ପ୍ରତିଯୋଗିତାମୂଳକ ସୁଧ ହାରରେ ଦୁଇଚକିଆ ଯାନ ଲାଗି ୨.୫ ଲକ୍ଷ ଋଣ ପ୍ରଦାନ କରିବ। ଏପରିକି ଋଣ ଆବେଦନ ପ୍ରକ୍ରିୟା ୧୦୦% ଡିଜିଟାଲ ଓ ଏହାର ପରିଶୋଧକୁ ୧୨ ରୁ ୪୮ମାସ ମଧ୍ୟରେ ପ୍ରଦାନ ଲାଗି ମର୍ଚ୍ଚାଣ୍ଟମାନେ ମଧ୍ୟ ବାଛିପାରିବେ। ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ପାଇଁ ଭାରତ ପେ'ର ମର୍ଚ୍ଚାଣ୍ଟମାନେ ଏଥିପାଇଁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିପାରିବେ।




ଏ ସମ୍ପର୍କରେ ଭାରତ ପେ'ର ସିଇଓ ନଳୀନ ନେଗୀ କହିଛନ୍ତି, ମର୍ଚ୍ଚାଣ୍ଟଙ୍କୁ ନୂଆ ନୂଆ ସୁଯୋଗ ପ୍ରଦାନ ଲାଗି ୨୦୧୮ରେ ଭାରତ ପେ ଆରମ୍ଭ ହୋଇଥିଲା। ଗତ କିଛି ବର୍ଷ ମଧ୍ୟରେ ଆମେ ଆମ କାର୍ଯ୍ୟ ପରିସରରେ ଯଥେଷ୍ଟ ଉନ୍ନତି କରିଛୁ। ଏପରିକି ୫ ବର୍ଷ ମଧ୍ୟରେ ୧୫,୦୦୦ କୋଟିରୁ ଅଧିକ ଋଣ ବିତରଣ କରିଛୁ। ଓଟିଓ କ୍ୟାପିଟାଲ ଓ ଭୋଲଟ ମନିକୁ ମଧ୍ୟ ମୁଁ ଧନ୍ୟବାଦ ଜଣାଉଛି, ଯିଏ କି ଆମ ସହିତ ହାତ ମିଳାଇ ଆମର ୧.୩କୋଟିରୁ ଅଧିକ ମର୍ଚ୍ଚାଣ୍ଟ ପାର୍ଟନରଙ୍କ ପାଇଁ ଋଣ ସୁବିଧାକୁ ପ୍ରସାରିତ କରିଛନ୍ତି। ଏହାଦ୍ୱାରା ଏକ ବ୍ୟାପକ ଋଣ ପୋର୍ଟଫୋଲିଓ ସୃଷ୍ଟିହେବ। ଏହି ମାସ ଋଣ ବର୍ଗରେ ଆମେ ବହୁ ସୁରକ୍ଷିତ ଋଣ ବୈଶିଷ୍ଟ୍ୟ ଯୋଗକରିଛୁ। ଆଗାମୀ ମାସଗୁଡ଼ିକରେ ଆମେ ନିଜର ମର୍ଚ୍ଚାଣ୍ଟ ସହଭାଗୀଙ୍କୁ ଅଧିକ ସଶକ୍ତ କରିବାକୁ ଆଶାବାଦୀ ରହିଛୁ।

ଓଟିଓ କ୍ୟାପିଟାଲର ସିଇଓ ସୁମିତ ଚାଜେଡ୍ କହିଛନ୍ତି, ଗତିଶୀଳତା ଦ୍ୱାରା ଜୀବନରେ ପରିବର୍ତ୍ତନ ଆସିଥାଏ। ଏପରିକି ଆମେ ଆମର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ମିଳିତ ଭାବେ ସହଭାଗିତା ଜରିଆରେ ଭାରତର ଔଦ୍ୟୋଗିକତା ସଶକ୍ତୀକରଣ ଲାଗି କାର୍ଯ୍ୟ କରୁଛୁ। ଆମର ଲକ୍ଷ୍ୟ ହେଉଛି,ଭାରତରେ ଆଶାୟୀ ବ୍ୟକ୍ତିଙ୍କୁ ସୁବିଧାରେ ଦୁଇଚକିଆ ଯାନ ଋଣ ଉପଲବ୍ଧ କରାଇବା।

ଭୋଲଟ ମନିର କୋ-ଫାଉଣ୍ଡର ତଥା ସିବିଓ ଭାରତ ଲାମ୍ବା କହିଛନ୍ତି, ଭାରତ ପେ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ଭାରତ ପେ ଅଭିଯାନ ସହ ମିଶି ଭାରତୀୟ ମର୍ଚ୍ଚାଣ୍ଟଙ୍କ ଲାଗି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ପ୍ରୟାସ ଜାରି ରଖିବୁ।

ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ତୁରନ୍ତ ଋଣ ପ୍ରଦାନ ଲାଗି ଆମେ ଶର୍ଟଟର୍ମ ଲିକ୍ୟୁଡିଟି ଓ ଏମ୍ଏସ୍ଏମ୍ଇର କାର୍ଯ୍ୟକାରୀ ଆବଶ୍ୟକୀୟ ପୁଞ୍ଜିବ୍ୟବସ୍ଥା କରିବୁ। ଆମର ଏହି ସହଯୋଗ ଭାରତ ପେର ବ୍ୟାପକ ମର୍ଚ୍ଚାଣ୍ଟଙ୍କ ସୁବିଧା ପାଇଁ ସହାୟତା କରିବୁ।

# ଜୁନ୍‌ରେ ଜିଓର ୨.୭୨ ଲକ୍ଷ ନୂଆ ଗ୍ରାହକ

ଭୁବନେଶ୍ୱର,୨୨।୮ (ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ 'ରିଲାଏନ୍ସ ଜିଓ' ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ରାଜ୍ୟରେ ଜିଓ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ଦ୍ୱାରା ପ୍ରକାଶିତ ସର୍ବଶେଷ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୪ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୨.୭୨ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଜିଓ ନେଟ୍ୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୭ କୋଟି ଅତିକ୍ରମ କରିଛି। ସେହିଭଳି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ଟେଲିକମ୍ ଶିଳ୍ପର ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨.୯୭ ଲକ୍ଷ ବୃଦ୍ଧି ସହ ଓଡ଼ିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୩.୪୨ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଉଭୟ ବିଏସ୍ଏନ୍ଏଲ୍ ଏବଂ ଭୋଡାଫୋନ-ଆଇଡିଆ ବହୁ ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।

ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଓ୍ୱାୟାରଲାଇନ୍ ସେଗ୍‌ମେଣ୍ଟରେ ମଧ୍ୟ ଜିଓ ଓଡ଼ିଶାରେ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିବା ସହ ୩ଲକ୍ଷ ଓ୍ୱାୟାରଲାଇନ୍ ଗ୍ରାହକର ମାଇଲଖୁଣ୍ଟ ଅତିକ୍ରମ କରିବାରେ ସକ୍ଷମ ହେବା ସହ ରାଜ୍ୟର ପ୍ରଥମ ତଥା ଏକମାତ୍ର ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଓଡ଼ିଶାରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇ ରିଲାଏନ୍ସ ଜିଓ ତା'ର ଦ୍ରୁତଗତିରେ ସମ୍ପ୍ରସାରିତ ହେଉଥିବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ସେବା ମାଧ୍ୟମରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ବିଶ୍ୱସ୍ତରୀୟ ଗୃହ ମନୋରଞ୍ଜନ ବା ହୋମ୍ ଏଣ୍ଟରଟେନ୍‌ମେଣ୍ଟ ସହ ରାଜ୍ୟର ୩ ଲକ୍ଷରୁ ଅଧିକ ଘର ଓ ପରିସରକୁ ସଂଯୋଗ କରିଛି।

ଜାତୀୟ ସ୍ତରରେ ମଧ୍ୟ ଜିଓ ସର୍ବାଧିକ ୧୯ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ଜୁନ୍ ମାସରେ ଯୋଡିବା ସହିତ ସର୍ବଭାରତୀୟ ସ୍ତରରେ ଜିଓ ନେଟ୍ୱର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜୁନ୍ ଶେଷ ସୁଦ୍ଧା ୪୭.୬୫କୋଟିରୁ ଅଧିକ ରହିଛି।

# କ୍ଷୀର ପ୍ୟାକେଟ୍‌ରେ ରହିବନି ଏ୧, ଏ୨ ଲେଖା




ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ବଜାରରେ ଏଣିକି ଏ୧ ଏବଂ ଏ୨ ବର୍ଗରେ କ୍ଷୀର, ଘିଅ ଏବଂ ଲହୁଣୀ ବିକ୍ରି କରାଯାଇପାରିବ ନାହିଁ। ଖାଦ୍ୟ ନିରାପତ୍ତା ନିୟାମକ (ଏଫ୍ଏସ୍ଏସ୍ଏଆଇ) ଗୁରୁବାର ଇ-କମର୍ସ କମ୍ପାନୀ ସମେତ ସମସ୍ତ ଖାଦ୍ୟ ବ୍ୟବସାୟୀଙ୍କୁ ପ୍ୟାକେଜିଂରୁ ଏ୧ ଏବଂ ଏ୨ ବର୍ଗର ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ଉଲ୍ଲେଖ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଏଫ୍ଏସ୍ଏସ୍ଏଆଇ କହିଛି, ଏହା ଏ୧ ଏବଂ ଏ୨ ଦାବିଗୁଡ଼ିକ ସହିତ ଯାଞ୍ଚ କରିଛି ଏବଂ ଜାଣିବାକୁ ପାଇଛି ଯେ, ଉଭୟ ବର୍ଗର କ୍ଷୀର ମଧ୍ୟରେ ବିଟା କେସିନ ପ୍ରୋଟିନ୍‌ର ସଂରଚନା ସମ୍ପର୍କିତ ପାର୍ଥକ୍ୟ ରହିଛି। ଏହା ଗାଈର ପ୍ରଜାତି ଉପରେ ନିର୍ଭର କରୁଥିବାରୁ ଏଫ୍ଏସ୍ଏସ୍ଏଆଇ ଏହି ପାର୍ଥକ୍ୟକୁ ବର୍ଗୀକରଣ ମାନ୍ୟତା ପ୍ରଦାନ କରୁ ନ ଥିବା କୁହାଯାଇଛି। ଏଫ୍ଏସ୍ଏସ୍ଏଆଇ ସୂଚନାନୁସାରେ ଦୁଗ୍ଧ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକୁ ସେମାନଙ୍କ ଉତ୍ପାଦରୁ ଏଭଳି ଦାବି ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଏହା ବ୍ୟତୀତ ଇ-କମର୍ସ ପ୍ଲାଟ୍ଫର୍ମଗୁଡିକ ମଧ୍ୟ ତୁରନ୍ତ ସେମାନଙ୍କ ଉତ୍ପାଦ ଏବଂ ୱେବ୍‌ସାଇଟରୁ ଏହି ଦାବିଗୁଡ଼ିକ ହଟାଇବାକୁ କୁହାଯାଇଛି। ମୁଦ୍ରିତ ପ୍ୟାକେଜିଂକୁ ହଟାଇବା ପାଇଁ କମ୍ପାନୀଗୁଡ଼ିକୁ ୬ମାସ ସମୟ ଦିଆଯାଇଛି ଏବଂ ଭବିଷ୍ୟତରେ ଏହି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିୟାମକ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ବର୍ତ୍ତମାନ ପ୍ରଚଳିତ ଏ୧ କ୍ଷୀର ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରୁ ଆସୁଥିବା ବିଦେଶୀ ଗାଈର କ୍ଷୀର ହୋଇଥିବାବେଳେ ଏ୧ ବିଟା କେସିନରେ ଥିବା ପେପ୍ଟାଇଡ୍ ଆମିନୋ ଏସିଡ୍‌ରେ ଛିଡ଼ିବ ନାହିଁ । ଏହି କାରଣରୁ ଏହା ହଜମଯୋଗ୍ୟ ନୁହେଁ, ଯାହାକି ଅନେକ ରୋଗ ସୃଷ୍ଟି କରିଥାଏ ବୋଲି ବିଚାର କରାଯାଇଥାଏ। ବାସ୍ତବରେ, କ୍ଷୀରରେ ଥିବା ପ୍ରୋଟିନ ପେପ୍ଟାଇଡ୍‌ରେ ପରିଣତ ହୁଏ। ପରେ ଏହା ଆମିନୋ ଏସିଡ୍‌ର ରୂପ ନେଇଥାଏ। ଏହି ପ୍ରକାର କ୍ଷୀର ହଜମ କରିବା ସହଜ ।

# ରାଜ୍‌ରତନର ୨ୟ ଲକି ଡ୍ର ମହୋତ୍ସବ




ଭୁବନେଶ୍ୱର,୨୨।୮ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଗାର୍ମେଣ୍ଟ ଶୋ'ରୁମ୍ 'ରାଜ୍‌ରତନ'ର ବହୁ ପ୍ରତୀକ୍ଷିତ ଲକି ଡ୍ର ୨.୦ ବା ୨ୟ ଲକି ଡ୍ର ମହୋତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍‌ରତନ ଜନପଥ ଭୁବନେଶ୍ୱର ଆଉଟ୍‌ଲେଟର ୪ର୍ଥ ବାର୍ଷିକ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପ୍ରମୁଖ କାର୍ଯ୍ୟକ୍ରମ ୨ ଲକି ଡ୍ର ମହୋତ୍ସବର ଆୟୋଜନ କରାଯାଇଥିଲା। ଏହି ମହୋତ୍ସବରେ ଶିକ୍ଷାବିତ୍ ଡ. ସଙ୍ଗୀତା ଗୋସାଇଁ ଏବଂ ସାମାଜିକ କର୍ମୀ ଡ. ରୋଜାଲିନ୍ ପାଟଶାଣୀ ଏବଂ ରାଜ୍‌ରତନର ମାଲିକ(ଓନର) ହଜାରିମଲ ମୁନ୍ଦ୍ରାଙ୍କ ସମେତ ବିଶ୍ୱ ପ୍ରକାଶ ମୁନ୍ଦ୍ରା, ଅନୀଲ ମୁନ୍ଦ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲକି ଡ୍ର ଅନାବରଣ କରିଥିଲେ। ସେହିଭଳି ଏହି ଲକି ଡ୍ର ଜରିଆରେ ଭୁବନେଶ୍ୱର ହଂସପାଳ ଅଞ୍ଚଳର ଗ୍ରାହକ ନାରାୟଣ ଘୋଷ (୬ ବର୍ଷ) ପ୍ରଥମ ପୁରସ୍କାର ସ୍ୱରୂପ ଏକ ସ୍କୁଟର ଜିତିଥିଲେ। ଏପରିକି ଲକି ଡ୍ର ଜରିଆରେ ମୋଟ ୨୩୬ ଜଣ ଗ୍ରାହକଙ୍କୁ ଟିଭିଏସ୍ ଜୁପିଟର ସ୍କୁଟର, ଲାପ୍‌ଟପ୍, ଟେଲିଭିଜନ, ମାଇକ୍ରୋଓଭାନ, ମୋବାଇଲ ଫୋନ, ଟାବ୍‌ଲେଟ, ଲଗେଜ ବ୍ୟାଗ୍ ଏବଂ ସ୍ମାର୍ଟୱାଚ୍ ଭଳି ବହୁ ଦାମୀ ସାମଗ୍ରୀ ଉପହାର ଦିଆଯାଇଥିଲା।

ଏ ସମ୍ପର୍କରେ ହଜାରିମଲ ମୁନ୍ଦ୍ରା କହିଥିଲେ, ଆମେ ଆମର ୨ୟ ଲକି ଡ୍ର ମହୋତ୍ସବ ସାଙ୍ଗକୁ ୪ର୍ଥ ବାର୍ଷିକ ଉତ୍ସବ ପାଳନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତକରି ଆନନ୍ଦିତ ଥିଲାବେଳେ ଗ୍ରାହକଙ୍କ ବିଶ୍ୱାସଭାଜନ ପାଇଁ ସର୍ବଦା ପ୍ରୟାସ ଜାରି ରହିଛି। ୧୯୮୩ରେ ରାଜ୍‌ରତନର ପ୍ରଥମ ଷ୍ଟୋର କଟକ ବଜାରରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଭୁବନେଶ୍ୱରର ଶ୍ରୀୟା ଛକଠାରେ ଆମର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଗତ ୪ ବର୍ଷ ହେବ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇଆସୁଛି।

# ଦକ୍ଷ ଭିତ୍ତିଭୂମି ସହ ସ୍ଥାୟିତ୍ୱକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୨।୮ (ଅଭୟ ଦାଶ)

ନେକ୍ସଟ୍ରା ଡାଟା ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରକଳ୍ପ 'ସ୍ଥାୟିତ୍ୱ ରିପୋର୍ଟ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ ନିକଟରେ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସ୍ଥାୟିତ୍ୱ ରିପୋର୍ଟର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ବିଶେଷକରି ପରିବେଶ, ସାମାଜିକ ତଥା ଶାସନ ରୀତି (ଇଏସ୍‌ଜି) ମାପଦଣ୍ଡ ଇତ୍ୟାଦି ଉକ୍ତ ରିପୋର୍ଟରେ ସାମିଲ ରହିଛି। ସେହିଭଳି ଭବିଷ୍ୟତ ପ୍ରସ୍ତୁତକାରୀ ନିର୍ମାଣ ପଦକ୍ଷେପ, ଉଚ୍ଚ ଶକ୍ତିଶାଳୀ କାର୍ଯ୍ୟକ୍ଷମତାକୁ ଧରି ରଖିବା ପାଇଁ ଉନ୍ନତ ଜ୍ଞାନକୌଶଳ ବୈଷୟିକ ତଥା ଡିଜିଟାଲ ଭିତ୍ତିଭୂମି ପ୍ରତିଷ୍ଠା,ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି।

ଏ ସମ୍ପର୍କରେ ନେକ୍ସଟ୍ରାର ସିଇଓ ଆଶିଷ ଅରୋରା କହିଛନ୍ତି, ଭବିଷ୍ୟତର ତଥ୍ୟ ପ୍ରଦାନକାରୀ କେନ୍ଦ୍ର, ଦକ୍ଷ ଭିତ୍ତିଭୂମି ସହ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ଆମର ସକ୍ଷମତାକୁ ନେଇ ସ୍ୱର ମିଳାଇବ ସହ ସମନ୍ୱିତ ଅଭିନବୀକରଣ ଇଏସ୍‌ଜି ପଦକ୍ଷେପ ଏବଂ ଆମର ବ୍ୟବସାୟିକ ମଡେଲ ତଥା ଏହାର କାର୍ଯ୍ୟ ପ୍ରଣାଳୀ ତଥ୍ୟ କେନ୍ଦ୍ର ପ୍ରତିଷ୍ଠା ତଥା ଏହାର କାର୍ଯ୍ୟକାରିତାକୁ ପ୍ରଥମ ଦିନରୁ ହିଁ ପୂର୍ଣ୍ଣାଙ୍ଗ କରିବାରେ ସକ୍ଷମ ହୋଇପାରିବ। ଯେହେତୁ ଆମର ସ୍ଥାୟିତ୍ୱ ରିପୋର୍ଟ ଏହା ଉପରେ ଅଧିକ ଆଲୋକପାତ କରୁଛି, ସେଥିପାଇଁ ରହିଥିବା ଆମର ତିନୋଟି ସ୍ଥାୟିତ୍ୱ ମାପଦଣ୍ଡ ତଥା ପରିବେଶ, ସାମାଜିକ ତଥା ଗଭର୍ନାନ୍ସର ରୂପରେଖକୁ ନେଇ ଆମେ ଏଇ ବର୍ଷ ମଧ୍ୟରେ ଏହାକୁ ଆହୁରି ଆଗକୁ ନେବା ସହ ଏହାକୁ ଆମର ପ୍ରମୁଖ ଦୃଷ୍ଟିକାରୀ ବିଷୟବସ୍ତୁ ଭାବେ ଏହା ଉପରେ ଅଧିକ ଆଲୋକପାତ କରିଛୁ।

# ରିନୋଗ୍ରୀଟ୍ କିଡ୍‌ନୀରୋଗର ପ୍ରଭାବଶାଳୀ ଉପଚାର

**ଆମେରୀକୀୟ ରିସର୍ଚ୍ଚ ଜର୍ନାଲ ରିପୋର୍ଟ**

ପତଂଜଲି
प्रकृति का आशीर्वाद

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ଷଡ଼ଯନ୍ତ୍ର ପୂର୍ବ ଆୟୁର୍ବେଦିକ ଔଷଧ କିଡ୍‌ନୀଜନିତ ରୋଗ ସୃଷ୍ଟି କରୁଥିବା ଗୁଜବ ସୃଷ୍ଟି କରାଯାଉଥିବାବେଳେ ପତଞ୍ଜଳି ଏହାକୁ ଭୁଲ୍ ପ୍ରମାଣିତ କରିଥିବା ପତଞ୍ଜଳି ଯୋଗପୀଠର ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି। ସେ କହିଛନ୍ତି, ଆୟୁର୍ବେଦିକ ଔଷଧ ରିନୋଗ୍ରୀଟ୍ କେବଳ କ୍ୟାନ୍‌ସର ନୁହେଁ ବରଂ ଏଲୋପାଥିକ୍ ଔଷଧ ସିସତପ୍ଲାଟିନ୍ ଦ୍ୱାରା ସୃଷ୍ଟି ହେଉଥିବା କିଡ୍‌ନୀଜନିତ ରୋଗରୁ ମଧ୍ୟ ଉପଶମ ଦେଉଛି। ଏହାସହ କିଡ୍‌ନୀ ଉପରେ ପଡୁଥିବା ଅକ୍ସିଡେଟିଭ୍ ପ୍ରଭାବ ମଧ୍ୟ କମ୍ କରୁଛି। ଏହା ପତଞ୍ଜଳି ନୁହେଁ ବରଂ ଆମେରୀକୀୟ ରିସର୍ଚ୍ଚ ଜର୍ନାଲ ସାଇଣ୍ଟିଫିକ୍ ରିପୋର୍ଟ୍ସରେ ଏପରି ତଥ୍ୟ ପ୍ରକାଶ ପାଇଥିବା ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଆୟୁର୍ବେଦର ବିଭିନ୍ନ ଗ୍ରନ୍ଥରେ କିଡ୍‌ନୀ ରୋଗ ଔଷଧ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ପୁରାତନ କାଳରୁ ଏହି ପ୍ରକ୍ରିୟାରେ କିଡ୍‌ନୀ ସମସ୍ୟାର ଉପଚାର କରାଯାଉଛି। ଆୟୁର୍ବେଦ ସତ୍ୟ,ଏହା ତଥ୍ୟ। କାରଣ ଏହା ଅନୁସନ୍ଧାନମୂଳକ ପ୍ରମାଣ ବୋଲି ସେ କହିଛନ୍ତି ।

# ରାମ୍‌ରାଜ୍ କଟନର ୨ ଇଣ୍ଡଷ୍ଟ୍ରିଆଲ ୟୁନିଟ୍ ଉଦ୍‌ଘାଟିତ



ନୂଆଦିଲ୍ଲୀ,୨୨।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଗାର୍ମେଣ୍ଟ୍ସ ବ୍ରାଣ୍ଡ 'ରାମ୍‌ରାଜ୍ କଟନ'ର ୨ୟ ଇଣ୍ଡଷ୍ଟ୍ରିଆଲ ୟୁନିଟ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାମ୍‌ରାଜ୍ କଟନ ପକ୍ଷରୁ ଚେନ୍ନାଇର ଲୀଳା ପ୍ୟାଲେସରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଭିସି ଜରିଆରେ ଯୋଗଦେଇ ସଂସ୍ଥାର ୨ଟି ଶିଳ୍ପ କେନ୍ଦ୍ର ଇରୁଭାମ୍ପାଲାୟମ୍, ତିରୁପୁର ଏବଂ ସିପ୍‌କଟ୍ ଇରୋଡ୍ ନିକଟ ପେରୁନ୍ଦୁରାଇକୁ ଉଦ୍‌ଘାଟନ କରିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ଜାନୁଆରୀରେ ରାମ୍‌ରାଜ୍ କଟନ ୧୦୦୦ କୋଟି ଟଙ୍କାର ନିବେଶ ଓ ୨ଟି ପ୍ରତିଷ୍ଠାନ ସ୍ଥାପନ ପାଇଁ ଚେନ୍ନାଇ ବିଶ୍ୱ ନିବେଶକ ସମ୍ମିଳନୀ (ଚେନ୍ନାଇ ଗ୍ଲୋବାଲ ଇନ୍‌ଭେଷ୍ଟର ମିଟ୍) ରେ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା।

ଏ ସମ୍ପର୍କରେ ରାମ୍‌ରାଜ୍ କଟନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କେ.ଆର୍. ନାଗରାଜନ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମର ୨ଟି ୟୁନିଟ୍ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଫଳରେ ପ୍ରତ୍ୟକ୍ଷ ଭାବେ ୨୦୦୦ ଏବଂ ପରୋକ୍ଷ ଭାବେ ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ।

# ଉତ୍ପାଦନ କ୍ଷେତ୍ରରେ ଏନ୍ଏସ୍ଏଲ୍‌ର ନୂଆ ମାଇଲଷ୍ଟୋନ



ନୂଆଦିଲ୍ଲୀ,୨୨।୮ (ଅଭୟ ଦାଶ)

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍ଏମ୍‌ଡିସି ଷ୍ଟିଲ୍ ଲିମିଟେଡ୍ (ଏନ୍ଏସ୍ଏଲ୍)ର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉତ୍ପାଦନ କ୍ଷେତ୍ରରେ ଏନ୍ଏସ୍ଏଲ୍ ନୂଆ ମାଇଲଷ୍ଟୋନ ହାସଲ କରିଛି। ଏନ୍ଏସ୍ଏଲ୍‌ର ଅତ୍ୟାଧୁନିକ ୟୁନିଟ୍ ନିକଟରେ ୧ ମିଲିୟନ ଟନ୍ ହଟ୍ ରୋଲ୍‌ଡ କଏଲ ଉତ୍ପାଦନକରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏ ସମ୍ପର୍କରେ ଏନ୍ଏମ୍‌ଡିସି ଆଣ୍ଡ ଏନ୍ଏସ୍ଏଲ୍‌ର ସିଏମ୍‌ଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଥିଲେ, ଆମେ ଆମର ଅତ୍ୟାଧୁନିକ ୟୁନିଟ୍ ଜରିଆରେ ୧ ମିଲିୟନ ଟନ୍ ହଟ୍ ରୋଲ୍‌ଡ କଏଲ ଉତ୍ପାଦନକରିବା ସହ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରି ବେଶ୍ ଉତ୍ସାହିତ ଅଛୁ। ଆମେ ଆମର ଅଭିଜ୍ଞ ଦଳ ଓ ବରିଷ୍ଠ ନେତୃବୃନ୍ଦଙ୍କ ଜରିଆରେ ଏହି ସଫଳତା ହାସଲ କରିପାରିଛୁ। ପୂର୍ବରୁ ମଧ୍ୟ ୧.୫ ମିଲିୟନ ଟନ୍‌ର ଉତ୍ ମେଟାଲ ଉତ୍ପାଦନକରି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲୁ।

# ଜାସ୍ ମୋଟର୍ସକୁ ସୁଯାରିତ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର,୨୨।୮ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଜାସ୍ ମୋଟର୍ସକୁ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜାସ୍ ମୋଟର୍ସକୁ ନିକଟରେ ସୁଯାରିତ ସ୍ୱର୍ଣ୍ଣ ପୁରସ୍କାର ଦିଆଯାଇଛି। ଓଡ଼ିଶାର ଏକମାତ୍ର ୫ତାରକା ଡିଲର ଭାବେ ଜାସ୍ ମୋଟର୍ସକୁ ଏହି ସମ୍ମାନ ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ପ୍ରାୟ ୨୦୦୦ ଡିଲର୍ସଙ୍କ ମଧ୍ୟରୁ ମାତ୍ର ୧୩ଜଣ ଡିଲର ଏହି ୫ ତାରକା ଡିଲର ଭାବେ ଶ୍ରେଣୀଭୁକ୍ତ ହୋଇଛନ୍ତି, ଯାହା ବ୍ରାଣ୍ଡର ଏହି ସଫଳତାକୁ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରଶଂସାଯୋଗ୍ୟ କରାଇଛି। ବିଶେଷକରି ଏହାର ଚୟନ ପ୍ରକ୍ରିୟା ବହୁ ବ୍ୟାପକ ଭାବେ ହୋଇଥାଏ। ଏପରିକି ୩୦୦ରୁ ଅଧିକ ପାରାମିଟର ଉପରେ ଏହା ଆଧାରିତ ଥିଲାବେଳେ ଡିଲରଶିପ୍‌ର ଉତ୍ତମତା ପ୍ରତି ଅଙ୍ଗୀକାରକୁ ମଧ୍ୟ ଏହା ପରିପ୍ରକାଶ କରିଥାଏ।

ଏ ସମ୍ପର୍କରେ ଜାସ୍ ମୋଟର୍ସର ପ୍ରମୋଟର ତଥା ସିଇଓ ଶମଶେର ସିଂହ ହୁରା କହିଥିଲେ, ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିର୍ମିତ ପ୍ରୟାସ ଏବଂ କଠିନ ଶ୍ରମର ଫଳ ଆମର କମ୍ପାନୀକୁ ଏହି ଗୌରବ ମିଳିଛି। ଏହି ସମ୍ମାନ ଆମର ଉତ୍ତମତା ପ୍ରତିପ୍ରତିବଦ୍ଧତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜିଡିପି ଅଭିବୃଦ୍ଧି ହାର ୬.୫ ରୁ ୭.୦% ଆକଳନ

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)




ଅନିୟମିତ ମୌସୁମୀ ସତ୍ତ୍ୱେ ଭାରତର ଆର୍ଥିକ ଗତି ଅକ୍ଷୁଣ୍ଣ ରହିଛି ଏବଂ ଜିଡିପି ଅଭିବୃଦ୍ଧି ହାର ୬.୫ ରୁ ୭.୦ ପ୍ରତିଶତ ହେବ ବୋଲି ଅର୍ଥନୈତିକ ସର୍ବେକ୍ଷଣର ପୂର୍ବାନୁମାନ ଠିକ୍ ହେଉଥିବା ଗୁରୁବାର ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଜୁଲାଇ ମାସ ପାଇଁ ମାସିକ ଅର୍ଥନୈତିକ ସମୀକ୍ଷା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଭାରତୀୟ ଅର୍ଥନୀତି ନିଜର ଗତି ବଜାୟ ରଖିଛି। ଅର୍ଥ ମନ୍ତ୍ରଣାଳୟର ରିପୋର୍ଟରେ କୁହାଯାଇଛି, ଚଳିତ ଆର୍ଥିକ ବର୍ଷର ୨୦୨୪-୨୫ର ପ୍ରଥମ ୪ ମାସ (ଏପ୍ରିଲ-ଜୁଲାଇ) ମଧ୍ୟରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ସଂଗ୍ରହରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଟିକସ ଆଧାରର ସମ୍ପ୍ରସାରଣ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ବୃଦ୍ଧି ହେତୁ ଏହା ସମ୍ଭବ ହୋଇଥିବା ମନ୍ତ୍ରଣାଳୟ ଦର୍ଶାଇଛି।

ରିପୋର୍ଟରେ କୁହାଯାଇଛି, ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଚାହିଦା ବୃଦ୍ଧି, ନୂତନ ରପ୍ତାନି ପରିମାଣ ବୃଦ୍ଧି ଏବଂ ଉତ୍ପାଦନ ମୂଲ୍ୟରେ ବୃଦ୍ଧି କାରଣରୁ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଆର୍ଥିକ ଏକୀକରଣ ପାଇଁ ପଥ ପରିଷ୍କାର କରିଛି। ଶକ୍ତିଶାଳୀ ରାଜସ୍ୱ ସଂଗ୍ରହ, ରାଜସ୍ୱ ଖର୍ଚ୍ଚରେ ନିୟନ୍ତ୍ରଣ ଏବଂ ଦୃଢ଼ ଅର୍ଥନୈତିକ ପ୍ରଦର୍ଶନ ଦ୍ୱାରା ଆର୍ଥିକ ନିଅଣ୍ଟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହା ସହ ନୂତନ ବେସରକାରୀ ନିବେଶ ଚକ୍ରକୁ ସମର୍ଥନ କରି ପୁଞ୍ଜି ବ୍ୟୟ ଏକ ଉଚ୍ଚ ସ୍ତରରେ ବଜାୟ ରହିଥିବା କୁହାଯାଇଛି। ଅନ୍ୟପଟେ ୨୦୨୪ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୩.୫ ପ୍ରତିଶତକୁ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି, ମୋଟାମୋଟି ଭାବେ ଭାରତର ଆର୍ଥିକ ଗତି ଅକ୍ଷୁଣ୍ଣ ରହିଛି। ଅନିୟମିତ ମୌସୁମୀ ସତ୍ତ୍ୱେ ଜଳଭଣ୍ଡାରଗୁଡିକର ଜଳ ସ୍ତର କିଛି ପରିମାଣରେ ପୂର୍ଣ୍ଣ ହୋଇଛି। କ୍ରୟ ପ୍ରବନ୍ଧକ ସୂଚନାନୁଯାୟୀ, ଉତ୍ପାଦନ ଏବଂ ସେବା କ୍ଷେତ୍ରଗୁଡିକ ବୃଦ୍ଧି ପାଉଛି। ବିଶେଷକରି ପରୋକ୍ଷ ଟିକସ (ଯାହା କାରବାରକୁ ପ୍ରତିଫଳିତ କରିଥାଏ) ଭଲ ଭାବରେ ବୃଦ୍ଧି ପାଉଛି ଏବଂ ବ୍ୟାଙ୍କ ଋଣ ମଧ୍ୟ ବୃଦ୍ଧି ପାଉଛି ବୋଲି ଏଥିରେ କୁହାଯାଇଛି। ସେହିପରି ମୁଦ୍ରାସ୍ଫୀତି ହ୍ରାସ ପାଉଛି ଏବଂ ଗତ ବର୍ଷ ତୁଳନାରେ ଉଭୟ ସାମଗ୍ରୀ ଏବଂ ସେବା ରପ୍ତାନି ଭଲ ହୋଇଛି।

# ସେମି ଲାଇନଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)**

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ଚୂଡ଼ାନ୍ତ ହୋଇଛି। ଏଥିରେ ବିଜୟୀ ହୋଇ ଆକାଶ ମହାପାତ୍ର, ସିଦ୍ଧାର୍ଥ ସେନ, ନିଶାନ୍ତ ବିଶ୍ୱାଳ ଓ ଡ. ରାକେଶ ଆର.

**ଅଲ୍ ଓଡ଼ିଶା ଓପନ ସ୍ନୁକର**

**■ ସୁବ୍ରତଙ୍କୁ ହରାଇଲେ ଆକାଶ**

ପ୍ରଧାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବୁଠାରୁ ଚମତ୍କାର ପ୍ରଦର୍ଶନ କରିଥିଲେ ଆକାଶ। ସେ ବର୍ତ୍ତମାନର ରାଜ୍ୟ ଚାମ୍ପିୟନ ସୁବ୍ରତ ଦାସଙ୍କୁ ୪-୦ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚ୍‌ରେ ସିଦ୍ଧାର୍ଥ ସେନ୍ ୪-୦ରେ ଅସିତ ଚୌଧୁରୀଙ୍କୁ ପରାସ୍ତ କରିଛନ୍ତି। ନିଶାନ୍ତ ବିଶ୍ୱାଳ କିନ୍ତୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ଚିରାଗ ଆରୋରାଙ୍କୁ ୪-୩ରେ ହରାଇ ଦେଇଛନ୍ତି। ଏକଦା ୦-୩ରେ ପଛୁଆ ରହିଥିବା ନିଶାନ୍ତ ସଫଳ ପ୍ରତ୍ୟାବର୍ତ୍ତନ କରି କଷ୍ଟସାଧ ବିଜୟ ହାସଲ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡ. ରାକେଶ ଆର. ପ୍ରଧାନ ୪-୧ରେ କୁନାଲ ଅଗ୍ରୱାଲଙ୍କୁ ପରାସ୍ତ କରିଥିଲେ।



ଗୁରୁବାର କ୍ୱାର୍ଟର ଫାଇନାଲ ଖେଳିବା ଅବସରରେ ଆକାଶ ମହାପାତ୍ର।

# ଜନ୍ମମାଟିରେ ଅମିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ/ ବାଲିଶଙ୍କରା, ୨୨/୮ (ଜୟ ନାରାୟଣ ମେଣ୍ଡୁଲି/ ହୃଦାନନ୍ଦ ବାରିକ)**

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ଭାରତୀୟ ହକିଦଳର ଖେଳାଳି ଅମିତ୍ ରୋହିଦାସ ଗୁରୁବାର ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଉନାମୁରା ଗାଁକୁ ଫେରିଛନ୍ତି। ଗାଁରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଓ ପରିବାରବର୍ଗଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗ୍ରାମର ଆଦିବାସୀ ମହିଳାମାନେ ପାରମ୍ପରିକ ମାଦଳ ବାଦ୍ୟର ତାଳେ ତାଳେ ନାଚି ନାଚି ପ୍ରଥମେ ଘରକୁ ପାଛୋଟି ନେଇଥିଲେ। ଗତଥର ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରି ପୁଣି ଏଥର ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ହାସଲ କରି ଦେଶ ତଥା ଗାଁ ମାଟି ପାଇଁ ଗୌରବ ଆଣିଥିବାରୁ ଆମେ ବହୁତ ଖୁସି ବୋଲି ଗ୍ରାମବାସୀ ମତବ୍ୟକ୍ତ କରିବା ସହ ଅମିତ୍‌ଙ୍କ ଫେରିବା ବାଟକୁ ଆମେ ଅନେଇ ବସିଥିଲୁ ବୋଲି କହିଛନ୍ତି।

ବାପା ଆଜି ଥିଲେ ବହୁତ ଖୁସି ହୋଇଥାନ୍ତେ ବୋଲି ଅମିତ୍ କହିଥିଲେ। ଏହାପରେ ଗ୍ରାମରେ ଏକ ସମ୍ବର୍ଦ୍ଧନା ସଭାରେ ଅମିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାରୁ ଏକମାତ୍ର ଅମିତ୍ ରୋହିଦାସ ପ୍ୟାରିସ୍ ଅଲିମ୍ପିକ୍ସରେ ହକି ଖେଳି ବ୍ରୋଞ୍ଜ ପଦକ ପାଇଛନ୍ତି। ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଅମିତ୍ ନିଜ ହକି ଖେଳର ଅନୁଭୂତି ସମସ୍ତଙ୍କୁ କହିଥିଲେ। ସମ୍ମାନିତ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଅମିତ୍ ରୋହିଦାସଙ୍କ ମା' ଗୋଲାପୀ ରୋହିଦାସ, ସଉନାମୁରା ଫାଦର ଆନ୍ଦ୍ରେରିଆସ କେର୍କେଟା, ବାଲିଶଙ୍କରା ପଞ୍ଚାୟତ ସମିତି କଲେଜର ଅଧ୍ୟକ୍ଷ କୁଳମଣି ସାହୁ, ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ବେହେରା, ମିଶନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି କୁଜୁର, ସୁନ୍ଦରଗଡ଼ ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ବିଜୟ ଲାକ୍ରା, ଦୀପସାନ ତିର୍କୀଙ୍କ ବାପା ପ୍ରାଖ୍ରାସିୟୁସ ତିର୍କୀ, ତହସିଲଦାର ଗୌରହରି ମହନ୍ତ, ସଉନାମୁରା ସରପଞ୍ଚ ତୁଲୁ ବାର୍ଲା, ସମିତି ସଭ୍ୟା ବେଲମତି ଧୁରୁଆ, ହକି ଇଣ୍ଡିଆ ସଭାପତି ତଥା ଡ. ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ସ୍ତ୍ରୀ ମୀରା ସୁଶୀଳା ତିର୍କୀ, ଇସରେସ ତିର୍କୀ, ବାଲିଶଙ୍କରା (ଖ) ଜୋନ୍ ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ଅନ୍ତର୍ଜାତୀୟ ହକି ଖେଳାଳି ଦୀପସାନ ତିର୍କୀ, ଫାଦର ସୁନୀଲ କେର୍କେଟା ପ୍ରମୁଖ ଯୋଗଦେଇଥିଲେ।




ସଉନାମୁରାରେ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନବୀନ ନିବାସରେ ଭାରତୀୟ ହକି ଦଳ



ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବା ଅବସରରେ ଭାରତୀୟ ହକି ଦଳର ଖେଳାଳି।

**ଭୁବନେଶ୍ୱର, ୨୨।୮ (ଅନିଲଦାସ)**

**ଦେଶର ଗୌରବକୁ ଆହୁରି ଉଚ୍ଚକୁ ନେବାକୁ ନବୀନଙ୍କ ପରାମର୍ଶ**

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଗୁରୁବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଖେଳାଳିମାନଙ୍କୁ ବିଜୟ ପାଇଁ ନବୀନ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦେଶର ଗୌରବକୁ ଆହୁରି ଉଚ୍ଚକୁ ନେବା ପାଇଁ କାମ ଜାରି ରଖିବା ଲାଗି ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି।

ଆଗାମୀ ଅଲିମ୍ପିକ୍‌ରେ ଓଡ଼ିଶା ତଥା ଭାରତ ହକିରେ ସୁନା ପଦକ ଆଶା ରଖିଛି ବୋଲି ନବୀନ କହିଛନ୍ତି। ବିରୋଧୀ ଦଳ ନେତା ଖେଳାଳିମାନଙ୍କୁ ଉପାୟନ ଓ ରୁପା ତାରକସିର କୋଣାର୍କ ଚକ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖେଳାଳିମାନେ ସେମାନଙ୍କ ସ୍ୱାକ୍ଷର ସମ୍ବଳିତ ଜର୍ସି ନବୀନଙ୍କୁ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରଦେଇ ଖେଳାଳିମାନେ କହିଥିଲେ, ଭାରତୀୟ ହକି ଦଳ ସବୁବେଳେ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ନିକଟରେ ସେମାନଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞ ରହିବ। ଯେତେବେଳେ ହକି ପାଇଁ କେହି ପ୍ରାୟୋଜକ ଆଗେଇ ଆସି ନ ଥିଲେ ସେତେବେଳେ ନବୀନ ପଟ୍ଟନାୟକ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ ଏବଂ ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ଦାୟିତ୍ୱ ନେଇଥିଲା ; ଯାହାର ଫଳସ୍ୱରୂପ ଆଜି ଅଲିମ୍ପିକ୍‌ସରେ ଭାରତୀୟ ହକି ଲଗାତର ୨ଥର ପଦକ ଜିତିବାରେ ସଫଳ ହୋଇପାରିଛି। ଓଡ଼ିଶାବାସୀଙ୍କ ସମର୍ଥନ ଯୋଗୁ ଭାରତୀୟ ହକି ତା'ର ହୃତ୍‌ଗୌରବ ଫେରିପାଇଛି ବୋଲି ଖେଳାଳି ମାନେ ପ୍ରକାଶ କରିବା ସହ ବିରୋଧୀ ଦଳ ନେତାଙ୍କୁ ଧନ୍ୟବାଦ ଜଣାଇଥିଲେ।

**୧୭ ବର୍ଷରୁ କମ୍ କୁସ୍ତି**

## ଅଦିତି, ନେହା, ପୁଲକିତ ବିଶ୍ୱ ଚାମ୍ପିୟନ

**ଅମାନ (ଜୋର୍ଡାନ), ୨୨।୮ (ପି.ଟି.):** ଭାରତୀୟ ମହିଳା କୁସ୍ତିଯୋଦ୍ଧା ଅଦିତି କୁମାରୀ, ନେହା ଓ ପୁଲକିତ ପ୍ରମୁଖ ସେମାନଙ୍କ କାଟେଗୋରିରେ ୧୭ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଅଦିତି ୪୩କେଜି ଶ୍ରେଣୀରେ ଗ୍ରୀସ୍‌ର ମାରିଆ ଲୋଇଜା ଜିକିକାଙ୍କୁ ୭-୦ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ୫୭କେଜି ଶ୍ରେଣୀ ଫାଇନାଲରେ ନେହା ଡବଲ ଆଟାକ୍ ସହ ଜାପାନର ସୋ ସୁଇତସୁଇଙ୍କୁ ପରାସ୍ତ କରିଥିଲେ। ସ୍ୱର୍ଣ୍ଣ ପଦକ ବାଉଟରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ କୌଣସି ସୁଯୋଗ ଦେଇ ନ ଥିଲେ। ୬୫କେଜି ଫାଇନାଲରେ ପୁଲକିତ ଜଣେ ନିରପେକ୍ଷ ଆଥଲେଟ ଡାରିଆ ଫ୍ରୋଲୋଭାଙ୍କ ବିପକ୍ଷ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ୬-୩ରେ ଜିତି ନେଇଛନ୍ତି। ମାତ୍ର ୨୦ ସେକେଣ୍ଡରେ ସେ ବିଜୟ ଲାଭ କରିଥିଲେ।

# ରେସ୍ ୱାକର ଭାବନା ୧୬ ମାସ ବାସନ୍ଦ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ହୋୟାରଅବାଉଟ (ବର୍ତ୍ତମାନ ଠିକଣା) ସୂଚନା ଦେବାରେ ବିଫଳତା ପାଇଁ ନ୍ୟାଶନାଲ ପାଣ୍ଟି ଡୋପିଙ୍ଗ୍ ଏଜେନ୍ସି (ନାଡା)ର ଶୃଙ୍ଖଳା ପ୍ୟାନେଲ ଭାରତର ଟପ୍ ରେସ୍ ୱାକର ଭାବନା ଜାଟ୍‌ଙ୍କୁ ୧୬ ମାସ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ଗତବର୍ଷ ଅଗଷ୍ଟ ମାସରେ ସେ ଏହି ଅପରାଧ କରିଥିଲେ। ନାଡା ମହିଳା ୨୦ କିମି ଚାଲିରେ ପୂର୍ବତନ ଜାତୀୟ ରେକର୍ଡଧାରୀ ଭାବନାଙ୍କୁ ଗତବର୍ଷ ଅଗଷ୍ଟରେ ସାମୟିକ ସସ୍‌ପେଣ୍ଡ କରିଥିଲା। ସେତେବେଳେ ବୁଦାପେଷ୍ଟରେ ଚାଲିଥିବା ୨୦୨୩ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରୁ ଏହି ରେସ୍ ୱାକରଙ୍କୁ ପ୍ରତ୍ୟାହାର କରି ନେଇ ଆସିଥିଲା। ୧୬ ବର୍ଷ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ଅଗଷ୍ଟ ୧୦ ତାରିଖରୁ ଲାଗୁ ହେବ, ଯେଉଁ ତାରିଖରେ ତାଙ୍କୁ ସାମୟିକ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥିଲା। ଅର୍ଥାତ ଭାବନାଙ୍କ ବାସନ୍ଦ ଅବଧି ଚଳିତବର୍ଷ ଡିସେମ୍ବର ୧୦ରେ ଶେଷ ହେବ। ୨୮ ବର୍ଷୀୟା ଭାବନା ୨୦୨୩ ଜୁନ୍‌ରେ ଥରେ ଏବଂ ମେ ମାସରେ ଦୁଇଥର ଡୋପ୍ ଟେଷ୍ଟ ଦେଇ ନାହାନ୍ତି। ଏହି ରେସ୍ ୱାକର ଜଣକ ସଫେଇ ଦେଇ କହିଥିଲେ ଯେ, ସେ ଉଦ୍ଦେଶ୍ୟମୂଳକ ଭାବେ ଏହା କରି ନାହାନ୍ତି। ମୋବାଇଲ ଆପ୍ଲିକେଶନରେ ଗଡ଼ବଡ଼ ଯୋଗୁ ସେ ତାଙ୍କ ବର୍ତ୍ତମାନର ଠିକଣା ସମ୍ପର୍କରେ ଫର୍ମ ପୂରଣ କରିପାରି ନ ଥିଲେ। ପରେ ତାଙ୍କ ଫୋନ୍‌ଟି କେଉଁଠି ହଜି ଯାଇଥିଲା।




## ଇଷ୍ଟବେଙ୍ଗଲ ଗ୍ରୁପ୍ 'ଏ'ରେ

**କୁଆଲାଲମ୍ପୁର, ୨୨।୮ (ପି.ଟି.)**

ଏଏଫ୍‌ସି ଚ୍ୟାଲେଞ୍ଜ ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଇଷ୍ଟବେଙ୍ଗଲ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ନେଜମି ଏସ୍‌ସି (ଲେବାନନ), ବସୁନ୍ଧରା କିଙ୍ଗ୍ସ (ବାଂଲାଦେଶ) ଓ ପାରୋ ଏଫ୍‌ସି (ଭୁଟାନ)। ଗ୍ରୁପ୍ 'ଏ' ମୁକାବିଲାଗୁଡ଼ିକ ଥିମ୍ପୁସ୍ଥିତ ଚାଙ୍ଗଲିମିଥାଙ୍ଗ ଷ୍ଟାଡିୟମରେ ହେବ। ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ପାଇଁ କ୍ୱାଲିଫାଇଂ ଖେଳିଥିଲା। ଅଲଟିନ ଆସିର ଏଫ୍‌ସି (ତୁର୍କମେନିସ୍ତାନ)ଠାରୁ ୦-୨ରେ ପରାସ୍ତ ହେବାପରେ ଦଳ ଏଏଫ୍‌ସି ଚ୍ୟାଲେଞ୍ଜ ଲିଗ୍‌କୁ ଖସି ଆସିଥିଲା।

# ଭାରତ-ଇଂଲଣ୍ଡ ସିରିଜ୍‌ର କାର୍ଯ୍ୟସୂଚୀ ଘୋଷଣା

**ଲଣ୍ଡନ, ୨୨।୮ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ ପାଇଛି। ଜୁନ୍ ୨୦୨୫ରେ ଭାରତ ଏହି ସିରିଜ ଖେଳିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ୨୦୨୫-୨୭ ପର୍ଯ୍ୟାୟ ମଧ୍ୟରେ ଏହି ଟେଷ୍ଟ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଇଂଲଣ୍ଡରେ ଖେଳାଯିବାକୁ ଥିବା ଏହି ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ଲିଡ୍‌ସ, ବର୍ମିଂହାମ, ଲର୍ଡ୍ସ, ମାଞ୍ଚେଷ୍ଟର ଓ ଓଭାଲରେ ଖେଳାଯିବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଏହାର ପେସ୍ ବୋଲରଙ୍କୁ ସହାୟତା କରିବା ଭଳି ପିଚ୍‌ର ଚୟନ କରାଯାଇଛି। ଜୁନ୍ ୨୦ରେ ହେଡିଙ୍ଗଲିରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପାରମ୍ପରିକ ଭାବରେ ଏହି ପିଚ୍ ପେସ୍ ବୋଲରଙ୍କୁ ସୁହାଇଥାଏ। ବର୍ମିଂହାମର ଏଜବାଷ୍ଟନରେ ଜୁଲାଇ ୨-୬ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। କ୍ରିକେଟର ମକ୍କା ଲର୍ଡ୍ସରେ ଜୁଲାଇ ୧୦-୧୪ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯିବ। ସେହିପରି ଜୁଲାଇ ୨୩-୨୭, ଜୁଲାଇ ୩୧-ଅଗଷ୍ଟ ୪ ମଧ୍ୟରେ ଅନ୍ତିମ ୨ ଟେଷ୍ଟ ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ଟେଷ୍ଟ ମଧ୍ୟରେ ଏକ ସପ୍ତାହର ଅନ୍ତରାଳ ରହିଥିବା ବେଳେ ତୃତୀୟ ଓ ଚତୁର୍ଥ ଟେଷ୍ଟ ମଧ୍ୟରେ ୮ ଦିନ ଲେଖାଏ ଗ୍ୟାପ୍ ରହିଛି। ଖେଳାଳିଙ୍କୁ ଉପଯୁକ୍ତ ବିଶ୍ରାମ ଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି।

## ଏଆଇଏଫ୍‌ଏଫ୍ 'ଡି' କୋଚିଂ କୋର୍ସ ଆରମ୍ଭ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଗୁରୁବାର ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର 'ଡି' କୋଚିଂ କୋର୍ସ ଆରମ୍ଭ ହୋଇଛି। ଏଆଇଏଫ୍‌ଏଫ୍, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ମିଳିତଭାବେ ଏହାକୁ ଆୟୋଜନ କରୁଛନ୍ତି। ୨୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। କୋଚିଂ କୋର୍ସରେ ମୋଟ ୩୦ ଜଣ ଅଂଶଗ୍ରହଣ କରିଛନ୍ତି। ସଲିମ ପଠାନ ଏଜୁକେଟର ଓ ଅକ୍ଷୟ ଦାସ ସହକାରୀ ଏଜୁକେଟର ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପାକିସ୍ତାନର ବୃହତ୍ ସ୍କୋର




ଶତକୀୟ ଭାଗୀଦାରି ଅବସରରେ ମହମ୍ମଦ ରିଜୱାନ ଓ ସୌଦ ଶକିଲ।

**ରାୱଲପିଣ୍ଡି, ୨୨।୮**

**ଶକିଲ, ରିଜୱାନଙ୍କ ଶତକ**

ମହମ୍ମଦ ରିଜୱାନ ଓ ସୌଦ ଶକିଲଙ୍କ ଶତକ ବଳରେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ବିଶାଳ ସ୍କୋର କରିଛି ପାକିସ୍ତାନ। ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫୮/୪ରୁ ଖେଳ ଆରମ୍ଭ କରି ପାକିସ୍ତାନ ଦୃଢ ବ୍ୟାଟିଂ କରିଥିଲା। ଦୁଇ ଅପରାଜିତ ବ୍ୟାଟର ମହମ୍ମଦ ରିଜୱାନ ଓ ସୌଦ୍ ଶକିଲ ନିଜର ଶତକ ପୂରଣ କରିଥିବା ବେଳେ ପାକିସ୍ତାନ ୪୪୮/୬ରେ ଇନିଂସ ଘୋଷଣା କରିଥିଲା। ଶକିଲ୍ ୨୬୮ ବଲ୍‌ର ମାରାଥନ ଇନିଂସରେ ୯ ଚୌକା ସହ ୧୪୧ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଇନିଂସର ଟପ୍ ସ୍କୋରର ରହିଥିବା ରିଜୱାନ ୨୩୯ ବଲ ଖେଳି ୧୧ ଚୌକା ଓ ୩ ଛକା ସହ ୧୭୧ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଘା ସଲମାନ ୧୯ ଓ ଶାହିନ ଆଫ୍ରିଦି ୨୯ ରନ୍ ସ୍କୋର କରିଥିଲେ। ପୂର୍ବରୁ ପ୍ରଥମ ଦିନରେ ପାକିସ୍ତାନ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬ ରନ୍‌ରେ ୩ ଉଇକେଟ ହରାଇଥିଲା। ଅବଦୁଲ୍ଲା ଶଫିକ୍(୨), ଅଧିନାୟକ ଶାନ୍ ମାସୁଦ୍(୨) ଓ ବାବର ଆଜମ୍(୦) ସହଜରେ ଆଉଟ ହୋଇଥିଲେ। ସାଇମ ଆୟୁବ ୯୮ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୫୬ ରନ୍ ସ୍କୋର କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ବାଂଲାଦେଶ ପକ୍ଷରୁ ହସନ ମହମୁଦ ଓ ଶୋରିଫୁଲ ଇସଲାମ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ମେହିଦୀ ହସନ ମିରାଜ ଓ ଶାକିବ ଅଲ ହସନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୧୨ ଓଭରରେ ବିନା ଉଇକେଟରେ ୨୭ ରନ୍ ସଂଗ୍ରହ କରିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୧୩ ଓଭରରେ ୪୪୮/୬ (ମହମ୍ମଦ ରିଜୱାନ-୧୭୧*, ସୌଦ ଶକିଲ-୧୪୧, ସାଇମ ଆୟୁବ-୫୬, ଶୋରିଫୁଲ ଇସଲାମ-୨/୩୦, ହସନ ମହମୁଦ-୨/୩୩, ମେହିଦୀ ହସନ ମିରାଜ-୧/୮୦)।

# ବରଗଡ଼ରେ ଆଜିଠୁ ଆନ୍ତଃଜିଲା ସିନିୟର ମହିଳା ଫୁଟବଲ

**ଅଂଶଗ୍ରହଣ କରିବେ ୨୨ ଦଳ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ବରଗଡ଼ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସହଯୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଶୁକ୍ରବାରଠାରୁ ବରଗଡ଼ରେ ଆନ୍ତଃଜିଲା ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ (ପି.ସି. ବେହେରା ଟ୍ରଫି) ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୨ଟି ଜିଲା ଦଳ ଅଂଶଗ୍ରହଣ କରିବେ। କଡ଼ାଲିପାଲିଠାରେ ପୁରୀ, ବରଗଡ଼, ବଲାଙ୍ଗୀର, କେନ୍ଦୁଝର ଓ ଭୁବନେଶ୍ୱର ଦଳ ମ୍ୟାଚ୍ ଖେଳିବେ। ସେହିପରି ବରଗଡ଼-୧ରେ ଖୋର୍ଦ୍ଧା, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ଭଦ୍ରକ ଓ କଟକ ଏବଂ ବରଗଡ଼-୨ରେ ସମ୍ବଲପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଓ ସୁନ୍ଦରଗଡ଼-ବି ଦଳ ଅଂଶଗ୍ରହଣ କରିବେ। ସୋହେଲାରେ ଓଡ଼ିଶା ପୋଲିସ, ସୁନ୍ଦରଗଡ଼-ଏ, ଜଗତ୍‌ସିଂହପୁର, ଦେବଗଡ଼, ନବରଙ୍ଗପୁର ଓ ମୟୂରଭଞ୍ଜ ଦଳ ମ୍ୟାଚ୍ ଖେଳିବେ। ଭୁବନେଶ୍ୱର ଓ କଟକ ଦଳ ସିଧା କ୍ୱାର୍ଟର ଫାଇନାଲ ଖେଳିବେ। ୩୦ ତାରିଖରେ ୨ଟି ସେମିଫାଇନାଲ ଏବଂ ସେପ୍ଟେମ୍ବର ୧ରେ ଫାଇନାଲ ବରଗଡ଼ରେ ଅନୁଷ୍ଠିତ ହେବ।

# ମହିଳା ରେସ୍‌ଲରଙ୍କୁ ସୁରକ୍ଷା ଦେବ ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ଭାରତୀୟ ମହିଳା ରେସଲର ମାନଙ୍କୁ ଦିଲ୍ଲୀ ପୋଲିସ ପୂର୍ବପରି ସୁରକ୍ଷା ପ୍ରଦାନ କରିବ ବୋଲି ଜଣାପଡିଛି। ଭାରତୀୟ ରେସ୍‌ଲିଂ ମହାସଂଘ ସଭାପତି(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଏହି ମହିଳା ରେସ୍‌ଲର ମାନେ ଯୌନଶୋଷଣ ମାମଲା ରୁଜୁ କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ଭିନେଶ ଫୋଗଟ ଏକ ପୋଷ୍ଟ କରିବା ସହ ଦିଲ୍ଲୀ ପୋଲିସ ମହିଳା ରେସ୍‌ଲର ମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଥିବା ନେଇ ସୂଚନା ଦେଇଥିଲେ। ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରିୟଙ୍କା ରାଜପୁତ ସମସ୍ତ ରେସ୍‌ଲରଙ୍କ ସୁରକ୍ଷା ବ୍ୟବସ୍ଥାର ପୁର୍ନବ୍ୟବସ୍ଥିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ କେଉଁ କାରଣ ପାଇଁ ଆଥଲେଟ ମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଥିଲା ତାର କାରଣ ଦର୍ଶାଇବା ପାଇଁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ରାତିରେ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଥିବା ନେଇ ଆଡଭୋକେଟ ରେବେକା ଜନ କୋର୍ଟରେ ଏକ ଯାଚିକା ଦାଖଲ କରିଥିଲେ। ଏହା ସହିତ ୩ ଆଥଲେଟଙ୍କ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଉପରୋକ୍ତ ଅଞ୍ଚଳର ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହିଳା ରେସ୍‌ଲରଙ୍କୁ ସୁରକ୍ଷା ଦେବା ପାଇଁ ଜଣେ ପିଏସ୍‌ଓଙ୍କୁ ନିଯୁକ୍ତ କରାଯାଇଥିଲା। ତେବେ କୋର୍ଟରେ ସାକ୍ଷୀ ଦେବାର ଠିକ୍ ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କ କଲ୍ ପରେ ପିଏସ୍‌ଓ ମାନେ ଛାଡି ପଳାଇଥିବା ଅଭିଯୋଗ କରାଯାଇଥିଲା। ଜାନୁଆରୀ ମାସରେ ଭିନେଶ ଫୋଗଟ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ସମେତ ଅନ୍ୟ ରେସ୍‌ଲର ମାନେ ତତ୍କାଳୀନ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜଭୂଷଣଙ୍କ ନାମରେ ଯୌନଶୋଷଣ ଅଭିଯୋଗ ଆଣିଥିଲେ।

ଗୁରୁବାର ସନ୍ଧ୍ୟାରେ ଭିନେଶ ଫୋଗଟ ସୋସିଆଲ ମିଡିଆ ସାଇଟ ଏକ୍ସରେ ପୋଷ୍ଟ କରିବା ସହ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ପ୍ୟାରିସ୍ ଅଲିମ୍ପିକ୍ସରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଭିନେଶ ଫୋଗଟ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟରେ ଅଂଶଗ୍ରହଣ କରିବା ସହ ଫାଇନାଲରେ ପହଞ୍ଚି ଇତିହାସ ରଚିଥିଲେ। ମାତ୍ର ୧୦୦ ଗ୍ରାମ ଓଜନ କାରଣରୁ ଭିନେଶ ଅଯୋଗ୍ୟ ଘୋଷିତ ହେବା ହୋଇଥିଲେ। ଭାରତ ଅନ୍ୟୁନ ଏକ ରୌପ୍ୟ ପଦକ ବିଜୟୀ ହେବା ନେଇ ଆଶା କରାଯାଉଥିଲା। ତେବେ ଭିନେଶ ଅଯୋଗ୍ୟ ଘୋଷିତ ହେବା ପରେ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ଭାଙ୍ଗି ଯାଇଥିଲା। ଏହାକୁ ନେଇ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ରେ ଭିନେଶ ଆବେଦନ କରିଥିଲେ। ଯୁଗ୍ମ ଭାବରେ ରୌପ୍ୟ ପଦକ ନେଇ କରାଯାଇଥିବା ଆବେଦନ ଉପରେ ଶୁଣାଣି କରାଯାଇଥିଲା। ୩ ଥରର ଶୁଣାଣି ପରେ ଭିନେଶଙ୍କ ଆବେଦନ ଖାରଜ କରାଯାଇଥିଲା। କାସ୍‌ରେ ଶୁଣାଣି ଚାଲିଥିବା କାରଣରୁ ଭିନେଶ ଅନ୍ୟ ଭାରତୀୟ ଆଥଲେଟଙ୍କ ସହିତ ଭାରତ ପ୍ରତ୍ୟାବର୍ତ୍ତନ କରି ପାରି ନ ଥିଲେ। ୧୪ ତାରିଖରେ କାସ୍ ପକ୍ଷରୁ ଭିନେଶଙ୍କ ଆବେଦନ ଖାରଜ ହେବା ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ।



# ପ୍ୟାରିସ୍ ଅଲିମ୍ପିକ୍ସ ଓ ଭାରତ

**ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ପାଇଁ ଆତ୍ମ ସମୀକ୍ଷାର ସମୟ ଆସିଛି। ସରକାର ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ସହ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଥିଲେ ହେଁ ଖରାପ ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି। ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆମକୁ ଏବେଠାରୁ ପ୍ରସ୍ତୁତ ରହିବାକୁ ହେବ। ଜିମ୍ନାଷ୍ଟିକ୍ସ ଓ ସୁଇମିଂରେ ଅଧିକ ଧ୍ୟାନ ଦିଆଯିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀ ସୃଷ୍ଟି କଲେ ପଦକ ସଂଖ୍ୟା ବଢ଼ିପାରିବ।**



ନିର୍ମଳ କୁମାର ମିଶ୍ର

ନିକଟରେ ଉଦ୍‌ଯାପିତ ହୋଇଛି ୩୩ତମ ପ୍ୟାରିସ୍ ଅଲିମ୍ପିକ୍ସ। ଅଲିମ୍ପିକ୍ସ ଇତିହାସରେ ତୃତୀୟ ଥର ପାଇଁ ପ୍ୟାରିସ୍ ବିଶ୍ୱର ଏହି ଶ୍ରେଷ୍ଠ ପ୍ରତିଯୋଗିତାକୁ ଆୟୋଜନ କରିଥିଲା। ଜୁଲାଇ ୨୬ରୁ ଆରମ୍ଭ ହୋଇ ଏହା ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିଥିଲା। ପ୍ୟାରିସରେ ଦ୍ୱିତୀୟ ଓ ତୃତୀୟ ଅଲିମ୍ପିକ୍ସ ଆୟୋଜନ ମଧ୍ୟରେ ୧୦୦ ବର୍ଷର ବ୍ୟବଧାନ ରହିଥିଲା। ପ୍ରଥମେ ୧୯୦୦, ଦ୍ୱିତୀୟରେ ୧୯୨୪ ପରେ ୨୦୨୪ ମସିହାରେ ତୃତୀୟ ଥରପାଇଁ ପ୍ୟାରିସ ରହିଥିଲା ଏହି କ୍ରୀଡ଼ା ମହାକୁମ୍ଭର ମୂକସାକ୍ଷୀ। ଅଲିମ୍ପିକ୍ସ ଇତିହାସରେ କେବଳ ଲଣ୍ଡନ ଓ ଲସ ଏଞ୍ଜେଲ୍ସରେ ଏହାପୂର୍ବରୁ ଅଲିମ୍ପିକ୍ସ ୩ଥର ଆୟୋଜନ ହୋଇଥିଲା। ବିଶ୍ୱ କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଯୋଗିତାକୁ ଆୟୋଜନ ପାଇଁ ପ୍ୟାରିସ୍ ସମ୍ମୁଖରେ ବଡ ଚ୍ୟାଲେଞ୍ଜ ରହିଥିଲା। ୨୦୧୭ରେ ପ୍ୟାରିସ ମୁଖ୍ୟ ଆୟୋଜକ ହିସାବରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ସ୍ୱୀକୃତି ପାଇବା ପରେ ପ୍ରସ୍ତୁତି ଆରମ୍ଭ କରିଥିଲା। ମାତ୍ର ଦେଶରେ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା, ଆତଙ୍କବାଦୀମାନଙ୍କ ପ୍ରାଦୁର୍ଭାବ ଏବଂ ରୁଷିଆ-ୟୁକ୍ରେନ୍ ଓ ଇସ୍ରାଇଲ-ହାମାସ୍ ଯୁଦ୍ଧ ମଧ୍ୟରେ ଆୟୋଜନ ଏକ କଠିନ ବ୍ୟାପାର ଥିଲା। ପରମ୍ପରାରୁ ହଟି ଏଥର ଉଦ୍‌ଘାଟନୀ ସମାରୋହ ଏକ ଷ୍ଟାଡିୟମ ପରିବର୍ତ୍ତେ ସିନ୍ ନଦୀରେ ହୋଇଥିଲା। ପ୍ରଥମ ଥର ପାଇଁ ମୁଖ୍ୟ ଷ୍ଟାଡିୟମ ବାହାରେ ଲକ୍ଷାଧିକ ଦର୍ଶକମାନଙ୍କ ଉପସ୍ଥିତିରେ ଏକ ଭବ୍ୟ ଆୟୋଜନ ଦେଖି ସମଗ୍ର ବିଶ୍ୱ ଚକିତ ହୋଇଥିଲା। ତେବେ ଅଲିମ୍ପିକ୍ସ ଆରମ୍ଭରୁ ବିବାଦ ଏହି ମେଗା କ୍ରୀଡା ପ୍ରତିଯୋଗିତାର ପିଛା ଛାଡ଼ି ନ ଥିଲା। ଉଦ୍‌ଘାଟନୀ ସମାରୋହରେ ଡ୍ରାଗ୍ କୁଇନ୍‌ଙ୍କ ବିବାଦୀୟ କାର୍ଯ୍ୟକ୍ରମ ପରିବେଷଣ, ଅନେକ ସମୟରେ ରେଫରିମାନଙ୍କ ପକ୍ଷପାତିତା, ଖେଳାଳିଙ୍କ ପାଇଁ ସୁବିଧା ସୁଯୋଗ, ପ୍ରତିଯୋଗୀମାନଙ୍କ ଡ୍ରଗ୍ସ ସେବନ, ଆତଙ୍କବାଦୀ ଆକ୍ରମଣ, ଲିଙ୍ଗ ନିରୂପଣ ମାମଲା, ଖାଦ୍ୟ ଓ ରହଣି ବ୍ୟବସ୍ଥା ଆଦି ବେଶ ଚର୍ଚ୍ଚାରେ ରହିଥିଲା।

ଭାରତ ପକ୍ଷରୁ ଗତ ଅଲିମ୍ପିକ୍ସରେ ୧୧୭ ଜଣିଆ ପ୍ରତିଯୋଗୀ ଦଳ ଭାଗନେଇଥିଲେ। ଏହା ମଧ୍ୟରେ ୪୭ ମହିଳା ଓ ୭୦ ପୁରୁଷ ଆଥଲେଟ୍ ସାମିଲ ଥିଲେ। ଟ୍ରାକ୍ ଆଣ୍ଡ ଫିଲଡରେ ସର୍ବାଧିକ ୨୯ ଓ ଶୁଟିଂରେ ୨୧ ପ୍ରତିଯୋଗୀ ରହିଥିଲେ। ଭାରତୀୟ ପ୍ରତିନିଧି ଦଳରେ ୬୭ କୋଚ୍ ଏବଂ ୭୨ ସପୋର୍ଟ ଷ୍ଟାଫ୍ ରହିଥିଲେ। ହରିୟାଣାରୁ ସର୍ବାଧିକ ୨୫ ଓ ପଞ୍ଜାବରୁ ୧୮ ଆଥଲେଟ୍ ଭାରତୀୟ ଦଳରେ ସାମିଲଥିଲେ। ତାମିଲନାଡୁରୁ ୧୨ଜଣ ଥିବାବେଳେ ଓଡ଼ିଶାରୁ ମାତ୍ର ୨ ଜଣ କିଶୋର ଜେନା ଜାଭେଲିନ୍ ଥ୍ରୋରେ ଏବଂ ହକି ତାରକା ଅମିତ ରୋହିଦାସ ପ୍ରତିନିଧିତ୍ୱ କରିଥିଲେ। ସିକିମ୍, ଗୋଆ, ଆସାମ ଓ ବିହାରରୁ ଜଣେ ଲେଖାଏଁ ଆଥଲେଟ୍ ଥିଲେ। ଭାରତ କୁସ୍ତି, ଶୁଟିଂ, ତୀରନ୍ଦାଜୀ, ରୋଇଂ, ହକି, ଜାଭେଲିନ୍ ଥ୍ରୋରେ ପଦକ ହାସଲ କରିବ ବୋଲି ଆଶା କରାଯାଉଥିଲା। ଆମେ ଯଦି ଟୋକିଓ ଅଲିମ୍ପିକ୍ସ କଥା ବିଚାର କରିବା ତେବେ ଭାରତ ଏହି କ୍ରୀଡ଼ାର ଇତିହାସରେ ସର୍ବାଧିକ ୭ଟି ପଦକ ହାସଲ କରି ରେକର୍ଡ କରିବା ସହିତ ତାଲିକାର ୪୮ ତମ ସ୍ଥାନରେ ରହିଥିଲା। ମାତ୍ର ଏଥର ଉନ୍ନତ ପ୍ରଦର୍ଶନର ଆଶା ରହିଥିଲେ ହେଁ ପଦକ ସଂଖ୍ୟା ୬ରେ ସୀମିତ ରହିଲା। ଆଥଲେଟ୍‌ମାନେ ୧୬ଟି ଇଭେଣ୍ଟରେ ଭାଗ ନେଇଥିଲେ ମଧ୍ୟ ମାତ୍ର ୨ ପଦକ ପାଇବାରୁ ଭାରତ ୭୧ ତମ ସ୍ଥାନରେ ସନ୍ତୁଷ୍ଟ ରହିଲା। ଏହା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଓ କ୍ରୀଡାପ୍ରେମୀମାନଙ୍କୁ ନିରାଶ କରିଛି। ବ୍ୟାଡ୍‌ମିଣ୍ଟନ, ରେସଲିଂ, ତୀରନ୍ଦାଜୀ ଓ ଟ୍ରାକ୍ ଆଣ୍ଡ ଫିଲଡ୍ ଇଭେଣ୍ଟରେ ଆମ ପ୍ରତିଯୋଗୀମାନେ ନିରାଶ କରିଛନ୍ତି। ପ୍ୟାରିସରେ ଭାରତକୁ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ମିଳିଛି। ନୀରଜ ଚୋପ୍ରା, ମନୁ ଭାକର ଓ ସରବଜୋତ ସିଂ, ସ୍ୱପ୍ନିଲ କୁସାଲେ, ଭାରତୀୟ ପୁରୁଷ ହକି ଦଳ ଓ କୁସ୍ତିଯୋଦ୍ଧା ଅମନ ସେରାୱତ ଭାରତ ପାଇଁ ପୋଡିୟମ ମଣ୍ଡନ କରିଛନ୍ତି। ମନୁ ଭାକର ସ୍ୱାଧିନତା ପରବର୍ତ୍ତୀ ଅଲିମ୍ପିକ୍ସରେ ଗୋଟିଏ ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚଛନ୍ତି। ନିରଜ ଚୋପ୍ରାଙ୍କଠାରୁ ସ୍ୱର୍ଣ୍ଣ ଆଶା କରୁଥିଲା ଭାରତ। ମାତ୍ର ସେ ରୌପ୍ୟ ପଦକ ପାଇବାରୁ ପଦକ ତାଲିକାରେ ଭାରତର ଅବନତି ଘଟିଲା। ଏହା ବ୍ୟତୀତ ଭାରତୀୟ ଆଥଲେଟ୍‌ମାନେ ୬ଟି ଇଭେଣ୍ଟରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଅଲିମ୍ପିକ୍ସ ପରି ଚାପକୁ ହାତେଇ ନ ପାରିବା ଏହାର ଅନ୍ୟତମ କାରଣ ରହିଥିଲା।

ଅନ୍ୟପକ୍ଷରେ ଭାରତୀୟ ହକି ଦଳ ଏଥର ପ୍ୟାରିସ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ବଜାୟ ରଖିଛି। 'ଗ୍ରୁପ୍ ଅଫ୍ ଡେଥ୍'ରେ ସ୍ଥାନ ପାଇଥିଲେ ହେଁ ଆମ ଖେଳାଳିମାନେ ବିପକ୍ଷ ଦଳ ଗୁଡ଼ିକୁ କଡ଼ା ଚ୍ୟାଲେଞ୍ଜ ଦେଇ ପୋଡିୟମ ମଣ୍ଡନ କରିଛନ୍ତି। ଅଧିନାୟକ ହରମନପ୍ରୀତ ସିଂ, ତାରକା ଗୋଲକିପର ପି.ଆର. ଶ୍ରୀଜେଶ୍, ଓଡ଼ିଶାର ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସଙ୍କ ସମେତ ପୂରା ଦଳର ଚମତ୍କାର ପ୍ରଦର୍ଶନ ଯୋଗୁ ସଫଳତା ମିଳିପାରିଛି। ବ୍ରୋଞ୍ଜ ପଦକ ବିଜୟ ପଥରେ ବିଶ୍ୱଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଭାରତ ପାଇଁ ବଡ଼ ଉପଲବ୍ଧି ଥିଲା। ସେମିଫାଇନାଲରେ ଜର୍ମାନୀଠାରୁ ହାରି ଯାଇଥିଲେ ହେଁ ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ସ୍ପେନ ପରି ଶକ୍ତିଶାଳୀ ଦଳକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା ଟିମ୍ ଇଣ୍ଡିଆ। ଓଡ଼ିଶା ଭାରତୀୟ ହକି ଦଳର ମୁଖ୍ୟ ପ୍ରାୟୋଜକ ରହିଥିବାରୁ ଆମେ ବେଶ୍ ଗର୍ବିତ। ୨୪ବର୍ଷ ପରେ ନେଦରଲାଣ୍ଡ୍ସ ଦଳ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ଭାରତର ତାରକା ମହିଳା ରେସଲର ଭିନେଶ ଫୋଗଟ୍ ୫୦ କେଜି ବର୍ଗର ଫାଇନାଲକୁ ଯାଇଥିବାରୁ ପଦକ ହାସଲ ନିଶ୍ଚିତ ହୋଇଥିଲା। ମାତ୍ର ଓଜନ ସମସ୍ୟା ଯୋଗୁ ସେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ ହେଁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟସ୍ (କାସ)ର ନିଷ୍ପତ୍ତି ତାଙ୍କ ବିରୋଧରେ ଆସିଥିଲା। ଏଥିରେ ମର୍ମାହତ ହୋଇ ଭିନେଶ ଅବସର ଘୋଷଣା କରିଛନ୍ତି।

ପ୍ୟାରିସ ଅଲିମ୍ପିକ୍ସରେ ୩ଟି ବିଶ୍ୱରେକର୍ଡ ଓ ୧୩ଟି ଅଲିମ୍ପିକ୍ସ ରେକର୍ଡ ସ୍ଥାପିତ ହୋଇଛି। ୨୭ ଦେଶ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ପଦକ ତାଲିକାରେ ୩ଟି ନୂଆଦେଶ ସାମିଲ ହୋଇଛନ୍ତି। ୨୬ ପ୍ରତିଯୋଗୀ ୧ ରୁ ଅଧିକ ପଦକ ଜିତିଛନ୍ତି ଏବଂ ୩ଟି ଦେଶ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେଣ୍ଟ ଲୁସିଆ ଓ ଡୋମିନିକା ଆଥଲେଟ୍ ଚର୍ଚ୍ଚାରେ ରହିଛନ୍ତି। ଆମେରିକାର ୱିଲସନ ସର୍ବ କନିଷ୍ଠ ଆଥଲେଟ ଭାବେ ରିଲେ ଇଭେଣ୍ଟରେ ମାତ୍ର ୧୬ ବର୍ଷ ବୟସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ୟାରିସରେ ଅଭିଜ୍ଞ ଆଥଲେଟ୍‌ଙ୍କଠାରୁ ପଦକ ଆଶା କରାଯାଉଥିବା ବେଳେ ଅନେକ ଯୁବ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ବିଶ୍ୱକୁ ଚକିତ କରଛନ୍ତି। ଅଲିମ୍ପିକ୍ସର ହୃଦୟ ରୂପେ ପରିଚିତ ଆଥଲେଟିକ୍ସର ବିଭିନ୍ନ ଇଭେଣ୍ଟରୁ ଦର୍ଶକମାନେ ଭରପୁର ଆନନ୍ଦ ଉଠାଇଥିଲେ।

ଏହି ଅଲିମ୍ପିକ୍ସର ପଦକ ତାଲିକାରେ କ୍ରୀଡ଼ା ମହାଶକ୍ତିଭାବେ ପରିଚିତ ଆମେରିକାକୁ କଡ଼ା ଟକ୍କର ଦେଇଥିଲା ଚାଇନା। ଅଧିକାଂଶ ଦିନ ଚାଇନା ଶୀର୍ଷରେ ରହିଥିଲେ ହେଁ ଶେଷରେ ଆମେରିକା ପ୍ରଥମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା। ୪୦ ସ୍ୱର୍ଣ୍ଣ ସହ ମୋଟ ୧୨୬ଟି ପଦକ ପାଇଥିଲା ଆମେରିକୀୟ ଦଳ। ଏସିଆ ମହାଦେଶର ୨ ଶକ୍ତିଶାଳୀ ଦେଶ ଚାଇନା ଓ ଜାପାନ ପଦକ ତାଲିକାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବ୍ରିଟେନ ଓ ଜର୍ମାନ ପରି ଦେଶର ଆଥଲେଟମାନେ ଏଥର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।

ପଦକ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ପାଇଁ ଆତ୍ମ ସମୀକ୍ଷାର ସମୟ ଆସିଛି। କେନ୍ଦ୍ର ସରକାର ବ୍ୟାପକ ଅର୍ଥର ବ୍ୟବସ୍ଥା ସହ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ ହେଁ ଖରାପ ପ୍ରଦର୍ଶନ ଚିନ୍ତାର କାରଣ ପାଲଟିଛି। ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆମକୁ ଏବେ ଠାରୁ ପ୍ରସ୍ତୁତ ରହିବାକୁ ହେବ। ଜିମ୍ନାଷ୍ଟିକ୍ସ ଓ ସୁଇମିଂରେ ଆମକୁ ଅଧିକ ଧ୍ୟାନ ଦେବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀ ସୃଷ୍ଟି କଲେ ପଦକ ସଂଖ୍ୟା ବଢ଼ିପାରିବ।



ମନୁ ଭାକର
ସରବଜୋତ ସିଂଙ୍କ ସହ ମନୁ
ହରମନପ୍ରୀତ ସିଂ
ନୀରଜ ଚୋପ୍ରା
ସ୍ୱପ୍ନିଲ କୁସାଲେ
ଅମନ ସେରାୱତ

## ଶ୍ରୀଜେଶଙ୍କ ନିଆରା ପ୍ରଶଂସକ




ଭାରତୀୟ ପୁରୁଷ ହକିଦଳ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରି ଏହି କ୍ରୀଡ଼ାର ଇତିହାସକୁ ସମୃଦ୍ଧ କରିଛି। ଗତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହିଛନ୍ତି। ତେଣୁ ଭାରତୀୟ ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ବୁଧବାର ଓଡ଼ିଶାରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ଘୋଷଣା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଭାରତୀୟ ହକି ଦଳର ଭୁବନେଶ୍ୱର ପଦାର୍ପଣ ପୂର୍ବରୁ ବିମାନ ବନ୍ଦର ନିକଟରେ ଜଣେ ନିଆରା ଦର୍ଶକ ଦେଖିବାକୁ ମିଳିଥିଲେ। କେରଳରୁ ଆସିଥିବା ଏହି ବ୍ୟକ୍ତି ଜଣକ ନାମ ହେଲା ପି. ସାବାପଥି। ଅବସର ଗ୍ରହଣ କରିଥିବା ଭାରତୀୟ ଗୋଲକିପର ପି.ଆର୍. ଶ୍ରୀଜେଶଙ୍କର ସେ ଜଣେ ବଡ଼ ପ୍ରଶଂସକ ବୋଲି ଜାଣିବାକୁ ମିଳିଥିଲା। ଶ୍ରୀଜେଶଙ୍କୁ ସମ୍ମାନ ଜଣାଇ ହକି ଇଣ୍ଡିଆ ଇତିମଧ୍ୟରେ ୧୬ ନମ୍ବର ଜର୍ସିକୁ ଅବସର ଦେଇଛି। ଏହି ୧୬ ନମ୍ବର ଜର୍ସିରେ ନଜରରେ ଆସିଥିଲେ ଉକ୍ତ ପ୍ରଶଂସକ। ସେ କହିଥିଲେ ଯେ, ମୁଁ ଶ୍ରୀଜେଶଙ୍କର ଜଣେ ବଡ଼ ଫ୍ୟାନ୍। ଗତ ହକି ବିଶ୍ୱକପରେ ଭୁବନେଶ୍ୱର ଓ ରାଉରକେଲାରେ ଭାରତର ଯେତେଗୁଡ଼ିଏ ମ୍ୟାଚ ହୋଇଥିଲା ମୁଁ ସେ ସବୁ ଗୁଡ଼ିକର ପ୍ରତ୍ୟକ୍ଷଦର୍ଶୀ ରହିଥିଲି। କେବଳ ଓଡ଼ିଶା ନୁହେଁ ଭାରତର ଅନ୍ୟ ସ୍ଥାନରେ ମଧ୍ୟ ମ୍ୟାଚ ହେଲେ ମୁଁ ଜାତୀୟ ଦଳକୁ ସମର୍ଥନ କରିବା ପାଇଁ ପହଞ୍ଚି ଯାଇଥାଏ। ଶ୍ରୀଜେଶ ଅବସର ନେଇ ଯାଇଥିଲେ ହେଁ ତାଙ୍କ ପ୍ରତି ମୋର ଭଲ ପାଇବା ଜାରି ରହିବ ଏବଂ ମୁଁ ସେହି ୧୬ ନମ୍ବର ଜର୍ସି ପରିଧାନ କରୁଥିବି ବୋଲି ଏହି ହକି ପ୍ରଶଂସକ ଜଣଙ୍କ ପ୍ରକାଶ କରିଥିଲେ।

## ଅଲିମ୍ପିକ୍ସ

ପ୍ୟାରିସ ଅଲିମ୍ପିକ୍ ଦି ହଜାର ଚବିଶି
ହୋଇ ଯାଇଅଛି ଶେଷ
ଶହେ ଛବିଶ ପଦକ,ପାଇ ଟପ୍‌ରେ
ଅଛି ଆମେରିକା ଦେଶ
ସେକେଣ୍ଡ ଚାଇନା କୁଶ
ଏକାନବେ ଗୋଟି ପଦକ ପାଇବି
ଚାଇନା ମନେ ନାହିଁ ହସ।

ଶହେ ସତର ଜଣ
ପ୍ୟାରିସ ଯାଇଥିଲେ
ଭାରତର ବେଟା ବେଟି
ଆଥଲେଟ୍ସ ପ୍ରିପାରେଶନ ପାଇଁ ଖର୍ଚ୍ଚ
ପର୍ ହେଡ୍ ଚାରି କୋଟି
ମେଡାଲ ଜମା ଛ'ଗୋଟି
ଜାଭେଲିନ ଥ୍ରୋ'ରେ
ଗୋଲ୍‌ଡେନ ପାଇ ପାକ୍
ଭାରତ ଉପରେ ଜଟି।

ପାକିସ୍ତାନ ସ୍ପୋର୍ଟ୍ସ ମୋଟ ବଜେଟ
ସତାବନ କୋଟି ଥାଇ
ଚାରିଶ ସତର କୋଟି ଖର୍ଚ୍ଚ କରି
ସୁନା ଗୋଟେ ଦେଖା ନାହିଁ
ରୁପା, କାଂସ୍ୟ ଆମ ପାଇଁ
ଗୋଲ୍‌ଡେନ ଲାଗଇ,
ନାହିଁ ମାମୁଠାରୁ
କଣା ମାମୁ ଭଲ ଭାଇ।

-ସୁବାସ ଚନ୍ଦ୍ର ପ୍ରଧାନ

## ଯମଜ ଭଉଣୀଙ୍କ କୃତିତ୍ୱ

**କଳିଙ୍ଗ ଷ୍ଟାଡିୟମ୍ ଇନ୍‌ଡୋର୍ ଜଳକ୍ରୀଡା କେନ୍ଦ୍ରରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନ୍‌ଶିପରେ ପ୍ରଭାବୀ ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଥିଲେ ମହାରାଷ୍ଟ୍ରର ଯମଜ ଭଉଣୀ ସାନ୍‌ଭି ଓ ତାନ୍‌ଭି ଦେଶୱାଲ୍। ଦୁଇ ଭଉଣୀ ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।**

ନିକଟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ୪୦ତମ ସବ୍‌ଜୁନିୟର ଓ ୫୦ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାରାଷ୍ଟ୍ରର ଯମଜ ଭଉଣୀ ସାନ୍‌ଭି ଓ ତାନ୍‌ଭି ଦେଶୱାଲ୍ ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଦେଶର ୧୦୦୦ରୁ ଅଧିକ ପ୍ରତିଭାବାନ ସନ୍ତରଣକାରୀ ଅଂଶଗ୍ରହଣ କରିଥିବାବେଳେ ଏହି ଦୁଇ ଭଉଣୀ ନିଜ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଦେଶୱାଲ୍ ଭଉଣୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ବାଳିକା ଗ୍ରୁପ୍-୨ ବର୍ଗରେ ମହାରାଷ୍ଟ୍ର ଚାମ୍ପିୟନ୍‌ଶିପ୍ ବିଜୟୀ ହୋଇଥିଲା। ଉଭୟ ସାନ୍‌ଭି ଓ ଆନ୍‌ଭି ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

ସାନ୍‌ଭି ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ର ମିଟ୍ ରେକର୍ଡକୁ ୩୪.୩୨ ସେକେଣ୍ଡ ସମୟ ସହ ଭାଙ୍ଗିଥିଲେ। ପୂର୍ବରୁ ୨୦୨୨ରେ ଏହି ରେକର୍ଡ ୩୪.୬୯ ସେକେଣ୍ଡ ଥିଲା। ଚାମ୍ପିୟନଶିପ୍‌ର ଚୂଡ଼ାନ୍ତ ଦିବସରେ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସାନ୍‌ଭି ଆଉ ଏକ ଜାତୀୟ ଜୁନିୟର ରେକର୍ଡ କରିଥିଲେ। ୧:୧୫.୩୦ ସେକେଣ୍ଡ ସହ ସେ ୨୦୧୮ର ରେକର୍ଡକୁ ଭାଙ୍ଗିଥିଲେ। ଡଲ୍‌ଫିନ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷକ ନୀହାର ଅମିନଙ୍କ ଅଧୀନରେ ମୁମ୍ବାଇର ଓଟର୍ସ କ୍ଲବ୍‌ରେ ସେ ତାଲିମ ନେଉଥିଲେ। କାର୍ଯ୍ୟକ୍ରମର ପ୍ରଭାବ ଓ ପ୍ରଶିକ୍ଷକଙ୍କ ପ୍ରତିବଦ୍ଧତା ଯୋଗୁ ସେ ସଫଳତା ହାସଲ କରିଛନ୍ତି। ମୁମ୍ବାଇର ମାହିମ୍‌ସ୍ଥିତ ବମ୍ବେ ସ୍କଟିସ୍ ସ୍କୁଲ୍‌ର ଛାତ୍ରୀ ସାନ୍‌ଭି ଓ ତାନ୍‌ଭି କଠିନ ପ୍ରଶିକ୍ଷଣ ସହ ଶିକ୍ଷାକୁ ଭଲ ଭାବେ ନିର୍ବାହ କରୁଛନ୍ତି। ଜାତୀୟ ଆକ୍ୱାଟିକ୍ ଚାମ୍ପିୟନ୍‌ଶିପ୍‌ରେ ଦେଶୱାଲ୍ ଭଗିନୀଙ୍କ ସଫଳତା ନେଇ ଭାରତରେ ଯୁବ କ୍ରୀଡ଼ବିତ୍‌ଙ୍କ ବୃଦ୍ଧି ପାଉଥିବା ପ୍ରଭାବ ଓ ଭାରତୀୟ କ୍ରୀଡ଼ାର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ସେମାନଙ୍କ ସଫଳତା ରାଜ୍ୟ ପାଇଁ ଗୌରବ ଆଣିଥିବା ବେଳେ ଦେଶର ଅସଂଖ୍ୟ କ୍ରୀଡ଼ାବିତ୍‌ଙ୍କୁ ଅନୁପ୍ରାଣିତ କରିଛି।

ଜାତୀୟ ପ୍ରତିଯୋଗିତାରେ ଦୁଇ ଭଗିନୀ ୫ଟି ବ୍ୟକ୍ତିଗତ ଏବଂ ୩ଟି ଦଳଗତ ପ୍ରତିଯୋଗିତାରେ ପଦକ ହାସଲ କରିଥିଲେ। ବ୍ୟକ୍ତିଗତ ପ୍ରତିଯୋଗିତା ମଧ୍ୟରେ ସାନ୍‌ଭି ବାଳିକା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୩୪.୩୨, ବ୍ରେଷ୍ଟଷ୍ଟ୍ରୋକ୍ ୧୦୦ ମିଟରରେ ୧:୧୫.୩୦, ଓ ୪୦୦ ମିଟର ମିଡ୍‌ଲେରେ ୫:୧୩.୦୦ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ୨:୪୪.୬୧ ସେକେଣ୍ଡ ଏବଂ ବାଳକା ୧୦୦ ମିଟର ଫ୍ରିଷ୍ଟାଇଲରେ ଆନ୍‌ଭି ୧:୦୧.୯୭ ସେକେଣ୍ଡ ନେଇ ରୌପ୍ୟ ପଦକ ଜିତିଥିଲେ। ଅନ୍ୟପକ୍ଷରେ ବାଳିକା ୪x୧୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ, ୪x୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ଏବଂ ୪x୧୦୦ ମିଟର ମିଡ୍‌ଲେରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହାରାଷ୍ଟ୍ର ଦଳର ଦୁହେଁ ସଦସ୍ୟା ଥିଲେ।



ଧରିତ୍ରୀ DHARITRI

# ନୂତନ କିଟ୍ ଓ ଜର୍ସି ଲଞ୍ଚ କଲା ଓଏଫ୍‌ସି



ଓଏଫ୍‌ସି ମହିଳା ଦଳ ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀ, କ୍ଲବ୍ ସଭାପତି ରାଜ୍ ଅଠୱାଲ, ପୁରୁଷ ଦଳ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୨୨।୮ (ସରୋଜ ଜେନା)**

ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି) ପକ୍ଷରୁ ଆସନ୍ତା ସିଜନ ପାଇଁ ଏହାର କିଟ୍ ଓ ଜର୍ସି ଲଞ୍ଚ୍ କରାଯାଇଛି। ଭୁବନେଶ୍ୱରରେ ଉଭୟ ପୁରୁଷ ଓ ମହିଳା ଦଳର ଏକାଧିକ ଖେଳାଳି, କ୍ଲବ୍ ସଭାପତି ରାଜ୍ ଅଠୱାଲ, ପୁରୁଷ ଦଳ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ମହିଳା ଦଳ ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସଦସ୍ୟ ଅଭିଜିତ ପଲ୍ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କ ଦ୍ୱାରା ଜର୍ସି ଲଞ୍ଚ କାର୍ଯ୍ୟକ୍ରମ ହୋଇଥିଲା। ପୁରୁଷ ଦଳର ଖେଳାଳିଙ୍କ ମଧ୍ୟରେ ଅମରିନ୍ଦର ସିଂ, ରୟ କ୍ରିଷ୍ଣା, ଡିଏଗୋ ମରିସିଓ, କାର୍ଲୋସ ଡେଲଗାଡୋ ଯୋଗଦେଇଥିଲେ। ସେହିପରି ମହିଳା ଖେଳାଳିଙ୍କ ମଧ୍ୟରେ ମାଳତୀ ମୁଣ୍ଡା, ନିସ୍କା ଓ କିରଣ ପିସଦା ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ୩ଟି ରଙ୍ଗର ଜର୍ସି ରହିଛି। ଧଳା, ସବୁଜ ଓ ଭାନିଲା ରଙ୍ଗର ଜର୍ସି ରହିଥିବା ବେଳେ ପୂର୍ବ ବର୍ଷର ଶିମିଳିପାଳ ଥିମ୍‌କୁ ବାଦ୍ ଦିଆଯାଇଛି।

କ୍ଲବ ସଭାପତି ରାଜ୍ ଅଠୱାଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ପ୍ରଦର୍ଶନକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଓଏଫ୍‌ସି ପୁରୁଷ ଦଳ ଆଇଏସ୍‌ଏଲ୍‌ର ବିଗତ ସଂସ୍କରଣରେ ପ୍ରଥମ ଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିବା ସହ ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲ କରିଥିଲା। ସର୍ଗିଓ ଲୋବେରାଙ୍କ ଅଧୀନରେ ଦଳ ଏହାର ପୂର୍ବ ବର୍ଷ ପ୍ଲେ ଅଫ୍‌ରେ ମଧ୍ୟ ପ୍ରବେଶ କରିଥିଲା। ଦଳର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରୁଥିବାରୁ ଲୋବେରାଙ୍କୁ ଧନ୍ୟବାଦ ଦେଇଥିଲେ ଅଠୱାଲ। ଅନ୍ୟପକ୍ଷରେ କ୍ରିସ୍ପିନ ଛେତ୍ରୀଙ୍କ ଅଧୀନରେ ମହିଳା ଦଳ ଆଖିଦୃଶିଆ ପ୍ରଦର୍ଶନ କରିଥିବା ମଧ୍ୟ ସେ କହିଥିଲେ। ଓଏଫ୍‌ସି ମହିଳା ଦଳ ଓଡ଼ିଶା ଓମେନ୍ସ ଲିଗ୍‌ରେ କ୍ରମାଗତ ଟାଇଟଲ ହାସଲ କରିଥିବା ବେଳେ ଗତ ସିଜନରେ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଚଳିତବର୍ଷ ଦଳ ପ୍ରଥମ ଥର ଏଏଫ୍‌ସି ଏସିଆନ୍ କପ୍ ଖେଳିବାକୁ ଯାଉଛି।

ଆସନ୍ତା ସିଜନ ପାଇଁ ଓଏଫ୍‌ସିର ପ୍ରସ୍ତୁତି ଚମତ୍କାର ରହିଛି ବୋଲି କହିଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ପ୍ରି ସିଜନ ପ୍ରସ୍ତୁତି ଅତ୍ୟନ୍ତ ଚମତ୍କାର ରହିଛି। ଏହା ମଧ୍ୟରେ ଦଳ ଭାଉସାହେବ ବନ୍ଦୋଦକର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଥିବା ସେ ସୂଚନା ଦେଇଥିଲେ। ଡୁରାଣ୍ଡ କପ୍‌ରେ ରିଜର୍ଭ ଦଳର କେତେକ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଏହା ମଧ୍ୟରୁ ଅନ୍ୟ କେତେକ ଖେଳାଳିଙ୍କୁ ସିନିୟର ଦଳରେ ସାମିଲ କରାଯିବାର ସମ୍ଭାବନା ରହିଥିବା ସେ କହିଥିଲେ। ଦଳ ଚଳିତ ଆଇଏସ୍‌ଏଲ୍ ସିଜନ ପାଇଁ ନିଜର କୋର୍ ଟିମ୍‌କୁ ବଳବତ୍ତର ରଖିବାକୁ ପ୍ରୟାସ କରିଛି। ଏହାସହିତ ହ୍ୟୁଗୋ ବ୍ୟୁମୋସ ଓ ରହିମ ଅଲୀଙ୍କ ପରି ଖେଳାଳି ମଧ୍ୟ ଦଳରେ ସାମିଲ ହୋଇଥିବାରୁ ଆସନ୍ତା ସିଜନରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ସେ ଆଶା ରଖିଥିବା କହିଥିଲେ ଲୋବେରା। ସେହିପରି ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀ ଦଳର ପ୍ରସ୍ତୁତି ଠିକ୍ ଦିଗରେ ରହିଥିବା ସୂଚନା ଦେଇଥିଲେ। ପ୍ରଥମ ଥର ପାଇଁ ଆମେ ଏଏଫ୍‌ସି ଏସିଆନ୍ କପ୍‌ରେ ଅଂଶଗ୍ରହଣ କରୁଥିବାରୁ ଏହାକୁ ନେଇ ସମସ୍ତ ଖେଳାଳି ବେଶ୍ ଉତ୍ସାହିତ ଅଛନ୍ତି। ଏହା ସବୁ ଖେଳାଳିଙ୍କ ପାଇଁ ଶିଖିବାର ସମୟ ତେଣୁ ଏଏଫ୍‌ସି କପ୍‌ର ଅଭିଜ୍ଞତା ଆଗାମୀ ସମୟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଭିଜିତ୍ ପଲ୍‌ଙ୍କୁ କ୍ଲବ ସଭାପତି ରାଜ୍ ଅଠୱାଲ ଲଞ୍ଚ ହୋଇଥିବା ନୂତନ ଜର୍ସି ଉପହାର ଦେଇଥିଲେ।




ହୋମ୍ କିଟ୍ ଲଞ୍ଚ୍ ଅବସରରେ କାର୍ଲୋସ ଡେଲ୍‌ଗାଡୋ, ନିସ୍କା ଓ ଅମରିନ୍ଦର ସିଂ।

# ବାହାରିନ୍ ପାଇଁ କଟକଣା

**ଡୋପିଙ୍ଗ ପ୍ରସଙ୍ଗ**

**ମୋନାକୋ, ୨୨।୮ (ଏପି)**

ବାସନ୍ଦ ଆଶଙ୍କା ଏଡ଼ାଇବା ପାଇଁ ବାହାରିନ ଡୋପିଙ୍ଗ ସମ୍ପର୍କିତ କଟକଣା ପ୍ୟାକେଜକୁ ଗ୍ରହଣ କରିଛି। ଦେଶ ଏହାର ଦୌଡ଼କୁଦ ଦଳର ସଫଳତା ରଣନୀତିକୁ କିଛି ସମୟ ପାଇଁ ସ୍ଥଗିତ ରଖିଛି। ଅର୍ଥାତ୍ ଆଫ୍ରିକୀୟ ଦେଶରୁ ଆଥ୍‌ଲେଟ ଆଣିବା ବନ୍ଦ ରଖିଛି। ପ୍ୟାରିସ୍ ଅଲିମ୍ପିକ୍ସ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟ ଇଭେଣ୍ଟଗୁଡ଼ିକ ଲାଗି ଦେଶ ଏହାର ଆଥ୍‌ଲେଟଙ୍କ ସଂଖ୍ୟା ୧୦ରେ ସୀମିତ ରଖିଥିଲା। ସେ ସମୟରେ ଦେଶ ଏବିଷୟରେ ଘୋଷଣା କରି ନ ଥିଲା। ଆସନ୍ତାବର୍ଷ ଟୋକିଓରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ମଧ୍ୟ ବାହାରିନ ଏହି ନୀତି ବଜାୟ ରଖିବ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଗୁରୁବାର ଏବିଷୟରେ ସୂଚନା ଦେଇଛନ୍ତି।

ପ୍ୟାରିସ୍‌ରେ ବାହାରିନରୁ ପ୍ରତିନିଧିତ୍ୱ କରୁଥିବା କେନିଆ ଜନ୍ମିତ ୱିନଫ୍ରେଡ୍ ଜାଭି ମହିଳା ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ନାଇଜେରିଆ ଜନ୍ମିତ ସ୍ପ୍ରିଣ୍ଟର ସାଲୱା ଇଦ୍ ନାସେର ୪୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଲାଭ କରିଥିଲେ। ଏହି ୨ ଆଥ୍‌ଲେଟଙ୍କ ବିରୋଧରେ କୌଣସି ଅଭିଯୋଗ ଆସି ନ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କହିଛି। ଭବିଷ୍ୟତରେ ଏହାର ଆଥ୍‌ଲେଟମାନେ ଯେପରି ବଦନାମ ନ ହୁଅନ୍ତି ସେଥିପାଇଁ ବାହାରିନ ଆଥ୍‌ଲେଟିକ୍ସ ଆସୋସିଏଶନ ଡୋପିଙ୍ଗ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରୁଛି। ପରବର୍ତ୍ତୀ ଅଲିମ୍ପିକ୍ସ ୨୦୨୮ରେ ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ହେବ। ବାହାରିନ ଇତିମଧ୍ୟରେ ଏକ ନୂଆ ଆଣ୍ଟି ଡୋପିଙ୍ଗ ପରିଷଦ ଗଠନ କରିଛି। ୨୦୧୯ରେ ଏକ ଷ୍ଟେରଏଡ୍ ମାମଲାରେ ପୂର୍ବତନ ୪୦୦ ମିଟର ବିଶ୍ୱ ଇନ୍‌ଡୋର ଚାମ୍ପିୟନ କେମି ଆଡେକୋୟା ୪ବର୍ଷ ବାସନ୍ଦ ହୋଇଥିଲେ। ମାରାଥନ ଧାବକ ମାରିଅସ୍ କିମୁତାଇ ଏକ ଡ୍ରଗ୍ ଟେଷ୍ଟରେ ବିଫଳ ହେବାରୁ ଏପ୍ରିଲରେ ୩ ବର୍ଷ ପାଇଁ ବାସନ୍ଦ ହେଇଥିଲେ।



ସାଲୱା ଇଦ୍ ନାସେର

# ଇନ୍ଦ୍ରା ନୁୟୀଙ୍କ କାର୍ଯ୍ୟକାଳ ଶେଷ

**ଦୁବାଇ,୨୨।୮ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ମହିଳା ସ୍ୱାଧୀନ ନିର୍ଦ୍ଦେଶକ ଇନ୍ଦ୍ରା ନୁୟୀଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହା ସହ ଆଇସିସି ଜଣେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ସନ୍ଧାନରେ ରହିଛି। ଆମେରିକାରେ ଜନ୍ମିତ ଭାରତୀୟ ବଂଶୋଦ୍ଭବ ଇନ୍ଦ୍ରା ପୂର୍ବରୁ ପେପ୍‌ସୀ କୋର ମୁଖ୍ୟ ରହିଥିଲେ। ୨୦୧୮ ମସିହାରେ ଇନ୍ଦ୍ରା ଆଇସିସିର ପ୍ରଥମ ମହିଳା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ୬ ବର୍ଷ ପୂରଣ କରିଥିଲେ। ଆଇସିସିର ନିୟମ ଅନୁସାରେ ଜଣେ ସଦସ୍ୟ ୬ ବର୍ଷ ରହିବା ପରେ କୁଲିଂ ଅଫ୍ ପିରିୟଡ୍ ଆରମ୍ଭ ହୋଇଥାଏ। ଅନ୍ୟପକ୍ଷରେ ଇନ୍ଦ୍ରାଙ୍କ ସ୍ଥାନରେ ଜଣେ ଅଷ୍ଟ୍ରେଲୀୟ ମହିଳାଙ୍କୁ ନିଯୁକ୍ତ କରାଯିବାର ଅଧିକ ସମ୍ଭାବନା ରହିଛି। କ୍ରିକେଟରୁ ଅବସର ନେଇଥିବା ମେଗ୍ ଲାନିଙ୍ଗ କିମ୍ବା ଚାର୍ଲୋଟ ଏଡ୍‌ୱାର୍ଡସଙ୍କ ନାମ ଏହି ପଦବୀ ପାଇଁ ଆଗୁଆ ଥିବା ଚର୍ଚ୍ଚା ହେଉଛି।



SHOWROOMS: ODISHA: RENAULT BHUBANESWAR Ph: 8860076082, RENAULT BHUBANESWAR NORTH Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT ROURKELA Ph: 8860875802. RENAULT SAMBALPUR Ph: 8448890323. RENAULT SUNDERGARH Ph: 9311529949.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ